NITIDIN
# ନିତିଦିନ

RNI REG. NO. ODIODI/2015/62237 • POSTAL REGD. NO.BN/258/18-20
12 + 16 PAGES • ₹ 6/-

www.nitidin.com
twitter.com/nitidintoday
facebook.com/nitidintoday

୧୬ ପୃଷ୍ଠାର ରବିବାର ମ୍ୟାଗାଜିନ୍ 'ନଜର' ସହ

SUNDAY
2 MARCH 2025
ରବିବାର
୨ ମାର୍ଚ୍ଚ ୨୦୨୫

NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 10 • ISSUE 283 BHUBANESWAR | BERHAMPUR | SAMBALPUR | BALASORE | JAJPUR ବର୍ଷ ୧୦ • ସଂଖ୍ୟା ୨୮୩ ଭୁବନେଶ୍ୱର | ବ୍ରହ୍ମପୁର | ସମ୍ବଲପୁର | ବାଲେଶ୍ୱର | ଯାଜପୁର

## ମାର୍ଚ୍ଚ ଆରମ୍ଭରୁ ରେକର୍ଡ ଭାଙ୍ଗିଲା ତାତି

**ଭୁବନେଶ୍ୱର, ୧।୩/ଏନ୍ଏନ୍ଏସ୍:**

ମାର୍ଚ୍ଚ ଆରମ୍ଭରୁ ସ୍ଥିତି ଅସମ୍ଭାଳ। ଉପର ମୁହାଁ ହେଲାଣି ପାରଦ। ସକାଳୁ ସକାଳୁ ତାତି ବଢୁଛି। ଶନିବାର ୨ଟା ୩୦ ସୁଦ୍ଧା ଝାରସୁଗୁଡ଼ାରେ ୩୭.୪ ଡିଗ୍ରୀ ଛୁଇଁଛି ପାରଦ। ସମ୍ବଲପୁର ତାପମାତ୍ରା ମଧ୍ୟ ୩୬.୮ ଡିଗ୍ରୀ ରହିଛି। ରେକର୍ଡ ଭାଙ୍ଗିଛି ଚଳିତବର୍ଷ ମାର୍ଚ୍ଚ ମାସ ଆରମ୍ଭରୁ ତାତି।

### ଝାରସୁଗୁଡ଼ା ସବୁଠୁ ଉତ୍ତପ୍ତ



ଭାରତୀୟ ପାଣିପାଗ ବିଭାଗ ମାର୍ଚ୍ଚରୁ ମେ' ମାସ ପର୍ଯ୍ୟନ୍ତ ଏହାର ପାଣିପାଗ ପୂର୍ବାନୁମାନରେ କହିଛି ଯେ ଦକ୍ଷିଣ ଭାରତୀୟ ରାଜ୍ୟ ଏବଂ କିଛି ଉତ୍ତର-ପୂର୍ବ ରାଜ୍ୟର କିଛି ଅଞ୍ଚଳକୁ ଛାଡ଼ି ଦେଲେ, ମଧ୍ୟ ଏବଂ ଉତ୍ତର ଭାରତରେ ରେକର୍ଡ ଭଙ୍ଗା ଗରମ ଅନୁଭୂତ ହେବ। ଏହି ଅଞ୍ଚଳଗୁଡ଼ିକରେ ସର୍ବାଧିକ ତାପମାତ୍ରା ସ୍ୱାଭାବିକଠାରୁ ଅଧିକ ରହିବ। ସେହି ସମୟରେ, ଉତ୍ତର, ଦକ୍ଷିଣ ଏବଂ ପୂର୍ବ ରାଜ୍ୟଗୁଡ଼ିକୁ ଛାଡି ସମଗ୍ର ଭାରତରେ ଗରମ ପ୍ରବାହ ଅନୁଭୂତ ହେବ। ୭ ଦିନ ପର୍ଯ୍ୟନ୍ତ ବର୍ଷା ହେବାର ସମ୍ଭାବନା ନଥିବାବେଳେ ୧ରୁ ୨ ଡିଗ୍ରୀ ତାପମାତ୍ରା ବଢିପାରେ ବୋଲି ଆକଳନ କରିଛି ଆଞ୍ଚଳିକ ପାଣିପାଗ ବିଭାଗ। ଆଞ୍ଚଳିକ ପାଣିପାଗ ବିଭାଗର ଆକଳନ ଅନୁଯାୟୀ, 'ମାର୍ଚ୍ଚରୁ ମେ' ଓଡ଼ିଶାରେ ଗ୍ରୀଷ୍ମପ୍ରବାହ ପ୍ରଚଣ୍ଡ ହେବ। ସ୍ୱାଭାବିକଠାରୁ ତାପମାତ୍ରା ଅଧିକ ରହିବ। ଗ୍ରୀଷ୍ମ ପ୍ରବାହର ଦିନ ସଂଖ୍ୟା ବି ବଢ଼ିବ। ମାର୍ଚ୍ଚ ମାସରେ ଗ୍ରୀଷ୍ମପ୍ରବାହ ସ୍ୱାଭାବିକଠାରୁ ୨ ରୁ ୩ ଦିନ ଅଧିକ ରହିବ। ଏପ୍ରିଲ୍ ଏବଂ ମେ' ମାସରେ ବି ଅହେତୁକ ଭାବରେ ତାପମାତ୍ରା ବଢ଼ିବ। ସ୍ୱାଭାବିକଠାରୁ ୬ରୁ ୧୦ ଡିଗ୍ରୀ ମଧ୍ୟରେ ଅଧିକ ରହିପାରେ ପାରଦ। ବିଶେଷ କରି ପଶ୍ଚିମ ଓଡ଼ିଶାର ନୂଆପଡ଼ା, ସମ୍ବଲପୁର, ବରଗଡ଼, ସୋନପୁର, ବଲାଙ୍ଗୀର, ଝାରସୁଗୁଡ଼ା, ସୁନ୍ଦରଗଡ, କଳାହାଣ୍ଡି, କନ୍ଧମାଳ, ଅନୁଗୁଳ, ଢେଙ୍କାନାଳରେ ସ୍ୱାଭାବିକଠାରୁ ଅଧିକ ତାପମାତ୍ରା ରହିବ। ଏହାବ୍ୟତୀତ ରାଜ୍ୟର ଅନ୍ୟ ଅଞ୍ଚଳଗୁଡିକରେ ତାପମାତ୍ରା ସ୍ୱାଭାବିକରୁ ସାମାନ୍ୟ ଅଧିକ ରହିବାର ସମ୍ଭାବନା ରହିଛି। ମାର୍ଚ୍ଚରେ କାଳବୈଶାଖୀ ବର୍ଷାହେବାର ସମ୍ଭାବନା ରହିଛି। ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ମିଳିଥିବା ସୂଚନା ଅନୁସାରେ, ଗତ ୨୪ ଘଣ୍ଟା ମଧ୍ୟରେ ଯଦି ତାପମାତ୍ରା ଉପରେ ନଜର ପକାଇବା ତେବେ ଝାରସୁଗୁଡ଼ାରେ ସର୍ବାଧିକ ତାପମାତ୍ରା ରହିଛି। ଏଠାରେ ସର୍ବାଧିକ ତାପମାତ୍ରା ୩୭ଡିଗ୍ରୀ ରହିଥିଲା। ଅନ୍ୟପଟେ ଫୁଲବାଣୀରେ ସର୍ବନିମ୍ନ ତାପମାତ୍ରା ୧୩ ଡିଗ୍ରୀ ସେଲସିୟସ ରହିଛି। ଆଗାମୀ ୭ ଦିନ ପର୍ଯ୍ୟନ୍ତ ରାଜ୍ୟରେ ବର୍ଷା ହେବାର କୌଣସି ସମ୍ଭାବନା ନାହିଁ।

### ଉଦଳାରେ 'ବିକାଶ ପଥେ ମୟୂରଭଞ୍ଜ' କାର୍ଯ୍ୟକ୍ରମ

# ୩୭୫ କୋଟି ଟଙ୍କା ପ୍ରକଳ୍ପର ଶୁଭାରମ୍ଭ, ଶିଳାନ୍ୟାସ

**ଭୁବନେଶ୍ୱର, ୧।୩/ଏନ୍ଏନ୍ଏସ୍:**



ଆମ ସରକାର କ୍ଷମତାକୁ ଆସିବାର ପ୍ରାୟ ୯ ମାସ ହୋଇସାରିଛି। ଏହି ସ୍ୱଳ୍ପଦିନରେ ଆମ ସରକାର ପ୍ରକୃତରେ ଲୋକଙ୍କ ସରକାରର ମାନ୍ୟତା ଲାଭକରିଛି। ମୁଖ୍ୟମନ୍ତ୍ରୀଙ୍କ ସମେତ ମନ୍ତ୍ରୀମଣ୍ଡଳର ସମସ୍ତ ସଦସ୍ୟ ଓ ନିର୍ବାଚିତ ଲୋକପ୍ରତିନିଧି ସିଧାସଳଖ ଭାବରେ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି ଓ ପ୍ରତିବିଧାନର ପ୍ରୟାସ କରୁଛନ୍ତି। ଆମେ ରାଜ୍ୟ ରାଜଧାନୀ

### ରାଜ୍ୟର ବିଭିନ୍ନ ସ୍ଥାନରେ ହେବ ଜନଶୁଣାଣି: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱରରେ ଜନଶୁଣାଣି କରୁଛୁ। ଭବିଷ୍ୟତରେ ରାଜ୍ୟର ବିଭିନ୍ନ ସ୍ଥାନରେ ଏଭଳି ଶୁଣାଣି କରିବା ପାଇଁ ଆମେ ପ୍ରତିଶ୍ରୁତିବଦ୍ଧ।

ଶନିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦଳାର ପାଟପୁର ଅଞ୍ଚଳରେ ଆୟୋଜିତ 'ବିକାଶ ପଥେ ମୟୂରଭଞ୍ଜ' କାର୍ଯ୍ୟକ୍ରମରେ ଯୋଗଦେବା ସହ କପ୍ତିପଦା ଉପଖଣ୍ଡରେ ସମୁଦାୟ ୩୭୫କୋଟି ଟଙ୍କାର ପ୍ରକଳ୍ପର ଶୁଭାରମ୍ଭ ଓ ଶିଳାନ୍ୟାସ କରି ଏହା ପ୍ରକାଶ କରିଛନ୍ତି। ସେ କହିଛନ୍ତି, ମୟୂରଭଞ୍ଜର କପ୍ତିପଦା ଉପଖଣ୍ଡ ପାଇଁ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ପକ୍ଷରୁ ପ୍ରାୟ ୧୦୦କୋଟି ଟଙ୍କା ବିନିଯୋଗରେ ୫୨ଟି ପ୍ରକଳ୍ପର ଶୁଭ ଉଦ୍‌ଘାଟନ ହୋଇଛି। ୨୭୫ କୋଟି ଟଙ୍କା ବିନିଯୋଗରେ ୧୦୬ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ଜିଲ୍ଲା ସହ ରାଜ୍ୟର ବିକାଶରେ ଏଥିଯୋଗୁଁ ଗୋଟିଏ ନୂତନ ଫର୍ଦ୍ଦ ଯୋଡ଼ି ହୋଇଛି। ସମସ୍ତ ପ୍ରକଳ୍ପ କପ୍ତିପଦା ଉପଖଣ୍ଡ ପାଇଁ ନୂତନ ବିକାଶର ଧାରା ସୃଷ୍ଟିକରିବା ସହିତ ବିକଶିତ ଓଡ଼ିଶା ଗଠନ କରିବା ପାଇଁ ଅଗ୍ରଣୀ ଭୂମିକା ଗ୍ରହଣ କରିବ। ଏହିସବୁ ପ୍ରକଳ୍ପ ମଧ୍ୟରେ ଅଙ୍ଗନବାଡ଼ି କେନ୍ଦ୍ର, ଜଳାଶୟ ଉନ୍ନତିକରଣ, ଜନସେବା କେନ୍ଦ୍ର, ଜନ ସ୍ୱାସ୍ଥ୍ୟ କେନ୍ଦ୍ର, ସମବାୟ ସଂସ୍ଥା ଆଦି ଅନେକ ପ୍ରକଳ୍ପ ଜନସାଧାରଣଙ୍କ ନିମନ୍ତେ ଉତ୍ସର୍ଗୀକୃତ ହେବ। ବିଶେଷ ଭାବରେ ଆଦିବାସୀ ସଂସ୍କୃତିର ସଂରକ୍ଷଣ ପାଇଁ ମନ୍ଦିର ଓ ବାଥୁଡ଼ି ସମ୍ପ୍ରଦାୟ ପାଇଁ ଗୋଟିଏ କମ୍ୟୁନିଟି ସେଣ୍ଟର୍ ଏଥିରେ ଅନ୍ତର୍ଭୁକ୍ତ।

ମୁଖ୍ୟମନ୍ତ୍ରୀ କହିଛନ୍ତି, ସମସ୍ତଙ୍କ ପ୍ରୟାସରେ ସମୃଦ୍ଧ ଓଡ଼ିଶା ଗଠନ ହେବ। ବିକଶିତ ଭାରତ ଗଠନ ହେବ। ଶିକ୍ଷା, ସ୍ୱାସ୍ଥ୍ୟ, ଭିତ୍ତିଭୂମି, କୃଷି, ଶିଳ୍ପ, ପୁଞ୍ଜିନିବେଶ ଓ ରୋଜଗାର ଉପରେ ଗୁରୁତ୍ୱ ଦେଲେ ହିଁ ବିକଶିତ ଓଡ଼ିଶାର ସ୍ୱପ୍ନ ସମ୍ଭବ ହୋଇପାରିବ। ଓଡ଼ିଶାର ସାଧାରଣ ▶▶ ୭

## ଆରମ୍ଭହେଲା ଝାରସୁଗୁଡ଼ା-ମୁମ୍ବାଇ ବିମାନସେବା

**ଭୁବନେଶ୍ୱର,ଝାରସୁଗୁଡ଼ା, ୧।୩/ଏନ୍ଏନ୍ଏସ୍:**

### ୯୧ ଯାତ୍ରୀଙ୍କୁ ନେଇ ଉଡ଼ାଣ ଭରିଲା ଇଣ୍ଡିଗୋ ଏୟାର୍ ବସ୍




ପ୍ରତୀକ୍ଷାର ଅନ୍ତ ଘଟିଛି। ଶନିବାରରୁ ଆରମ୍ଭ ହୋଇଛି ମୁମ୍ବାଇ-ଝାରସୁଗୁଡ଼ା ମଧ୍ୟରେ ବିମାନସେବା। ପ୍ରଥମ ଦିନରେ ଝାରସୁଗୁଡ଼ା ବୀର ସୁରେନ୍ଦ୍ର ସାଏ ବିମାନବନ୍ଦର ଚଳଚଞ୍ଚଳ ଥିଲା। ମୋଟ୍ ୧୮୦ ଯାତ୍ରୀ ସୁବିଧାରେ ଯାତ୍ରା କରିପାରିପାରିପାର ବ୍ୟବସ୍ଥା ଥିଲେ ହେଁ ୯୧ଜଣ ଯାତ୍ରୀ ମୁମ୍ବାଇ ଯାଇଥିଲେ। ବିମାନଟି ସପ୍ତାହର ସବୁଦିନ ଚଳାଚଳ କରିବ।

ବିମାନବନ୍ଦର ନିର୍ଦ୍ଦେଶକ ସନ୍ଦୀପ ତିୱାରୀ ଆନୁଷ୍ଠାନିକ ଭାବେ ବିମାନସେବାର ଶୁଭାରମ୍ଭ କରି କହିଥିଲେ, ମୁମ୍ବାଇ-ଝାରସୁଗୁଡ଼ା ମଧ୍ୟରେ ବିମାନସେବା ପାଇଁ ପୂର୍ବରୁ ଦାବି ହୋଇଥିଲା। ଯାତ୍ରୀଙ୍କ ଚାହିଦା ଦେଖି ଇଣ୍ଡିଗୋ ଏୟାର୍ ବସ୍ ତାର ଉଡ଼ାଣ ଆରମ୍ଭ କରିଛି। ଦୀପ ପ୍ରଜ୍ୱଳନ, କେକ୍ କାଟିବା ପରେ ପ୍ରଥମ ଯାତ୍ରୀଙ୍କୁ ବୋର୍ଡିଂ କାର୍ଡ ପ୍ରଦାନ କରାଯାଇଛି। ସେ ପୁଣି କହିଛନ୍ତି, ପୂର୍ବରୁ ଝାରସୁଗୁଡ଼ାରୁ ହାଇଦ୍ରାବାଦ ରୁଟ୍‌ରେ ଏହି ସଂସ୍ଥା ବିମାନସେବା ଆରମ୍ଭ କରିଥିଲା। ପରେ ଝାରସୁଗୁଡ଼ା-ରାୟପୁର-ଝାରସୁଗୁଡ଼ା ରୁଟ୍‌ରେ ଏହି ବିମାନସେବା ସପ୍ତାହକୁ ୩ ଦିନ ସୋମବାର, ବୁଧବାର ଓ ରବିବାର ଚଳାଚଳ କରୁଛି। ଏଣେ ଝାରସୁଗୁଡ଼ାରୁ ଲକ୍ଷ୍ନୌ ଅଭିମୁଖେ ଷ୍ଟାର୍ ଏୟାର୍ ନିଜର ସେବା ଆରମ୍ଭ କରିଥିଲା। ଏବେ ମୁମ୍ବାଇ-ଝାରସୁଗୁଡ଼ା ମଧ୍ୟରେ ବିମାନସେବା ଯୋଗୁଁ ପଶ୍ଚିମ ଓଡ଼ିଶାବାସୀ ଉପକୃତ ହୋଇଛନ୍ତି।

## ୬ରେ ସୁଭଦ୍ରା ପ୍ରଥମ କିସ୍ତିର ପଞ୍ଚମ ପର୍ଯ୍ୟାୟ ଟଙ୍କା

**ଭୁବନେଶ୍ୱର, ୧।୩/ଏନ୍ଏନ୍ଏସ୍:**

ମାର୍ଚ୍ଚ ୬ରେ ମିଳିବ ସୁଭଦ୍ରା ଟଙ୍କାର ପ୍ରଥମ କିସ୍ତିର ପଞ୍ଚମ ପର୍ଯ୍ୟାୟ ଟଙ୍କା। ୬ ତାରିଖରେ ହିତାଧିକାରୀଙ୍କ ଆକାଉଣ୍ଟକୁ ଯିବ ଟଙ୍କା। ସେହିପରି ମାର୍ଚ୍ଚ ୮ରେ ଦ୍ୱିତୀୟ କିସ୍ତିର ସୁଭଦ୍ରା ଟଙ୍କା ପଠାଯିବ। ବିଭିନ୍ନ କାରଣ ପାଇଁ ଯେଉଁମାନେ ସୁଭଦ୍ରା ଟଙ୍କା ପାଇନାହାଁନ୍ତି, ସେମାନେ ଏକାବେଳେ ଦୁଇଟି କିସ୍ତି ଅର୍ଥାତ ୧୦ ହଜାର ଟଙ୍କା ପାଇବେ। ଯାହାକି ମାର୍ଚ୍ଚ ୮ ତାରିଖରେ

### ୮ରେ ୨ୟ କିସ୍ତି

ମିଳିବାକୁ ଯାଉଛି। ଯିଏ ଆଦୌ ଆବେଦନ କରିନାହାଁନ୍ତି ସେମାନେ ଯଦି ଏବେ ଆବେଦନ କରନ୍ତି ତେବେ ମାର୍ଚ୍ଚ ୮ ତାରିଖରେ ଦୁଇଟି କିସ୍ତି ଟଙ୍କା ପାଇବେ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ସୂଚନା ଦେଇଛନ୍ତି।

ଅପରପକ୍ଷେ ଏ ସମ୍ପର୍କରେ ଶନିବାର ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଏକ୍ସରେ ସୂଚନା ଦିଆଯାଇଛି ଯେ, ମାର୍ଚ୍ଚ ୬ରେ ମିଳିବ ସୁଭଦ୍ରା ଯୋଜନାର ପ୍ରଥମ କିସ୍ତିର ପଞ୍ଚମ ପର୍ଯ୍ୟାୟ ଟଙ୍କା। ପ୍ରଥମ କିସ୍ତି ପାଇବେ ୧ ଲକ୍ଷ ୭୦ ହଜାର ମହିଳା। ସେହିପରି ସୁଭଦ୍ରା ଯୋଜନାର ଦ୍ୱିତୀୟ କିସ୍ତି ୮ ତାରିଖରେ ମିଳିବାକୁ ▶▶ ୭




## ମାଟ୍ରିକ୍ ବିଜ୍ଞାନ ପ୍ରଶ୍ନପତ୍ରରେ ତ୍ରୁଟି

**କଟକ, ୧।୩/ଏନ୍ଏନ୍ଏସ୍:**



ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଚଳିତ ମାଟ୍ରିକ୍ ପରୀକ୍ଷାର ବିଜ୍ଞାନ ପରୀକ୍ଷା ପ୍ରଶ୍ନପତ୍ରରେ ତ୍ରୁଟି ଦେଖାଦେଇଛି।



### ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ

### ପରୀକ୍ଷାର୍ଥୀଙ୍କର କ୍ଷତି ହେବ ନାହିଁ: ସଭାପତି

ବିଜ୍ଞାନ ସି-ସେଟ୍‌ର କେତେକ ପ୍ରଶ୍ନପତ୍ରରେ ୪ ନମ୍ବର କମ୍ ଥିବା ଜଣାପଡ଼ିଛି। ଅର୍ଥାତ ଏହିସବୁ ପ୍ରଶ୍ନପତ୍ରରେ ୪ ନମ୍ବରର ସଂକ୍ଷିପ୍ତ ପ୍ରଶ୍ନଟି ଉଭାନ ହୋଇଯାଇଛି। ତେବେ ବିଜ୍ଞାନ ସି-ସେଟ୍‌ର ଅନ୍ୟ କେତେକ ପ୍ରଶ୍ନପତ୍ରରେ ଉକ୍ତ ୪ନମ୍ବର ବିଶିଷ୍ଟ ପ୍ରଶ୍ନଟି ରହିଛି। ପ୍ରଶ୍ନପତ୍ର ପ୍ରିଣ୍ଟିଂରେ ତ୍ରୁଟି ରହିଥିବା ସ୍ପଷ୍ଟ ଜଣାପଡୁଛି। ତେବେ ଏହି ତ୍ରୁଟିକୁ ନେଇ ଛାତ୍ରଛାତ୍ରୀ ଏବଂ ଅଭିଭାବକଙ୍କ ମଧ୍ୟରେ ନାନା ଆଶଙ୍କା ପ୍ରକାଶ ପାଇଛି। କେତେକ ସ୍ଥାନରେ ଛାତ୍ରଛାତ୍ରୀଙ୍କ ସମେତ ଅଭିଭାବକମାନେ ପରୀକ୍ଷା କେନ୍ଦ୍ର ନିକଟରେ ପ୍ରତିବାଦ କରିଥିବା ଖବର ମିଳିଛି। ବିଜ୍ଞାନ ସି-ସେଟ୍‌ର ଥିବା ତ୍ରୁଟିକୁ ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇ ସ୍ୱୀକାର କରିଛନ୍ତି। ବିଜ୍ଞାନ ସି-ସେଟ୍‌ରେ ୪ ମାର୍କ ପ୍ରଶ୍ନ ମିସ୍ ପ୍ରିଣ୍ଟ ହୋଇଛି। ଏହା ଦ୍ୱାରା କୌଣସି ଛାତ୍ରଛାତ୍ରୀଙ୍କର କ୍ଷତି ହେବେନି। ମୂଲ୍ୟାୟନ କମିଟି ଏ ନେଇ ବିଚାର କରି ନିଷ୍ପତ୍ତି ନେବ। ମୋ ପକ୍ଷରୁ ପିଲାଙ୍କୁ ଆଶ୍ୱସ୍ତି କରୁଛି ବୋଲି ବୋର୍ଡ ସଭାପତି ଶ୍ରୀ ତରାଇ କହିଛନ୍ତି। ଅପରପକ୍ଷେ ଆଜି କପିକରି ୧୧ଜଣ ପରୀକ୍ଷାର୍ଥୀ ଧରାପଡ଼ିଛନ୍ତି ବୋଲି ବୋର୍ଡ ପକ୍ଷରୁ ସୂଚନା ଦିଆଯାଇଛି। ତେବେ କିଛି ସ୍ଥାନରେ ମାଟ୍ରିକ ପରୀକ୍ଷା ପ୍ରଶ୍ନପତ୍ର ଭାଇରାଲ୍ ହେବାର ଅଭିଯୋଗକୁ ବୋର୍ଡ କର୍ତ୍ତୃପକ୍ଷ ଖଣ୍ଡନ କରିଛନ୍ତି। ଭାଇରାଲ୍ ନେଇ ବୋର୍ଡ ପାଖରେ କୌଣସି ଅଭିଯୋଗ ନାହିଁ ବୋଲି ଶ୍ରୀ ତରାଇ କହିଛନ୍ତି।

## ବଦଳିଲା ପାସ୍‌ପୋର୍ଟ ନିୟମ

**ନୂଆଦିଲ୍ଲୀ, ୧।୩/ଏଜେନ୍ସି:**




କେନ୍ଦ୍ର ସରକାର ଏବେ ଦେଶର ଅନ୍ୟତମ ପରିଚୟପତ୍ର 'ପାସ୍‌ପୋର୍ଟ' ନିୟମରେ ସାମାନ୍ୟ ପରିବର୍ତ୍ତନ କରିଛନ୍ତି। ରିପୋର୍ଟ ଅନୁସାରେ ପାସପୋର୍ଟ ପାଇଁ ସଂଶୋଧିତ ନିୟମ ଅନ୍ତର୍ଗତ ଏଣିକି ୧ ଅକ୍ଟୋବର ୨୦୨୩ କିମ୍ବା ଏହା ପରେ ଜନ୍ମିତ ବ୍ୟକ୍ତିବିଶେଷଙ୍କୁ ପାସ୍‌ପୋର୍ଟ ଆବେଦନ କରିବାକୁ ହେଲେ ଉପଯୁକ୍ତ କର୍ତ୍ତୃପକ୍ଷଙ୍କ ଦ୍ୱାରା ଜାରି କରାଯାଇଥିବା ପ୍ରମାଣପତ୍ର ହିଁ ଜନ୍ମତାରିଖର ଏକମାତ୍ର ପ୍ରମାଣପତ୍ର ଭାବେ ଦାଖଲ କରିବାକୁ ହେବ। ସିଧା ଅର୍ଥରେ କହିଲେ ନୂତନ ପାସପୋର୍ଟ ନିୟମ ଅନୁଯାୟୀ ଜନ୍ମ ଏବଂ ମୃତ୍ୟୁ ପଞ୍ଜିକାରକ, ପୌର ନିଗମ କିମ୍ବା ଜନ୍ମ ଏବଂ ମୃତ୍ୟୁ ପଞ୍ଜିକରଣ ଆଇନ-୧୯୬୯ ଅନୁଯାୟୀ କ୍ଷମତାପ୍ରାପ୍ତ ଯେ କୌଣସି କର୍ତ୍ତୃପକ୍ଷଙ୍କ ଦ୍ୱାରା ଜାରି କରାଯାଇଥିବା ଜନ୍ମ ପ୍ରମାଣପତ୍ରକୁ ୧ ଅକ୍ଟୋବର ୨୦୨୩ କିମ୍ବା ତା'ପରେ ଜନ୍ମ ହୋଇଥିବା ବ୍ୟକ୍ତିଙ୍କ ପାଇଁ ଜନ୍ମ ତାରିଖର ପ୍ରମାଣ ଭାବରେ ଗ୍ରହଣ କରାଯିବ। ତେବେ ଏହି ତାରିଖ ପୂର୍ବରୁ ଜନ୍ମଗ୍ରହଣ କରିଥିବା ବ୍ୟକ୍ତିବିଶେଷ ପୂର୍ବ ନିୟମ ଅନୁସାରେ ନିଜ ଜନ୍ମତାରିଖର ପ୍ରମାଣ ସ୍ୱରୂପ ଡ୍ରାଇଭିଂ ଲାଇସେନ୍ସ କିମ୍ବା ସ୍କୁଲ୍ ଛାଡ଼ିବା ପ୍ରମାଣପତ୍ର ଭଳି ବିକଳ୍ପ ଡକ୍ୟୁମେଣ୍ଟ ଦାଖଲ କରିପାରିବେ।

ପ୍ରକାଶଯୋଗ୍ୟ, ଚଳିତ ସପ୍ତାହରେ ପାସ୍‌ପୋର୍ଟ ନିୟମ-୧୯୮୦ରେ ଏହି ସଂଶୋଧନକୁ କାର୍ଯ୍ୟକାରୀ କରିବା ପାଇଁ ଏକ ସରକାରୀ ନୋଟିସ ଜାରି କରାଯାଇଛି। ସଂଶୋଧିତ ନିୟମ ସମ୍ପର୍କୀତ ସରକାରୀ ଗେଜେଟ୍ ପ୍ରକାଶିତ ହେବା ପରେ ଦେଶବ୍ୟାପୀ ଏହି ନୂଆ ପାସ୍‌ପୋର୍ଟ ନିୟମ କାର୍ଯ୍ୟକାରୀ ହେବ। ପାସପୋଟ୍ ହେଉଛି ଏକ ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ଡକ୍ୟୁମେଣ୍ଟ ଯାହାକି ଜଣେ ବ୍ୟକ୍ତିଙ୍କ ପରିଚୟ ଏବଂ ଜାତୀୟତାକୁ ପ୍ରମାଣିତ କରେ। ବିଦେଶ ଯାତ୍ରା ପାଇଁ ଏହା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଡକ୍ୟୁମେଣ୍ଟ ଭାବେ ବିବେଚନା କରାଯାଇଥାଏ।

## ଏବେ ବି ଲୋକଙ୍କ ପାଖରେ ୬,୪୭୧ କୋଟିର ୨୦୦୦ଟଙ୍କିଆ ନୋଟ୍

**ନୂଆଦିଲ୍ଲୀ, ୧।୩/ଏଜେନ୍ସି:**

### ଜାରିରହିବ ଫେରସ୍ତ ପ୍ରକ୍ରିୟା

### ସମସ୍ତ ଆର୍‌ବିଆଇ ଶାଖାରେ ଗ୍ରହଣ କରାଯିବ ନୋଟ୍



ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ପକ୍ଷରୁ ଦେଶବାସୀଙ୍କ ଉଦ୍ଦେଶ୍ୟରେ ଶନିବାର ଏକ ବଡ଼ ଘୋଷଣା କରାଯାଇଛି। ଆରବିଆଇ କହିଛି ଯେ, ୨୦୦୦ ଟଙ୍କିଆ ନୋଟ୍ ପ୍ରତ୍ୟାହାର (ନିଷିଦ୍ଧ) ଘୋଷଣା କରାଯିବାର ଇତି ମଧ୍ୟରେ ୨ ବର୍ଷରୁ ଅଧିକ ସମୟ ବିତିସାରିଛି। ତଥାପି ବଜାରରୁ ଶତ ପ୍ରତିଶତ ୨୦୦୦ ଟଙ୍କିଆ ନୋଟ୍ ବ୍ୟାଙ୍କିଂ ସିଷ୍ଟମ୍‌କୁ ଫେରିନାହିଁ। ୯୮.୧୮% ୨୦୦୦ ଟଙ୍କିଆ ନୋଟ୍ ବ୍ୟାଙ୍କିଂ ବ୍ୟବସ୍ଥାକୁ ଫେରିଥିବା ବେଳେ ଆହୁରି ୧.୮୨% ଟଙ୍କା (୬,୪୭୧ କୋଟି) ଏବେ ବି ଜନସାଧାରଣଙ୍କ ପାଖରେ ରହିଛି। ଏହି ଅର୍ଥ ବ୍ୟାଙ୍କିଂ ସିଷ୍ଟମ୍‌କୁ ଫେରିଆସିବା ଉଚିତ୍।

ଆର୍‌ବିଆଇ ୧୯ ମେ,୨୦୨୩ରେ ୨୦୦୦ ଟଙ୍କିଆ ବ୍ୟାଙ୍କ୍ ନୋଟ୍ ପ୍ରତ୍ୟାହାର ଘୋଷଣା କରିଥିଲା। ଏହା ପରେ ଦେଶର ବିଭିନ୍ନ ପ୍ରାନ୍ତରୁ ଲୋକେ ୨୦୦୦ ଟଙ୍କିଆ ସବୁକୁ ବ୍ୟାଙ୍କ୍ ମାଧ୍ୟମରେ ଫେରାଇବା ଆରମ୍ଭ କରିଥିଲେ। କିନ୍ତୁ ୨ ବର୍ଷ ପରେ ବି ୧୦୦% ନୋଟ୍ ଫେରିପାରିନାହିଁ। ଆର୍‌ବିଆଇ ଅନୁସାରେ ୧୯ ମେ' ୨୦୨୩ରେ ବ୍ୟବସାୟ ସମାପ୍ତ ହେବା ସମୟରେ ପ୍ରଚଳନରେ ଥିବା ୨୦୦୦ ଟଙ୍କାର ବ୍ୟାଙ୍କ୍ ନୋଟ୍‌ର ମୋଟ ମୂଲ୍ୟ ୩.୫୬ ଲକ୍ଷ କୋଟି ଟଙ୍କା ଥିଲା, ଯାହା ୨୮ ଫେବୃଆରୀ ୨୦୨୫ ସୁଦ୍ଧା ୬,୪୭୧ କୋଟି ଟଙ୍କାକୁ ହ୍ରାସ ପାଇଛି।

ପ୍ରକାଶଯୋଗ୍ୟ, ୭ ଅକ୍ଟୋବର ୨୦୨୩ ପର୍ଯ୍ୟନ୍ତ ସମସ୍ତ ବ୍ୟାଙ୍କ୍ ଶାଖାରେ ୨ହଜାର ଟଙ୍କାର ନୋଟ୍ ଜମାକରିବା ଅଥବା ବଦଳାଇବାର ସୁବିଧା ଉପଲବ୍ଧ ଥିଲା। ସେହିପରି ବର୍ତ୍ତମାନ ସମୟରେ ମଧ୍ୟ ଦେଶର ବିଭିନ୍ନ ପ୍ରାନ୍ତରେ ଥିବା ଆର୍‌ବିଆଇର ସମସ୍ତ ୧୯ଟି କାର୍ଯ୍ୟାଳୟରେ ଏହି ସୁବିଧା ଉପଲବ୍ଧ ▶▶ ୭

# କେମିକାଲ ଫ୍ୟାକ୍ଟ୍ରିରେ ବଡ଼ଧରଣର ଅଗ୍ନିକାଣ୍ଡ



**ଭୋପାଳ,୧।୩/ଏଜେନ୍ସି:** ମଧ୍ୟପ୍ରଦେଶର ରାଜଧାନୀ ଭୋପାଳର ଗୋବିନ୍ଦପୁରୀ ଅଞ୍ଚଳର ଜେକେ ରୋଡ୍‌ରେ ଥିବା ଏକ କେମିକାଲ ଫ୍ୟାକ୍ଟ୍ରିରେ ଶନିବାର ବଡ଼ ଧରଣର ଅଗ୍ନିକାଣ୍ଡ ଘଟିଛି । ନିଆଁର ପ୍ରଖରତା ଏତେ ଅଧିକ ଥିଲା ଯେ, ଖାସ ୨୦ ଫୁଟ ଉଚ୍ଚ ପର୍ଯ୍ୟନ୍ତ ଉପରକୁ ଉଠୁଥିବା ସ୍ଥାନୀୟ ଲୋକେ କହିଛନ୍ତି । ଖବର ପାଇ ଅଗ୍ନିଶମ ବାହିନୀର ୧୦ରୁ ୧୨ଟି ଗାଡ଼ି ଏବଂ ସ୍ଥାନୀୟ ପୋଲିସ ଘଟଣାସ୍ଥଳରେ ପହଞ୍ଚି ନିଆଁଲିଭା କାର୍ଯ୍ୟରେ ଲାଗିପଡିଥିଲେ । ତେବେ ରିପୋର୍ଟ ଲେଖାହେବା ବେଳକୁ ନିଆଁକୁ ଆୟତ୍ତ କରାଯାଇସାରିଛି । ସତର୍କତାମୂଳକ ପଦକ୍ଷେପ ଭାବେ କେମିକାଲ ଫ୍ୟାକ୍ଟ୍ରିର ନିକଟସ୍ଥ ଦୋକାନଗୁଡ଼ିକୁ ପୋଲିସ ବନ୍ଦ କରିଦେଇଛି । ଅଗ୍ନିକାଣ୍ଡର ପ୍ରକୃତ କାରଣ ଜଣାପଡିନଥିଲେ ମଧ୍ୟ ଶଟସର୍କିଟ ଯୋଗୁ ଏହି ନିଆଁ ଲାଗିଥିବା ନେଇ ଅନୁମାନ କରାଯାଉଛି । ସୌଭାଗ୍ୟର ବିଷୟ ଅଗ୍ନିକାଣ୍ଡରେ କେହି ମୃତାହତ ହୋଇନାହାନ୍ତି । ତେବେ ଅଗ୍ନିକାଣ୍ଡରେ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଯାଇଥିବା ଆଶଙ୍କା କରାଯାଉଛି ।

# ପୁଣି ବଢ଼ିଲା କମର୍ସିଆଲ୍ ଗ୍ୟାସ୍ ଦର



**ନୂଆଦିଲ୍ଲୀ,୧।୩/ଏଜେନ୍ସି:** ପହିଲାରୁ ଗ୍ରାହକଙ୍କୁ ଉପରେ ମହଙ୍ଗା ମାଡ ହୋଇଛି । କମର୍ସିଆଲ ଏଲପିଜି ସିଲିଣ୍ଡରର ମୂଲ୍ୟ ଉପରେ ୬ଟଙ୍କା ଯାଏ ବୃଦ୍ଧି କରାଯାଇଛି । ସରକାରୀ ତୈଳ କମ୍ପାନୀଗୁଡିକ ମାର୍ଚ୍ଚ ପହିଲାରେ ଏଲପିଜି ସିଲିଣ୍ଡରର ମୂଲ୍ୟ ବୃଦ୍ଧି ଘୋଷଣା କରିଛନ୍ତି । ତେବେ ୧୯ କିଲୋଗ୍ରାମ୍ ଏଲ୍‌ପିଜି ସିଲିଣ୍ଡରର ମୂଲ୍ୟ ୬ ଟଙ୍କା ବୃଦ୍ଧି କରାଯାଇଥିବା ବେଳେ ଘରୋଇ ଏଲପିଜି ସିଲିଣ୍ଡରର ମୂଲ୍ୟରେ କୌଣସି ପରିବର୍ତ୍ତନ କରାଯାଇନାହିଁ । ବର୍ତ୍ତମାନ ଦିଲ୍ଲୀରେ ୧୮୦୩ ଟଙ୍କାରେ ସିଲିଣ୍ଡର ଉପଲବ୍ଧ ହେବ । ଫେବୃଆରୀ ମାସରେ ଏହାର ମୂଲ୍ୟ ୧୭୯୭ ଟଙ୍କା ଥିଲା । ଦିଲ୍ଲୀରେ ୧୪ କିଲୋଗ୍ରାମ୍ ଘରୋଇ ଏଲପିଜି ସିଲିଣ୍ଡର ଏବେ ବି ୮୦୩ ଟଙ୍କାରେ ଉପଲବ୍ଧ ହେବ । କୋଲକାତାରେ ୮୨୯, ମୁମ୍ବାଇରେ ୮୦୨.୫୦ ଟଙ୍କା ଏବଂ ଚେନ୍ନାଥରେ ୮୧୮.୫୦ ଟଙ୍କା ରହିଛି । ଅନ୍ୟପଟେ ମୁମ୍ବାଇରେ ବାଣିଜ୍ୟିକ ଏଲ୍‌ପିଜି ସିଲିଣ୍ଡର ମୂଲ୍ୟ ୧୯୧୩ ଟଙ୍କା ହୋଇଛି । କୋଲକାତାରେ ୧୯ କିଲୋଗ୍ରାମ୍ ବାଣିଜ୍ୟିକ ଏଲପିଜି ସିଲିଣ୍ଡର ବର୍ତ୍ତମାନ ୧୯୧୩ ଟଙ୍କାରେ ଉପଲବ୍ଧ ହେବ ।

### ଉତ୍ତରାଖଣ୍ଡ ହିମସ୍ଖଳନ ଅଘଟଣ

# ୪ ଶ୍ରମିକଙ୍କ ମୃତଦେହ ଉଦ୍ଧାର, ଏବେ ବି ଅନେକ ନିଖୋଜ



**ଡେରାଡୁନ୍,୧।୩/ଏଜେନ୍ସି:** ଉତ୍ତରାଖଣ୍ଡର ଚାମୋଲି ଜିଲ୍ଲା ଅନ୍ତର୍ଗତ ମାନା ଗ୍ରାମରେ ଶୁକ୍ରବାର ହିମସ୍ଖଳନ ଯୋଗୁ ୫୭ ଜଣ ଶ୍ରମିକ ବରଫ ଅତଡ଼ା ତଳେ ପୋତିହୋଇଯାଇଥିଲେ । ତେବେ ପ୍ରଥମ ପର୍ଯ୍ୟାୟରେ ୩୨ଜଣଙ୍କୁ ଏବଂ ଶନିବାର ସୁଦ୍ଧା ଆଉ ୧୪ ଜଣଙ୍କୁ ମିଶାଇ ମୋଟ୍ ୪୬ ଶ୍ରମିକଙ୍କୁ ଉଦ୍ଧାର କରାଯାଇସାରିଛି । ତେବେ ଏସବୁ ମଧ୍ୟରେ ଶନିବାର ୪ ଶ୍ରମିକଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯିବା ଏବଂ ହସ୍ପିଟାଲରେ ସେମାନଙ୍କୁ ଭର୍ତ୍ତି କରାଯିବା ପରେ ସେଠାରେ ସେମାନେ ମୃତ୍ୟୁବରଣ କରିବା ସମସ୍ତଙ୍କୁ ଶକ୍ତ ଆଘାତ ଦେଇଛି । ତେବେ ଫସିରହିଥିବା ବାକି ୭ ଶ୍ରମିକଙ୍କୁ ଖୋଜିବା ପ୍ରକ୍ରିୟା ଜୋରସୋରରେ ଜାରି ରହିଛି । ବର୍ତ୍ତମାନ ସୁଦ୍ଧା ଉଦ୍ଧାରକାରୀ ଦଳଙ୍କୁ ଏହି ୭ଶ୍ରମିକଙ୍କ ସମ୍ପର୍କରେ କୌଣସି ବି ସୂଚନା ମିଳିପାରିନାହିଁ । ପ୍ରତିକୂଳ ପାଗ ମଧ୍ୟରେ ଏମାନଙ୍କୁ ଉଦ୍ଧାର କରିବା ପାଇଁ ଉଦ୍ୟମ ଜାରି ରହିଛି । ଉଦ୍ଧାର କାର୍ଯ୍ୟରେ ସେନାର ୫ଟି ହେଲିକପ୍ଟର ଏବଂ ଗୋଟିଏ ବେସାମରିକ ହେଲିକପ୍ଟରକୁ ନିୟୋଜିତ କରାଯାଇଛି । ଶୁକ୍ରବାର ସକାଳେ ଗ୍ଲାସିୟର ଧସିବାରୁ ୧୩,୦୦୦ ଫୁଟ୍ ଉଚ୍ଚତାରେ ରାସ୍ତା ନିର୍ମାଣ କାର୍ଯ୍ୟରେ ନିୟୋଜିତ ବିଆରଓର ୫୭ ଶ୍ରମିକ ଫସିଯାଇଥିଲେ ।

### ରାଜ୍ୟ ସ୍ଥିତିକୁ ନେଇ ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ଉଚ୍ଚସ୍ତରୀୟ ବୈଠକ

# ୮ରୁ ଭୟଶୂନ୍ୟ ରହିବେ ମଣିପୁରବାସୀ



**ନୂଆଦିଲ୍ଲୀ,୧।୩/ଏଜେନ୍ସି:** କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହ ଶନିବାର ମଣିପୁର ପରିସ୍ଥିତି ତଥା ସୁରକ୍ଷା ସ୍ଥିତି ଉପରେ ଏକ ଉଚ୍ଚସ୍ତରୀୟ ବୈଠକ କରିଛନ୍ତି । ଏହି ଅବସରରେ ସେ ମାର୍ଚ୍ଚ ୮ ତାରିଖରୁ ରାଜ୍ୟର ସମସ୍ତ ମାର୍ଗରେ ଲୋକଙ୍କ ଅବାଧ ଗମନାଗମନ ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏଥିସହ ସେ ରାସ୍ତାରେ ବାଧା ସୃଷ୍ଟି କରୁଥିବା ବ୍ୟକ୍ତିଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି । ଶାହ ଏହି ଅବସରରେ ମଣିପୁରର ଅନ୍ତର୍ଜାତୀୟ ସୀମାରେ ପୂର୍ବ-ନିର୍ଦ୍ଧାରିତ ପ୍ରବେଶ ସ୍ଥାନର ଉଭୟ ପାର୍ଶ୍ୱରେ ବାଡ଼ କାର୍ଯ୍ୟ ଶୀଘ୍ର ସମାପ୍ତ ହେବା ଏବଂ ମଣିପୁରକୁ ନିଶା ମୁକ୍ତ କରିବା ପାଇଁ, ନିଶା କାରବାରରେ ଜଡିତ ସମଗ୍ର ନେଟୱାର୍କକୁ ଉଚ୍ଛେଦ କରିବା ଦିଗରେ ଗୁରୁତ୍ୱାରୋପ କରିଥିଲେ । ଏନେଇ ବ୍ୟାପକ କାର୍ଯ୍ୟକ୍ରମ ଆରମ୍ଭ ପାଇଁ ଶ୍ରୀ ଶାହ ଅଧିକାରୀମାନଙ୍କୁ କହିଥିଲେ ।

ନୂଆଦିଲ୍ଲୀରେ ଆୟୋଜିତ ଏହି ସୁରକ୍ଷା ବୈଠକରେ ମଣିପୁର ରାଜ୍ୟପାଳ ଅଜୟ କୁମାର ଭଲ୍ଲାଙ୍କ ସମେତ କେନ୍ଦ୍ର ଗୃହ ସଚିବ, ଉପ-ସେନା ମୁଖ୍ୟ, ପୂର୍ବ ସେନା କମାଣ୍ଡର, ଗୁଇନ୍ଦା ବ୍ୟୁରୋ ନିର୍ଦ୍ଦେଶକ, ସୀମା ସୁରକ୍ଷା ବଳ, କେନ୍ଦ୍ରୀୟ ରିଜର୍ଭ ପୋଲିସ ଫୋର୍ସ ଏବଂ ଆସାମ ରାଇଫଲ୍ସର ମହାନିର୍ଦ୍ଦେଶକ, ମଣିପୁରର ସୁରକ୍ଷା ପରାମର୍ଶଦାତା ଏବଂ ଗୃହ ମନ୍ତ୍ରଣାଳୟ (ଗଐଇ), ସେନା ଏବଂ ମଣିପୁର ପ୍ରଶାସନର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ମଣିପୁରରେ ରାଷ୍ଟ୍ରପତି ଶାସନ ଲାଗୁହେବା ଦୃଷ୍ଟିକୋଣରୁ ଅମିତ ଶାହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା ।

ବୈଠକ ସମୟରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଶାହ ମଣିପୁରର ସୁରକ୍ଷା ପରିସ୍ଥିତି ସମୀକ୍ଷା କରିଥିଲେ ଏବଂ ସେଠାକାର ପରିସ୍ଥିତି ବିଷୟରେ ସୁରକ୍ଷା ବାହିନୀଙ୍କଠାରୁ ଅପଡେଟ ମଧ୍ୟ ନେଇଥିଲେ । ବୈଠକ ସମୟରେ ଶାହ କହିଥିଲେ ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଭାରତ ସରକାର ମଣିପୁରରେ ସ୍ଥାୟୀ ଶାନ୍ତି ଫେରାଇ ଆଣିବା ପାଇଁ ସମ୍ପୂର୍ଣ୍ଣ ପ୍ରତିବଦ୍ଧ । ଭାରତ ସରକାର ଏ ଦିଗରେ ସମସ୍ତ ପ୍ରକାରର ପ୍ରୟାସ କରୁଛନ୍ତି ଏବଂ ସମସ୍ତ ପ୍ରକାରର ସାହାଯ୍ୟ ମଧ୍ୟ ଯୋଗାଇ ଦେଉଛନ୍ତି । ସୂଚନାଯୋଗ୍ୟ, ଫେବୃଆରୀ ୧୩ରେ ମଣିପୁର ରାଜ୍ୟପାଳଙ୍କ ଠାରୁ ରିପୋର୍ଟ ପାଇବା ପରେ ମଣିପୁରରେ ରାଷ୍ଟ୍ରପତି ଶାସନ ଲାଗୁ ହୋଇଛି । ରାଷ୍ଟ୍ରପତି ଶାସନ ଲାଗୁହେବା ପରେ ଏହା ପ୍ରଥମ ସୁରକ୍ଷା ସମ୍ପର୍କୀତ ବୈଠକ ।

### ଏପ୍ରିଲ୍ ପହିଲାରୁ ଲାଗୁହେବ ନୂଆ ନିୟମ

# ୧୫/୧୦ ବର୍ଷ ପୁରୁଣା ଗାଡ଼ିକୁ ମିଳିବନି ପେଟ୍ରୋଲ୍, ଡିଜେଲ୍

**ନୂଆଦିଲ୍ଲୀ,୧।୩:** ଦିଲ୍ଲୀରେ ନବଗଠିତ ବିଜେପି ସରକାର ଏବେ ଏକ ନୂଆ ନିୟମ ଲାଗୁ କରିଛନ୍ତି । ମାର୍ଚ୍ଚ ୩୧ପରେ ଅର୍ଥାତ୍ ଏପ୍ରିଲ୍ ପହିଲାରୁ ଏକ ନିର୍ଦ୍ଦିଷ୍ଟ ବର୍ଗର ବ୍ୟକ୍ତିବିଶେଷଙ୍କୁ ଆଉ ପେଟ୍ରୋଲ ପମ୍ପରେ ପେଟ୍ରୋଲ ଏବଂ ଡିଜେଲ୍ ଆଦି କିଛି ବି ଇନ୍ଧନ ମିଳିବନି । ପେଟ୍ରୋଲ ପମ୍ପ୍ ପକ୍ଷରୁ ଏମାନଙ୍କୁ ଫେରାଇଦିଆଯିବ । ରିପୋର୍ଟ ଅନୁସାରେ ଦିଲ୍ଲୀ ସରକାର ଏବେ ରାସ୍ତାରୁ ୧୫ ବର୍ଷରୁ ପୁରୁଣା ପେଟ୍ରୋଲ ଗାଡି ଏବଂ ୧୦ ବର୍ଷରୁ ପୁରୁଣା ଡିଜେଲ ଗାଡି ଚଳାଚଳ ଉପରେ ପ୍ରତିବନ୍ଧକ ଲଗାଇବାକୁ ନିଷ୍ପତ୍ତି ନେଇଛନ୍ତି । ସହରରେ ବଢୁଥିବା ପ୍ରଦୂଷଣ ସ୍ତରକୁ ନିୟନ୍ତ୍ରଣ କରିବା ଲକ୍ଷ୍ୟରେ ଏହି ପଦକ୍ଷେପ ନିଆଯାଇଛି । ଏହି ନିୟମ ଅନୁଯାୟୀ, ନିଷିଦ୍ଧ ଗାଡିଗୁଡିକୁ ଜବତ କରାଯିବ, ଏପରିକି ଏହି ଧରଣର ଗାଡ଼ି ମାଲିକଙ୍କ ଉପରେ ମୋଟା ଅଙ୍କର ଜୋରିମାନା କିମ୍ବା ଜେଲ୍‌ଦଣ୍ଡ ଭଳି ଦଣ୍ଡାଦେଶ ଲାଗୁ ହୋଇପାରେ । ଏନେଇ ବଡ଼ ଘୋଷଣା କରିଛନ୍ତି ରାଜ୍ୟ ସରକାର ।



ଦିଲ୍ଲୀରେ ବାୟୁ ପ୍ରଦୂଷଣର ମୁକାବିଲା ପାଇଁ ପଦକ୍ଷେପ ସମ୍ପର୍କରେ ଆଲୋଚନା କରିବା ପାଇଁ ଅଧିକାରୀଙ୍କ ସହ ଏକ ବୈଠକ ପରେ ଦିଲ୍ଲୀ ପରିବେଶ ମନ୍ତ୍ରୀ ମଞ୍ଜିନ୍ଦର ସିଂହ ସିରସା ଶନିବାର ଏସମ୍ପର୍କରେ ଘୋଷଣା କରିଛନ୍ତି । ସରକାର ଯାନବାହନ ନିର୍ଗମନ ଏବଂ ପ୍ରଦୂଷଣକୁ ରୋକିବା ପାଇଁ କଠୋର ପଦକ୍ଷେପ ନେଉଛନ୍ତି ବୋଲି ସେ କହିଛନ୍ତି । ସେ କହିଛନ୍ତି ଯେ, ପୁରୁଣା ଯାନବାହନ ଚିହ୍ନଟ କରିବାରେ ସ୍ମାର୍ଟ ଗ୍ୟାଜେଟ ସାହାଯ୍ୟ କରିବ ଦିଲ୍ଲୀ ସରକାର ଏହି ନିଷ୍ପତ୍ତି ବିଷୟରେ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରଣାଳୟକୁ ଜଣାଇବେ । ପୁରୁଣା ଯାନବାହାନକୁ ଇନ୍ଧନ ଯୋଗାଣ ଉପରେ କଟକଣା ଲଗାଇବା ବ୍ୟତୀତ, ବାୟୁ ପ୍ରଦୂଷଣ ସ୍ତର ହ୍ରାସ କରିବା ପାଇଁ ରାଜଧାନୀର ସମସ୍ତ ଉଚ୍ଚ କୋଠା, ହୋଟେଲ ଏବଂ ବାଣିଜ୍ୟିକ କମ୍ପ୍ଲେକ୍ସ ପାଇଁ ଧୂଆଁ-ନିରୋଧୀ ସାଇଲେନ୍ସର ସ୍ଥାପନ କରିବା ବାଧ୍ୟତାମୂଳକ କରାଯିବ । ତେବେ ଏହି ଘୋଷଣାଗୁଡ଼ିକ ଦିଲ୍ଲୀର ବାୟୁ ପ୍ରଦୂଷଣକୁ ମୁକାବିଲା କରିବା ପାଇଁ ବ୍ୟାପକ ପ୍ରୟାସର ଏକ ଅଂଶ ଭାବରେ ଆସିଛି, ଯାହା ସହରବାସୀଙ୍କ ପାଇଁ ଏକ ପ୍ରମୁଖ ଚ୍ୟାଲେଞ୍ଜ ରୂପେ ଉଭା ହୋଇଛି ।

**ପ୍ରଦୂଷଣ ହ୍ରାସ ଲକ୍ଷ୍ୟରେ ଦିଲ୍ଲୀ ସରକାରଙ୍କ ବଡ଼ ଘୋଷଣା**

**ସୁଉଚ୍ଚ ଅଟ୍ଟାଳିକା, ହୋଟେଲ, ବାଣିଜ୍ୟିକ କମ୍ପ୍ଲେକ୍ସରେ ଧୂଆଁ-ନିରୋଧୀ ସାଇଲେନ୍ସର**

# ଫେବୃଆରୀରେ ୧.୮୪ ଲକ୍ଷ କୋଟିର ଜିଏସ୍‌ଟି ସଂଗ୍ରହ



**ନୂଆଦିଲ୍ଲୀ,୧।୩/ଏଜେନ୍ସି:** ଘରୋଇ କାରବାରରୁ ଅଧିକ ରାଜସ୍ୱ ଆସିବା ଯୋଗୁ ଦେଶର ମୋଟ୍ ସାମଗ୍ରୀ ଓ ସେବା ଟିକସ 'ଜିଏସ୍‌ଟି' ଆଦାୟ ଫେବ୍ରୁଆରିରେ ୯.୧% ବୃଦ୍ଧି ପାଇ ୧.୮୪ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି । କେନ୍ଦ୍ରୀୟ ଜିଏସ୍‌ଟି ବାବଦକୁ ୩୫ହଜାର ୨୦୪ କୋଟି ଟଙ୍କା ଆଦାୟ ହୋଇଥିବା ବେଳେ, ରାଜ୍ୟ ଜିଏସ୍‌ଟି ବାବଦକୁ ୪୩ ହଜାର ୭୦୪ କୋଟି ଟଙ୍କା, ସମନ୍ୱିତ ଜିଏସ୍‌ଟି ବାବଦକୁ ୯୦ ହଜାର ୮୭୦ କୋଟି ଟଙ୍କା ଏବଂ କ୍ଷତିପୂରଣ ସେସ୍ ବାବଦକୁ ୧୩ ହଜାର ୮୬୮ କୋଟି ଟଙ୍କା ରହିଛି । । ବିଶେଷଜ୍ଞଙ୍କ ମତରେ ଏହା ଘରୋଇ ବ୍ୟବହାର କ୍ଷେତ୍ରରେ ବ୍ୟାପକ ବୃଦ୍ଧି ସହ ଅର୍ଥନୈତିକ ପୁନରୁଦ୍ଧାରର ସଙ୍କେତ ଦେଉଛି । ସେହିପରି ଫେବୃଆରୀ ମାସରେ ମୋଟ ୨୦ ହଜାର ୮୮୯ କୋଟି ଟଙ୍କା ଫେରସ୍ତ କରାଯାଇଛି, ଯାହାକି ବାର୍ଷିକ ଭିତ୍ତିରେ ୧୭.୩% ଅଧିକ । ଫେରସ୍ତରେ ରିହାତି ଦେବା ପରେ ଫେବୃଆରୀରେ ନିଟ୍ ଜିଏସଟି ଆଦାୟ ୮.୧% ବୃଦ୍ଧି ପାଇ ପ୍ରାୟ ୧.୬୩ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି । ସରକାରୀ ତଥ୍ୟ ଅନୁସାରେ ମୋଟ୍ ଜିଏସଟି ରାଜସ୍ୱ ମଧ୍ୟରେ ଘରୋଇ ରାଜସ୍ୱ ୧୦.୨% ବୃଦ୍ଧି ପାଇ ୧.୪୨ ଲକ୍ଷ କୋଟି ଟଙ୍କା ଏବଂ ଆମଦାନୀରୁ ରାଜସ୍ୱ ୫.୪% ବୃଦ୍ଧି ପାଇ ୪୧ ହଜାର ୭୦୨ କୋଟି ଟଙ୍କାରେ ପହଞ୍ଚିଛି । ୨୦୨୪ ଫେବୃଆରୀରେ ମୋଟ ଜିଏସ୍‌ଟି ରାଜସ୍ୱ ୧.୬୮ ଲକ୍ଷ କୋଟି ଥିଲା । ଚଳିତ ବର୍ଷ ଜାନୁଆରୀରେ ଜିଏସ୍‌ଟି ଆଦାୟ ୧.୯୬ ଲକ୍ଷ କୋଟି ଟଙ୍କା ଥିବା ବେଳେ ବାର୍ଷିକ ୧୨.୩% ବୃଦ୍ଧି ଘଟିଛି ।

### ଟ୍ରମ୍ପ୍‌ଙ୍କ ସହ ଉତ୍ତେଜନାପୂର୍ଣ୍ଣ ସାକ୍ଷାତକାର ପରେ ଜେଲେନ୍‌ସ୍କିଙ୍କ ପ୍ରତିକ୍ରିୟା

# ୟୁକ୍ରେନ୍ ନ୍ୟାୟପୂର୍ଣ୍ଣ ଏବଂ ସ୍ଥାୟୀ ଶାନ୍ତି ଚାହୁଁଛି

**କିଭ୍,୧।୩/ଏଜେନ୍ସି:** ଓଭାଲ ଅଫିସରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ୟୁକ୍ରେନର ରାଷ୍ଟ୍ରପତି ଭୋଲୋଦିମିର ଜେଲେନସ୍କିଙ୍କ ମଧ୍ୟରେ ହୋଇଥିବା ସାକ୍ଷାତକାର ଏତେ ମାତ୍ରାରେ ଉତ୍ତେଜନାପୂର୍ଣ୍ଣ ତଥା ଯୁକ୍ତିତର୍କ ବିଶିଷ୍ଟ ହୋଇପଡିବ କେହି କଳ୍ପନା ମଧ୍ୟ କରିନଥିଲେ । କିନ୍ତୁ ଏପରି କିଛି ଘଟିଛି । ଟ୍ରମ୍ପ୍‌ଙ୍କ ପ୍ରସ୍ତାବକୁ ଜେଲେନ୍‌ସ୍କି ଅଗ୍ରାହ୍ୟ କରିବା ପରେ ଟ୍ରମ୍ପ୍ କ୍ଷୁବ୍ଧ ହୋଇପଡିଥିଲେ । ଟ୍ରମ୍ପ୍ ଜେଲେନସ୍କିଙ୍କୁ କଡ଼ା ସମାଲୋଚନା କରି କହିଥିଲେ ଯେ, ସେ ଲକ୍ଷ ଲକ୍ଷ ଲୋକଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରୁଛନ୍ତି ଏବଂ ତାଙ୍କ କାର୍ଯ୍ୟ ତୃତୀୟ ବିଶ୍ୱଯୁଦ୍ଧର କାରଣ ହୋଇଥାନ୍ତା । ଏହାର ଜବାବରେ ଜେଲେନସ୍କି ଆମେରିକା ସହ ଏକ ଗୁରୁତ୍ୱପୂର୍ଣ୍ଣ ଖଣିଜ ଚୁକ୍ତି ସ୍ୱାକ୍ଷର ନକରି ଚାଲିଯାଇଥିଲେ । ତେବେ ଏସବୁ ମଧ୍ୟରେ ଜେଲେନସ୍କିଙ୍କ ପ୍ରତିକ୍ରିୟା ସାମ୍ନାକୁ ଆସିଛି । ଜେଲେନ୍‌ସ୍କି କହିଛନ୍ତି, ରାଷ୍ଟ୍ରପତି ଟ୍ରମ୍ପଙ୍କ ସମର୍ଥନ ମିଳିବା ନମିଳିବା ୟୁକ୍ରେନ୍ ପାଇଁ ଗୁରୁତ୍ୱପୂର୍ଣ୍ଣ । ଟ୍ରମ୍ପ୍ ହୁଏତ ଯୁଦ୍ଧ ଶେଷ କରିବାକୁ ଚାହୁଁଛନ୍ତି, କିନ୍ତୁ ଯେଉଁ ସର୍ତ୍ତ ଆଧାରରେ ଏସବୁ ହେବ ବୋଲି ସେ କହୁଛନ୍ତି ତାହା ୟୁକ୍ରେନ୍ ପାଇଁ ଗ୍ରହଣୀୟ ନୁହେଁ । ୟୁକ୍ରେନ୍ ଠାରୁ ଅଧିକ କେହି ଶାନ୍ତି ଚାହାଁନ୍ତି ନାହିଁ । ଆମେ କେବଳ ସମସ୍ତଙ୍କ ପାଇଁ ଏକ ନ୍ୟାୟପୂର୍ଣ୍ଣ ଏବଂ ସ୍ଥାୟୀ ଶାନ୍ତି - ସ୍ୱାଧୀନତା, ନ୍ୟାୟ ଏବଂ ମାନବିକ ଅଧିକାର ବିଷୟରେ କହୁଛୁ । କିନ୍ତୁ ପରିସ୍ଥିତି କିଛି ଭିନ୍ନ ରହିଛି । ଏପରି ସ୍ଥିତିରେ ରୁଷ୍ ସହ ୟୁକ୍ରେନ ଅସ୍ତ୍ରବିରତି କରିବ ନାହିଁ । ରୁଷକୁ ନେଇ ୟୁକ୍ରେନର ରଣନୀତିକୁ ବଦଳାଯାଇପାରିବ ନାହିଁ । ରୁଷ୍ ଆମର ଶତ୍ରୁ, ସେମାନେ ଆମକୁ ହତ୍ୟା କରୁଛନ୍ତି ଏବଂ ଏହା ହେଉଛି ବାସ୍ତବତାକୁ ୟୁକ୍ରେନ୍ ସାମ୍ନା କରୁଛି । ୟୁକ୍ରେନ ଶାନ୍ତି ଚାହୁଁଛି, କିନ୍ତୁ ଏହା ନ୍ୟାୟପୂର୍ଣ୍ଣ ଏବଂ ସ୍ଥାୟୀ ହେବା ଆବଶ୍ୟକ । ସେଥିପାଇଁ ଆମକୁ ଆଲୋଚନା ଟେବୁଲରେ ଦୃଢ଼ ହେବାକୁ ପଡ଼ିବ । ଶାନ୍ତି ସେତେବେଳେ ହିଁ ଆସିପାରିବ ଯେତେବେଳେ ୟୁକ୍ରେନ୍ ପାଇଁ ସୁରକ୍ଷା ଗ୍ୟାରେଣ୍ଟି ରହିବ, ଯେତେବେଳେ ଆମ ସେନା ଶକ୍ତିଶାଳୀ ହେବ ଏବଂ ଆମର ସହଯୋଗୀମାନେ ଶକ୍ତିଶାଳୀ ହେବେ ।

# ମଧ୍ୟପ୍ରଦେଶ ଆପ୍ ଅଫିସ୍‌ରେ ଝୁଲିଲା ତାଲା




**୪ ମାସ ହେବ ଭଡ଼ା ଦେଇନି ଦଳ**

**ଭୋପାଳ,୧।୩/ଏଜେନ୍ସି:** ମଧ୍ୟପ୍ରଦେଶ ରାଜଧାନୀ ଭୋପାଳରେ ଥିବା ଆମ୍ ଆଦ୍‌ମୀ ପାର୍ଟି (ଆପ୍)ର ମୁଖ୍ୟ କାର୍ଯ୍ୟାଳୟରେ ତାଲା ପକାଇ ଦିଆଯାଇଛି । ଘରମାଲିକ ବିବେକ ଗଙ୍ଗଲାନି ଏହି ତାଲା ପକାଇଥିବା ବେଳେ ଆପ୍ ବିରୋଧରେ ସଙ୍ଗୀନ୍ ଅଭିଯୋଗ ମଧ୍ୟ ଆଣିଛନ୍ତି । ଗଙ୍ଗଲାନିଙ୍କ କହିବାନୁସାରେ ଭୋପାଳର ସୁଭାଷ ନଗରରେ ଅବସ୍ଥିତ ତାଙ୍କର ଏହି ଘରକୁ ଆପ୍ ପକ୍ଷରୁ କାର୍ଯ୍ୟାଳୟ କରିବା ପାଇଁ ଭଡାସୂତ୍ରରେ ନିଆଯାଇଥିଲା । କିନ୍ତୁ ଦଳ ପକ୍ଷରୁ ଗତ ୪ ମାସ ଧରି ତାଙ୍କୁ ଘରଭଡା ଅର୍ଥ ଦିଆଯାଇନାହିଁ କିମ୍ବା ବିଜୁଳି ବିଲ୍ ମଧ୍ୟ ପୈଠ କରାଯାଇନାହିଁ । କେବଳ ସେତିକି ନୁହେଁ ଆପ୍‌ର କିଛି ନେତାମାନେ କାର୍ଯ୍ୟାଳୟ ଆସିବା ଆଳରେ ଚଳାଇଥିବା କାର୍ଯ୍ୟକଳାପ ଉପରେ ମଧ୍ୟ ତାଙ୍କର ଆପତ୍ତି ରହିଛି । ଦଳୀୟ କାର୍ଯ୍ୟାଳୟରେ ପ୍ୟାକେଟ୍ ପ୍ୟାକେଟ୍ ମଦ ବୋତଲ ସହ ଅନ୍ୟାନ୍ୟ ନିଶାସାମଗ୍ରୀ ଆଦି ସେ ଦେଖିବାକୁ ପାଇଛନ୍ତି । ଆଖପାଖର ଲୋକମାନେ ମଧ୍ୟ ବରାବର ତାଙ୍କୁ ଏନେଇ ଅଭିଯୋଗ କରିଆସୁଛନ୍ତି । ତେବେ ଏସବୁକୁ ଦେଖି ଯେତେବେଳେ ସେ ଆପ୍ କର୍ମକର୍ତ୍ତାଙ୍କୁ ତାଙ୍କ ଘର ଖାଲି କରିବା ପାଇଁ କହିଲେ ସେତେବେଳେ ଆପ୍‌ର କିଛି ଭଡାଟିଆ ଗୁଣ୍ଡା ତାଙ୍କୁ ଧମକ ମଧ୍ୟ ଦେଇଛନ୍ତି । ଏବେ ସେ ପୁଲିସ୍ ନିକଟରେ ଅଭିଯୋଗ କରିବେ, ଆଇନର ଆଶ୍ରୟ ନେବେ । ଅନ୍ୟପକ୍ଷେ ମଧ୍ୟପ୍ରଦେଶର ସିଙ୍ଗରୌଲିର ମେୟର ରାଣୀ ଅଗ୍ରୱାଲ ଆମ୍ ଆଦମୀ ପାର୍ଟିର ରାଜ୍ୟ ଅଧ୍ୟକ୍ଷା ରହିଛନ୍ତି । ସେ ମେୟର ନିର୍ବାଚନରେ ଆପ୍ ଟିକେଟରେ ବିଜୟୀ ହୋଇଥିଲେ । ତେବେ ଏହି ଘଟଣା ସମ୍ପର୍କରେ ସେ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ,କିଛି ଭୁଲ ବୁଝାମଣା ଯୋଗୁ ଏହା ଘଟୁଛି । ଆସନ୍ତା ୫ ତାରିଖରେ ସେ ସେଠାରେ ଏକ ବୈଠକ କରି ଘଟଣାର ସତ୍ୟାସତ୍ୟ ଜାଣିବାକୁ ଚେଷ୍ଟା କରିବେ । ପ୍ରକାଶ, ଦିଲ୍ଲୀ ବିଧାନସଭା ନିର୍ବାଚନରେ ଆମ୍ ଆଦ୍‌ମୀ ପାର୍ଟିକୁ ଏକ ବଡ଼ ପରାଜୟର ସାମ୍ନା କରିବାକୁ ପଡିଛି । ଏବେ ଏହି ପରାଜୟର ପ୍ରଭାବ ଅନ୍ୟ ରାଜ୍ୟରେ ମଧ୍ୟ ଦେଖିବାକୁ ମିଳୁଛି ।

# ଭାରତୀୟ ରେଳ ସ୍ୱାସ୍ଥ୍ୟ ସେବା ସଂଘର ୪୧ତମ ବାର୍ଷିକ ସମ୍ମିଳନୀ କୋଲକାତାର ଦକ୍ଷିଣପୂର୍ବ ରେଳପଥ କେନ୍ଦ୍ରୀୟ ହସ୍ପିଟାଲ୍‌ରେ ଅନୁଷ୍ଠିତ

**କୋଲକାତା, ୧।୩/ଏଜେନ୍ସି:** ଗତ ୨୭.୦୨.୨୦୨୫ରୁ ୦୧.୦୩.୨୦୨୫ ପର୍ଯ୍ୟନ୍ତ ଭାରତୀୟ ରେଳ ସ୍ୱାସ୍ଥ୍ୟ ସେବା ସଂଘ/ଦକ୍ଷିଣପୂର୍ବ ରେଳପଥର ୪୧ତମ ବାର୍ଷିକ ସମ୍ମିଳନୀ '୬ଷ୍ଠ ରାପିକନ୍ ଏବଂ ୧ମ ରାଲ୍‌ମକନ୍' କୋଲକାତା, ଗାର୍ଡେନ୍ ରିଚ୍ ସ୍ଥିତ ଦକ୍ଷିଣପୂର୍ବ ରେଳପଥର କେନ୍ଦ୍ରୀୟ ହସ୍ପିଟାଲରେ ଅନୁଷ୍ଠିତ ହୋଇଯାଇଛି । ୨୮ତାରିଖରେ ରେଳବାଇ ସ୍ୱାସ୍ଥ୍ୟ ସେବା, ରେଲୱେ ବୋର୍ଡର ମହାନିର୍ଦ୍ଦେଶକ ଡକ୍ଟର ମାନ ସିଂହ ଏହି କାର୍ଯ୍ୟକ୍ରମର ଉଦଘାଟନ କରିଥିଲେ । ଏହି ଅବସରରେ ଦକ୍ଷିଣ ପୂର୍ବ ରେଳବାଇର ମହାପ୍ରବନ୍ଧକ ଅନିଲ କୁମାର ମିଶ୍ର, ଦକ୍ଷିଣ ପୂର୍ବ ରେଳବାଇର ପ୍ରମୁଖ ମୁଖ୍ୟ ଚିକିତ୍ସା ନିର୍ଦ୍ଦେଶକ ଡକ୍ଟର ଅଞ୍ଜନା ମାଲହୋତ୍ରା, ଅନ୍ୟାନ୍ୟ ସମ୍ମାନିତ ଅତିଥି ଏବଂ ଭାରତୀୟ ରେଳବାଇର ବିଭିନ୍ନ ଜୋନ୍‌ର ବିଶିଷ୍ଟ ଡାକ୍ତରମାନେ ଉପସ୍ଥିତ ଥିଲେ ।

ମହାନିର୍ଦ୍ଦେଶକ ଡକ୍ଟର ସିଂହ ନିଜ ଭାଷଣରେ କହିଥିଲେ ଯେ ଏହି ପ୍ରକାରର ସମ୍ମିଳନୀ ଜ୍ଞାନକୁ ବୃଦ୍ଧି ଏବଂ ସମୃଦ୍ଧ କରିଥାଏ ଏବଂ ଜୁନିଅର ଡାକ୍ତରମାନଙ୍କୁ ଦକ୍ଷତା ହାସଲ କରିବାରେ ସାହାଯ୍ୟ କରିଥାଏ । ସେ ଲାଇଭ୍ ଅପରେଟିଭ୍ କର୍ମଶାଳାକୁ ପ୍ରଶଂସା କରିଥିଲେ ଯାହା ଏକ ବଡ଼ ସଫଳତା ଥିଲା । ସେହିପରି ଦକ୍ଷିଣ ପୂର୍ବ ରେଳବାଇର ମହାପ୍ରବନ୍ଧକ ଶ୍ରୀ ମିଶ୍ର ମଧ୍ୟ ଏହି ସମ୍ମିଳନୀ ଆୟୋଜନ ପାଇଁ ଆସୋସିଏସନ୍‌କୁ ଅଭିନନ୍ଦନ ଜଣାଇଥିଲେ । ସେ କହିଥିଲେ ଯେ ଏହି ସମ୍ମିଳନୀ ନିଃସନ୍ଦେହରେ ଡାକ୍ତରମାନଙ୍କ ବୃତ୍ତିଗତ ଅଭିବୃଦ୍ଧିରେ ଯୋଗଦାନ ଦେବ । ସମଗ୍ର ଭାରତରୁ ସମ୍ମାନିତ ବକ୍ତାମାନେ ସମ୍ମିଳନୀରେ ସେମାନଙ୍କର ମୂଲ୍ୟବାନ ଚିନ୍ତାଧାରା ବାଣ୍ଟିଥିଲେ । ୨୭ ଫେବୃଆରୀ, ୨୦୨୫ରେ ଲାଇଭ୍ ଇଏନ୍‌ଟି ସର୍ଜରୀ ଉପରେ ଏକ କର୍ମଶାଳା ମଧ୍ୟ ଅନୁଷ୍ଠିତ ହୋଇଥିଲା । ୨୮ ଫେବୃଆରୀ, ୨୦୨୫ ରେ ଇଏନ୍‌ଟି ସେମିନାରରେ, ପ୍ରଖ୍ୟାତ ଇଏନ୍‌ଟି ଏବଂ ହେଡ୍ ଆଣ୍ଡ୍ ନେକ୍ (ମୁଣ୍ଡ ଓ ବେକ) ସର୍ଜନମାନେ ସେମାନଙ୍କର ମୂଲ୍ୟବାନ ଜ୍ଞାନ ଏବଂ ଅଭିଜ୍ଞତା ବାଣ୍ଟିଥିଲେ । ୧ ମାର୍ଚ୍ଚ, ୨୦୨୫ରେ, ଦେଶର ବିଭିନ୍ନ ସ୍ଥାନରୁ ପ୍ରଖ୍ୟାତ ରୋଗ ବିଶେଷଜ୍ଞଙ୍କ ଆଲୋଚନା ସହିତ ଏକ ପାଥୋଲୋଜି ସେମିନାର ଅନୁଷ୍ଠିତ ହୋଇଥିଲା ।



ଉଦ୍‌ଘାଟନୀ ସମାରୋହରେ ସମ୍ମାନିତ ବ୍ୟକ୍ତିମାନଙ୍କ ଦ୍ୱାରା 'ପେଣ୍ଟାକନ୍ ମେମୋରିଜ୍' ଉପରେ ଏକ ସ୍ମାରକୀ ମଧ୍ୟ ଉନ୍ମୋଚିତ ହୋଇଥିଲା । ଏହାକୁ ଡ. ମାନ୍ ସିଂହ ଉନ୍ମୋଚନ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଜୋନ୍‌ର ରେଳବାଇର ପ୍ରତିନିଧି ଏବଂ ପଶ୍ଚିମବଙ୍ଗ ଚାପ୍ଟରର ଇଏନ୍‌ଟି ଏବଂ ପାଥୋଲୋଜି ସଂଘର ପ୍ରତିନିଧିମାନେ ଯୋଗଦେଇଥିଲେ ।

# ଛତିଶଗଡ଼ରେ ଏନ୍‌କାଉଣ୍ଟର୍, ୨ ମାଓବାଦୀ ନିହତ



**ସୁକମା,୧।୩/ଏଜେନ୍ସି:** ଛତିଶଗଡ଼ର ସୁକମା ଜିଲ୍ଲାରେ ଆଜି ସୁରକ୍ଷାବାହିନୀ ସହ ଏନ୍‌କାଉଣ୍ଟରରେ ୨ଜଣ ମାଓବାଦୀ ନିହତ ହୋଇଛନ୍ତି । କିସ୍ତାରାମ ଅଞ୍ଚଳରେ ମାଓବାଦୀଙ୍କ ଉପସ୍ଥିତି ନେଇ ଗୁଇନ୍ଦା ସୂଚନା ମିଳିବା ପରେ ଡିଆରଜି ଓ ସିଆରପିଏଫ୍‌ର ଏକ ମିଳିତ ଟିମ୍ ସେହି ଅଞ୍ଚଳରେ ଛାନ୍‌ବିନ୍ ଆରମ୍ଭ କରିଥିଲେ । ଏହି ସମୟରେ ଲୁଚିରହିଥିବା ମାଓବାଦୀଙ୍କୁ ବାରମ୍ବାର ଆତ୍ମସମର୍ପଣ କରିବାକୁ କୁହାଯାଇଥିଲେ ମଧ୍ୟ ସେମାନେ ଆତ୍ମସମର୍ପଣ କରିନଥିଲେ । ଓଲଟା ସୁରକ୍ଷା ଯବାନ୍‌ଙ୍କ ଉପରକୁ ଆଖିବୁଜା ଗୁଳିମାଡ଼ କରିବା ଆରମ୍ଭ କରିଦେଇଥିଲେ । ସୁରକ୍ଷାବାହିନୀ ମଧ୍ୟ ସେମାନଙ୍କ ଗୁଳିମାଡ଼ର ଜବାବ ଦୃଢ଼ତାର ସହ ଦେଇଥିଲେ । ତେବେ ରିପୋର୍ଟ ଲେଖାହେବା ବେଳକୁ ଏହି ଅଞ୍ଚଳରେ ଗୁଳିବିନିମୟ ଶେଷ ହୋଇଥିବା ଏବଂ ଏହି ଘଟଣାରେ ୨ ମାଓବାଦୀ ନିହତ ହୋଇଥିବା ସୂଚନା ମିଳିଛି । ସୁରକ୍ଷାବାହିନୀ ନିହତ ୨ମାଓବାଦୀଙ୍କ ମୃତଦେହ ଉଦ୍ଧାର କରିଛି । ତେବେ ଏହି ଅଞ୍ଚଳରେ ଆଉ କିଛି ମାଓବାଦୀ ଲୁଚିରହିଥିବା ସନ୍ଦେହରେ ସର୍ଚ୍ଚ ଅପରେସନ୍ ଜାରି ରହିବ ବୋଲି ସୁରକ୍ଷାବାହିନୀ ପକ୍ଷରୁ କୁହାଯାଇଛି ।

## କିଟ୍‌ରେ ରାଷ୍ଟ୍ରୀୟ ବିଜ୍ଞାନ ଦିବସ



**ଭୁବନେଶ୍ୱର,୧।୩/ଏନ୍‌ଏନ୍‌ଏସ୍:** କିଟ୍ ବିଶ୍ୱବିଦ୍ୟାଳୟରେ ଶୁକ୍ରବାର ରାଷ୍ଟ୍ରୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ନରୱେର ପୂର୍ବତନ ମନ୍ତ୍ରୀ ତଥା କୁଟନୀତିଜ୍ଞ ଏରିକ୍ ସୋଲେମ୍ ଓ ଖ୍ୟାତି ସମ୍ପନ୍ନ ଜ୍ୟୋତିର୍ବିଜ୍ଞାନୀ ଡ. ଅଶ୍ୱିନ ଶେଖର ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଏରିକ ସୋଲେମ୍ ତାଙ୍କ ଅଭିଭାଷଣରେ କିଟ୍ ଓ କିସ୍ କାର୍ଯ୍ୟର ଭୂୟସୀ ପ୍ରଶଂସା କରିଥିଲେ। କିଟ୍ ଓ କିସ୍ ଭଳି ଅନୁଷ୍ଠାନ ସାମାଜିକ ପରିବର୍ତ୍ତନରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିବା ସେ କହିଥିଲେ। ଏହାଛଡ଼ା ଯେତେବଡ଼ ଉଚ୍ଚ ସ୍ଥାନରେ ପହଞ୍ଚିଲେବି ସବୁବେଳେ ନମ୍ର ହେବା ନିମନ୍ତେ ଚେଷ୍ଟା କରିବାକୁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ଗ୍ରାମୀଣ ଓ ଜନଜାତି ସମ୍ପ୍ରଦାୟଙ୍କ ସଶକ୍ତିକରଣରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ପ୍ରୟାସକୁ ପ୍ରଶଂସା କରି ଡ. ଶେଖର କହିଥିଲେ ଶ୍ରୀ ସାମନ୍ତଙ୍କ ଏହି ପ୍ରୟାସ ଅତି ଉଚ୍ଚରେ ରହିଛି । ଏହି ଅବସରରେ ସେ କିସ୍‌କୁ ଏକ ଟେଲିସ୍କୋପ ଦାନ କରି କହିଥିଲେ ଯେ ଆଜି ଭଳି ଦିନରେ ଏହି ଟେଲିସ୍କୋପ୍ ପାଇବା ପାଇଁ କିସ୍ ହେଉଛି ଯୋଗ୍ୟତମ ଅନୁଷ୍ଠାନ। କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ ଭାରତର ବୈଜ୍ଞାନିକ ପ୍ରଗତିର ସମୃଦ୍ଧ ଇତିହାସ ଉପରେ ଆଲୋକପାତ କରିଥିଲେ। ବିଜ୍ଞାନକୁ ଛାତ୍ରଛାତ୍ରୀଙ୍କ ପାଇଁ ଆକର୍ଷଣୀୟ ଏବଂ ଉପଭୋଗ୍ୟ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ ।

### ସୂର୍ଯ୍ୟମନ୍ଦିରରେ ବ୍ୟବସାୟୀ ଭିତ୍ତିକ ଫଟୋ ଉଠାଇବା ପ୍ରସଙ୍ଗ

## ଫଟୋଗ୍ରାଫର୍‌ଙ୍କୁ ଅନୁମତି ଦେବାକୁ ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ

**କୋଣାର୍କ,୧।୩/ଏନ୍‌ଏନ୍‌ଏସ୍:** ବିଶ୍ୱଐତିହ୍ୟ କୋଣାର୍କ ସୂର୍ଯ୍ୟମନ୍ଦିରରେ ବ୍ୟବସାୟୀ ଭିତ୍ତିକ ଫଟୋ ଉଠାଇବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ଫଟୋଗ୍ରାଫରମାନଙ୍କୁ ସମ୍ପୂର୍ଣ୍ଣ ବାରଣ କରାଯାଇ ସୂର୍ଯ୍ୟମନ୍ଦିରରେ ପ୍ରବେଶ ନକରିବାକୁ କଟକଣା ଲଗାଯାଇଥିଲା। ଫଳରେ ଦୀର୍ଘ ବର୍ଷ ଧରି ସୂର୍ଯ୍ୟ ମନ୍ଦିର ମଧ୍ୟରେ ଫଟୋ ଉଠାଇ ନିଜ ପରିବାର ପ୍ରତିପୋଷଣ କରୁଥିବା ଫଟୋଗ୍ରାଫର ନିଜର ଜୀବିକା ପାଇଁ ହାଇକୋର୍ଟଙ୍କ ରାୟ ବିରୋଧରେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସୁପ୍ରିମକୋର୍ଟର ନ୍ୟାୟମୂର୍ତ୍ତି ସୁଧାଂଶୁ ଧୁଳିଆ ଏବଂ ନ୍ୟାୟମୂର୍ତ୍ତି କେ. ବିନୋଦ୍ ଚନ୍ଦ୍ରନ୍ ମାମଲାର ବିଚାର କରି ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ଆବେଦନକାରୀମାନେ ମନ୍ଦିର ପରିସରକୁ ପ୍ରବେଶ କରି ବ୍ୟବସାୟୀ ଭିତ୍ତିକ ଫଟୋ ଉଠାଇପାରିବେ ବୋଲି ରାୟ ଦେଇଛନ୍ତି। ତାସହିତ ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ପ୍ରମାଣପତ୍ର ପାଇଥିବା ଫଟୋଗ୍ରାଫରମାନେ ପୂର୍ବପରି ସୂର୍ଯ୍ୟମନ୍ଦିରକୁ ପ୍ରବେଶ କରି ବ୍ୟବସାୟିକ ଫଟୋଗ୍ରାଫ କରିବା ପାଇଁ ଶୁଣାଣି କରି ନିର୍ଦ୍ଦେଶ ଦେଇଥିବା ଜଣା ପଡ଼ିଛି । ଏହି ରାୟକୁ କାର୍ଯ୍ୟକାରୀ କରିବାକୁ ପୁରୀ ଜିଲ୍ଲା ପ୍ରଶାସନ ଓ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଯାହାକୁ ନେଇ ଦୀର୍ଘ ଦିନ ଧରି ଲଢ଼େଇ ଜାରି ରଖିଥିବା ଶତାଧିକ ଫଟୋଗ୍ରାଫରଙ୍କ ମଧ୍ୟରେ ଖୁସିର ଲହର ଖେଳିଯାଇଛି ।



**ପୂର୍ବରୁ ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଲାଗିଥିଲା କଟକଣା**

ସୂଚନା ଥାଉକି କୋଣାର୍କ ସୂର୍ଯ୍ୟମନ୍ଦିର ପରିସରରେ ପର୍ଯ୍ୟଟକଙ୍କ ଫଟୋ ଉଠାଇ ଶହ ଶହ ଫଟୋଗ୍ରାଫର ନିଜର ଗୁଜୁରାଣ ମେଣ୍ଟାଉଥିଲେ । ମାତ୍ର ସେମାନଙ୍କ ମଧ୍ୟରୁ ମାତ୍ର ୧୦ଜଣଙ୍କୁ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା ମନ୍ଦିରରେ ପ୍ରବେଶ ଅନୁମତି ପ୍ରଦାନ କରିଥିଲା। ଫଳରେ ବାଦ ପଡ଼ିଥିବା ଶତାଧିକ ଫଟୋଗ୍ରାଫର ମାନ୍ୟବର ଉଚ୍ଚନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ମାମଲାର ବିଚାର କରି ୧୦ ଜଣ ସୀକୃତିପ୍ରାପ୍ତ ଫଟୋ ଗ୍ରାଫରଙ୍କୁ ଛାଡ଼ି ଅନ୍ୟମାନଙ୍କୁ ପ୍ରବେଶ ନିଷେଧ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଉଚ୍ଚ ନ୍ୟାୟାଳୟରୁ ନିରାଶ ହେବା ପରେ ଶତାଧିକ ଫଟୋଗ୍ରାଫର ସୁପ୍ରିମକୋର୍ଟ ଯାଇଥିଲେ। ସୁପ୍ରିମକୋର୍ଟଙ୍କ ଆଦେଶ ଅନୁସାରେ ଆବେଦନକାରୀମାନେ ଏ.ଏସ୍.ଆଇ. ଏବଂ ଜିଲ୍ଲା ପ୍ରଶାସନର ନିୟମ ଅନୁଯାୟୀ ମନ୍ଦିରକୁ ପ୍ରବେଶ କରିପାରିବେ। ପୂର୍ବରୁ ପର୍ଯ୍ୟଟନ ବିଭାଗ ଦ୍ୱାରା ପ୍ରଦାନ କରାଯାଇଥିବା ପରିଚୟ ପତ୍ର ଆଗାମୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ଜାରି ରହିବ ବୋଲି ସୁପ୍ରିମକୋର୍ଟ ରାୟ ଦେଇଛନ୍ତି।

### ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଲା ଓଡ଼ିଶା ଅଭିଭାବକ ମହାସଂଘ

## ପାରଦର୍ଶୀ ପୋର୍ଟାଲ୍‌ରେ ଆବେଦନ ପ୍ରକ୍ରିୟା ତୁରନ୍ତ ଆରମ୍ଭ କରାଯାଉ

**ଭୁବନେଶ୍ୱର,୧।୩/ଏନ୍‌ଏନ୍‌ଏସ୍:** ଗରିବ ପିଲାମାନଙ୍କ ପାଇଁ ପ୍ରାଇଭେଟ ସ୍କୁଲରେ ମାଗଣା ଆଡ଼ମିସନ ନିମନ୍ତେ ପାରଦର୍ଶୀ ପୋର୍ଟାଲରେ ଆବେଦନ ପ୍ରକ୍ରିୟାକୁ ଗଣଶିକ୍ଷା ବିଭାଗ ପକ୍ଷରୁ ଘୁଞ୍ଚାଇ ଦିଆଯାଇଥିବାବେଳେ ଏହାକୁ ବିରୋଧ କରି ଓଡ଼ିଶା ଅଭିଭାବକ ସଂଘ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି। ତୁରନ୍ତ ତାରିଖ ପରିବର୍ତ୍ତନ ନିଷ୍ପତ୍ତି ପ୍ରତ୍ୟାହାର କରି ପୋର୍ଟାଲରେ ପିଲାଙ୍କ ଆବେଦନ ପ୍ରକ୍ରିୟା ତୁରନ୍ତ ଆରମ୍ଭ କରିବାକୁ ମହାସଂଘର କାର୍ଯ୍ୟକାରୀ ସଭାପତି ପ୍ରସନ୍ନ ବିଷୋୟୀ ଦାବି କରିଛନ୍ତି। ଜଣାଇଛନ୍ତି।

ପ୍ରକାଶ ଯେ ଶିକ୍ଷା ଅଧିକାର ଆଇନ ଧାରା-୧୨(ଏ)ରେ ଆର୍ଥିକ ଦୁର୍ବଳ ଶ୍ରେଣୀର ପିଲାମାନେ ପ୍ରାଇଭେଟ ସ୍କୁଲରେ ମାଗଣାରେ ପାଠ ପଢ଼ିବାକୁ ପାରଦର୍ଶୀ ପୋର୍ଟାଲ ମାଧ୍ୟମରେ ଆବେଦନ ପାଇଁ ରାଜ୍ୟ ସରକାରଙ୍କ ବ୍ୟବସ୍ଥା ରହିଛି। ପୂର୍ବ ନିର୍ଦ୍ଦେଶନାମା ଅନୁଯାୟୀ ଏଥିରେ ଜାନୁଆରୀ ୨୨ରୁ ଫେବୃଆରୀ ୨୮ ପର୍ଯ୍ୟନ୍ତ ସ୍କୁଲମାନଙ୍କ ପଞ୍ଜିକରଣ କାଗଜ ପତ୍ର ଯାଞ୍ଚ ସହ ସ୍ଥିରୀକରଣ ଥିଲା। ମାର୍ଚ୍ଚ ୧ ତାରିଖରୁ ପିଲାମାନଙ୍କ ପ୍ରଥମ ପର୍ଯ୍ୟାୟ ଆବେଦନ ସହ କାଗଜ ପତ୍ର ଯାଞ୍ଚ ଓ ଲଟେରୀ ଉଠାଣ ପରେ ମାର୍ଚ୍ଚ ୨୯ ରୁ ଏପ୍ରିଲ ୧୦ ମଧ୍ୟରେ ନାମଲେଖା ହୋଇଥାନ୍ତା। ପରବର୍ତ୍ତୀ ପର୍ଯ୍ୟାୟରେ ଆବେଦନ ସହ ପିଲାମାନେ ମେ ୧ ତାରିଖ ସୁଦ୍ଧା ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ଓ ମେ ୧୫ ସୁଦ୍ଧା ଶେଷ ପର୍ଯ୍ୟାୟ ନାମଲେଖା ପ୍ରକ୍ରିୟା ବ୍ୟବସ୍ଥା ଥିଲା। ଶିକ୍ଷା ବିଭାଗର ଶିକ୍ଷା ବର୍ଷ ଏପ୍ରିଲ ୧ରୁ ଆରମ୍ଭ ହୋଇ ଯାଉଛି। ଏହି ପିଲାମାନେ ଟିକେ ଡେରିରେ ହେଲେ ବି ଏହି ଶିକ୍ଷା ବର୍ଷ ଆରମ୍ଭରୁ ଗ୍ରୀଷ୍ମ ଛୁଟି ଭିତରେ ପାଠ ପଢ଼ିଥାନ୍ତେ। ଏହି ବ୍ୟବସ୍ଥା ଉପରେ ମଧ୍ୟ ଓଡ଼ିଶା ଅଭିଭାବକ ମହାସଂଘ ପୂର୍ବରୁ ପ୍ରଶ୍ନ କରିଛି। ହେଲେ ବର୍ତ୍ତମାନ ଗଣଶିକ୍ଷା ବିଭାଗ ଏହି ପୋର୍ଟାଲରେ ପିଲାମାନଙ୍କ ଆବେଦନ ପ୍ରକ୍ରିୟା ଏକ ମାସରୁ ଅଧିକ ସମୟ ଘୁଞ୍ଚାଇ ଦେଇଛନ୍ତି। ନୂତନ ପ୍ରକ୍ରିୟାରେ ପିଲାମାନେ ଆଡ଼ମିସନ ସାରିବାକୁ ଜୁନ ଶେଷ ହୋଇଯିବ। ଏପରି ହେଲେ ପିଲାମାନେ ପାଠ ପଢ଼ିପାରିବେନି। ସେମାନଙ୍କ ତିନି ମାସ ସମୟ ବାରବାଦ ହେବ। ପ୍ରାଇଭେଟ ସ୍କୁଲମାନଙ୍କୁ ସୁବିଧା ଦେବା ଉଦ୍ଦେଶରେ ଏହି ପ୍ରକ୍ରିୟାରେ ବିଳମ୍ବ ଜାଣିଶୁଣି କରାଯାଇଛି ବୋଲି ଓଡ଼ିଶା ଅଭିଭାବକ ମହାସଂଘ ଅଭିଯୋଗ ଆଣି ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିବା ସହ ତୁରନ୍ତ ଏଥିରେ ହସ୍ତକ୍ଷେପ ସହ କାର୍ଯ୍ୟାନୁଷ୍ଠାନ ଦାବି କରିଛି। ପ୍ରକ୍ରିୟା ଯେତିକି ବିଳମ୍ବ ହେବ ପ୍ରାଇଭେଟ ସ୍କୁଲମାନେ ତାର ସୁଯୋଗ ନେଇ ପିଲାଙ୍କୁ ଆଡ଼ମିସନ କରାଇନେବେ। ତେଣୁ ବିଭାଗୀୟ ଅଧିକାରୀଙ୍କ ଜରିଆରେ ନିଜର ସ୍ୱାର୍ଥ ସାଧନ ସହ ବ୍ୟବସ୍ଥାକୁ ସୁହାଇଲା ଭଳି ଯୋଜନା ପ୍ରସ୍ତୁତ କରିଛନ୍ତି ବୋଲି ମହାସଂଘ ସଭାପତି ବାସୁଦେବ ଭଟ୍ଟ କହିଛନ୍ତି। ଯୋଜନାର ଶତ ପ୍ରତିଶତ ସଫଳତା ପାଇଁ ଏକ କମିଟି ଗଠନ କରି ଓଡିଶା ଅଭିଭାବକ ମହାସଂଘର ପ୍ରତିନିଧିଙ୍କୁ ସେଥିରେ ସାମିଲ କରିବାକୁ ମହାସଚିବ ଅଶୋକ ପାଇକରାୟ ଓ ଆବାହକ କଳ୍ପନା ସାହୁ ଦାବି କରିଛନ୍ତି।

### ଏକୀକୃତ ପେନ୍‌ସନ ଯୋଜନା ଲାଗୁନେଇ ଏକମାସର ଅବଧି

## ଅର୍ଥ ବିଭାଗ ପକ୍ଷରୁ ପ୍ରସ୍ତୁତି ଜୋର୍‌ଦାର

**ଭୁବନେଶ୍ୱର,୧।୩/ଏନ୍‌ଏନ୍‌ଏସ୍:** ଏକୀକୃତ ପେନ୍‌ସନ ଯୋଜନାକୁ ଆଗାମୀ ଏପ୍ରିଲ ପହିଲାରୁ ଓଡ଼ିଶାରେ ଲାଗୁ ହେବ ବୋଲି ରାଜ୍ୟ ସରକାର ଗତ ଫେବ୍ରୁଆରୀ ୮ କ୍ୟାବିନେଟ୍ ବୈଠକରେ ନିଷ୍ପତ୍ତି ନେଇଥିଲେ। ସେଥିପାଇଁ ଅର୍ଥ ବିଭାଗ ପକ୍ଷରୁ ପ୍ରସ୍ତୁତି ଜୋର୍‌ଦାର୍ ଆରମ୍ଭ ହୋଇଛି। ଧାର୍ଯ୍ୟ ସମୟ ମଧ୍ୟରେ ଆନୁସଙ୍ଗିକ କାଗଜପତ୍ର କାର୍ଯ୍ୟ ଶେଷ କରିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ଓଡ଼ିଶା ଦିବସରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଏହି ନୂଆ ଯୋଜନାକୁ ସାର୍ବଜନୀନ କରିବେ। ଫଳରେ ରାଜ୍ୟର ଲକ୍ଷାଧିକ ସରକାରୀ କର୍ମଚାରୀ ଉପକୃତ ହେବେ। କେନ୍ଦ୍ର ସରକାରଙ୍କ କର୍ମଚାରୀଙ୍କ ଭଳି ରାଜ୍ୟ କର୍ମଚାରୀମାନେ 'ଏନ୍‌ପିଏସ୍' ବଦଳରେ 'ୟୁପିଏସ୍' ଅର୍ଥାତ୍ ଏକୀକୃତ ପେନସନ୍ ଯୋଜନାର ସୁବିଧା ପାଇବେ। ଏନ୍‌ପିଏସ୍ ଅଧୀନରେ ଥିବା କର୍ମଚାରୀମାନେ ୟୁପିଏସ୍ ଚୟନ କରିବାକୁ କିମ୍ବା ଏନପିଏସ୍ ସହିତ ଜାରି ରହିବା ପାଇଁ ବିକଳ୍ପ ଭାବେ ବାଛିପାରିବେ। ଏନ୍‌ପିଏସ୍ ଅଧୀନରେ ଥିବା କର୍ମଚାରୀମାନେ ୟୁପିଏସ୍ ଚୟନ କରିବାକୁ କିମ୍ବା ଏନ୍‌ପିଏସ୍ ସହିତ ଜାରି ରହିବା ପାଇଁ ବିକଳ୍ପ ବାଛିପାରିବେ। ୨୫ବର୍ଷର ସର୍ବନିମ୍ନ ଯୋଗ୍ୟତା ଅର୍ଜନକାରୀ ସେବା ଅବଧି ପାଇଁ ଅବସର ପୂର୍ବରୁ ୧୨ ମାସରେ ମିଳିଥିବା ହାରାହାରି ମୂଳ ଦରମାର ୫୦% ହାରରେ ପେନସନ୍ ମିଳିବ। ସର୍ବନିମ୍ନ ୧୦ବର୍ଷର ଚାକିରି ଅବଧିଠାରୁ ଆରମ୍ଭ କରି ୨୫ ବର୍ଷ ପର୍ଯ୍ୟନ୍ତ ଚାକିରି ଅବଧି କ୍ଷେତ୍ରରେ ପେନସନ ଆନୁପାତିକ ଭାବେ ମିଳିବ। ସେହିପରି ମୃତ୍ୟୁ ପୂର୍ବରୁ କର୍ମଚାରୀ ପାଉଥିବା ପେନ୍‌ସନର ୬୦% ହାରରେ ପାରିବାରିକ ପେନସନ୍ ମିଳିବ। ସର୍ବନିମ୍ନ ୧୦ ବର୍ଷ ଚାକିରି ଅବଧି ସାରି ଅବସର ନେବା ପରେ ମାସିକ ୧୦ହଜାର ଟଙ୍କା ପେନସନ୍ ମିଳିବ। ସେବା କର୍ମଚାରୀଙ୍କ କ୍ଷେତ୍ରରେ ଶିଳ୍ପ ଶ୍ରମିକଙ୍କ ପାଇଁ ସର୍ବଭାରତୀୟ ଉପଭୋକ୍ତା ମୂଲ୍ୟ ସୂଚକାଙ୍କ ଆଧାରରେ ମହଙ୍ଗା ସହାୟତା ମିଳିବ। ଅବସର ପରେ ଗ୍ରାଚ୍ୟୁଇଟି ବ୍ୟତୀତ ଏକକାଳୀନ ରାଶି ଭାବେ ପ୍ରତ୍ୟେକ ସମ୍ପୂର୍ଣ୍ଣ ୬ମାସ ପାଇଁ ଅବସର ତାରିଖରେ ମିଳୁଥିବା ମାସିକ ପାରିଶ୍ରମିକର ଏକ ଦଶମାଂଶ ଏକକାଳୀନ ରାଶି ମିଳିବ।

**ଆନୁସଙ୍ଗିକ କାଗଜପତ୍ର କାର୍ଯ୍ୟ ଶେଷ କରିବାକୁ ନିର୍ଦ୍ଦେଶ**

## ୧୦୮କେଜି ଗଞ୍ଜେଇ ଜବତ

**କନ୍ଧମାଳ,୧।୩/ଏନ୍‌ଏନ୍‌ଏସ୍:** କନ୍ଧମାଳ ଜିଲ୍ଲା ଗୋଛାପଡ଼ା ପୁଲିସ ବାଲନ୍ଦାପଡା ପଞ୍ଚାୟତ ଅଧୀନରେ ଥିବା କେନ୍ଦୁଗୁଡା ଗାଁ ନିକଟସ୍ଥ ଜଙ୍ଗଲରେ ଚଢ଼ଉ କରି ୧୦୮ କେଜି ଗଞ୍ଜେଇ ଜବତ କରିଛି। ତେବେ ପୁଲିସ ଆସିବାର ଆଗୁଆ ସୂଚନା ପାଇ ମାଫିଆମାନେ ଫେରାର ହୋଇଯାଇଥିବା ପୁଲିସ ତରଫରୁ ସୂଚନା ମିଳିଛି। କେନ୍ଦୁଗୁଡା ଜଙ୍ଗଲରେ କିଛି ଗଞ୍ଜେଇ ମାଫିଆ ଏକ ଝାଟିମାଟି କୁଡିଆ କରି ଚାଲାଣ ପାଇଁ ବିପୁଳ ପରିମାଣରେ ଗଞ୍ଜେଇ ଗଚ୍ଛିତ ରଖିଥିବା ଏକ ବିଶେଷ ସୂତ୍ରରୁ ଖବର ପାଇବା ମାତ୍ରେ ଗୋଛାପଡ଼ା ଥାନା ଅଧିକାରୀ ଚିରଞ୍ଜୀବ ବେହେରାଙ୍କ ନେତୃତ୍ୱ ରେ ଏକ ଟିମ ଉକ୍ତ ଜଙ୍ଗଲରେ ଚଢ଼ଉ କରିଥିଲେ। ଜବତ ଗଞ୍ଜେଇକୁ ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ଅତିରିକ୍ତ ତହସିଲଦାର ପୃଥ୍ୱୀରାଜ ମହାନନ୍ଦିଆଙ୍କ ଉପସ୍ଥିତିରେ ଓଜନ କରାଯାଇଥିଲା। ଏହି ଘଟଣାରେ କେସ ନଂ ୬୩/୨୦୨୫ରେ ଏକ ମାମଲା ରୁଜୁ କରାଯାଇଥିବାବେଳେ ଗଞ୍ଜେଇ ମାଫିଆମାନଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ଥାନା ଅଧିକାରୀ ଶ୍ରୀ ବେହେରା ସୂଚନା ଦେଇଛନ୍ତି।

### ଅନ୍ତିମ ପର୍ଯ୍ୟାୟରେ ସୁଭଦ୍ରା ଶକ୍ତି ମେଳା

## ହସ୍ତତନ୍ତ, ହସ୍ତଶିଳ୍ପ ପାଲଟିଛି ଆକର୍ଷଣର କେନ୍ଦ୍ରବିନ୍ଦୁ

**ଭୁବନେଶ୍ୱର,୧।୩/ଏନ୍‌ଏନ୍‌ଏସ୍:** ସୁଭଦ୍ରା ଶକ୍ତି ମେଳା-୨୦୨୫ ତା'ର ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଥିଲେ ମଧ୍ୟ ଭୁବନେଶ୍ୱରର ଜନତା ମଇଦାନରେ ଉତ୍ସାହ ଏବଂ ଉର୍ଜା ବୃଦ୍ଧି ପାଇ ଚାଲିଛି। ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଦର୍ଶକଙ୍କ ସହିତ ସ୍ଥାନୀୟ ବାସିନ୍ଦା ମଧ୍ୟ ମା' ମାନଙ୍କ ହାତ ତିଆରି ହସ୍ତତନ୍ତ, ହସ୍ତଶିଳ୍ପ, ଜୈବିକ ଉତ୍ପାଦ ପର୍ଯ୍ୟନ୍ତ ବ୍ୟାପକ ଉତ୍ପାଦ ବୁଲି ଦେଖିବାର ସୁଯୋଗ ପାଉଛନ୍ତି। ବିଶେଷ କରି ଫୁଡ୍ କୋର୍ଟ ଦର୍ଶକମାନଙ୍କର ପ୍ରିୟ ସ୍ଥାନ ହୋଇ ରହିଛି, ଯେଉଁଠି ମିଲେଟ୍-ଆଧାରିତ ଖାଦ୍ୟ ଏବଂ ଓଡ଼ିଶାର ପାରମ୍ପରିକ ବ୍ୟଞ୍ଜନର ସ୍ୱାଦ ନେବାକୁ ଇଚ୍ଛୁକ ଦର୍ଶକମାନେ ଆକର୍ଷିତ ହେଉଛନ୍ତି। ଅଷ୍ଟମ ଦିନର ଏକ ବିଶେଷ ଝଲକ ଥିଲା ହସ୍ତତନ୍ତ ପ୍ରଦର୍ଶନୀ, ଯାହା ଓଡ଼ିଶାର ସମୃଦ୍ଧ ବସ୍ତ୍ର ପରମ୍ପରାକୁ ପରିବେଷଣ କରିଥିଲା। ସମ୍ବଲପୁରୀ, ଇକ୍କତ, ପାଟ ଶାଢ଼ୀ ଏବଂ ଟସର ରେଶମର ଚମତ୍କାର ପ୍ରଦର୍ଶନ ଷ୍ଟଲଗୁଡ଼ିକୁ ମଣ୍ଡିତ କରିଥିବା ବେଳେ,ସୂକ୍ଷ୍ମ କାରିଗରୀ ଗ୍ରାହକଙ୍କୁ ମୁଗ୍ଧ କରିଥିଲା, ଯାହା ଓଡ଼ିଶାର ଚିରନ୍ତନ ଶିଳ୍ପକଳା ପରିବର୍ତ୍ତନଶୀଳ ପ୍ରବୃତ୍ତି ସହିତ ବିକଶିତ ହେବା ଜାରି ରଖିବିକୁ ପ୍ରମାଣିତ କରିଥିଲା।

ଓଡ଼ିଶା ବିଜେପିର ଉପସଭାପତି ଗୋଲକ ମହାପାତ୍ର ଅଷ୍ଟମ ଦିବସ ସନ୍ଧ୍ୟାରେ ମେଳା ପରିଦର୍ଶନ କରିବା ସହ ଏସ୍‌ଏଚ୍‌ଜି ଉଦ୍ୟୋଗୀମାନଙ୍କ ସହ ବାର୍ତ୍ତାଳାପ କରିଥିଲେ ଏବଂ ଓଡ଼ିଶାର ପାରମ୍ପରିକ ହସ୍ତଶିଳ୍ପର ପ୍ରଚାର ପ୍ରସାରରେ ସେମାନଙ୍କ ପ୍ରୟାସର ପ୍ରଶଂସା କରି ସେମାନଙ୍କ ଉତ୍ସାହ ବୃଦ୍ଧି କରିଥିଲେ। ସନ୍ଧ୍ୟା ହେବା ସହିତ ସାଂସ୍କୃତିକ ମଞ୍ଚ ରଣପା ନୃତ୍ୟର ଏକ ରୋମାଞ୍ଚକର ପରିବେଷଣ ସହିତ ଜୀବନ୍ତ ହୋଇ ଉଠିଥିଲା, ଯାହା ଦର୍ଶକମାନଙ୍କୁ ବିମୋହିତ କରିଥିଲା। ଏହା ପରେ ଦର୍ଶକ ସତ୍ୟଜିତ୍ ପ୍ରଧାନ, ଭାଗ୍ୟଶ୍ରୀ ଏବଂ ସେମାନଙ୍କ ଦଳଙ୍କ ଦ୍ୱାରା ପରିବେଷିତ ହୃଦୟସ୍ପର୍ଶୀ ସଙ୍ଗୀତର ମଜା ଉଠାଇଥିଲେ। ଏହି ଅବିସ୍ମରଣୀୟ ନଅ ଦିନିଆ ଯାତ୍ରାର ଭବ୍ୟ ସମାପ୍ତିରେ ମାତ୍ର ଗୋଟିଏ ଦିନ ବାକି ଥିବାବେଳେ, ସମୁଦାୟ ବିକ୍ରି ପରିମାଣ ୩ କୋଟି ଅତିକ୍ରମ କରିଛି ଏବଂ ଆଜି ପର୍ଯ୍ୟନ୍ତ ମୋଟ ଦର୍ଶକ ସଂଖ୍ୟା ୨.୫ ଲକ୍ଷ ଅତିକ୍ରମ କରିଛି, ଯାହା ସୁଭଦ୍ରା ଶକ୍ତି ମେଳାର ପ୍ରଥମ ସଂସ୍କରଣକୁ ବିଶେଷ ସଫଳତା ଦେଇଛି।

**ବିକ୍ରି ପରିମାଣ ଅତିକ୍ରମ କଲାଣି ୩ କୋଟି**



ଉଦଳାର ପାଟପୁରରେ ଆୟୋଜିତ 'ବିକାଶ ପଥେ ମୟୂରଭଞ୍ଜ' କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ

### ବିଜେଡି ପକ୍ଷରୁ ଜନସମ୍ପର୍କ ପଦଯାତ୍ରା

## 'ଡବଲ୍ ଇଞ୍ଜିନ୍ ଏବେ ଲାଇନ୍‌ଚ୍ୟୁତ'

**ଭୁବନେଶ୍ୱର,୧।୩/ଏନ୍‌ଏନ୍‌ଏସ୍:** ବିଜେଡି ସୁପ୍ରିମୋଙ୍କ ନିର୍ଦ୍ଦେଶ କ୍ରମେ ଦଳ ପକ୍ଷରୁ ବିଭିନ୍ନ ନିର୍ବାଚନ ମଣ୍ଡଳୀରେ ଜନସମ୍ପର୍କ ପଦଯାତ୍ରା ଜାରି ରହିଛି। ଏହି କ୍ରମରେ ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ବିଜେଡି ପକ୍ଷରୁ ଚେରୁପାଲି ପଞ୍ଚାୟତରେ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଛି। ଏହି ଅବସରରେ ବିଜେଡିର ବରିଷ୍ଠ ନେତା ତଥା ସୋନପୁର ବିଧାୟକ ନିରଞ୍ଜନ ପୂଜାରୀ ଗଣମାଧ୍ୟମକୁ କହିଥିଲେ ଯେ ଆଠ ମାସର ବିଜେପି ସରକାର ସବୁଥିରେ ଫେଲ୍ ମାରିଛି। ଡବଲ୍ ଇଞ୍ଜିନ ଏବେ ଲାଇନଚ୍ୟୁତ ହୋଇଛି। ଆମ ସରକାର ଲୋକଙ୍କ ପାଇଁ ଅନେକ କାର୍ଯ୍ୟ କରି ସଫଳ ହୋଇଥିଲା। ବିଶେଷକରି ମୋ ନିର୍ବାଚନ ମଣ୍ଡଳୀରେ ବିଭିନ୍ନ ପଞ୍ଚାୟତରେ ବିଗତ ଦିନମାନଙ୍କରେ ଅନେକ କାମ ହୋଇଛି। ପ୍ରତି ପଞ୍ଚାୟତରେ ଚାଷୀଙ୍କ ପାଇଁ ଲିପ୍ ପଏଣ୍ଟ ଗୁଡ଼ିକ ଯୋଗାଇ ଦେବାର ବ୍ୟବସ୍ଥା ହୋଇଛି। ବାକି ରହିଯାଇଥିବା କାମ ପୂରଣ ହେବ। ଅନ୍ୟପକ୍ଷରେ ରାଜ୍ୟର ସବୁ ଅଞ୍ଚଳରେ ଲୋକେ ସ୍ୱତଃ ବିଜେଡି ଜନସମ୍ପର୍କ ପଦଯାତ୍ରାରେ ସାମିଲ ହେଉଛନ୍ତି ବୋଲି ଶ୍ରୀ ପୂଜାରୀ ପ୍ରକାଶ କରିଛନ୍ତି।

### ମହିଳାଙ୍କ ଉପରେ ଅତ୍ୟାଚାରର ପ୍ରତିବାଦ

## ରାଜ୍ୟ ସରକାରଙ୍କ ବିରୋଧରେ କଂଗ୍ରେସର ବିକ୍ଷୋଭ

**ଭୁବନେଶ୍ୱର,୧।୩/ଏନ୍‌ଏନ୍‌ଏସ୍:** ରାଜ୍ୟରେ ମହିଳା ନିର୍ଯାତନା ବୃଦ୍ଧି ପାଇଥିବା ଅଭିଯୋଗ କରି କଂଗ୍ରେସ ରାଜରାସ୍ତାକୁ ଓହ୍ଲାଇଛି। ରାଜ୍ୟ ସରକାରଙ୍କ ବିରୋଧରେ କଂଗ୍ରେସ ଆଜି ବିଶାଳ ପ୍ରଦର୍ଶନ କରିଛି। ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି (ପିସିସି)ର ସଭାପତି ଭକ୍ତ ଚରଣ ଦାସଙ୍କ ନେତୃତ୍ୱରେ କଂଗ୍ରେସ ରାଜଧାନୀ ଭୁବନେଶ୍ୱରରେ ବିକ୍ଷୋଭ ପ୍ରଦର୍ଶନ ସହ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରାଉ କରିବାକୁ ଉଦ୍ୟମ କରିଛି। ତେବେ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରାଉ ପାଇଁ ଯିବାବେଳେ କଂଗ୍ରେସ କର୍ମୀଙ୍କ ସହିତ ପୁଲିସର ଧସ୍ତାଧସ୍ତି ହୋଇଥିଲା। ତେବେ ଆନ୍ଦୋଳନକାରୀମାନଙ୍କୁ ପୁଲିସ ଗାଡ଼ିରେ ନେଇ ପରେ ଛାଡ଼ି ଦେଇଥିଲେ।

ଏନେଇ ଶ୍ରୀ ଦାସ କହିଛନ୍ତି ଯେ ରାଜ୍ୟରେ ମହିଳାମାନଙ୍କ ସୁରକ୍ଷା ବିପଦଜ୍ଜନକ ସ୍ଥିତିରେ ରହିଛି। ଗୋଟିକ ପରେ ଗୋଟିଏ ମହିଳା ହିଂସା ଡବଲ ଇଞ୍ଜିନ ସରକାରର ମୁଖା ଖୋଲିଦେଇଛି। ବେଟି ବଚାଓ, ବେଟି ପଢ଼ାଓ ସ୍ଲୋଗାନ ଦେଉଥିବା ଡବଲ ଇଞ୍ଜିନ ସରକାରଙ୍କ ୮ ମାସର ଶାସନକାଳ ଲଜ୍ଜାରେ ଭରି ରହିଛି। ଗତ ୮ ମାସ ଭିତରେ ୫୪ଟି ଗଣବଳାତ୍କାର ଘଟଣା ସରକାରଙ୍କ ଆଇନଶୃଙ୍ଖଳାର ବିଫଳତାକୁ ପଦାରେ ପକାଇଛି। ଯେଉଁ ରାଜ୍ୟରେ ମହିଳାମାନେ ଅସୁରକ୍ଷିତ, ଛାତ୍ରୀମାନେ କୁଆଁରୀ ମା' ହେବା ସାମଗ୍ରିକ ପ୍ରଶାସନିକ ବ୍ୟବସ୍ଥାକୁ ଲଜ୍ଜିତ କରିଛି ବୋଲି ପିସିସି ସଭାପତି ଶ୍ରୀ ଦାସ କହିଛନ୍ତି। ସ୍କୁଲରେ ନାବାଳିକା ଗର୍ଭବତୀ ହେବା ଓ ସନ୍ତାନ ପ୍ରସବ କଲାଭଳି ଘଟଣା ରାଜ୍ୟ ସରକାରଙ୍କ ଶାସନର ବିଫଳତାକୁ ପ୍ରମାଣିତ କରୁଛି। ରାଜ୍ୟରେ ଏଭଳି ଶାସନ ବିରୋଧରେ କଂଗ୍ରେସ ରାଜରାସ୍ତାକୁ ଓହ୍ଲାଇ ତା'ର ପ୍ରତିବାଦ ଜାରି ରଖିବ। ସାଧାରଣ ଲୋକଙ୍କୁ ସୁରକ୍ଷା ଦେବା ଓ ନ୍ୟାୟ ଦେବାପାଇଁ ଗଣତାନ୍ତ୍ରିକ ଉପାୟରେ କଂଗ୍ରେସ ତାର ଆନ୍ଦୋଳନକୁ ଅଧିକ ତୀବ୍ରତର କରିବ ବୋଲି ପିସିସି ସଭାପତି ଶ୍ରୀ ଦାସ କହିଛନ୍ତି। ଆନ୍ଦୋଳନକାରୀ କଂଗ୍ରେସର ମହିଳାନେତ୍ରୀମାନଙ୍କୁ ପୁଲିସ ଗାଡ଼ିରେ ନେଇ ପରେ ଛାଡ଼ି ଦେଇଥିଲେ। ଆଜିର ଆନ୍ଦୋଳନକୁ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ବିଶ୍ୱଜିତ୍ ଦାଶ, ସାଂସଦ ପ୍ରାର୍ଥୀ ସୟଦ ୟାସିର ନୱାଜ ଓ ଯୁବ କଂଗ୍ରେସ ନେତା ରଞ୍ଜିତ ପାତ୍ର ପରିଚାଳନ କରିଥିଲେ। ଅନ୍ୟମାନଙ୍କ ଭିତରେ ସର୍ବଶ୍ରୀ ସୁରେଶ କୁମାର ରାଉତରାୟ, ଶିବାନନ୍ଦ ରାୟ, ପୂର୍ବତନ ମହିଳା କଂଗ୍ରେସ ସଭାପତି ମିନାକ୍ଷୀ ବାହିନୀପତି, ମନୋରଞ୍ଜନ ଦାସ, ସୁବ୍ରତ ମହାପାତ୍ର, ସସ୍ମିତା ବେହେରା, ରଜନୀ ମହାନ୍ତି, ଅଶୋକ ଦାସ, ମହମ୍ମଦ ଇମ୍‌ଦାଦ୍, ପ୍ରଶାନ୍ତ ଚମ୍ପତି, ଗୀତାଞ୍ଜଳି ମହାନ୍ତି, ମନୋଜ ବିଶ୍ୱାଳ, ପ୍ରକାଶ ଜେନା, ଆଶିଷ ମଲ୍ଲିକ, ମନୀଷା ଦାସ ପଟ୍ଟନାୟକ, ଅଜୟ କୁମାର ସାହୁ, ଗୋପନ ମାର୍ଥା, ମିଲନ ପଟ୍ଟନାୟକ, ସୋନାଲି ସାହୁ, ଶ୍ରୀୟା ମହାନ୍ତି ପ୍ରମୁଖଙ୍କ ସମେତ ଛାତ୍ର ଓ ଯୁବ କଂଗ୍ରେସର ବହୁ ଯୁବନେତା ଯୋଗଦେଇଥିଲେ।





**ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରାଉ ଉଦ୍ୟମ**

**କଂଗ୍ରେସ କର୍ମୀ-ପୁଲିସ ଧସ୍ତାଧସ୍ତି**

## ବସ୍ ଧକ୍କାରେ ଅଙ୍ଗନବାଡ଼ି କର୍ମୀ ମୃତ

**କନ୍ଧମାଳ,୧।୩/ଏନ୍‌ଏନ୍‌ଏସ୍:** କନ୍ଧମାଳ ଜିଲ୍ଲା ବେଲଘର ଥାନା ଉଷାବାଲି ନିକଟରେ ଏକ ସରକାରୀ ବସ୍ ଧକ୍କାରେ ଜଣେ ଅଙ୍ଗନବାଡ଼ି କର୍ମୀଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଉଷାବାଲି ଅଙ୍ଗନବାଡ଼ି କେନ୍ଦ୍ରର ସ୍ନେହଲତା ମଝିଆସେଟ (୪୦)। ଶନିବାର ପୂର୍ବାହ୍ଣରେ ଏକ ସରକାରୀ ବସ ବେଲଘରରୁ ଫୁଲବାଣୀ ଅଭିମୁଖେ ଯାଉଥିବା ସମୟରେ ଉସାବାଲି ଛକ ଠାରେ ଏହି ଦୁର୍ଘଟଣା ଘଟିଛି। ଅଙ୍ଗନବାଡି କର୍ମୀଙ୍କୁ ବସ୍‌ଟି ଧକ୍କା ଦେଇ ଘଟଣାସ୍ଥଳରୁ ଚାଲି ଯାଉଥିବା ବେଳେ ସ୍ଥାନୀୟ ଲୋକ ବସ୍‌କୁ ଅଟକାଇଥିଲେ। ଏନେଇ ତୁମୁଡ଼ିବନ୍ଧ ଆମ୍ବେଦକର ଛକ ନିକଟରେ ମୃତଦେହ ରଖି ମୃତକଙ୍କ ପରିବାର ଓ ସ୍ଥାନୀୟଲୋକେ, ଅଙ୍ଗନବାନି ସଂଘ ପକ୍ଷରୁ ରାସ୍ତା ଅବରୋଧ କରାଯାଇଥିଲା। ତୁମୁଡ଼ିବନ୍ଧ ଓ ବେଲଘର ପୁଲିସ ସମେତ ତୁମୁଡିବନ୍ଧ ଅତିରିକ୍ତ ତହସିଲଦାର ସୁନୀଲ ନାୟକ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ।

## ଏଟିଏମ୍ ଲୁଟ୍ ଘଟଣାର ପର୍ଦ୍ଦାଫାସ

# ୬ ଗିରଫ,୧.୭୦ ଲକ୍ଷ ଜବତ

**ଭୁବନେଶ୍ୱର,୧।୩/ଏନ୍‌ଏନ୍‌ଏସ୍:** ଓଲଡ ଟାଉନ ଲିଙ୍ଗରାଜ ଅଞ୍ଚଳର ଶ୍ରୀରାମନଗରରେ ଏସବିଆଇ ଏଟିଏମ୍ ଲୁଟ ଘଟଣାର କମିସନରେଟ ପୁଲିସ ପର୍ଦ୍ଦାଫାସ କରିଛି। ଏହି ଘଟଣାରେ ପୁଲିସ ୬ ଜଣଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ୧ ଲକ୍ଷ ୭୦ ହଜାର ଟଙ୍କା ଜବତ୍ କରିଛି । ଏହି ଘଟଣାରେ ଜଡ଼ିତ ଅନ୍ୟ ୨ ଜଣ ପଶ୍ଚିମବଙ୍ଗ ଲୁଟେରା ଫେରାର ରହିଛନ୍ତି। ଗିରଫ ଅଭିଯୁକ୍ତମାନେ ହେଉଛନ୍ତି ବିକି ଓରଫ ଦେବୀ ପ୍ରସାଦ ମଲିଆ, ରମାକାନ୍ତ ସାହୁ , ସାଗର ସାମଲ , ବରୁ ଓରଫ ବୀରେନ ରାଉତ, ଆକାଶ ମହାପାତ୍ର ଏବଂ ଆକାଶ ମୁଖାର୍ଜୀ । ପ୍ରକାଶ ଯେ ଗତ ୨୦୨୨ ମସିହାରେ ଧଉଳି ଅଞ୍ଚଳର ଏକ ଏଟିଏମ୍ ଲୁଟ ମାମଲାରେ ପଶ୍ଚିମବଙ୍ଗର ବିଜୁ ଓରଫ ଏସକେ ମିର୍ଯୁମାନ ରେହମାନ ଓ ରୁସ୍ତମ୍ ଦୁହେଁ ସଂପୃକ୍ତି ରହିଥିଲେ। ସେମାନେ ଗତ ୨୫ ଡିସେମ୍ବର ୨୦୨୪ ମସିହାରୁ ଜେଲରୁ ବାହାରିଥିଲେ। ଜେଲରେ ଥିବା ବେଳେ ସ୍ଥାନୀୟ ଲୁଟେରାଙ୍କ ସହ ମିଶି ଏଟିଏମ ଲୁଟ ପାଇଁ ଯୋଜନା କରିଥିଲେ। ଗତ ୨୪ ତାରିଖରେ ଶ୍ରୀରାମନଗର ଏଟିଏମ ଲୁଟ୍ କରିଥିଲେ। ଏଟିଏମ୍ ମେସିନରୁ ସମୁଦାୟ ୨୧ଲକ୍ଷ ୭୭ ହଜାର ଟଙ୍କାରୁ ଭାଗ ବଣ୍ଟା କରାଯାଇଥିଲା ।

## ଅବସରକାଳୀନ ସଞ୍ଚୟ ତାରତମ୍ୟ

# ୨୦୫୦ ସୁଦ୍ଧା ୯୬ ଟ୍ରିଲିଅନ୍ ଡଲାର ପହଞ୍ଚିବ

**ଭୁବନେଶ୍ୱର,୧।୩/ଏନ୍‌ଏନ୍‌ଏସ୍:** ' ଦେଶରେ ବୟସ୍କଙ୍କ ସଂଖ୍ୟା ୨୦୫୦ ସୁଦ୍ଧା ୨.୫ଗୁଣ ବୃଦ୍ଧିପାଇବା ଆଶା କରାଯାଉଛି। ସମ୍ପ୍ରତି ପେନ୍‌ସନ ବଜାରର ସେଭଳି ଅଧିକ ପ୍ରସାର ହୋଇନାହିଁ। ଅବସରକାଳୀନ ସଞ୍ଚୟ ତାରତମ୍ୟ ପ୍ରତିବର୍ଷ ୧୦ ପ୍ରତିଶତ ବୃଦ୍ଧିପାଇବା ଆଶା କରାଯାଉଛି ଯାହା ୨୦୫୦ ସୁଦ୍ଧା ଆନୁମାନିକ ୯୬ ଟ୍ରିଲିଅନ ଡଲାର ପର୍ଯ୍ୟନ୍ତ ପହଞ୍ଚିବ। କାରଣ ଗତ ଦଶକରେ ନଗଦ ଆକାରରେ ଏବଂ ବ୍ୟାଙ୍କ ଜମା ଉପରେ ଭାରତୀୟଙ୍କ ନିର୍ଭରଶୀଳତା ୬୨ ପ୍ରତିଶତରୁ ହ୍ରାସପାଇ ୪୪ ପ୍ରତିଶତ ହୋଇଛି। ଦେଶରେ ପେନ୍‌ସନ୍ ସମସ୍ୟା ସମ୍ପର୍କିତ କାର୍ଯ୍ୟକ୍ରମରେ ଯୋଗଦେଇ ଡିଏସ୍‌ପି ପେନ୍‌ସନ ଫଣ୍ଡ ମ୍ୟାନେଜର୍ସର ସିଇଓ ରାହୁଲ ଭଗତ ଏହା କହିଛନ୍ତି। ଏହାଛଡ଼ା ସେ କହିଛନ୍ତି ଯେ ଗତ ପାଞ୍ଚବର୍ଷରେ ଏନ୍‌ପିଏସ୍‌ରେ ଘରୋଇ କ୍ଷେତ୍ରର ଏୟୁଏମ୍‌ରେ ୨୬.୮ ପ୍ରତିଶତର ଉଲ୍ଲେଖନୀୟ ହାରରେ ବାର୍ଷିକ ଅଭିବୃଦ୍ଧି ଘଟିଛି, ଯାହା ୮୪,୮୧୪ କୋଟି ଟଙ୍କାରୁ ବୃଦ୍ଧିପାଇ ୨,୭୮,୧୦୨ କୋଟି ଟଙ୍କା ହୋଇଛି। ତେବେ ସଠିକ ନୀତିସମୂହ ଏବଂ ବର୍ଦ୍ଧିତ ସଚେତନତାର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି।

# ଓଡ଼ିଶା ରେରା ଅଧ୍ୟକ୍ଷଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



**ଭୁବନେଶ୍ୱର,୧।୩/ଏନ୍‌ଏନ୍‌ଏସ୍:** ଓଡ଼ିଶା ସ୍ଥାବର ସମ୍ପତ୍ତି ନିୟାମକ (ରେରା)ର ଅଧ୍ୟକ୍ଷ ସିଦ୍ଧାନ୍ତ ଦାସଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଶ୍ରୀ ଦାସ ସର୍ବୋଚ୍ଚ ନ୍ୟାୟାଳୟଙ୍କ ତତ୍ତ୍ୱାବଧାନରେ ଜଙ୍ଗଲ ବାଲ୍ୟଜୀବନ ପରିଚାଳନା ପାଇଁ ଉଦ୍ଦିଷ୍ଟ କେନ୍ଦ୍ରୀୟ ସଶକ୍ତ କମିଟିର ଅଧ୍ୟକ୍ଷ ନିଯୁକ୍ତ ହୋଇଛନ୍ତି। ତେଣୁ ଓଡ଼ିଶା ସରକାରଙ୍କ ସ୍ଥାବର ସମ୍ପତ୍ତି ନିୟାମକରୁ ତାଙ୍କ କାର୍ଯ୍ୟକାଳ ଶେଷ ହୋଇଛି। ଏହି ଅବସରରେ 'ରିଅଲ ଇଷ୍ଟେଟ ବାର' ଆସୋସିଏସନ, ଓଡ଼ିଶା ତରଫରୁ ଶ୍ରୀ ଦାଶଙ୍କୁ ସଂଘର ସଭାପତି ସୂର୍ଯ୍ୟ ନାରାୟଣ ଦାସ, ଉପ ସଭାପତି ଶୀଳଭଦ୍ର ଶାସ୍ତ୍ରୀ,ସମ୍ପାଦକ ଚନ୍ଦନ କୁମାର ମହାନ୍ତି, କାର୍ଯ୍ୟକାରୀ ସଦସ୍ୟ ବି.ଏନ୍.ମିଶ୍ର, ସୋନାଲି ମହାପାତ୍ର, ସଂଘର ବରିଷ୍ଠ ସଦସ୍ୟ ଚିତ୍ତ ରଞ୍ଜନ ରାୟ ପ୍ରମୁଖ ସମ୍ବର୍ଦ୍ଧିତ କରିଥିଲେ। ରେରାର ମନ୍ୟାୟିକ ସଦସ୍ୟ ଗୋପାଳ ବଲ୍ଲଭ ପଟ୍ଟନାୟକ ଏବଂ ପ୍ରଦୀପ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

# ଉତ୍କଳ ରାଜନୀତି ବିଜ୍ଞାନ ସମାଜର ଦ୍ୱିତୀୟ ବକ୍ତୃତା

**ଭୁବନେଶ୍ୱର,୧।୩/ଏନ୍‌ଏନ୍‌ଏସ୍:** 'ଉତ୍କଳ ରାଜନୀତି ବିଜ୍ଞାନ ସମାଜ' ବୌଦ୍ଧିକ ଫୋରମ ତରଫରୁ ଦ୍ୱିତୀୟ ବକ୍ତୃତା ଆଭାସୀ ମାଧ୍ୟମରେ ଶନିବାର ଆୟୋଜିତ ହୋଇଯାଇଛି। ଏ ଅବସରରେ ତ୍ରିପୁରା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପ୍ରଫେସର ଆଦିତ୍ୟ କୁମାର ମହାନ୍ତି ' ବିଶ୍ୱ ସମସ୍ୟା ଏବଂ ମୂଲ୍ୟବୋଧର ଗୁରୁତ୍ୱ' ଶୀର୍ଷକରେ ବକ୍ତବ୍ୟ ରଖିଥିଲେ। ସ୍ୱାର୍ଥ ସର୍ବସ୍ୱ ନହୋଇ ଯେଯାଏ ପ୍ରତ୍ୟେକ ବ୍ୟକ୍ତି ଅନ୍ୟ କୈନ୍ଦ୍ରିକ ନହୋଇଛନ୍ତି ଏ ସମସ୍ୟାର ସମାଧାନ ହୋଇପାରିବ ନାହିଁ ବୋଲି ସେ ମତ ରଖିଥିଲେ। କିଛି ଦେଶରେ ନଦୀର ଅଧିକାରକୁ ଆଇନଗତ ସ୍ୱୀକୃତୀ ଦିଆଯାଇଛି। ଭୁବନେଶ୍ୱରରେ ଗାଡ଼ି ଚାଳକକୁ ହେଲମେଟ ଲଗାଇବା ପାଇଁ ବାଧ୍ୟ କରିଯାଇଛି। ସେହିପରି ନିୟମ ମାଧ୍ୟମରେ ନୈତିକତାକୁ ଆଚରଣ ଭିତରକୁ ଅଣାଗଲେ ଅନେକ ସମସ୍ୟାର ସମାଧାନ ହେବ ବୋଲି ସେ ଆଶା ବ୍ୟକ୍ତ କରିଥିଲେ। ଆଜିର ଆଭାସୀ ବକ୍ତବ୍ୟକୁ ଅଧ୍ୟାପକ କୁନାଲ କିରଣ ସାହୁ, ଅନିକେତ ମହାପାତ୍ର, ଶୁଭେନ୍ଦୁ ବିକାଶ ଟହଲ, ପ୍ରଶାନ୍ତ ସାହୁ ପରିଚାଳନା କରିଥିଲେ। ୮୦ ଜଣ ଶ୍ରୋତା ଏଥିରେ ଭାଗ ନେଇଥିଲେ। ଏହି ଅନୁଷ୍ଠାନଟି ଓଡ଼ିଶାରେ ରାଜନୀତି ବିଜ୍ଞାନ କ୍ଷେତ୍ରରେ ଗବେଷଣା ଓ ତତ୍ତ୍ୱ ଭିତ୍ତିକ ଆଲୋଚନାକୁ ଉତ୍ସାହିତ କରିବା, ସମ୍ମାନ ଓ ସମ୍ମିଳନୀର ଆୟୋଜନ କରିବା, ତଥା ପୁସ୍ତକ ଓ ଗବେଷଣାତ୍ମକ ପତ୍ରିକା ପ୍ରକାଶ କରିବା ଉପରେ ଗୁରୁତ୍ୱଦେବା ପାଇଁ ଲକ୍ଷ୍ୟ ରଖିଛି। ପ୍ରଫେସର ଅନିଲ ମହାପାତ୍ର ଏହାର ଉପଦେଷ୍ଟା ଅଛନ୍ତି। ଗତ ମାସ ୨୨ ତାରିଖରେ ଆଭାସୀ ମାଧ୍ୟମରେ 'ଜଳବାୟୁ ପରିବର୍ତ୍ତନ ଓ ବିଶ୍ୱ ତାପମାତ୍ରା ଏବଂ ଗାନ୍ଧିଜୀ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା।

## ଭାରତୀୟ ରେଳବାଇର ବିଦ୍ୟୁତ୍ ଟ୍ରାକ୍ସନ୍‌ର ୧୦୦ ବର୍ଷ ପାଳନ

# 'ଟ୍ରାକ୍ସନ୍ ବଣ୍ଟନ ଭାରତୀୟ ରେଳବାଇ ପାଇଁ ଏକ ରୋଲ୍ ମଡେଲ୍'




**ଭୁବନେଶ୍ୱର,୧।୩/ଏନ୍‌ଏନ୍‌ଏସ୍:** ୩ ଫେବୃଆରୀ ୧୯୨୫ରେ ଭାରତର ପ୍ରଥମ ବିଦ୍ୟୁତ୍ ଟ୍ରେନର ଶୁଭାରମ୍ଭ ପରଠାରୁ ୧୦୦ ବର୍ଷର ପ୍ରଯୁକ୍ତିବିଦ୍ୟା ବିକାଶ ଏବଂ କାର୍ଯ୍ୟକ୍ଷମ ଉତ୍କର୍ଷତାକୁ ଲକ୍ଷ୍ୟ କରି ଗର୍ବର ସହିତ ବୈଦ୍ୟୁତିକ ଟ୍ରାକ୍ସନର ଶତବାର୍ଷିକୀ ପାଳନ କରୁଛି ଭାରତୀୟ ରେଳବାଇ। ବିଗତ ଶତାବ୍ଦୀରେ ବିଦ୍ୟୁତୀକରଣ ରେଳବାଇ କାର୍ଯ୍ୟରେ ବିପ୍ଳବ ଆଣିଛି। ଜୀବାଶ୍ମ ଇନ୍ଧନ ଉପରେ ନିର୍ଭରଶୀଳତା ହ୍ରାସ କରିବା ସହିତ ଦକ୍ଷତା, ସ୍ଥାୟୀତ୍ୱ ଏବଂ ପ୍ରଗତିକୁ ଉଲ୍ଲେଖନୀୟ ଭାବରେ ବୃଦ୍ଧି କରିଛି। ଏହି ଅବସରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ପୂର୍ବତଟ ରେଳପଥ ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ଆଧୁନିକ ରେଳବାଇ କାର୍ଯ୍ୟରେ ସ୍ୱୟଂଚାଳିତ, ରକ୍ଷଣାବେକ୍ଷଣ ଏବଂ ନିଦାନର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ। ସେ ଭାରତୀୟ ରେଳବାଇକୁ ଦ୍ରୁତ ପ୍ରଯୁକ୍ତିବିଦ୍ୟା ଉନ୍ନତି ସହିତ ଖାପ ଖୁଆଇବା ଏବଂ ଆଗାମୀ ୨୫ ବର୍ଷ ପାଇଁ ପ୍ରସ୍ତୁତ ହେବା ଉପରେ ଗୁରୁତ୍ୱାରୋପ କରିଥିଲେ। ଶ୍ରୀ ଫୁଙ୍କୱାଲ ରେଳବାଇ ଭିତ୍ତିଭୂମି ରକ୍ଷଣାବେକ୍ଷଣରେ ଉନ୍ନତି ଆଣିବାର କାର୍ଯ୍ୟକଳାପକୁ ମଧ୍ୟ ଗୁରୁତ୍ୱାରୋପ କରିଥିଲେ ଏବଂ ଭାରତୀୟ ରେଳବାଇ ମଧ୍ୟରେ ଟ୍ରାକ୍ସନ୍ ବଣ୍ଟନକୁ ଏକ ରୋଲ୍ ମଡେଲ୍ ଭାବରେ ସ୍ୱୀକାର କରିଥିଲେ। ଏହି ଅବସରରେ ପୂର୍ବତଟ ରେଳପଥର ଅତିରିକ୍ତ ମହାପ୍ରବନ୍ଧକ, ସମସ୍ତ ପ୍ରମୁଖ ବିଭାଗୀୟ ମୁଖ୍ୟ, ବରିଷ୍ଠ ଅଧିକାରୀମାନଙ୍କ ସହିତ ପ୍ରମୁଖ ମୁଖ୍ୟ ବୈଦ୍ୟୁତିକ ଇଞ୍ଜିନିୟର ଯୋଗ ଦେଇଥିଲେ, ଯେଉଁମାନେ ସାମୂହିକ ଭାବରେ ଭାରତରେ ରେଳ ବିଦ୍ୟୁତୀକରଣର ଉଲ୍ଲେଖନୀୟ ଯାତ୍ରାକୁ ସ୍ୱୀକୃତି ଦେଇଥିଲେ। ଭାରତରେ ରେଳ ବିଦ୍ୟୁତୀକରଣର ମୂଳଦୁଆ ୩ ଫେବୃଆରୀ ୧୯୨୫ରେ ପ୍ରାରମ୍ଭ କରାଯାଇଥିଲା ଯେତେବେଳେ ଗ୍ରେଟ୍ ଇଣ୍ଡିଆନ୍ ପେନିନସୁଲା ରେଲୱେ ବମ୍ବେ ଭିଟି (ବର୍ତ୍ତମାନ ଛତ୍ରପତି ଶିବାଜୀ ମହାରାଜ ଟର୍ମିନସ୍) ଏବଂ କୁର୍ଲା ମଧ୍ୟରେ ପ୍ରଥମ ବୈଦ୍ୟୁତିକ ଟ୍ରେନ ସେବା ପ୍ରଚଳନ କରିଥିଲା। ଏହି ୧୬ ରୁଟ୍ କିଲୋମିଟର ସେକ୍ସନ ୧୫୦୦ଭି ଡିସି ଟ୍ରାକ୍ସନ୍ ସିଷ୍ଟମରେ ପରିଚାଳିତ ହୋଇଥିଲା ଏବଂ ବମ୍ବେର ତତ୍କାଳୀନ ରାଜ୍ୟପାଳ ସାର୍ ଲେସଲି ୱିଲସନ୍‌ଙ୍କ ଦ୍ୱାରା ଏହାକୁ ଉଦଘାଟନ କରାଯାଇଥିଲା। ଏହି ମାଇଲଖୁଣ୍ଟ ସହିତ, ଭାରତ ବୈଦ୍ୟୁତିକ ଟ୍ରାକ୍ସନ୍ ଗ୍ରହଣ କରିବାରେ ବିଶ୍ୱର ୨୪ତମ ଦେଶ ପାଲଟିଥିଲା। ରେଳ ବିଦ୍ୟୁତୀକରଣର ପ୍ରାରମ୍ଭିକ ପର୍ଯ୍ୟାୟ ଅନେକ ବୈଷୟିକ ଓ ପ୍ରଯୁକ୍ତିବିଦ୍ୟା ଗୁଡିକର ଚ୍ୟାଲେଞ୍ଜ ସୃଷ୍ଟି କରିଥିଲା। ତଥାପି ନିରନ୍ତର ନବସୃଜନ ଯୋଗୁଁ ୧୯୫୦ ଦଶକରେ ୩୦୦୦ଭି ଡିସି ଟ୍ରାକ୍ସନ ଗ୍ରହଣ କରାଯାଇଥିଲା ଏବଂ ୧୯୫୭ ମସିହାରେ ହାୱଡା-ବର୍ଦ୍ଧମାନ ସେକ୍ସନ ଏହି ସିଷ୍ଟମ ଅଧୀନରେ ପ୍ରଥମ ବିଦ୍ୟୁତୀକରଣ ହୋଇଥିଲା। ୨୫ କେଭି ଏସି ଟ୍ରାକ୍ସନର ଉତ୍କୃଷ୍ଟ ଦକ୍ଷତାକୁ ସ୍ୱୀକାର କରି, ଭାରତୀୟ ରେଳବାଇ ଟ୍ରାକ୍ସନ ପରାମର୍ଶଦାତା କମିଟିର ସୁପାରିଶ ଆଧାରରେ ୧୯୫୭ ମସିହାରେ ଏହି ସିଷ୍ଟମକୁ ମାନକୀକରଣ କରିଥିଲା।

୨୦୦୩ ମସିହାରେ ପୂର୍ବତଟ ରେଳପଥର ଗଠନ ହେବା ପରଠାରୁ, ପୂର୍ବତଟ ରେଳପଥ ଭାରତର ବିଦ୍ୟୁତୀକରଣ ଅଭିଯାନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ପୂର୍ବତଟ ରେଳପଥରେ ପ୍ରଥମ ବିଦ୍ୟୁତୀକରଣ ସେକ୍ସନ ଥିଲା ୧୯୮୩ ମସିହାରେ କୋଟ୍ଟଭାଲାସା-କିରନ୍ଦୁଲ ଲାଇନର ଜଗଦଲପୁର-କୋରାପୁଟ ରେଳ ସେକ୍ସନ, ଯାହା ସେତେବେଳେ ଦକ୍ଷିଣ ପୂର୍ବ ରେଳପଥର ଅଂଶ ଥିଲା। ବର୍ଷ ବର୍ଷ ଧରି, ପ୍ରମୁଖ କରିଡରରେ ବିଦ୍ୟୁତିକରଣ ବିସ୍ତାର ହୋଇ ୨୦୨୪ ସୁଦ୍ଧା ୧୦୦% ବିଦ୍ୟୁତୀକରଣରେ ପରିଣତ ହେଲା।

### ବିଦ୍ୟୁତୀକରଣର ପ୍ରମୁଖ ମାଇଲଖୁଣ୍ଟ

କୋଟ୍ଟଭାଲାସା-କୋରାପୁଟ-କିରାଣ୍ଡୁଲ ଲାଇନ ୧୯୮୩ରେ ବିଦ୍ୟୁତୀକରଣ ହୋଇଥିବାବେଳେ କୋରାପୁଟ-ଦାମନଯୋଡ଼ି ୧୯୮୯ରେ, ୨୦୦୦ରେ ଦୁଭାଡା-ପଲାସା, ୨୦୦୨ରେ ପାଲାସା-ଖୋର୍ଦ୍ଧାରୋଡ଼, ୨୦୦୪ରେ ବାରଙ୍ଗ-ତାଳଚେର, ୨୦୦୫ରେ ଖୋର୍ଦ୍ଧା ରୋଡ଼-ପୁରୀ, ୨୦୦୬ରେ ଖୋର୍ଦ୍ଧା ରୋଡ଼-ଭଦ୍ରକ, ୨୦୦୮ରେ କଟକ-ପାରାଦୀପ, ୨୦୧୬ରେ ବିଜୟନଗରମ-ସିଙ୍ଗାପୁର ରୋଡ୍, ୨୦୧୭ରେ ଝାରସୁଗୁଡା-ସମ୍ବଲପୁର, ୨୦୧୮ରେ ସିଙ୍ଗାପୁରରୋଡ୍-ଦାମନଯୋଡ଼ି, ୨୦୧୯ରେ ସମ୍ବଲପୁର-ଟିଟିଲାଗଡ-ଲାଖୋଲି ଏବଂ ସମ୍ବଲପୁର-ଅନୁଗୁଳ ରେଳ ବିଦ୍ୟୁତୀକରଣ ହୋଇଛି।

# ଇଂ. ସରୋଜ କୁମାର ସାହୁ ଏମ୍‌ସ ପୂର୍ବାଞ୍ଚଳ ରାଜ୍ୟ ସମୂହର ଉପସଭାପତି



**ଭୁବନେଶ୍ୱର,୧।୩/ଏନ୍‌ଏନ୍‌ଏସ୍:** ଆସୋସିଏସନ୍ ଅଫ୍ ଇଣ୍ଡିଆନ୍ ମ୍ୟାନେଜମେଣ୍ଟ ସ୍କୁଲ (ଏମ୍‌ସ)ର ସାଧାରଣ ପରିଷଦ ବୈଠକରେ ସୃଷ୍ଟି ଏକାଡେମୀର ଅଫ୍ ମ୍ୟାନେଜମେଣ୍ଟର ପ୍ରତିଷ୍ଠାତା ତଥା ନୀଳାଚଳ ପଲିଟେକ୍‌ନିକ୍ ଇଂଜିନିୟରିଂ କଲେଜର ମ୍ୟାନେଜିଂ ଟ୍ରଷ୍ଟି ତଥା ସମ୍ପାଦକ ଇଂ. ସରୋଜ କୁମାର ସାହୁ ପୂର୍ବାଞ୍ଚଳ ଶାଖାର ନୂତନ ଉପସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ଇଂ. ସରୋଜ କୁମାର ସାହୁ ପୂର୍ବାଞ୍ଚଳ ରାଜ୍ୟ ସମୂହ ଶାଖା ପଶ୍ଚିମବଙ୍ଗ, ଛତିଶଗଡ଼, ଓଡ଼ିଶା, ଆସାମ, ଝାଡ଼ଖଣ୍ଡ, ତ୍ରିପୁରା, ମିଜୋରାମ, ସିକିମ୍, ଅରୁଣାଚଳ ପ୍ରଦେଶ, ନାଗାଲାଣ୍ଡ, ମଣିପୁର ରାଜ୍ୟର ସମସ୍ତ ମ୍ୟାନେଜମେଣ୍ଟ ସ୍କୁଲଶିକ୍ଷାର ନୂତନ ଶିକ୍ଷାପଦ୍ଧତି, ଗବେଷଣା, ଶିଳ୍ପାଭିମୁଖୀ ଶିକ୍ଷା ଉପରେ କାମ କରିବା ପାଇଁ ନିଜର ପ୍ରଚେଷ୍ଟା ଜାରି ରଖିବେ ବୋଲି କହିଛନ୍ତି। ବୈଷୟିକ ମ୍ୟାନେଜମେଣ୍ଟ ଶିକ୍ଷାର ଉନ୍ନତି ପାଇଁ ଆଗାମୀ ଦିନରେ ଏମ୍‌ସ ପୂର୍ବାଞ୍ଚଳ ଶାଖା ଦୃଢ଼ତାର ସହ କାର୍ଯ୍ୟ କରିବ ବୋଲି ନବନିର୍ବାଚିତ ଉପସଭାପତି ଇଂ. ସାହୁ ସୂଚନା ଦେଇଛନ୍ତି। ଇଂ. ସାହୁଙ୍କର ଏହି ନୂତନ ଦାୟିତ୍ୱ ପାଇଁ ରାଜ୍ୟର ବିଭିନ୍ନ ମ୍ୟାନେଜମେଣ୍ଟ ଶିକ୍ଷାନୁଷ୍ଠାନର ପ୍ରତିଷ୍ଠାତା, ଅଧ୍ୟାପକ ଏବଂ ଅଧ୍ୟାପିକା ତଥା ବୁଦ୍ଧିଜୀବୀ ନ ନିଜ ନିଜର ଶୁଭେଚ୍ଛା ବାର୍ତ୍ତା ପ୍ରଦାନ କରିଛନ୍ତି। ଆସୋସିଏସନ୍ ଅଫ୍ ଇଣ୍ଡିଆନ୍ ମ୍ୟାନେଜମେଣ୍ଟ ସ୍କୁଲ ବିଗତ ୧୯୮୮ ମସିହାରୁ କାର୍ଯ୍ୟ କରି ଆସୁଛି, ଯାହାକି ଭାରତରେ ଥିବା ୬୮୫ ଅଗ୍ରୀମ ବିଜ୍‌ନେସ୍ ସ୍କୁଲକୁ ନେଇ କାର୍ଯ୍ୟକ୍ରମ କରିଆସୁଅଛି। ଏହି ଶାଖା ସର୍ବଭାରତୀୟ ସ୍ତରରେ ବିଜ୍‌ନେସ୍ ଶିକ୍ଷାର ବ୍ୟାପକ ଉନ୍ନତି ଆଣିବା ସହିତ ସରକାରୀ ସ୍ତରରେ ଥିବା ବିଭିନ୍ନ ସମସ୍ୟା ଏବଂ ଏହାର ସମାଧାନ ଉପରେ ନିଜର ଗୁରୁତ୍ୱାରୋପ କରିବା ସହ ଉପଯୁକ୍ତ ପଦ୍ଧତିକୁ ପ୍ରଣୟନ କରିଥାଏ।

# ଇଲେକ୍ରାମା-୨୦୨୫ ଉଦ୍‌ଯାପିତ

**ଭୁବନେଶ୍ୱର,୧।୩/ଏନ୍‌ଏନ୍‌ଏସ୍:** ଆଇଇଇଏମ୍ ପକ୍ଷରୁ ଆୟୋଜିତ ଇଲେକ୍ରାମା-୨୦୨୫ ଉଦଯାପିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଯୋଗଦେଇ ବାଚିର କାମାରା କହିଛନ୍ତି ଯେ ଶକ୍ତି ଏବଂ ଡିଜିଟାଇଜେସନ କ୍ଷେତ୍ରରେ ଭାରତର ଅଗ୍ରଗତି ଗିନି ଭଳି ବିକାଶଶୀଳ ଦେଶମାନଙ୍କ ପାଇଁ ମୂଲ୍ୟବାନ ବୁଝାମଣା ପ୍ରଦାନ କରିଛି । ଭାରତ ସହ ସହଯୋଗକୁ ସୁଦୃଢ଼ କରିବା ଦ୍ୱାରା ଆମେ ଆମର ବିଦ୍ୟୁତ ବ୍ୟବସ୍ଥାକୁ ବୃଦ୍ଧି କରିବା ଏବଂ ଅଭିନବ ସମାଧାନ ଗ୍ରହଣ କରିବାରେ ସାହାଯ୍ୟ କରିପାରିବା। ଇଲେକ୍ରାମା ଏକ ଚମତ୍କାର ଅନୁଭୂତି, ଯାହା ଭାରତୀୟ ଶକ୍ତି କ୍ଷେତ୍ର ଏବଂ ଏହାର ଉଲ୍ଲେଖନୀୟ ଅଭିବୃଦ୍ଧିକୁ ପ୍ରଦର୍ଶିତ କରୁଛି। ଭାରତୀୟ କମ୍ପାନୀଗୁଡ଼ିକର ଉଦ୍ଭାବନ, ସମ୍ପ୍ରସାରଣ କ୍ଷମତା ଏବଂ ସ୍ୱାଗତଯୋଗ୍ୟ ବ୍ୟବସାୟ ସଂସ୍କୃତି ଦ୍ୱାରା ଆମେ ବିଶେଷ ଭାବରେ ପ୍ରଭାବିତ ହୋଇପାରିଛି। ସେହିପରି ଆଇଇଇଏମ୍‌ର ସଭାପତି ସୁନୀଲ ସିଂଘଭି କହିଛନ୍ତି ଯେ ବୈଦ୍ୟୁତିକ ଏବଂ ଶକ୍ତି ଶିଳ୍ପ ପାଇଁ ବିଶ୍ୱର ଅଗ୍ରଣୀ ପ୍ଲାଟଫର୍ମ ଭାବରେ ଇଲେକ୍ରାମା ଏହାର ଯାତ୍ରାରେ ଆଉ ଏକ ମାଇଲଖୁଣ୍ଟ ସୃଷ୍ଟି କରିଛି । ଉପସଭାପତି ସିଦ୍ଧାର୍ଥ ଭୁଟୋରିଆ କହିଛନ୍ତି ବିଶେଷକରି ଶକ୍ତି କ୍ଷେତ୍ରରେ ଷ୍ଟାର୍ଟଅପ ଏବଂ ଉଦୀୟମାନ ଉଦ୍ୟୋଗଗୁଡିକର ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବାରେ ଇଲେକ୍ରାମା ଏକ ବଡ଼ ସଫଳତା ହାସଲ କରିଛି।

# ବିଧାନସଭା ପରିସରରେ ବୀର ସୁରେନ୍ଦ୍ର ସାଏଙ୍କୁ ଶ୍ରଦ୍ଧାଞ୍ଜଳି



**ଭୁବନେଶ୍ୱର,୧।୩/ଏନ୍‌ଏନ୍‌ଏସ୍:** ଭାରତର ସର୍ବଶ୍ରେଷ୍ଠ ସ୍ୱାଧୀନତା ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏଙ୍କୁ ୧୪୧ତମ ଶ୍ରାଦ୍ଧବାର୍ଷିକୀ ଅବସରରେ ବିଧାନସଭା ପରିସରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ବାଚସ୍ପତି ସୁରମା ପାଢୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପବାଚସ୍ପତି ଭବାନୀଶଙ୍କର ଭୋଇ, ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ବିଧାନସଭାର ସଚିବ ସତ୍ୟବ୍ରତ ରାଉତ ପ୍ରମୁଖ ଉପସ୍ଥିତ ରହି ବିଧାନସଭା ପରିସରରେ ଥିବା ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପାର୍ଘ୍ୟ ପ୍ରଦାନ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶାଶ୍ୱତୀ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଦେଶାତ୍ମବୋଧକ ସଙ୍ଗୀତ ପରିବେଷଣ କରାଯାଇଥିଲା । ସୁଶ୍ରୀ ରୋଜାଲିନ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରକାଶ ଯେ ୧୮୦୯ ମସିହା ଜାନୁଆରୀ ୨୩ ତାରିଖ ଦିନ ଜନ୍ମଗ୍ରହଣ କରିଥିବା ବୀର ସୁରେନ୍ଦ୍ର ସାଏ ପଶ୍ଚିମ ଓଡ଼ିଶାରେ ୧୮୨୭ ମସିହାରେ ସ୍ୱାଧୀନତା ସଂଗ୍ରାମର ଅଗ୍ନିଶିଖାକୁ ପ୍ରଜ୍ୱଳିତ କରି ଇଂରେଜମାନଙ୍କ ବିରୋଧରେ ବିଦ୍ରୋହ କରିଥିଲେ। ତାଙ୍କର ପ୍ରଧାନ ଲକ୍ଷ୍ୟ ଥିଲା ସମ୍ବଲପୁର ମାଟିରୁ ବ୍ରିଟିଶ ଶାସନ ଲୋପ କରିବା। ପରବର୍ତ୍ତୀ ପର୍ଯ୍ୟାୟରେ ଏହା ଅଧିକ ସୁସଙ୍ଗଠିତ, ସୁସଂହତ ତଥା ବୀରତ୍ୱପୂର୍ଣ୍ଣ ଥିଲା। ସୁରେନ୍ଦ୍ର ସାଏଙ୍କ କୌଶଳପୂର୍ଣ୍ଣ ଗରିଲା ଯୁଦ୍ଧ, ରଣସଜ୍ଜା, ଦୃଢ଼ ମନୋବଳ, ଅସୀମ ଧୈର୍ଯ୍ୟ ଓ ସାହସ ନିକଟରେ ଇଂରେଜମାନେ ହାର ମାନିଥିଲେ। ଓଡ଼ିଶାର ଏହି ବରପୁତ୍ର, ବିପ୍ଳବୀ ବୀର ସୁରେନ୍ଦ୍ର ସାଏଙ୍କ ବିପ୍ଳବର ଜୟଗାଥା ଓଡ଼ିଶା ଇତିହାସରେ ଚିରଦିନ ପାଇଁ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ପୃଷ୍ଠା ମଣ୍ଡନ କରୁଥିବ ବୋଲି ମତପ୍ରକାଶ ପାଇଛି।

# ଜଙ୍ଗଲ ନିଆଁ ଚିହ୍ନଟ କରିବ ଏଆଇ କ୍ୟାମେରା



- ୨୦ କିମି ଦୂରରୁ ଦେଇପାରିବ ସଠିକ ତଥ୍ୟ
- ଶିମିଳିପାଳରେ ଲାଗିଛି ୫ କ୍ୟାମେରା

**ଭୁବନେଶ୍ୱର,୧।୩/ଏନ୍‌ଏନ୍‌ଏସ୍:** ରାଜ୍ୟରେ ଜଙ୍ଗଲ ନିଆଁ ଉପରେ ନଜର ରଖିଛି ଅତ୍ୟାଧୁନିକ ଏଆଇ କ୍ୟାମେରା। ନିଆଁ ଲାଗିବା ମାତ୍ରେ ୩ ରୁ ୫ ମିନିଟ ମଧ୍ୟରେ ଖବର ପାଇବ ବନ ବିଭାଗ। ଖବର ପାଇବା ମାତ୍ରେ ତତ୍କାଳ ଜଙ୍ଗଲ ନିଆଁକୁ ଆୟତ୍ତ କରାଯାଇପାରିବ। ଅତ୍ୟାଧୁନିକ ଏଆଇ କ୍ୟାମେରା ୨୦ କିଲୋମିଟର ଦୂରରୁ ସଠିକ ନିଆଁ ତଥ୍ୟ ଦେଇ ପାରିବ। ଶିମିଳିପାଳ ଜଙ୍ଗଲରେ ୫ଟି ଅତ୍ୟାଧୁନିକ ଏଆଇ କ୍ୟାମେରା ଖଞ୍ଜା ଯାଇଥିବା ବେଳେ ସାତକୋଶିଆ, ଅନୁଗୁଳ ଢେଙ୍କାନାଳ ଜଙ୍ଗଲରେ ଆଉ ୬ଟି ଅତ୍ୟାଧୁନିକ କ୍ୟାମେରା ଲଗାଯିବାର ପ୍ରକ୍ରିୟା ଆରମ୍ଭ ହୋଇସାରିଛି। ପୂର୍ବରୁ ଫରେଷ୍ଟ ସର୍ଭେ ଅଫ ଇଣ୍ଡିଆ ଦୁଇଟି ସାଟେଲାଇଟ୍ ମାଧ୍ୟମରେ ଦିନକୁ ୪ ଥର ଜଙ୍ଗଲ ନିଆଁ ଖବର ପଠାଉଥିଲେ। ନିଆଁ ଲାଗିବାର ୩ରୁ ୬ ଘଣ୍ଟା ମଧ୍ୟରେ ଖବର ମିଳୁଥିଲା। କିନ୍ତୁ ଅତ୍ୟାଧୁନିକ ଏଆଇ କ୍ୟାମେରାକୁ କେବଳ ୫ ମିନିଟ ସମୟ ଲାଗି । ଏଆଇ କ୍ୟାମେରା ପ୍ରାକୃତିକ ନିଆଁ ଓ କୃତ୍ରିମ ଲାଇଟ ମଧ୍ୟରେ ଥିବା ପ୍ରଭେଦକୁ ଜାଣି ପାରୁଥିବାରୁ ନିଆଁ ସମ୍ପର୍କିତ ବାସ୍ତବ ତଥ୍ୟ ବନ ବିଭାଗ ପାଇବ। ଏବେ ରାଜ୍ୟର ଜଙ୍ଗଲରେ ନିଆଁ ଅଳ୍ପ ଲାଗିବା ଆରମ୍ଭ ହୋଇଛି। ମାର୍ଚ୍ଚ ଓ ଏପ୍ରିଲରେ ଏହା ପିକ୍‌ରେ ପହଞ୍ଚିଥାଏ। ଫେବୃଆରୀ ମାସ ସରି ମାର୍ଚ୍ଚ ମାସ ଆରମ୍ଭ ହେଲାଣି। ଏପଟେ ଜଙ୍ଗଲରେ ନିଆଁ ଲାଗିବା ମଧ୍ୟ ଆରମ୍ଭ ହୋଇଗଲାଣି। ଜଙ୍ଗଲ ନିଆଁ ଘଟଣାରେ ଭାରତ ବର୍ଷରେ ସବୁଠୁ ଉପରେ ରହିଥିଲା ଓଡ଼ିଶା। ହେଲେ ଜଙ୍ଗଲ ନିଆଁକୁ କିଭଳି ଭାବରେ ଆୟତ୍ତ କରାଯିବ ସେନେଇ ବିଭାଗ ପକ୍ଷରୁ ଅନେକ ପଦକ୍ଷେପ ନିଆଯାଉଛି । ୨୦୨୫ ଜାନୁଆରୀ ୧ ତାରିଖଠାରୁ ୨୬ ଫେବୃଆରୀ ୨୦୨୫ ପର୍ଯ୍ୟନ୍ତ ୨୧୮୩ ପଏଣ୍ଟରେ ନିଆଁ ଲାଗିଛି। ଜଙ୍ଗଲ ନିଆଁ ପ୍ରଶମନ ପାଇଁ ସବୁ ଜିଲ୍ଲାରେ ଜିଲ୍ଲାସ୍ତରୀୟ ଆକ୍ସନ ପ୍ଲାନ ତିଆରି ସରିଛି। ପୂର୍ବରୁ ଥିବା ୧୬ ହଜାର କିଲୋମିଟର ପୁରୁଣା ଫାୟାର ଲାଇନକୁ ସଜଡ଼ା ଯିବା ସହ ଆଉ ୧୫ ହଜାର କିଲୋମିଟର ନୂଆ ଫାୟାର ଲାଇନ ସୃଷ୍ଟି କରାଯାଇଛି। ୩୩୪ ଫାୟାର ଫାଇଟିଂ ସ୍କ୍ୱାଡ ନିୟୋଜନ କରାଯାଇଛି। ରିଅଲ ଟାଇମ୍ ଆଧାରରେ ନିଆଁ ଆଲର୍ଟ ପାଇଁ ବିଟ୍ ସ୍ତର ପର୍ଯ୍ୟନ୍ତ ୬ ହଜାର ୭୦୦ ମୋବାଇଲ ପଞ୍ଜିକୃତ ହୋଇଛି। ମହୁଲ ଫୁଲ ସଂଗ୍ରହ ପାଇଁ ଅନେକ ସମୟରେ ଲୋକମାନେ ମହୁଲ ଗଛ ତଳେ ନିଆଁ ଲଗାଇ ଦେଉଥିବାରୁ ଏଥର ଅନେକ ସ୍ଥାନରେ ମହୁଲ ଗଛ ତଳେ ନେଟ୍ ଲଗାଯାଇଛି। ଯାହା ଫଳରେ କି ଲୋକମାନେ ନେଟରୁ ହିଁ ମହୁଲ ଫୁଲ ସଂଗ୍ରହ କରିବେ ଓ ନିଆଁ ଲଗାଇବେ ନାହିଁ ବୋଲି କହିଛନ୍ତି ପୂର୍ବତନ ପିସିସିଏଫ ଦେବୀଦତ୍ତ ବିଶ୍ୱାଳ। ଅପରପକ୍ଷେ ଚଳିତବର୍ଷ କୋରାପୁଟରେ ମଧ୍ୟ ବନାଗ୍ନି ରୋକିବା ଲାଗି ଅଗ୍ନି ନିରୋଧକ ମଞ୍ଚା ପ୍ରସ୍ତୁତ କରାଯାଇଛି। ପୋଡୁ ଚାଷରୁ ଦୂରେଇ ରହିବା ସହ ଜଙ୍ଗଲକୁ କିପରି ସୁରକ୍ଷା ଦେବା ସେନେଇ ବନାଞ୍ଚଳ ନିର୍ବାପକ ବାହିନୀ ଗଠନ କରାଯିବା ସହିତ ଏସଏଚଜି ମହିଳାମାନଙ୍କୁ ଏନେଇ ପ୍ରଶିକ୍ଷଣ ଦିଆଯାଉଛି ।

## ଆର୍ଯ୍ୟପଲ୍ଲୀ ଫିସିଂ ଜେଟି ମାର୍ଗ

# ଆଦାନୀ ଫାଉଣ୍ଡେସନ୍ ପକ୍ଷରୁ ସୋଲାର୍ ଷ୍ଟ୍ରିଟ୍ ଲାଇଟ୍ ସ୍ଥାପନ



**ଛତ୍ରପୁର,୧।୩/ଏନ୍‌ଏନ୍‌ଏସ୍:** ଆର୍ଯ୍ୟପଲ୍ଲୀ ଗ୍ରାମବାସୀଙ୍କ ଦୀର୍ଘ ଦିନର ଦାବି ଶେଷରେ ଆଜି ପୂରଣ ହୋଇଛି। ଏହି ଅବସରରେ ଗୋପାଳପୁର ବନ୍ଦର ଏହାର କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ (ସିଏସ୍‌ଆର୍) କାର୍ଯ୍ୟକ୍ରମ ଅନ୍ତର୍ଗତ ଆଦାନୀ ଫାଉଣ୍ଡେସନ୍ ଜରିଆରେ କେ ଆର୍ଯ୍ୟପଲ୍ଲୀରୁ ଫିସିଂ ଜେଟି ରାସ୍ତାକୁ ସମ୍ପୂର୍ଣ୍ଣ ଭାବେ ସୋଲାର୍ ଲାଇଟ୍ ମାଧ୍ୟମରେ ଆଲୋକୀକରଣ କରାଯାଇଛି। କେ. ଆର୍ଯ୍ୟପଲ୍ଲୀରୁ ଫିସିଂ ଜେଟିକୁ ଯାଉଥିବା ପାଖାପାଖି ୨ କିଲୋମିଟର ବ୍ୟାପୀ ଏହି ମାର୍ଗରେ କୌଣସି ଲାଇଟ୍‌ର ବ୍ୟବସ୍ଥା ନଥିବା ହେତୁ ମତ୍ସ୍ୟଜୀବୀମାନେ ମାଛ ମାରିବାକୁ ଯିବା ଆସିବାରେ ଅନେକ ସମସ୍ୟା ସମ୍ମୁଖୀନ ହେଉଥିଲେ। ଗ୍ରାମବାସୀଙ୍କ ଅନୁରୋଧ ରକ୍ଷା କରି ଆଦାନୀ ଫାଉଣ୍ଡେସନ ପକ୍ଷରୁ ଏହି ଫିସିଂ ଜେଟି ମାର୍ଗରେ ଅତ୍ୟାଧୁନିକ ୨୨ଟି ସୋଲାର ଚାଳିତ ଷ୍ଟ୍ରିଟ୍ ଲାଇଟ୍ ସ୍ଥାପନ କରାଯାଇଛି। ଆଜି ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଗୋପାଳପୁର ବନ୍ଦର ବିଜନେସ୍ ମୁଖ୍ୟ ସନ୍ଦୀପ ଜୈସୱାଲ ଏହି ଆଲୋକୀକରଣ ବ୍ୟବସ୍ଥାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭକ୍ତ ବନ୍ଧୁ ଶତପଥୀ, ମୁଖ୍ୟ, ଆଇଆର୍ ଗୋପାଳପୁର ବନ୍ଦର, ସଞ୍ଜୟ ମଲ୍ଲିକ, ମୁଖ୍ୟ, ବନ୍ଦର ସୁରକ୍ଷା, ସତ୍ୟଜିତ ରଥ, ମୁଖ୍ୟ, ଏଚ୍‌ଆର୍, ଦେବଦତ୍ତ ମିଶ୍ର, ମୁଖ୍ୟ, ସିଏସ୍‌ଆର, ଆର୍ ଗୋବିନ୍ଦା, ଏନ୍. ଶ୍ୟାମା, ଏମ୍. ଗୁମାଲି, ଏ. ଟଟାରୟ ଉପସ୍ଥିତ ଥିଲେ। ଏହି ପଦକ୍ଷେପର ସକାରାତ୍ମକ ପ୍ରଭାବକୁ ସ୍ୱୀକାର କରି ସ୍ଥାନୀୟ ନେତା ତଥା ସମ୍ପ୍ରଦାୟର ପ୍ରତିନିଧିମାନେ କୃତଜ୍ଞତା ଜଣାଇଛନ୍ତି। ଏନ୍. ଶ୍ୟାମା କହିଛନ୍ତି ଯେ ପର୍ଯ୍ୟାପ୍ତ ଆଲୋକର ଅଭାବ ହେତୁ ମତ୍ସ୍ୟଜୀବୀମାନେ ବର୍ଷ ବର୍ଷ ଧରି ଏହି ମାର୍ଗରେ ଅନ୍ଧାରରେ ଯିବାଆସିବା କରୁଥିଲେ। ଆଦାନୀ ଫାଉଣ୍ଡେସନ ଦ୍ୱାରା ସୋଲାର ଚାଳିତ ଷ୍ଟ୍ରିଟ୍ ଲାଇଟ୍ ଲଗାଯିବା ଫଳରେ ସ୍ଥାନୀୟ ମତ୍ସ୍ୟଜୀବୀ, ବ୍ୟବସାୟୀ, ଗ୍ରାମବାସୀ ଓ ପରିବହନକାରୀ ସୁରକ୍ଷିତ ଭାବେ ଯିବାଆସିବା କରିପାରିବେ। ଏହା ସହ ବଡ଼ ଆର୍ଯ୍ୟପଲ୍ଲୀ ସ୍ଥିତ ପଞ୍ଚାୟତ କାର୍ଯ୍ୟାଳୟରେ ଏକ ସ୍ୱାସ୍ଥ୍ୟ ଶିବିରର ଆୟୋଜନ ମଧ୍ୟ କରାଯାଇ ଔଷଧ ବିତରଣ କରାଯାଇଥିଲା।

# ସରଳା ଦେବୀଙ୍କ ନାତୁଣୀ ଭାରତୀ ଦାସଙ୍କ ଦେହାନ୍ତ

**ଭୁବନେଶ୍ୱର,୧।୩/ଏନ୍‌ଏନ୍‌ଏସ୍:** ଓଡ଼ିଶାର ପ୍ରଥମ ମହିଳା ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗୀୟା ସରଳା ଦେବୀ ଓ ମହାନ ସଂଗ୍ରାମୀ ଭାଗିରଥି ମହାପାତ୍ରଙ୍କ ନାତୁଣୀ ବାଲେଶ୍ୱର ସୁନହଟ ନିବାସୀ ଭାରତୀ ଦାସ (୫୭)ଙ୍କ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଦେହାନ୍ତ ହୋଇଯାଇଛି। ଗତ ବର୍ଷ ମେ ମାସରେ ତାଙ୍କ ସ୍ୱାମୀ ଅମରେନ୍ଦ୍ର ଦାସଙ୍କ ବାଲେଶ୍ୱରରେ ଦେହାନ୍ତ ହୋଇଥିଲା। ଉଲ୍ଲେଖନୀୟ ଯେ ଭାରତୀ ଦାସଙ୍କ ପିତା ସ୍ୱର୍ଗୀୟ ଅମିତାଭ ମହାପାତ୍ର କଟକରେ ଜଣେ ପ୍ରତିଷ୍ଠିତ ଆଇନଜୀବୀ ଥିଲେ। ସେ ମଧ୍ୟ ସ୍ୱାଧୀନତା ସଂଗ୍ରାମୀ ଥିଲେ। ଜ୍ୟେଷ୍ଠ ଭଗିନୀ ନିବେଦିତା, କନିଷ୍ଠ ଭ୍ରାତା ଭବାନୀ , ଏକମାତ୍ର ପୁତ୍ର ବିଷ୍ଣୁ ଓ ପରିବାର ବର୍ଗ ତଥା କୁଟୁମ୍ବଙ୍କ ଉପସ୍ଥିତରେ ବାଲେଶ୍ୱରଠାରେ ଭାରତୀ ଦାସଙ୍କ ଶେଷକୃତ୍ୟ ସମାପନ ହୋଇଥିଲା। ସରଳା ଦେବୀ ସ୍ମାରକୀ ଟ୍ରଷ୍ଟ ପକ୍ଷରୁ ଅଧ୍ୟକ୍ଷ ତଥା ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ ଓ ସମ୍ପାଦକ ଗୁରୁକଲ୍ୟାଣ ମହାପାତ୍ର ଭାରତୀ ଦାସଙ୍କ ଅକାଳ ବିୟୋଗରେ ଗଭୀର ଶୋକ ପ୍ରକାଶ କରି ଶୋକସନ୍ତପ୍ତ ପରବାରବର୍ଗଙ୍କ ଉଦ୍ଦେଶ୍ୟରେ ସମବେଦନା ଜ୍ଞାପନ କରିଛନ୍ତି।

# ବିପଦସଙ୍କୁଳ ଅବସ୍ଥାରେ ପଞ୍ଚବଟୀ ବ୍ରିଜ୍

## ଭାଙ୍ଗିରୁଜି ଗଲାଣି ଉଭୟପାର୍ଶ୍ୱର ବାଡ଼ା

**ବାଲିଅନ୍ତା,୧।୩/ଏନ୍‌ଏନ୍‌ଏସ୍:** ବାଲିଅନ୍ତା ବ୍ଲକ୍ ଜଗନ୍ନାଥପୁର ପଞ୍ଚାୟତ ଜୟରଶାସନ ପଞ୍ଚବଟୀବଜାର ଠାରେ ଥିବା ପ୍ରତାପନଗରୀ ଜଳସେଚନ ଉପଖଣ୍ଡ ଅନ୍ତର୍ଗତ ଫୁଲନଖରା ଡିଷ୍ଟ୍ରିବ୍ୟୁଟାରୀ କେନାଲ ଉପରେ କେନାଲ ଖୋଳାଯିବା ସମୟରେ ଯାତାୟତ ନିମନ୍ତେ ଏକ ଅଣଓସାରିଆ ବ୍ରିଜ ନିର୍ମାଣ ହୋଇଥିଲା। ଉକ୍ତ ବ୍ରିଜ ଉପରେ ଆଖପାଖ ୧୦-୧୫ଟି ଗ୍ରାମ ଯଥା ଜୟରଶାସନ, ଗୁଆଳୀ ମହାନ୍ତିପାଟଣା, ମଦାରିଆପାଟଣା, ବାଟପୁରଣ, କୋଟକଣା, ବାଇଁଡୋଳ, ଅଟଳା, ଧମିଲୋ, କୁରୁଣ୍ଟି, ତିରଣପଦା ଆଦି ଗ୍ରାମର ଜନସାଧାରଣ ବିଭିନ୍ନ ସ୍ଥାନକୁ ଯାତାୟତ ନିମନ୍ତେ ନିର୍ଭର କରନ୍ତି। ଉକ୍ତ ଅଞ୍ଚଳର ଅଧିବାସୀ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ କିଣା କିଣି କରିବା, ପିଲାମାନେ ସ୍କୁଲ, କଲେଜକୁ ଯାତାୟତକରିବା, ଉକ୍ତ ଅଞ୍ଚଳର ଜନସାଧାରଣ ରୋଗରେ ଆକ୍ରାନ୍ତ ହେଲେ ଡାକ୍ତରଖାନା ଯିବା ପାଇଁ ହେଲେ ଉକ୍ତ ବ୍ରିଜ ଦେଇ ଯାତାୟତ କରିଥାନ୍ତି। ପଞ୍ଚବଟି ବଜାରଠାରେ ଥିବା ବ୍ରିଜଟି ବହୁ ପୁରାତନ ୧୯୬୩ମସିହା ରେ କେନାଲ ଖୋଳାଯିବ ସମୟରେ ନିର୍ମାଣ ହୋଇଥିଲା। ଏହା ବର୍ତ୍ତମାନ ବିପଦସଙ୍କୁଳ ଅବସ୍ଥାରେ ଥିବାରୁ ଯେ କୌଣସି ସମୟରେ ଭାଙ୍ଗି ଯିବାର ସମ୍ଭାବନା ରହିଛି। ଦୀର୍ଘବର୍ଷ ହେବ ଉକ୍ତ ପୋଲଟିର ଉଭୟ ପାର୍ଶ୍ୱର ବାଡା ଭାଙ୍ଗିରୁଜି ଯାଇଥିବାରୁ ସ୍ଥାନୀୟ ଲୋକେ ବାଉଁଶ ବାନ୍ଧି ଧଳା କପଡ଼ା ଘେରିଥିବା ଦେଖିବାକୁ ମିଳିଛି। ପୋଲର ତଳପଟୁ ସିମେଣ୍ଟ ଢ଼ଳାଇ ଛାଡି ରଡ୍ ଦେଖାଗଲାଣି ଯାନବାହନରେ ଉକ୍ତ ପୋଲ ଉପର ଦେଇ ଗଲେ ପୋଲଟି ଦୋହଲୁଥିବା ଭଳି ଅନୁଭୂତ ହେଉଛି। ବର୍ତ୍ତମାନ କେନାଲ ଭିତର କଂକ୍ରିଟ ଢଳେଇ କାମ ଚାଲିଥିବାରୁ ଉକ୍ତ ପୋଲ ଦେଇ ଚିପ୍‌ସ, ମୋରମ୍ ଓ ବାଲି ବୋଝେଇ ଭାରୀଯାନଗୁଡିକ ମଧ ଯାତାୟାତ କରୁଛନ୍ତି। ଉକ୍ତ ସମୟରେ ଏହି ବିପଦସଙ୍କୁଳ ବ୍ରିଜ୍‌ର ଅପସାରଣ କରି ଏକ ନୂତନ ସମ୍ପ୍ରସାରିତ ବ୍ରିଜ ନିର୍ମାଣ କରିବା ପାଇଁ ଗ୍ରାମବାସୀ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଆଗାମୀ ଦିନରେ କୌଣସି ଅଘଟଣ ଘଟିବା ପୂର୍ବରୁ ବିଭାଗୀୟ କର୍ତ୍ତୃପକ୍ଷ ସ୍ୱତନ୍ତ୍ର ଦୃଷ୍ଟିଦେଇ ନୂତନ ବ୍ରିଜ ନିର୍ମାଣ ପାଇଁ ଅଧିକ୍ଷଣ ଯନ୍ତ୍ରୀ ଜଳସେଚନ ବିଭାଗ ପ୍ରାଚୀ ଡିଭିଜନ ଭୁବନେଶ୍ୱର, ଉପଖଣ୍ଡ ଜଳସେଚନ ବିଭାଗ ପ୍ରାଚୀ ଡିଭିଜନ ପ୍ରତାପନଗରୀ, କନିଷ୍ଠ ଯନ୍ତ୍ରୀ ଜଳସେଚନ ବିଭାଗ ପ୍ରାଚୀ ଡିଭିଜନ ମହିଧରପଡା ସେକ୍ସନ ପ୍ରମୁଖଙ୍କୁ ଲିଖିତ ଅଭିଯୋଗ କରିଛନ୍ତି।

## ଅବସରକାଳୀନ ସମ୍ବର୍ଦ୍ଧନା ସଭା

**ବେଗୁନିଆ,୧।୩/ଏନ୍‌ଏସ୍‌ଏସ୍:** ବେଗୁନିଆ ବ୍ଲକ ଅନ୍ତର୍ଗତ ମୁକ୍ତାପୁର ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ମାଧବ ବେହେରାଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଛି। ବେଗୁନିଆ ବ୍ଲକ୍ ମିଳିତ ପ୍ରାଥମିକ ସଂଘର ସଭାପତି ରବୀନ୍ଦ୍ର କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାର ଆୟୋଜିତ ଏହି ସଭାରେ ଶିକ୍ଷକ ଲକ୍ଷ୍ମୀଧର ମହାପାତ୍ର ସଂଯୋଜନା କରିଥିଲେ। ମୁଖ୍ୟଅତିଥି ଭାବରେ ସ୍ଥାନୀୟ ବିଧାୟକ ପ୍ରଦୀପ କୁମାର ସାହୁ, ମୁଖ୍ୟ ବକ୍ତା ଭାବରେ ବେଗୁନିଆ ଶିକ୍ଷା ଅଧିକାରୀ ଭାସ୍କର ଲେଙ୍କା ସ୍ୱତନ୍ତ୍ର ଅତିଥି ଭାବରେ ଐତିହାସିକ ସତ୍ୟବାଦୀ ବଳିଆରସିଂହ, ସମ୍ମାନିତ ଅତିଥି ଭାବରେ କବି ବଳରାମ ରଣସିଂହ, ପ୍ରବଚକ ପ୍ରଫୁଲ୍ଲ କୁମାର ଦାସ, ମିଳିତ ପ୍ରାଥମିକ ଶିକ୍ଷକସଂଘ ବେଗୁନିଆର ଉପଦେଷ୍ଟା ବସନ୍ତ ପ୍ରହରାଜ, ପୂର୍ବତନ ଏ.ବି.ଇ.ଓ ଲକ୍ଷ୍ମୀ ଦେଇ, ସ୍ଥାନୀୟ ହଜ ସରପଞ୍ଚ ଦମୟନ୍ତୀ ସାମନ୍ତରାୟ, ଶିକ୍ଷକ ସୁଧାକର ସେଠୀ, ସି.ଆର୍.ସି.ସି ଆଲୋକ ସାମନ୍ତରାୟ, ଜିଲ୍ଲା ପରିଷଦ ସଭ୍ୟା ତନୁଜା ପାଟ୍ଟଶାଣୀ, ପ୍ରାଥମିକ ଶିକ୍ଷକ ସଂଘର ସମ୍ପାଦକ ଦାଶରଥି ବେହେରା ପ୍ରମୁଖ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସର୍ବେଶ୍ୱର ସ୍ୱାଇଁ, ଜମ୍ବେଶ୍ୱର ମଙ୍ଗରାଜ, ଭାବଗ୍ରାହୀ ମହାନ୍ତି, କାହ୍ନୁ ଚରଣ ସାହୁ ପ୍ରମୁଖ ଅଭିଭାଷଣ ପ୍ରଦାନ କରିଥିଲେ। ଛାତ୍ରଛାତ୍ରୀ, ଅଭିଭାବକ ଓ ଶିକ୍ଷକ, ଶିକ୍ଷୟିତ୍ରୀମାନଙ୍କ ଦ୍ୱାରା ବିଦାୟୀ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଶେଷଦେବ ଛୋଟରାୟ ଧନ୍ୟବାଦ ଅର୍ପଣ କରିଥିଲେ।

## ତମାଣ୍ଡୋ କପ୍: ଆଇକନିକ୍ ବିଜୟୀ

**ମୁଣ୍ଡମୁହାଣ,୧।୩/ଏନ୍‌ଏନ୍‌ଏସ୍:** ଭୁବନେଶ୍ୱର ଉପକଣ୍ଠ ତମାଣ୍ଡୋ କ୍ରିକେଟ୍ କ୍ଲବ ପକ୍ଷରୁ ଆୟୋଜିତ ୭ମ ତମାଣ୍ଡୋ କପ୍ ଟି-୨୦ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଆଜିର ମ୍ୟାଚ ବିବିବି ୱାରିଅସ୍ ଭୁବନେଶ୍ୱର ସହିତ ଆଇକନିକ୍ ୧୧ ମଧ୍ୟରେ ଚାଲିଥିଲା। ପ୍ରଥମେ ଆଇକନିକ୍ ୧୧ ଟସ୍ ଜିତି ବ୍ୟାଟିଂ ଆରମ୍ଭ କରିଥିଲା। ଦଳ ୧୮.୨ ଓଭର୍‌ରେ ୧୪୬ ରନ୍ ସଂଗ୍ରହ କରି ଅଲଆଉଟ୍ ହୋଇଯାଇଥିଲା। ଜବାବରେ ବିବିବି ୱାରିଅସ୍ ୧୨.୩ ଓଭର୍‌ରେ ୮୮ରନ୍ ସଂଗ୍ରହ କରି ଅଲ୍‌ଆଉଟ୍ ହୋଇ ପରାଜୟବରଣ କରିଥିଲା। ଏହି ମ୍ୟାଚରେ ସରୋଜ ପଣ୍ଡା ୧୯ ବଲ୍‌ରେ ୩୦ ରନ୍ ସଂଗ୍ରହ କରି ବେଷ୍ଟ ବ୍ୟାଟସ୍ ମ୍ୟାନ୍ ହୋଇଥିବା ବେଳେ, ଅଙ୍କିତ କର ଜସୱାଲ୍ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ହୋଇଥିଲେ। ସୌମ୍ୟରଞ୍ଜନ ସାହୁ ଆଜିର ମ୍ୟାଚ ଉପସ୍ଥାପକ ଥିଲେ।

## ରାହାସ ବିଦ୍ୟାପୀଠରେ ବିଜ୍ଞାନ ଦିବସ



**ଓଡ଼ଗାଁ,୧।୩/ଏନ୍‌ଏନ୍‌ଏସ୍:** ଓଡ଼ଗାଁ ବ୍ଲକ ଅନ୍ତର୍ଗତ ସାକେରୀ ରାହାସ ବିଦ୍ୟାପୀଠରେ ଶୁକ୍ରବାର ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ସନ୍ତୋଷ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନେ ମାନବ କଲ୍ୟାଣରେ ବିଜ୍ଞାନର ଅବଦାନ ବିଷୟରେ ନିଜନିଜର ବକ୍ତବ୍ୟ ରଖିଥିଲେ। ବିଜ୍ଞାନ ଶିକ୍ଷୟିତ୍ରୀ ରେଣୁବାଳା ସାହୁ ସଂଯୋଜନା କରିବା ସହିତ ବିଜ୍ଞାନ ଶିକ୍ଷାପ୍ରତି ଛାତ୍ରଛାତ୍ରୀମାନେ ଅଧିକ ଆଗ୍ରହ ପ୍ରକାଶ କରିବା ନିମନ୍ତେ ପରାମର୍ଶ ଦେଇଥିବାବେଳେ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ରଞ୍ଜନ କୁମାର ପାତ୍ର, କଳାଶିକ୍ଷୟିତ୍ରୀ ସୁନିତା ଜେନା, କ୍ରୀଡାଶିକ୍ଷକ ରିଙ୍କୁ ଦଳେଇ ଓ କନିଷ୍ଠ ସହକାରୀ ଅଶୋକ କୁମାର ଦାସ କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିବା ଜଣାପଡ଼ିଛି।

## ପ୍ରଧାନଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା




**ଫୁଲନଖରା,୧।୩/ଏନ୍‌ଏନ୍‌ଏସ୍:** ବାରଙ୍ଗ ବ୍ଲକ ଅନ୍ତର୍ଗତ ଉଷୁମା ପଞ୍ଚାୟତ ହାଇସ୍କୁଲର ପ୍ରଧାନ ଶିକ୍ଷକ ଚନ୍ଦ୍ରମଣି ପ୍ରଧାନଙ୍କୁ ଅବସରକାଳୀନ ସମ୍ବର୍ଦ୍ଧିତ କରାଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଭାରେ ପ୍ରାକ୍ତନ ସାଂସଦ ଡଃ.ପ୍ରସନ୍ନ ପାଟ୍ଟଶାଣୀ, ପ୍ରାକ୍ତନ ବିଧାୟକ ଡଃ.ପ୍ରମୋଦକୁମାର ମଲିକ, ବାରଙ୍ଗ ବ୍ଲକ ଶିକ୍ଷାଧିକାରୀ ବିଭୂତିଭୂଷଣ ବେହେରା, ଅଧକ୍ଷା ସାବିତ୍ରୀ ଦଳାଇ, ଶିକ୍ଷାବିତ ପ୍ରଦ୍ୟୁମ୍ନ କୁମାର ପତି, ଓଷ୍ଟା କୋଷାଧକ୍ଷ ଅଶୋକ ମହାପାତ୍ର, ବ୍ୟାଙ୍କ ପରିଚାଳିକା ସରସ୍ୱତୀ ମୁର୍ମୁ, ବିଶ୍ୱରଂଜନ ସ୍ୱାଇଁ, ବିଶ୍ୱରଂଜନ ଦାସ, ସମିତି ସଭ୍ୟା ଶୁଭଲକ୍ଷ୍ମୀ ଦାସ, ମାନସ ପଣ୍ଡା, ଦିବ୍ୟସିଂହ ପାତ୍ର, ଦିଗମ୍ବର ସାହୁ, ବିପ୍ରଚରଣ ପ୍ରଧାନ, ଅଚ୍ୟୁତାନନ୍ଦ ସାହୁ, ତ୍ରିଲୋଚନ ଜେନା, ସ୍ୱପ୍ନାଣି ପଟ୍ଟନାୟକ, ସନ୍ତୋଷକୁମାର ଦାସ ଓ ପ୍ରଧାନ ଶିକ୍ଷକ ପ୍ରତାପ ମହାପାତ୍ର ଅତିଥିରୂପେ ଯୋଗଦେଇଥିଲେ। ଏହି ଅବସରରେ ବିଭିନ୍ନ ବିଦ୍ୟାଳୟ, ଶିକ୍ଷାବିତ, ମୁରବି, ଛାତ୍ରଛାତ୍ରୀ, ଅଭିଭାବକ ଓ ଶିକ୍ଷକ ଶିକ୍ଷିକାଙ୍କ ପକ୍ଷରୁ ଶ୍ରୀଯୁକ୍ତ ପ୍ରଧାନଙ୍କୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପ୍ରଦୀପକୁମାର ବାରିକ, ପଣ୍ଡିତ ଅଜୟ କୁମାର ପତି, ତ୍ରିଲୋଚନ ବେହେରା, ଗଣେଶ୍ୱର ନାୟକ, ନଳିନୀପ୍ରଭା ପାତ୍ର, ସୁଜାତା ମହାନ୍ତି, ହରପ୍ରିୟା ମହାପାତ୍ର, ଭିକାରୀ ମହାନ୍ତି, ବନୋଜ ତରାଇ, ସାଲୋନୀ ପରୱିନ, ଦିଲୀପକୁମାର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ଛାତ୍ରଛାତ୍ରୀ ଓ ପୁରାତନ ଛାତ୍ରଛାତ୍ରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲାବେଳେ ଧୀରେନ୍ଦ୍ର କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରଚାର ସମିତି ଶାଖା ତରଫରୁ ଜାତୀୟ ବିଜ୍ଞାନ ଦିବସ



**ସାଲେପୁର,୧।୩/ଏନ୍‌ଏନ୍‌ଏସ୍:** ବିଜ୍ଞାନ ପ୍ରଚାର ସମିତି ସାଲେପୁର ଶାଖା ତରଫରୁ ସାଲେପୁର ନିକଟସ୍ଥ ସାବିତ୍ରୀ ଦେବୀ ବିଜ୍ଞାନ ମହା ବିଦ୍ୟାଳୟ, ପୁରୁଷୋତ୍ତମପୁର, ଶିଶୁଆ ଠାରେ ସମିତିର ସଭାନେତ୍ରୀ ମେଜର ମଞ୍ଜୁଶ୍ରୀ ପତିଙ୍କ ସଭାପତିତ୍ୱରେ ପାଳିତ ହୋଇଯାଇଛି।

ଏଥିରେ ମୁଖ୍ୟ ଅତିଥିଭାବେ ଉକ୍ତ ବିଦ୍ୟାଳୟର ଅଧକ୍ଷ ଦେବେନ୍ଦ୍ରନାଥ ପତି ଯୋଗ ଦେଇ ଛାତ୍ରଛାତ୍ରୀମାନଙ୍କୁ ବୈଜ୍ଞାନିକ ସି. ଭି ରମଣଙ୍କ ଭଳି ନିଜକୁ ଗଢି ତୋଳିବାକୁ ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତା ଭାବରେ ପ୍ରଧାପକ ଡ଼ଃ ପ୍ରଭାତ କିଶୋର ନାୟକ ଯୋଗ ଦେଇ ବିକଶିତ ଭାରତ ଗଠନରେ ଛାତ୍ରଛାତ୍ରୀମାନେ ବିଜ୍ଞାନର ଗବେଷଣାତ୍ମକ ପ୍ରୟୋଗ କରିପାରିଲେ ଭାରତ ବିଶ୍ୱଗୁରୁ ହୋଇ ପାରିବ ବୋଲି ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ସମିତିର ପ୍ରତିଷ୍ଠାତା ପ୍ରାକ୍ତନ ବରିଷ୍ଠ ପ୍ରଶାସନିକ ଅଧିକାରୀ ସୁକାନ୍ତ କିଶୋର ମହାନ୍ତି, ଉପଦେଷ୍ଟା ଡ଼ଃ ପୂର୍ଣ୍ଣଚନ୍ଦ୍ର ଓଝା, ଉପସଭାପତି ବିଶିଷ୍ଟ ଶିକ୍ଷାବିତ୍ ବିପିନ ବିହାରୀ କର ଓ ଯୁଗ୍ମ ସମ୍ପାଦକ ଦିବାକର ପ୍ରଧାନ ବିଜ୍ଞାନ ଦିବସ ପାଳନର ତାତ୍ପର୍ଯ୍ୟ ସହ ସି.ଭି ରମଣଙ୍କ ଜୀବନୀ ଉପରେ ମାର୍ଗ ଦର୍ଶନ କରିଥିଲେ। ସମିତିର ଅନ୍ୟତମ ଉପଦେଷ୍ଟା ସାଲେପୁର ସ୍ୱୟଂ ଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ଡ଼ଃ ଉମେଶ ଚନ୍ଦ୍ର ପତି ସ୍ୱାଗତ ଭାଷଣ ସହିତ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସମିତିର ସମ୍ପାଦକ ମହେଶ ଚନ୍ଦ୍ର କର ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶତାଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ।

## ହିନ୍ଦୀ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



**କାକଟପୁର,୧।୩/ଏନ୍‌ଏନ୍‌ଏସ୍:** ପୁରୀ ଜିଲ୍ଲା କାକଟପୁର ବ୍ଲକ ଚିତ୍ରେଶ୍ୱରୀ ନୋଡାଲ ଉଚ୍ଚ ବିଦ୍ୟାଳୟ ଓ ନିମାପଡ଼ା ବ୍ଲକ୍ ଡେଣୁଅ ଉଚ୍ଚ ବିଦ୍ୟାଳୟରେ ହିନ୍ଦୀ ଶିକ୍ଷକ ଭାବେ କାର୍ଯ୍ୟ କରୁଥିବା ବରିଷ୍ଠ ହିନ୍ଦୀ ଶିକ୍ଷକ ଶ୍ରୀଯୁକ୍ତ ପ୍ରତାପ ଚନ୍ଦ୍ର ମହାରଣାଙ୍କୁ ଶୁକ୍ରବାର ଚିତ୍ରେଶ୍ୱରୀ ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ଭବ୍ୟ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଚିତ୍ରେଶ୍ୱରୀ ନୋଡାଲ ଉଚ୍ଚ ବିଦ୍ୟାଳୟ ପରିଚାଳନା କମିଟି, ପୁରାତନ ଛାତ୍ରଛାତ୍ରୀ ଓ ଚିତ୍ରେଶ୍ୱରୀ ନୋଡାଲ ଉଚ୍ଚ ବିଦ୍ୟାଳୟ ମାନଙ୍କ ସହଯୋଗରେ ମହା ଆଡ଼ମ୍ବରରେ ସମ୍ବର୍ଦ୍ଧନା ସଭା ଆୟୋଜନ କରାଯାଇଥିଲା। ଚିତ୍ରେଶ୍ୱରୀ ନୋଡାଲ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରଦୀପ୍ତ କୁମାର ବରାଳଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ମଣ୍ଡଳ ଶିକ୍ଷା ଅଧିକାରୀ ଦିଲ୍ଲୀପ କୁମାର ଜେନା, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶ୍ରୀଧର ଜେନା, ପୂର୍ବତନ ସରପଞ୍ଚ ଲକ୍ଷ୍ମୀ ନାରାୟଣ ଜେନା, କାକଟପୁର ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ଶ୍ରୀକାନ୍ତ ସ୍ୱାଇଁ, ଅବସରପ୍ରାପ୍ତ ମଣ୍ଡଳ ସହ ଶିକ୍ଷା ଅଧିକାରୀ ପଙ୍କଜିନି ଦେଇ, ସାଧନ କେନ୍ଦ୍ର ସଂଯୋଜକ ଜଟାଧାରୀ ଦାସ, ଭାଟବନ୍ଧ ସ୍କୁଲ୍ ପ୍ରଧାନ ଶିକ୍ଷକ ବ୍ରଜ କିଶୋର ସାହୁ, ଭିଲିଗ୍ରାମ ସ୍କୁଲ୍ ପ୍ରଧାନ ଶିକ୍ଷକ ରବୀନ୍ଦ୍ର ନାୟକ, ବାଲିଦୋକାନ ପ୍ରଧାନ ଶିକ୍ଷକ କୈଳାସ ରାୟ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଲକ୍ଷ୍ମଣ କୁମାର ପଣ୍ଡା, ଦିଘାଲୋ ପୂର୍ବତନ ଶିକ୍ଷକ କୈଳାସ ସାହୁ, ଅବସରପ୍ରାପ୍ତ ହିନ୍ଦୀ ଶିକ୍ଷକ ବାସୁଦେବ ସାହୁ, ଅବସରପ୍ରାପ୍ତ ଶିକ୍ଷକ ନଟବର ସ୍ୱାଇଁ, କିଶୋର ଓଝା, ଗୌର ଚନ୍ଦ୍ର ବିଶ୍ୱାଳ, ଏକାଦଶୀ ବେହେରା ପ୍ରମୁଖ ଯୋଗଦେଇ ଅବସର ନେଇଥିବା ହିନ୍ଦୀ ଶିକ୍ଷକ ପ୍ରତାପ ଚନ୍ଦ୍ର ମହାରଣାଙ୍କ ଶିକ୍ଷକତା ଜୀବନର ଅତୀତ ଘଟଣାକୁ ମନେ ପକାଇବା ସହ ଆଗାମୀ ଜୀବନ କିପରି ମଙ୍ଗଳମୟ ହେବ ମତପୋଷଣ କରିଥିଲେ। ପରେ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ, ପରିଚାଳନା କମିଟି, ପୁରାତନ ଛାତ୍ରଛାତ୍ରୀ, ଅଧ୍ୟୟନରତ ଛାତ୍ରଛାତ୍ରୀ ପ୍ରମୁଖ ଶ୍ରୀ ମହାରଣାଙ୍କୁ ଉପହାର ଦେଇ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମରେ ଶିକ୍ଷକ ପ୍ରତାପ ରାଉତ ମଞ୍ଚ ପରିଚାଳନା କରିଥିବା ବେଳେ ପରିଚାଳନା କମିଟି ସଭାପତି ସଦାଶିବ ବୀଣାକର, ପୁରାତନ ଛାତ୍ର ସଭାପତି ବିପିନ ବିହାରୀ ସ୍ୱାଇଁ, ବିଦ୍ୟାଳୟ ଶିକ୍ଷୟିତ୍ରୀ ଲିଲି କୁମାରୀ ନାୟକ, ଲିଜା ପରିଡ଼ା, ସସ୍ମିତା ପୃଷ୍ଟି, ଦୀପ୍ତି ଖଟୋଇ, ପ୍ରଗତି ମହାନ୍ତି, ଶିକ୍ଷକ ଲିଙ୍ଗରାଜ ଭର୍ତ୍ତା, ପ୍ରଶାନ୍ତ ସେଠୀ ଓ ଗୋପୀନାଥ କିସ୍କୁ ପ୍ରମୁଖ ସହଯୋଗ କରିଥିଲେ।

## ମହିଳା ପ୍ରଦର୍ଶନୀ ଫୁଟ୍‌ବଲ୍ ମ୍ୟାଚ୍: କେନ୍ଦୁଝର ବିଜୟୀ

**ଖଣ୍ଡପଡ଼ା,୧।୩/ଏନ୍‌ଏନ୍‌ଏସ୍:** ଖଣ୍ଡପଡା ମଧୁବନ ମିନିଷ୍ଟାଡିୟମ ପରିସରରେ ସ୍ପୋଟର୍ସ ଆସୋସିଏସନ୍ ଆନୁକୁଲ୍ୟରେ ଚାଲିଥିବା ୬ଷ୍ଠ ରାଜ୍ୟସ୍ତରୀୟ ମହେନ୍ଦ୍ର ସ୍ୱାଇଁ ଫୁଟ୍‌ବଲ୍ ଟୁର୍ଣ୍ଣାମେଂଟ୍ ଅବସରରେ ଶନିବାର ଏକ ମହିଳା ପ୍ରଦର୍ଶନୀ ଫୁଟ୍‌ବଲ୍ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। କେନ୍ଦୁଝର ମହିଳା ଫୁଟ୍‌ବଲ୍ ଟିମ୍ ୩-୦ ଗୋଲ୍‌ରେ ଭୁବନେଶ୍ୱର ମହିଳା ଫୁଟ୍‌ବଲ୍ ଟିମ୍‌କୁ ପରାସ୍ତ କରି ବିଜୟୀ ହୋଇଥିଲା। ମୁଖ୍ୟ ରେଫରୀ ଭାବେ କ୍ରୀଡ଼ାଶିକ୍ଷକ ସମୀର ଝୁଣ୍ଟିଆ ମ୍ୟାଚ୍‌କୁ ପରିଚାଳନା କରିଥିବା ବେଳେ ତାଙ୍କୁ ଲାଇନ୍‌ରେ ସହାୟତା କରିଥିଲେ ବାପି ମହାନ୍ତି ଓ ସୁବାସ ଚନ୍ଦ୍ର ବେହେରା। ମୁଖ୍ୟ ଅତିଥି ରୁପେ ବରିଷ୍ଠ ସମାଜସେବୀ ତଥା ପୂର୍ବତନ ସରପଞ୍ଚ ଧନେଶ୍ୱର ମହାପାତ୍ର ଓ ସମ୍ମାନୀତ ଅତିଥି ଭାବେ ସମାଜସେବୀ ଅଖିଳ କୁମାର ମହାରଣା, ବରିଷ୍ଠ ସାମ୍ବାଦିକ ବିନାୟକ ମିଶ୍ର, ପୂର୍ବତନ ସରପଞ୍ଚ ନବକିଶୋର ସାହୁ, ପଣ୍ଡିତ ମନୋଜ ଦାଶ, ଚିତ୍ତରଞ୍ଜନ ମିଶ୍ର ପ୍ରମୁଖ ଯୋଗଦେଇ ଉଭୟ ଟିମ୍‌ର ଖେଳାଳୀ ଓ ଆୟୋଜକମାନଙ୍କୁ ଉତ୍ସାହିତ କରିଥିଲେ। ମ୍ୟାଚ୍‌କୁ ଉପଭୋଗ କରିବା ନିମନ୍ତେ ଷ୍ଟାଡ଼ିୟମ୍ ପରିସରରେ ଦର୍ଶକଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା।

## ପଞ୍ଚାୟତିରାଜ ମନ୍ତ୍ରୀଙ୍କ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମୀକ୍ଷା

**ଅସ୍ତରଙ୍ଗ,୧।୩/ଏନ୍‌ଏନ୍‌ଏସ୍:** ଅସ୍ତରଙ୍ଗ ବ୍ଲକ କୁ ଗସ୍ତ କରି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ ସମୀକ୍ଷା କରିଛନ୍ତି ରାଜ୍ୟ ପଞ୍ଚାୟତରାଜ ପାନୀୟଜଳ ଗ୍ରାମ୍ୟଉନ୍ନୟନ ବିଭାଗ ମନ୍ତ୍ରୀ ରବି ନାରାୟଣ ନାୟକ। ସମୀକ୍ଷା ବୈଠକରେ ଅସ୍ତରଙ୍ଗ ବ୍ଲକ ମଣ୍ଡଳ ଉନ୍ନୟନ ଅଧିକାରୀ ସସ୍ମିତା ବେହେରା, ବ୍ଲକ ଅଧକ୍ଷା ଆରତୀ ନାୟକ, ଉପାଧକ୍ଷ ଦୁର୍ଜୟ ମିଶ୍ର, ବରିଷ୍ଠ ବିଜେପି ନେତା ବାଇଧର ମଲ୍ଲିକ ଓ ଅସ୍ତରଙ୍ଗ ବ୍ଲକ ବିଜେପି ନେତା ତଥା ଯୁବ ସମାଜସେବୀ ଦିବାକର ଛାଟୋଇ ଓ ବ୍ଲକ୍‌ର ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ସମେତ ଅନେକ ସରପଞ୍ଚ ଓ ସମିତିସଭ୍ୟ, ସଭ୍ୟାମାନେ ଉପସ୍ଥିତ ଥିଲେ। ଅସ୍ତରଙ୍ଗର ସମସ୍ତ ୧୫ଗୋଟି ପଞ୍ଚାୟତରେ ପାନୀୟଜଳ ପ୍ରକଳ୍ପ କିପରି ଅଛି ତାହାର ସ୍ଥିତି ଅବସ୍ଥିତି ଆଉ କାର୍ଯ୍ୟକ୍ଷମ ଉପରେ ଉପସ୍ଥିତ ବିଡ଼ିଓ ଏବଂ ବିଭାଗୀୟ ଅଧିକାରୀଙ୍କ ସହିତ ଆଲୋଚନା କରିଥିଲେ। ଏଥି ସହିତ ଅବହେଳିତ ଅବସ୍ଥାରେ ପଡ଼ିରହିଥିବା ପାନୀୟଜଳ ପ୍ରକଳ୍ପକୁ ଯୁଦ୍ଧକାଳୀନ ଭିତ୍ତିରେ ସକ୍ଷମ କରିବାକୁ ବିଡ଼ିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବୈଠକ ପରେ ଉପସ୍ଥିତ ଅଧିକାରୀ ଓ ନେତୃବୃନ୍ଦଙ୍କ ସହିତ ନବନିର୍ମାଣ ତାଳଦା ସେତୁର ସ୍ଥିତି ଦେଖିଥିଲେ।

## ନରସିଂହପୁର ବିଦ୍ୟାଳୟ ପ୍ରଧାନଶିକ୍ଷକଙ୍କୁ ସମ୍ବର୍ଦ୍ଧନା

**ନୟାହାଟ,୧।୩/ଏନ୍‌ଏନ୍‌ଏସ୍:** ନୟାହାଟ ଫାଣ୍ଡି ଅନ୍ତର୍ଗତ ଧୂମାଳ ପଞ୍ଚାୟତରେ ଥିବା ନରସିଂହପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଜୟ କୁମାର ପରିଡାଙ୍କୁ ଶନିବାର ବିଦାୟ କାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏହି ଅବସରରେ ବିଦ୍ୟାଳୟ ପରିସରରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୁବନେତା ଅଭିମନ୍ୟୁ ସିଂହ ଓ ମୁଖ୍ୟବକ୍ତା ଭାବେ କାକଟପୁର ବ୍ଲକ୍‌ର ପୂର୍ବତନ ଶିକ୍ଷାଧିକାରୀ କୈଳାସ ଚନ୍ଦ୍ର ଦାସ, ସମ୍ମାନିତ ଅତିଥି ଭାବେ ସିଙ୍ଗପାନିଆଁ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିକର୍ତ୍ତନ ଦୀକ୍ଷିତ, ଶିକ୍ଷକ ସନ୍ତୋଷ ବିଶ୍ୱାଳ, ଧୂମାଳ ସେବାସମବାୟ ସମିତିର ସଭାପତି କୃଷ୍ଣ ଚନ୍ଦ୍ର ସ୍ୱାଇଁ, ପ୍ରଭାତ ନନ୍ଦିନୀ ମହାନ୍ତି, ଶିକ୍ଷକ ନିରଞ୍ଜନ




ସ୍ୱାଇଁ ଯୋଗଦେଇଥିଲେ। ପରେ ଶ୍ରୀ ପରିଡ଼ାଙ୍କ ଉଦ୍ଦେଶ୍ୟରେ କବିତା ପାଠ କରାଯିବା ସହ ଗୁରୁଙ୍କ ଋଣ କେହି ଶୁଝିପାରିବେ ନାହିଁ ବୋଲି ମତପ୍ରକାଶ ପାଇଥିଲା। ଶିକ୍ଷକ ସଙ୍ଘର ସଂପାଦକ ସରୋଜ କୁମାର ମିଶ୍ର ସଭାପତିତ୍ୱ କରିଥିବା ବେଳେ ଶିକ୍ଷୟିତ୍ରୀ କବିତା ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଦ୍ୟାଳୟର ସଭାପତି କାହ୍ନୁ ନାୟକ ଓ ଗୋପ ବ୍ଲକ୍ ଶିକ୍ଷକ ସଙ୍ଘର ସଭାପତି ଅଜୟ କୁମାର ରଥ, ଶିକ୍ଷକ ଦେବୀପ୍ରସାଦ ପାତ୍ର ଦେସ୍ଥଳୀ ସ୍କୁଲର ପ୍ରଧାନଶିକ୍ଷକ ସୁରଜିତ୍ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଶେଷରେ କୁନିକୁନି ପିଲାମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ବିନା ଦେୟରେ ସମୂହ ବ୍ରତୋପୟନ

**ପଞ୍ଚମୁଖୀ ହନୁମାନ ଜିଉଙ୍କ ୨୫ତମ ବାର୍ଷିକ ଉତ୍ସବ**

**କଣ୍ଟିଲୋ,୧।୩/ଏନ୍‌ଏନ୍‌ଏସ୍:** ମାର୍ଚ୍ଚ ୨ ତାରିଖ ରବିବାର କଣ୍ଟିଲୋସ୍ଥିତ ପଞ୍ଚମୁଖୀ ହନୁମାନ ଜିଉଙ୍କ ୨୫ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହେବାକୁ ଯାଉଛି। ଏହି ଉତ୍ସବ ଅବସରରେ ଅନୁଷ୍ଠାନ ସଦସ୍ୟମାନଙ୍କ ନିଷ୍ପତ୍ତିକ୍ରମେ ଆସନ୍ତା ମାର୍ଚ୍ଚ ୧୦ ତାରିଖରେ ଗରିବ, ନିରୀହ ତଥା କୌଣସି କାରଣବଶତଃ ବ୍ରତ ହୋଇପାରୁ ନଥିବା ବ୍ରାହ୍ମଣ ପିଲାମାନଙ୍କର ସମୂହ ବ୍ରତୋପୟନ କାର୍ଯ୍ୟ ବିନା ଦେୟରେ ସ୍ଥାନୀୟ ମାଳବନ୍ଧ ଉପରେ ବିରାଜିତ ପ୍ରଭୁ ଶ୍ରୀ ଶ୍ରୀ ପଞ୍ଚମୁଖୀ ହନୁମାନ ଜିଉଙ୍କ ମନ୍ଦିର ପରିସରରେ ଅନୁଷ୍ଠିତ ହେବ। ଯେଉଁ ଅଭିଭାବକ ଏହି ସମୂହ ବ୍ରତୋପୟନ୍ କାର୍ଯ୍ୟରେ ନିଜ ପିଲାମାନଙ୍କ ବ୍ରତ କାର୍ଯ୍ୟ ସମ୍ପନ୍ନ କରିବାକୁ ଇଚ୍ଛୁକ ସେମାନେ ସଭାପତି ଗୋପାଳ ଚନ୍ଦ୍ର ଅଗ୍ରୱାଲାଙ୍କୁ ମୋବାଇଲ୍ ନମ୍ବର ୯୩୪୮୯୩୭୫୫୧ ଓ ସମ୍ପାଦକ ଲକ୍ଷ୍ମୀଧର ଚିନେରାଙ୍କୁ ୯୯୩୭୭୧୫୭୦୦ ନମ୍ବରରେ ଯୋଗାଯୋଗ କରିବାକୁ ସୂଚନା ଦିଆଯାଇଛି।

## ପ୍ରସିଦ୍ଧ ଓଳକଣା ଦୋଳମେଳଣ ପ୍ରସ୍ତୁତି



**କୁଆଁପାଳ,୧।୩/ଏନ୍‌ଏନ୍‌ଏସ୍:** ଆସନ୍ତା ଫାଲଗୁନ ଶୁକ୍ଳ ଚତୁର୍ଦ୍ଦଶୀ ଫେବୃୟାରୀ ୧୩ ତାରିଖ ଗୁରୁବାର ଦିନ ଅନୁଷ୍ଠିତ ହେବାକୁ ଯାଉଥିବା ପ୍ରସିଦ୍ଧ ଓଳକଣା ମେଳଣ କିଭଳି ଶାନ୍ତି ଓ ଶୃଙ୍ଖଳାର ସହିତ ସଂପନ୍ନ ହେବ ସେ ନିମନ୍ତେ ଓଳକଣା ମେଳଣ ପଡିଆସ୍ଥିତ ବିଦୁର ଗାଦି ସମ୍ମୁଖ ମଣ୍ଡପରେ ଠାକୁର ବାଡିଆ ସତ୍ତ୍ୱାଧିକାରୀ ମୁଖ୍ୟ ସମନ୍ୱୟ କମିଟି ଏବଂ ପ୍ରଶାସନିକ ଅଧିକାରୀମାନଙ୍କ ଉପସ୍ଥିତିରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମସ୍ତ ଠାକୁର ବାଡିଆ, କେନ୍ଦ୍ରାପଡା ଏସ୍‌ଡିପିଓ ଜ୍ୟୋତିରଂଜନ ଗୌଡ, ସାଲେପୁର ଏସଡିପିଓ ବିରଞ୍ଚି ନାରାୟଣ ପତି, ଭଦ୍ରେଶ୍ୱର ଥାନା ଅଧିକାରିଣୀ ସଂଧାରାଣୀ ସିଂହ, ଡେରାବିଶ ଥାନା ଅଧିକାରୀ ସରୋଜ କୁମାର ସାହୁ, ଡେରାବିଶ ମଣ୍ଡଳ ଉନ୍ନୟନ ଅଧିକାରିଣୀ ନମିତା ବାରିକ, ସରପଞ୍ଚ ରାଜେନ୍ଦ୍ର ସାହୁ, ଦୁର୍ଯ୍ୟୋଧନ ମଲିକ, ପୂର୍ବତନ ସରପଞ୍ଚ ବଟକୃଷ୍ଣ ସାମଲ, ସମାଜସେବୀ ନଟବର ସାମଲ, ରାଜକିଶୋର ମଲ୍ଲ, ମକର ପ୍ରଧାନ, ଡେରାବିଶ୍ ଲକ୍ଷ୍ମୀଠାକୁରାଣୀଙ୍କ ପ୍ରତିନିଧି ନାରାୟଣ ସାହୁ, କରୁଣାକର କର ପ୍ରମୁଖ ଯୋଗଦେଇ କିପରି ଶାନ୍ତି ଶୃଙ୍ଖଳାର ସହିତ ଓଳକଣା ମେଳଣ ପରିଚାଳନା କରାଯିବ ସେ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇ ସର୍ବସମ୍ମତିକ୍ରମେ ପ୍ରସ୍ତାବମାନ ଗ୍ରହଣ କରାଯାଇଥିଲା। ମେଳଣ ପଡିଆରେ ଡିଜେ ବାଜାକୁ ବନ୍ଦ୍ କରାଯିବାକୁ ନେଇ ପ୍ରସ୍ତାବ ଦିଆଯାଇଥିଲା। ଏହା ଏକ ଯୁଗାନ୍ତକାରୀ ପଦକ୍ଷେପ ହେବ ବୋଲି ବୈଠକରେ ମତପ୍ରକାଶ ପାଇଥିଲା।

## ପଶୁସମ୍ପଦ ବିଭାଗ ପକ୍ଷରୁ ଗୋ ଚିକିତ୍ସା ଶିବିର

**କୁଆଁପାଳ,୧।୩/ଏନ୍‌ଏନ୍‌ଏସ୍:** ମାହାଙ୍ଗା ବ୍ଲକର ଗୌଡପଡାଠାରେ ପଶୁ ସମ୍ପଦ ବିଭାଗ ପକ୍ଷରୁ ଏକ ଗୋ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୫୪ରୁ ଉର୍ଦ୍ଧ୍ୱ ଗୋରୁଙ୍କୁ ଚିକିତ୍ସା କରାଯାଇଥିଲା। କାର୍ଯ୍ୟକ୍ରମକୁ ଗୋସମ୍ପଦ ବିଭାଗର ବିଭିଓ ଡାକ୍ତର ମିନକେତନ ପଣ୍ଡା, ଭିଏସ୍ ଡା. ରଶ୍ମିରଂଜନ ମିଶ୍ର, ଡା. ଲଳିତ ମୋହନ ବେହେରା, ଏମ୍‌ପିସିଏସ୍ ଶାରଦା ପ୍ରସାଦ ନାୟକ, ପି ଆଣ୍ଡ ଆଇ ସୁପରଭାଇଜର ଯୋଗଦେଇ ଗୋଚିକିତ୍ସା କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ରାଜକୁମାର ଭୂୟାଁ, ଜୀବନ ବିଶ୍ୱାଳ, ବାଇଆ ଦାସ, ଅନୀଲ ସାହୁ ରୁଦ୍ରନାରାୟଣ ଦାସ ପ୍ରମୁଖ ସହଯୋଗ କରିଥିଲେ। ପଶୁ ସମ୍ପଦର ଏଭଳି କାର୍ଯ୍ୟକୁ ପ୍ରଶଂସା କରାଯାଇଛି।

## ବିପଦସଙ୍କୁଳ ଅବସ୍ଥାରେ ୩୩କେଭି ବିଦ୍ୟୁତ୍ ତାର



**ଜଟଣୀ,୧।୩/ଏନ୍‌ଏନ୍‌ଏସ୍:** ପୂର୍ବତଟ ରେଲୱେ ବିଭାଗର ରେତଙ୍ଗ କଲୋନୀ ଠାରେ ଅବସ୍ଥିତ ରେଲୱେ କଲ୍ୟାଣ ମଣ୍ଡପ ସମ୍ମୁଖ ଫାଟକର ଠିକ ଉପରେ ଟାଟା ବିଦ୍ୟୁତ ବିଭାଗ ଦ୍ୱାରା ବିପଦପୂର୍ଣ୍ଣ ଭାବେ ଟଣା ଯାଇଥିବା ୩୩ କେଭି ବିଦ୍ୟୁତ ତାରକୁ ନେଇ ବର୍ତ୍ତମାନ ସାଧାରଣରେ ଜୋର୍ ଧରିଛି ଚର୍ଚ୍ଚା। ସୂଚନା ମୁତାବକ ରେଲୱେ ରେତଙ୍ଗ କଲୋନୀରେ ଅବସ୍ଥିତ କଲ୍ୟାଣ ମଣ୍ଡପରେ ବର୍ଷକୁ ଅନେକ ଉତ୍ସବ ଯଥା ବିବାହ, ବ୍ରତ, ଜନ୍ମଦିନ ତଥା ରେଲୱେ ବିଭାଗ ଦ୍ୱାରା ଅନେକ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ପାଳିତ ହୋଇଥାଏ। ପ୍ରତ୍ୟକ ଉତ୍ସବ ପାଇଁ ଟେଣ୍ଟ, ବିଦ୍ୟୁତ ଦ୍ୱାରା ବହୁ ସାଜସଜ୍ଜା ହୋଇଥାଏ। କଲ୍ୟାଣ ମଣ୍ଡପ ସମ୍ମୁଖ ମୁଖ୍ୟ ଫାଟକ ଉପରେ ରେଲୱେ ବିଦ୍ୟୁତ ବିଭାଗ ଦ୍ୱାରା ଟଣାଯାଇଥିବା ୩୩କେଭି ବିଦ୍ୟୁତ ତାର ପାଇଁ ମୁଖ୍ୟ ଫାଟକରେ ଟେଣ୍ଟ କର୍ମଚାରୀଙ୍କ ଦ୍ୱାରା ପ୍ରସ୍ତୁତ ତୋରଣ ସମୟରେ ଅନେକବାର ୩୩କେଭି ତାର ସଂସ୍ପର୍ଶରେ ଆସି ଦୁର୍ଘଟଣାର ସମ୍ମୁଖୀନ ହୋଇ ଅଳ୍ପକେ ବଞ୍ଚିଯାଇଥିବା ସ୍ଥାନୀୟ ପ୍ରତ୍ୟକ୍ଷଦର୍ଶୀ ପ୍ରକାଶ କରିଛନ୍ତି। ଏଠି ସାଧାରଣରେ ପ୍ରଶ୍ନ ଉଠେ ଅବସ୍ଥିତ କଲ୍ୟାଣ ମଣ୍ଡପ ସମ୍ମୁଖରେ ଏଭଳି ବିପଦପୂର୍ଣ୍ଣ ଭାବରେ ଉଚ୍ଚ କ୍ଷମତାସମ୍ପନ୍ନ ବିଦ୍ୟୁତ ତାରର ସଂଯୋଗୀକରଣ ପାଇଁ ଅନୁମତି ଦେଲା କିଏ? ବୁଦ୍ଧିଜୀବୀଙ୍କ ମତରେ ବର୍ତ୍ତମାନ ଟାଟା ବିଦ୍ୟୁତ ବିଭାଗର ଉଚ୍ଚ ପଦସ୍ଥ ଅଧିକାରୀ ଏହାର ପୁଙ୍ଖାନୁପୁଙ୍ଖ ତଦନ୍ତକରି ଏହି ଉଚ୍ଚ ସମ୍ପନ୍ନ ବିଦ୍ୟୁତ ସଂଯୋଗୀକରଣ ତାରକୁ କଲ୍ୟାଣମଣ୍ଡପର ମୁଖ୍ୟ ଫାଟକ ଉପରୁ ସ୍ଥାନାନ୍ତରିତ ବ୍ୟବସ୍ଥା କରାଯାଉ। ନଚେତ ଏହି ତାରକୁ ସୁରକ୍ଷିତ ପାଇପ ଦ୍ୱାରା ଆବଦ୍ଧ କରାଯାଉ।

ନିତି ଭାରତୀ

ପ୍ରକୃତ ଶିକ୍ଷକ ହେଉଛନ୍ତି ସେହିମାନେ, ଯେଉଁମାନେ ଆମକୁ ଆମ ନିଜ ପାଇଁ ଚିନ୍ତା କରିବାକୁ ଶିକ୍ଷା ପ୍ରଦାନ କରନ୍ତି।
- ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍

# ଅଚିନ୍ତ୍ୟ ଲୀଳାମୟ ଶ୍ରୀ ରାମକୃଷ୍ଣ

ପ୍ରବ୍ରାଜିକା ବୀତଭୟପ୍ରାଣା

'ସ୍ଥାପକାୟ ଚ ଧର୍ମସ୍ୟ ସର୍ବଧର୍ମ ସ୍ୱରୂପିଣେ/ ଅବତାର ବରିଷ୍ଠାୟ ରାମକୃଷ୍ଣାୟ ତେ ନମଃ।' ଶ୍ରୀ ରାମକୃଷ୍ଣଙ୍କର ଏହି ପ୍ରଣାମ ମନ୍ତ୍ରଟିର ରଚୟିତା ସ୍ୱାମୀ ବିବେକାନନ୍ଦ। ଏହା ମନ୍ତ୍ର ନୁହେଁ, ଏକ ମହାସତ୍ୟର ଘୋଷଣା। ଶ୍ରୀ ରାମକୃଷ୍ଣଙ୍କର ମର୍ତ୍ତ୍ୟଲୀଳା ଅବସାନର ବାର ବର୍ଷ ପରେ ଆଚାର୍ଯ୍ୟ ବିବେକାନନ୍ଦ ଭକ୍ତଗୃହରେ ଶ୍ରୀ ରାମକୃଷ୍ଣଙ୍କର ପୂଜା କରି ଦ୍ୱିଧାହୀନ ଭାବରେ ଏହି ପ୍ରଣାମ ମନ୍ତ୍ର ରଚନା କରି ପ୍ରଣାମ ନିବେଦନ କରିଥିଲେ। ସ୍ୱାମିଜୀ ଶ୍ରୀ ରାମକୃଷ୍ଣଙ୍କ ଜୀବନର ସାମଗ୍ରିକ ପରିଚୟ ଏହି ଶ୍ଳୋକ ମାଧ୍ୟମରେ ଦେଇ ଯାଇଛନ୍ତି। ଅବତାର ନୁହନ୍ତି, ଶ୍ରୀ ରାମକୃଷ୍ଣ ଅବତାର ବରିଷ୍ଠ, ଋଗ୍ ବେଦର ପ୍ରଥମ ମଣ୍ଡଳ, ୧୬୪ତମ ସୁକ୍ତର ୪୬ତମ ମନ୍ତ୍ର- ବହୁଶ୍ରୁତ, ବହୁ ଆଲୋଚିତ- 'ଏକଂ ସଦ୍‌ବିପ୍ରାଃ ବହୁଧା ବଦନ୍ତି' ଶ୍ରୀ ରାମକୃଷ୍ଣଙ୍କ ଜୀବନରେ ପ୍ରତିଭାତ।

ପିତାମାତାଙ୍କର ଦେବା ଡାକନାମ 'ଗଦାଧର- ଗଦାଇ', ଆଉ ରାମ ମନ୍ତ୍ରର ପୂଜକ ପରିବାର ରୀତି ଅନୁସାରେ ଭଲ ନାମ 'ରାମକୃଷ୍ଣ', ରାଣୀ ରାସମଣିଙ୍କ ମନ୍ଦିରରେ ପୂଜା କରିବାକୁ ଆସି ପରିଚିତ ହୋଇଥିଲେ 'ଛୋଟ ଭଟ୍‌ଚାଜ' ବୋଲି। ଅଗ୍ରଜ ରାମକୁମାର ଜାଣିଥିଲେ କନିଷ୍ଠ ଭାଇର ମେଧା ସୁତୀକ୍ଷ୍ଣ, ନ୍ୟାୟ-ଅଳଙ୍କାର ଇତ୍ୟାଦି ଅଧ୍ୟୟନ କରି ସେ ପଣ୍ଡିତ ହୋଇ ପାରିବ। କିନ୍ତୁ ଶାସ୍ତ୍ରଜ୍ଞ ପରିବାରରେ ଜନ୍ମଗ୍ରହଣ କରି ମଧ୍ୟ ଶ୍ରୀ ରାମକୃଷ୍ଣଙ୍କର ଶାସ୍ତ୍ର ପାଠରେ କୌଣସି ଆଗ୍ରହ ନାହିଁ। ଦରିଦ୍ର ପରିବାରରେ ଅନ୍ନ ସଂସ୍ଥାନ ନିମିତ୍ତ 'ଚାଉଳ କଦଳୀ ସଂଗ୍ରହ କରିବା' ବିଦ୍ୟାରେ ତାଙ୍କର ଘୋର ଆପତ୍ତି। ତାଙ୍କର ଭାବନା-ଚିନ୍ତା, ଆବେଗ- ଆକାଂକ୍ଷା ଯେଉଁ ସ୍ଥଳରେ କେନ୍ଦ୍ରୀଭୂତ ହୋଇଥିଲା, ତାହା ହେଲା ଈଶ୍ୱର ଦର୍ଶନ- ତାଙ୍କୁ ଜାଣିବା, ଉପଲବ୍ଧି କରିବା।

ଶ୍ରୀ ରାମକୃଷ୍ଣ ବାଲ୍ୟକାଳରୁ ଭଗବତ୍-ସ୍ମରଣ- ମନନ- କୀର୍ତ୍ତନକୁ ଜୀବନର ଏକମାତ୍ର କର୍ତ୍ତବ୍ୟ ବୋଲି ମନେ କରୁଥିଲେ। ସମବୟସ୍କ ବାଳକମାନଙ୍କୁ ନେଇ ରାମଲୀଳା, କୃଷ୍ଣଲୀଳା ଅଭିନୟ କରୁଥିଲେ, ପୁଣି ରାମପ୍ରସାଦ, କମଳାକାନ୍ତ ଇତ୍ୟାଦି- ସାଧକ ଶ୍ରେଷ୍ଠମାନଙ୍କର ରଚିତ ଭଜନ ଗାନରେ ହଜି ଯାଉଥିଲେ। ଏହି ଭକ୍ତି ଭାବ ପାଇଁ ଆନୁଡ଼ ଗାଁର ଦେବୀ ବିଶାଳାକ୍ଷୀଙ୍କ ଦର୍ଶନକୁ ଯିବା ସମୟରେ ଏବଂ ଶିବରାତ୍ରି ଦିନ ଶିବ ସାଜି ଅଭିନୟ କରିବାକୁ ଯାଇ ଭାବର ପ୍ରାବଲ୍ୟରେ ସଂଜ୍ଞାହୀନ ହୋଇ ଯାଇଥିଲେ। ଏହା ପୂର୍ବରୁ କଳା ମେଘ କୋଳରେ ଦଳବଦ୍ଧ ଧଳା ବଗ ଉଡ଼ିଯିବାର ଅପରୂପ ପ୍ରାକୃତିକ ସୌନ୍ଦର୍ଯ୍ୟ ସନ୍ଦର୍ଶନ କରୁ କରୁ ଟୋପିରେ ମୁଢ଼ି ଧରି ଜମିର ହିଡ଼ ଉପରେ ଯିବା ସମୟରେ ଚେତା ହରାଇ ପଡ଼ି ଯାଇଥିଲେ। ଏହା ଥିଲା ଶ୍ରୀ ରାମକୃଷ୍ଣଙ୍କର ପ୍ରଥମ ଭାବ ସମାଧି।


କୋଡ଼ିଏ ବର୍ଷ ବୟସରେ ଶ୍ରୀ ରାମକୃଷ୍ଣ ଦକ୍ଷିଣେଶ୍ୱର ମନ୍ଦିରରେ 'ରାଧାକାନ୍ତ'ଙ୍କର ପୂଜକ ଭାବରେ ନିଯୁକ୍ତ ହୋଇଥିଲେ ଏବଂ ତା' ପର ବର୍ଷ ଅଗ୍ରଜ ରାମକୁମାରଙ୍କର ଦେହାବସାନ ପୂର୍ବରୁ ହିଁ ମା' କାଳୀଙ୍କ ପୂଜାର ଦାୟିତ୍ୱ ଗ୍ରହଣ କରିବାକୁ ହୋଇଥିଲା। କିଛି ଦିନ ପରେ ତାଙ୍କର ଅନ୍ତର ଈଶ୍ୱରାନୁରାଗରେ ବ୍ୟାକୁଳ ହୋଇ ଉଠେ। ସମ୍ଭବତଃ ପୂଜକ ଭାବରେ ନିଯୁକ୍ତ ହେବାର ପାଞ୍ଚ ଛଅ ମାସ ମଧ୍ୟରେ ହିଁ ତାଙ୍କର ସାଧକ ଜୀବନ ଆରମ୍ଭ ହୁଏ। ବେଶୀ ଦିନ ସେ କାଳୀ ମନ୍ଦିରରେ ପୂଜା କରିପାରି ନଥିଲେ।

ଈଶ୍ୱର ଦର୍ଶନ ପାଇଁ ଉନ୍ମାଦପ୍ରାୟ ଶ୍ରୀ ରାମକୃଷ୍ଣଙ୍କ ପକ୍ଷରେ ବୈଧୀ ପୂଜା ସମ୍ଭବ ନଥିଲା। ଦକ୍ଷିଣେଶ୍ୱର ମନ୍ଦିରର ବେଢ଼ା ମଧ୍ୟରେ ପଞ୍ଚବଟୀରେ ଲୋକଲୋଚନର ଅନ୍ତରାଳରେ ଛୋଟ ଏକ ତୁଳସୀ କାନନ ତିଆରି କରି ସେଠାରେ ସେ ସାଧନା ଆରମ୍ଭ କରିଥିଲେ। ତୀବ୍ର ବ୍ୟାକୁଳତା ନେଇ ଜଗଜ୍ଜନନୀଙ୍କୁ ଶ୍ରୀ ରାମକୃଷ୍ଣ ପ୍ରାର୍ଥନା କରୁଥିଲେ, 'ମା', ମୁଁ ଲୋକମାନ୍ୟତା, ଯଶ ଚାହୁଁନାହିଁ, ଅଷ୍ଟସିଦ୍ଧି ଚାହୁଁନାହିଁ ମା! ମା'ଗୋ, ଶତସିଦ୍ଧି ଚାହୁଁନାହିଁ, ଦେହସୁଖ ଚାହୁଁନାହିଁ, କେବଳ ଏହି ଆଶୀର୍ବାଦ କର ଯେପରି ତୁମର ପାଦପଦ୍ମରେ ମୋର ଶୁଦ୍ଧାଭକ୍ତି ରହେ।' ସନ୍ଧ୍ୟା ହେଲେ କାତର ଭାବରେ ମା'ଙ୍କୁ ପ୍ରାର୍ଥନା କରୁଥିଲେ, 'ମା' ଆନନ୍ଦମୟୀ! ତୁମକୁ ଦେଖା ଦେବାକୁ ହିଁ ହେବ।'

କାଳୀ ମନ୍ଦିରର ଗର୍ଭଗୃହ ମଧ୍ୟରେ ଜଗଦମ୍ବାଙ୍କର ଏହି ବ୍ୟାକୁଳ ବାଳକ ଚୈତନ୍ୟରୂପିଣୀଙ୍କ ଦର୍ଶନ ଲାଭ କଲେ। ପୁରାଣ ଅନୁଯାୟୀ, ସାଧନାର ସମୟରେ ସେ ଶାନ୍ତ, ଦାସ୍ୟ, ସଖ୍ୟ, ବାତ୍ସଲ୍ୟ, ମଧୁର ପ୍ରଭୃତି ଭାବରେ ସିଦ୍ଧିଲାଭ କଲେ। ଏହି ସମୟରେ ସେ ନାନା ସାକାର ଈଶ୍ୱରୀୟ ଦର୍ଶନ କରିଥିଲେ ଏବଂ ତାଙ୍କର ସବିକଳ୍ପ ବା ଚେତନ ସମାଧି ହୋଇଥିଲା।

ଦୀର୍ଘ ଦ୍ୱାଦଶ ବର୍ଷ ନିରନ୍ତର ନାନା ପତର ଭଗବତ୍ ସାଧନରେ ସେ ନିମଗ୍ନ ରହିଥିଲେ। ଜଗଜ୍ଜନନୀଙ୍କ କୃପାରୁ ଏହି ସମୟରେ ଭୈରବୀ ଯୋଗେଶ୍ୱରୀ କାଳୀ ମନ୍ଦିରରେ ଉପସ୍ଥିତ ହୋଇ ଶ୍ରୀ ରାମକୃଷ୍ଣଙ୍କୁ ତନ୍ତ୍ର ସାଧନାରେ ଦୀକ୍ଷିତ କରିଥିଲେ। ପ୍ରାୟ ଦୁଇ ବର୍ଷ ଧରି ସେ ତନ୍ତ୍ରୋକ୍ତ ରହସ୍ୟ ସାଧନର ଅନୁଷ୍ଠାନ କରିଥିଲେ ଏବଂ ଚଉଷଠୀ ପ୍ରକାରର ତନ୍ତ୍ର ସାଧନାରେ ସିଦ୍ଧିଲାଭ କରିଥିଲେ। ସେହି ସାଧନା ସମୟରେ ସେ ମହାନ ସୃଷ୍ଟିତତ୍ତ୍ୱ ପ୍ରତ୍ୟକ୍ଷ କରିଥିଲେ। ଜଗଦମ୍ବାଙ୍କର ଆଶୀର୍ବାଦରୁ ଯେ କୌଣସି ସାଧନାରେ ସେ ତିନି ଦିନରେ ସିଦ୍ଧିଲାଭ କରି ପାରିଥିଲେ।

ତନ୍ତ୍ର ମତରେ ସାଧନାର ସମୟରେ ଶ୍ରୀ ରାମକୃଷ୍ଣ ଦଶଭୁଜାଠାରୁ ଦ୍ୱିଭୁଜା ପର୍ଯ୍ୟନ୍ତ ନାନା ଦେବୀ ମୂର୍ତ୍ତିଙ୍କର ଦର୍ଶନ ଲାଭ କରିଥିଲେ। ଏହି ସମସ୍ତ ଦେବୀ ମୂର୍ତ୍ତିଙ୍କ ମଧ୍ୟରେ ଥିଲେ ଅପୂର୍ବ ସୌନ୍ଦର୍ଯ୍ୟମୟୀ ଶ୍ରୀ ଶ୍ରୀ ରାଜରାଜେଶ୍ୱରୀ ବା ଷୋଡ଼ଶୀ। ପରବର୍ତ୍ତୀ ଜୀବନରେ ଫଳହାରିଣୀ କାଳିକା ପୂଜା (ସାବିତ୍ରୀ ଅମାବାସ୍ୟା) ଦିନ ନିଜ ଧର୍ମପତ୍ନୀ ଶ୍ରୀ ସାରଦାଙ୍କୁ 'ଷୋଡ଼ଶୀ' ଭାବରେ ପୂଜା କରି ଶ୍ରୀ ରାମକୃଷ୍ଣ ନିଜ ଦ୍ୱାଦଶ ବର୍ଷବ୍ୟାପି ସାଧନାର ଫଳ ଶ୍ରୀ ସାରଦାଙ୍କୁ ସମର୍ପଣ କରି ଜଗତ କଲ୍ୟାଣ ପାଇଁ ତାଙ୍କ ମଧ୍ୟରେ ମାତୃଶକ୍ତିକୁ ଉଦ୍‌ବୋଧିତ କରିଥିଲେ।



ତାଙ୍କର ସାଧନାର ବିରାମ ନଥିଲା। ଜିତେନ୍ଦ୍ରିୟତା ଲାଭ କରିବା ପାଇଁ ସଖୀ ଭାବର ସାଧନା ଆରମ୍ଭ ହେଲା। ଏହି ସାଧନା ସମୟରେ ନିଜକୁ ସେ ନାରୀ ବୋଲି ମନେ କରୁଥିଲେ ଓ ନାରୀ ବେଶରେ ସଜ୍ଜିତ ହୋଇ ରହୁଥିଲେ। ଯେ କୌଣସି ଭାବର ସାଧନା ସମୟରେ ଶ୍ରୀ ରାମକୃଷ୍ଣ ସେହି ଭାବରେ ଏତେଦୂର ଏକାତ୍ମ ହୋଇ ଯାଉଥିଲେ ଯେ ତାଙ୍କର ଚାଲିଚଳଣରେ, କଥାବାର୍ତ୍ତାରେ, ଏପରିକି ଶାରୀରିକ ଗଠନରେ ଓ ନିୟମରେ ମଧ୍ୟ ସେହି ଏକାତ୍ମତା ଫୁଟି ଉଠୁଥିଲା। ତାଙ୍କର ନାରୀଭାବ ଓ ଦାସ୍ୟଭାବ ସାଧନା ସମୟରେ ଏହାର ପ୍ରକୃଷ୍ଟ ପ୍ରମାଣ ମିଳେ।

ତନ୍ତ୍ର ସାଧନା ପରେ ଶାସ୍ତ୍ରୀୟମତେ ଶ୍ରୀଭଗବାନଙ୍କର ସ୍ୱରୂପ ଜ୍ଞାତ ହେବା ଉଦ୍ଦେଶ୍ୟରେ ସେ ବେଦାନ୍ତ ସାଧନା ପାଇଁ ବ୍ୟାକୁଳ ହୋଇ ଉଠିଲେ। ଶ୍ରୀଭଗବାନଙ୍କ ଇଚ୍ଛାରେ ତାହା ମଧ୍ୟ ଅଭାବନୀୟ ଭାବରେ ସମ୍ଭବ ହୋଇଥିଲା। ବେଦାନ୍ତ ସାଧନାରେ ଶ୍ରୀ ରାମକୃଷ୍ଣଙ୍କ ଗୁରୁ ଥିଲେ ଶ୍ରୀମଦ୍ ତୋତାପୁରୀ। ଯଥାଯଥ ଭାବରେ ସନ୍ନ୍ୟାସ ଗ୍ରହଣ ପରେ ମାତ୍ର ତିନି ଦିନରେ ତାଙ୍କର ନିର୍ବିକଳ୍ପ ସମାଧି ବେଦାନ୍ତୋକ୍ତ ଜ୍ଞାନ ମାର୍ଗରେ ଚରମ ଅବସ୍ଥା ଲାଭ ହୋଇଥିଲା। ବିସ୍ମୟରେ ଆନନ୍ଦରେ ଅଭିଭୂତ ଗୁରୁ ତୋତାପୁରୀ କହିଥିଲେ, 'ୟହ କ୍ୟା ଦୈବୀ ମାୟା!' ଆହୁରି ଆଶ୍ଚର୍ଯ୍ୟ, ଏହା ପରେ ଶିଷ୍ୟଙ୍କ ସହାୟତା ଓ ସାହାଯ୍ୟରେ ଶ୍ରୀମଦ୍ ତୋତା ତାଙ୍କର ନିଜର ଆଧ୍ୟାତ୍ମିକ ସାଧନା ସମ୍ପୂର୍ଣ୍ଣ କରିଥିଲେ। ଏଗାର ମାସ ଧରି ଠାକୁରଙ୍କ ସଙ୍ଗଲାଭ ଫଳରେ ଶ୍ରୀମଦ୍ ତୋତାପୁରୀଙ୍କ ଅଦ୍ୱୈତ ଭାବର ପରିବର୍ତ୍ତନ ଘଟେ। ଦିନେ ସେ 'ଶକ୍ତି ଝୁଟ୍' ବୋଲି ଶ୍ରୀ ରାମକୃଷ୍ଣଙ୍କ ସଙ୍ଗେ ଯୁକ୍ତି କରୁଥିଲେ। କିନ୍ତୁ ଅବଶେଷରେ ଜଗନ୍ମାତାଙ୍କ କୃପାରୁ ସେ ଅନୁଭବ କରିଥିଲେ ବ୍ରହ୍ମ ଓ ଶକ୍ତି ଏକ ଓ ଅଭେଦ।

ଶ୍ରୀ ରାମକୃଷ୍ଣଙ୍କର ସାଧନ ପ୍ରସଙ୍ଗ ଇତି କରିବା କଠିନ। ପରବର୍ତ୍ତୀ ସମୟରେ ଭକ୍ତ ଓ ଶିଷ୍ୟମାନଙ୍କଠାରୁ ମିଳିଥିବା ବିବରଣୀରୁ ଜଣାଯାଏ ଯେ କର୍ତ୍ତାଭଜା, ବାଉଲ, ସହଜିଆ ପ୍ରଭୃତି ବୈଷ୍ଣବ ଓ ଅନ୍ୟାନ୍ୟ ସମ୍ପ୍ରଦାୟଗୁଡ଼ିକ ଦ୍ୱାରା ଅନୁସୃତ ସାଧନ ପ୍ରଣାଳୀଗୁଡ଼ିକୁ ମଧ୍ୟ ସେ ପରୀକ୍ଷା କରିଥିଲେ। ଗୋବିନ୍ଦ ରାୟ ନାମକ ଜଣେ ଧର୍ମାନ୍ତରିତ ମୁସଲମାନଙ୍କ ନିକଟରେ ଆଲ୍ଲା ମନ୍ତ୍ର ଗ୍ରହଣ କରି ଶ୍ରୀ ରାମକୃଷ୍ଣ ନିୟମିତ ନମାଜ ପଢ଼ିବା ପ୍ରଭୃତି ନିୟମ ପାଳନ କରିଥିଲେ। ତିନି ଦିନ ପରେ ତାଙ୍କର ଏକ ଦିବ୍ୟ ଦର୍ଶନ ହୋଇଥିଲା- 'ମା' ଦେଖାଇଲେ- ଏକ ବ୍ୟତୀତ ଦୁଇ ନାହିଁ; ସେହି ସଚ୍ଚିଦାନନ୍ଦ ହିଁ ନାନା ରୂପ ଧରିଛନ୍ତି।' ଖ୍ରୀଷ୍ଟଧର୍ମ ପ୍ରତି ମଧ୍ୟ ତାଙ୍କର ମନ ଆକୃଷ୍ଟ ହୋଇଥିଲା ଏବଂ ସେ ଈଶାମସିଙ୍କ ଦର୍ଶନ ମଧ୍ୟ ଲାଭ କରିଥିଲେ।

କିନ୍ତୁ ଶ୍ରୀ ରାମକୃଷ୍ଣଙ୍କ ସାଧନା ତ ଶେଷ ହୋଇ ନଥିଲା! ଏହା ପରବର୍ତ୍ତୀ ସମୟର ସାଧନା ଆହୁରି ବିଚିତ୍ର, ଅନନ୍ୟ। ଭଗବତ୍ ପିପାସୁମାନଙ୍କର ସାଧନା ପଥରେ ନିର୍ଦ୍ଦେଶ ଦେବା ପାଇଁ ତାଙ୍କର ସାଧନା ଆରମ୍ଭ ହେଲା। ସେ କାଳୀ ମନ୍ଦିର ବେଢ଼ାରେ ଥିବା କୋଠାର ଛାତ ଉପରେ ଠିଆ ହୋଇ ବ୍ୟାକୁଳ ଭାବରେ ଡାକୁଥିଲେ, 'ଆରେ, ତୁମେମାନେ କିଏ କେଉଁଠାରେ ଅଛ, ଆସ।' ଜଣେ ଜଣେ ସମସ୍ତେ ଆସିଲେ- ରାମ, ମନମୋହନ, ଲାଟୁ, ନିତ୍ୟଗୋପାଳ ଓ ତାରକ, ନରେନ୍ଦ୍ର, ରାଖାଲ, ଭବନାଥ, ବାବୁରାମ, ବଳରାମ, ନିରଞ୍ଜନ, ମାଷ୍ଟର ଓ ଯୋଗୀନ। ରାମକୃଷ୍ଣ ଭାବାନ୍ଦୋଳନର ଲୀଳା- ପରିକରଗଣଙ୍କ କଲ୍ୟାଣାର୍ଥେ ସେ ନିଜର ସ୍ୱାସ୍ଥ୍ୟ ଓ ସ୍ୱାଚ୍ଛନ୍ଦ୍ୟକୁ ମଧ୍ୟ ବିସର୍ଜନ ଦେଇଥିଲେ। ବାଳକ ଭକ୍ତମାନଙ୍କ ମନରେ ମହତୀ ଭକ୍ତି ଓ ଶ୍ରଦ୍ଧା ଯେପରି ଜାଗ୍ରତ ଓ ବିକଶିତ ହୋଇ ପରିପୂର୍ଣ୍ଣତା ଲାଭ କରେ; ସେମାନେ ଯେପରି ଜୀବନର ମହାନ ଲକ୍ଷ୍ୟ ହାସଲର ଆଭିମୁଖ୍ୟରେ ଦୃଢ଼ ପଦରେ ଅଗ୍ରସର ହୋଇ ପାରନ୍ତି, ସେଥିପାଇଁ ଥିଲା ତାଙ୍କର ଏହି ସାଧନା। ଗୁରୁ ରୂପରେ ସେ ଭକ୍ତଗଣଙ୍କ ହୃଦୟରେ ଜ୍ଞାନ, ଭକ୍ତି ଓ ବୈରାଗ୍ୟର ବୀଜ ବପନ କରି ଦେଇଥିଲେ।

ନାନା ପତ ଓ ନାନା ପଥର ବିଭେଦ ଓ ବିଭ୍ରାନ୍ତି ଦୂର କରିବା ପାଇଁ, ସନାତନ ଧର୍ମର ମର୍ମବାଣୀ ଉଦ୍ଧାର ଓ ପ୍ରଚାର ଉଦ୍ଦେଶ୍ୟରେ ତାଙ୍କର ଥିଲା ଏହି ମହାସାଧନା। ତାଙ୍କର ଚରମ ଉପଲବ୍ଧି 'ବେଦରେ ଯାହାଙ୍କ କଥା ଅଛି, ତନ୍ତ୍ରରେ ତାଙ୍କରି କଥା, ପୁରାଣରେ ତାଙ୍କରି କଥା- ସେହି ଏକ ସଚ୍ଚିଦାନନ୍ଦଙ୍କ କଥା।'

ନିଜର ଜୀବନ ଦେଇ ଶ୍ରୀ ରାମକୃଷ୍ଣ ଦେଖାଇ ଦେଇଛନ୍ତି, ମଣିଷ ଚେଷ୍ଟା କଲେ ହିଁ ଏକ ଜନ୍ମରେ ଈଶ୍ୱର ଲାଭ କରି ପାରେ। ଈଶ୍ୱର ଲାଭ ମାନେ ଈଶ୍ୱର ହୋଇଯିବା, ଈଶ୍ୱରଙ୍କ ଭଳି ଚରିତ୍ର ତିଆରି କରିବା। ଅଲୌକିତାର ପଶ୍ଚାତ୍‌ଧାବନ କରିବା ନୁହେଁ, ସ୍ୱର୍ଗକୁ ଯିବା ନୁହେଁ। ଏହିସବୁ ଆକର୍ଷଣକୁ ତ୍ୟାଗ କରି ନିଜର ସ୍ୱରୂପକୁ ଆବିଷ୍କାର କର। ଶ୍ରୀ ରାମକୃଷ୍ଣଙ୍କର ସମଗ୍ର ଜୀବନ ଓ କର୍ମ ମାଧ୍ୟମରେ ଏହି ଚରମ ସତ୍ୟ ହିଁ ପ୍ରତିଷ୍ଠିତ ହୋଇଛି। ଏହି ଅବତାରରେ ସେ ତାଙ୍କର ଲୀଳା-ବୈଶିଷ୍ଟ୍ୟର କଥା ନିଜେ ହିଁ ପ୍ରକାଶ କରିଛନ୍ତି। ସେ କହିଛନ୍ତି, 'ଏଥର ସତ୍ତ୍ୱଗୁଣର ଐଶ୍ୱର୍ଯ୍ୟ।' କେବଳ ମାତ୍ର ଭଗବତ୍ ପ୍ରେମ ଓ ଭାବର ଲୀଳା, ବାହ୍ୟ ଐଶ୍ୱର୍ଯ୍ୟ ବା ଲକ୍ଷଣ ଦେଖି ଏହି ଲୀଳା ହୃଦୟଙ୍ଗମ କରାଯାଇ ପାରିବ ନାହିଁ।

ରାମ ଓ କୃଷ୍ଣ ଅବତାରରେ ରଜୋଗୁଣର ବାହ୍ୟିକ ଐଶ୍ୱର୍ଯ୍ୟ ପରିଲକ୍ଷିତ ହୁଏ। ରାଜବଂଶରେ ଜାତ, ରାଜପ୍ରାସାଦ, ମସ୍ତକରେ ସ୍ୱର୍ଣ୍ଣ ମୁକୁଟ, ଅସୁର ନିଧନ, ରାଜକାର୍ଯ୍ୟ ପରିଚାଳନା ଏବଂ ଅନ୍ୟାନ୍ୟ ବହୁବିଧ ଅଲୌକିକ ଶକ୍ତିର ପ୍ରକାଶ ଘଟିଥିଲା। କ୍ଷତ୍ରିୟ ରାଜପୁତ୍ର ବୁଦ୍ଧଦେବଙ୍କ ବୁଦ୍ଧତ୍ୱ ଲାଭ ପୂର୍ବରୁ ତାଙ୍କର ଜୀବନ ରାଜପ୍ରାସାଦର ବୈଭବ ମଧ୍ୟରେ ବିତିଥିଲା, ଥିଲା ପାଣ୍ଡିତ୍ୟର ଐଶ୍ୱର୍ଯ୍ୟ। ମହାପ୍ରଭୁ ଶ୍ରୀଚୈତନ୍ୟଙ୍କର ଥିଲା ଅପରୂପ ସୌନ୍ଦର୍ଯ୍ୟ ଓ ଅପରାଜେୟ ପାଣ୍ଡିତ୍ୟ। ସତ୍ତ୍ୱଗୁଣର ଐଶ୍ୱର୍ଯ୍ୟ ଥିଲେ ମଧ୍ୟ ତାଙ୍କ ଜୀବନରେ ଅଲୌକିକ ବିଭୂତି ପ୍ରକାଶର ବହୁ ଘଟଣା ସଂଘଟିତ ହୋଇଛି। ଭଗବାନ ଯୀଶୁ ଦରିଦ୍ର ପିତାମାତାଙ୍କର ସନ୍ତାନ ଥିଲେ ମଧ୍ୟ ତାଙ୍କ ମଧ୍ୟରେ ଥିବା ଅସାଧ ରୋଗ ଯନ୍ତ୍ରଣା ନିରାମୟର ଅଲୌକିକ କ୍ଷମତାରେ ଅନୁରାଗୀଗଣ ବିସ୍ମୟରେ ବିମୁଗ୍ଧ ଥିଲେ।

ଅବଶ୍ୟ ଏହିସବୁ ବିଚାର କଲେ ସେମାନଙ୍କଠାରେ ସତ୍ତ୍ୱଗୁଣର ଯେ ଅଭାବ ଥିଲା, ତାହା କିନ୍ତୁ ନୁହେଁ। ପ୍ରତ୍ୟେକ ଅବତାର ସତ୍ୟ, ଦୟା, ପ୍ରେମ, କରୁଣା, କ୍ଷମା ଇତ୍ୟାଦି ସତ୍ତ୍ୱଗୁଣରେ ମଣ୍ଡିତ ଥିଲେ। କିନ୍ତୁ ରାମକୃଷ୍ଣ ଅବତାରରେ ଦେଖାଯାଏ ତାଙ୍କର ଚରିତ୍ରରେ କେବଳ ମାତ୍ର ଶୁଦ୍ଧ ଭଗବତ୍ ଅନୁରାଗର ଐଶ୍ୱର୍ଯ୍ୟ, ବାହ୍ୟିକ ବୈଭବଶୂନ୍ୟ। ଏଥର ସେ 'ଅଚିହ୍ନା ଗଛ', ଯେଉଁ ଗଛ ପ୍ରାୟ ସମସ୍ତଙ୍କ ପାଇଁ ଅଜଣା, ଅଚିହ୍ନା। ଆଖି ଝଲସି ଯିବା ରୂପ ନାହିଁ। ଅଲୌକିକତାର ସିଦ୍ଧି ନାହିଁ, ପୁସ୍ତକଗତ ଶାସ୍ତ୍ରୀୟ ପାଣ୍ଡିତ୍ୟ ନାହିଁ, ଅନ୍ୟର ମତକୁ ଖଣ୍ଡନ କରି ନିଜର ମତ ପ୍ରଚାରର ଚେଷ୍ଟା ନାହିଁ। ଅନ୍ୟ କୌଣସି ଧର୍ମକୁ ହୀନ ମନେ କରିବା ନାହିଁ- ଏଥର ଦୀନହୀନ ନିରକ୍ଷର। ଜଗଜ୍ଜନନୀଙ୍କ ସନ୍ତାନ ରୂପରେ ସେ 'ପୂର୍ଣ୍ଣ ନିରଭିମାନର ଅବତାର।'

ଶ୍ରୀ ରାମକୃଷ୍ଣଙ୍କ ବଙ୍ଗଳା ଜୀବନ ଚରିତ ଗ୍ରନ୍ଥ 'ଶ୍ରୀ ଶ୍ରୀ ରାମକୃଷ୍ଣ ପୁଁଥି'ର ରଚୟିତା ଶ୍ରୀଯୁକ୍ତ ଅକ୍ଷୟ କୁମାର ସେନ ଶ୍ରୀ ରାମକୃଷ୍ଣଙ୍କ ମହିମା ବର୍ଣ୍ଣନା କରିବାକୁ ଯାଇ ତାଙ୍କୁ 'ରାମକୃଷ୍ଣ ଆଦର୍ଶାବତାର' ଭାବରେ ବର୍ଣ୍ଣନା କରିଛନ୍ତି। କାରଣ ଏହି ଅବତାରରେ ଐଶ୍ୱର୍ଯ୍ୟ ପରିବର୍ତ୍ତେ ମାଧୁର୍ଯ୍ୟର ହିଁ ବେଶି ପ୍ରକାଶ। ସେ ନିରୈଶ୍ୱର୍ଯ୍ୟରେ ଐଶ୍ୱର୍ଯ୍ୟବାନ ଓ ଅରୂପରେ ରୂପବାନ। ସେ ଲକ୍ଷଣାତୀତ; ସେଥିପାଇଁ ତାଙ୍କୁ ଚିହ୍ନିବା ଜାଣିବା ଅତ୍ୟନ୍ତ କଠିନ।

ଶ୍ରୀମା ସାରଦା ଦେବୀ ଶ୍ରୀ ରାମକୃଷ୍ଣଙ୍କର ଏହି ଐଶ୍ୱର୍ଯ୍ୟବିହୀନ ଲୀଳା ସମ୍ପର୍କରେ କହିଛନ୍ତି, 'ତାଙ୍କର ତ୍ୟାଗ ହିଁ ଥିଲା ଐଶ୍ୱର୍ଯ୍ୟ।' ସ୍ୱାମୀ ବିବେକାନନ୍ଦ କହିଛନ୍ତି, 'ଜ୍ଞାନ, ପ୍ରେମ, ବୈରାଗ୍ୟ, ଲୋକହିତଚିକୀର୍ଷା, ଉଦାରତାର ଜମାଟବନ୍ଧା ଜୀବନ; କାହା ସାଙ୍ଗରେ କ'ଣ ତାଙ୍କର ତୁଳନା କରାଯାଏ? ତାଙ୍କୁ ଯିଏ ବୁଝିପାରେ ନାହିଁ, ତାହାର ଜୀବନ ବୃଥା।' ଶ୍ରୀ ରାମକୃଷ୍ଣଙ୍କର ଶୁଦ୍ଧ ଭାବର ଆଶ୍ରୟରେ ଆସି, ତାଙ୍କର ଶରଣ ନେଇ, ତାଙ୍କୁ ଭଲ ପାଇ କେତେ ସାଧାରଣ ମାନବ ଏହି ଭୋଗବାଦୀ ଯୁଗରେ ମଧ୍ୟ ଦେବତା ହୋଇ ଯାଉଛନ୍ତି, ତାହାର ଖବର ଆମେ କେତେ ଜଣ ବା ରଖୁ? କିନ୍ତୁ କିଛି ଯେ ହେଉଛି, ଏହା ସୁନିଶ୍ଚିତ। ଶ୍ରୀ ରାମକୃଷ୍ଣଙ୍କର ଐଶ୍ୱର୍ଯ୍ୟବିହୀନ ଲୀଳାର ଏହା ହିଁ ହେଉଛି ମହତ୍ତମ ପରିଚୟ ଓ ସାର୍ଥକତା। ■

ବରିଷ୍ଠ ସନ୍ନ୍ୟାସିନୀ,
ଶ୍ରୀ ସାରଦା ମଠ
ଦକ୍ଷିଣେଶ୍ୱର, କୋଲକାତା

# ଭାରତ-ଫ୍ରାନ୍ସ ସଂପର୍କ ଓ କୃତ୍ରିମ ବୁଦ୍ଧିମତ୍ତା

ଭାରତ ଓ ଫ୍ରାନ୍ସ ମଧ୍ୟରେ ସଂପର୍କ କେତେ ନିବିଡ଼, ତା'ର ପୁଷ୍ଟିକରଣ ପାଇଁ ଚଳିତ ବର୍ଷ ଫେବ୍ରୁଆରୀ ୧୦ରୁ ୧୨ ତାରିଖ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର ଦୁଇ ଦିନିଆ ଫ୍ରାନ୍ସ ଗସ୍ତକୁ ଉଦାହରଣ ଭାବେ ନିଆଯାଇପାରେ। ପ୍ୟାରିସର ଗ୍ରାଣ୍ଡ ପ୍ୟାଲେସରେ ଫ୍ରାନ୍ସ ନେତୃତ୍ୱରେ ଆୟୋଜିତ କୃତ୍ରିମ ବୁଦ୍ଧିମତ୍ତା ବା ଆର୍ଟିଫିସିଆଲ ଇଣ୍ଟିଲେଜେନ୍ସ (ଏଆଇ)ର ତୃତୀୟ ଶିଖର ସମ୍ମିଳନୀ ଆୟୋଜିତ ହୋଇ ଯାଇଛି। ଫ୍ରାନ୍ସର ରାଷ୍ଟ୍ରପତି ଇମାନୁଏଲ ମାକ୍ରନଙ୍କ ଆମନ୍ତ୍ରଣ ରକ୍ଷା କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ବୈଠକରେ ସହ-ଅଧ୍ୟକ୍ଷତା କରିବାର ସୁଯୋଗ ପାଇଥିଲେ। ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ବର୍ତ୍ତମାନ ସମୟ ଓ ଭବିଷ୍ୟତ ପାଇଁ କେତେ ଜରୁରୀ, ତା' ଉପରେ ବକ୍ତବ୍ୟ ରଖିଥିଲେ ଆମ ପ୍ରଧାନମନ୍ତ୍ରୀ। ଏଥି ସହିତ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସର ସକାରାତ୍ମକ ଓ ନକାରାତ୍ମକ ଦିଗ ଉପରେ ମଧ୍ୟ ବିସ୍ତୃତ ଆଲୋଚନା ହୋଇଥିଲା ଏହି ସମ୍ମିଳନୀରେ। ପ୍ରଧାନମନ୍ତ୍ରୀ ମୋଦୀଙ୍କ ତୃତୀୟ ପାଳିର ଏହା ଥିଲା ପ୍ରଥମ ଫ୍ରାନ୍ସ ଗସ୍ତ। ଏହାକୁ ମିଶାଇ ସେ ମୋଟ ସାତ ଥର ଫ୍ରାନ୍ସ ଗସ୍ତ କରିଛନ୍ତି। ପ୍ୟାରିସରେ ଏଆଇ ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟ ଥିଲା ବିଶ୍ୱ ସ୍ତରରେ ଏଆଇର ଗୁରୁତ୍ୱ, ଏହାର ପ୍ରଭାବ ଏବଂ ଆଗକୁ ମାନବ ସମାଜର ବିକାଶ କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତ୍ତାର ଉପଯୋଗ ସଂପର୍କରେ ବିସ୍ତୃତ ଆଲୋଚନା କରିବା। ସମ୍ମିଳନୀରେ ଏଆଇର ନୈତିକତା ଉପରେ ମଧ୍ୟ ବିଚାର ବିମର୍ଶ ହୋଇଛି। ୨୦୨୩ରେ ବ୍ରିଟେନରେ ଏବଂ ୨୦୨୪ରେ ଦକ୍ଷିଣ କୋରିଆରେ ଆୟୋଜିତ ହୋଇ ସାରିଛି ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ)ର ଶିଖର ସମ୍ମିଳନୀ। ଚଳିତ ବର୍ଷ ଫ୍ରାନ୍ସର ରାଷ୍ଟ୍ରପତି ଇମାନୁଏଲ ମାକ୍ରନ୍, ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଆମେରିକାର ଉପରାଷ୍ଟ୍ରପତି ଜେଡି ଭାନ୍ସ, ଚୀନ୍‌ର ଉପପ୍ରଧାନମନ୍ତ୍ରୀଙ୍କ ସମେତ ୟୁରୋପୀୟ ୟୁନିଅନର ଅଧ୍ୟକ୍ଷ ଉର୍ସୁଲା ଭାନ୍‌ଡେର୍ ଲିୟନ, ଓପନ୍ ଏଆଇ ସିଇଓ ଅଲ୍ଟମାନ୍, ମାଇକ୍ରୋସଫ୍ଟ ଅଧ୍ୟକ୍ଷ ବ୍ରାଡ୍ ସ୍ମିଥ୍, ଗୁଗଲ ସିଇଓ ସୁନ୍ଦର ପିଚାଇଙ୍କ ସମେତ ୮୦ ଦେଶର ପ୍ରତିନିଧି ଏଥିରେ ସାମିଲ ହୋଇଥିଲେ। ଏଆଇ ଶିଖର ସମ୍ମିଳନୀରେ ନୂଆ ଜ୍ଞାନକୌଶଳ ସଂପର୍କରେ ସାଧାରଣ ଜନତାଙ୍କ ଭାବନା, ରୁଚି, ଉପଯୋଗ ଓ ପ୍ରଭାବ, ଏଆଇର ଭବିଷ୍ୟତ, ଏଆଇର ନୈତିକତା ନେଇ ବିଭିନ୍ନ ପ୍ରଶ୍ନ ଉପରେ ବିତର୍କ ଓ ଆଲୋଚନା ହୋଇଥିଲା।



ଲଳିତେନ୍ଦୁ ପଲାଉରୀ

ଏଆଇ କିଭଳି ନୈତିକତା ଉଲ୍ଲଙ୍ଘନ ନକରି ଦାୟିତ୍ୱପୂର୍ଣ୍ଣ ସେବା ଦେଇ ପାରିବ, ସେଥି ନେଇ ଉପରୋକ୍ତ ସମ୍ମିଳନୀରେ ଚର୍ଚ୍ଚା ମଧ୍ୟ ହୋଇଛି। ଶିଖର ସମ୍ମିଳନୀରେ ସହ-ଅଧ୍ୟକ୍ଷତା କରୁଥିବା ପ୍ରଧାନମନ୍ତ୍ରୀ ଏଆଇର ଗୁରୁତ୍ୱ, ଆମ ଜୀବନରେ ଏହାର ସକାରାତ୍ମକ ପ୍ରଭାବ ସଂପର୍କରେ ମତ ରଖିଛନ୍ତି। ଏଆଇ ଆଜି ମାନବବାଦର କୋଡ୍ ଲେଖୁଛି ବୋଲି କହିଥିଲେ ପ୍ରଧାନମନ୍ତ୍ରୀ। ଭାରତର ସାଧାରଣ ଜନତାଙ୍କ ହିତ ସାଧନ ଲାଗି ଏଆଇ ଆପ୍ ବିକଶିତ କରୁଛି। ଭାରତ ପାଖରେ ବିଶ୍ୱର ସବୁଠୁ ବଡ଼ ଏଆଇ ମେଧାଶକ୍ତି ରହିଛି। ବିଶ୍ୱ ପାଇଁ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଏକ ଜରୁରୀ ଆବଶ୍ୟକତା। ବିଶେଷକରି ତଥ୍ୟ ଗୋପନ ରଖିବା ବର୍ତ୍ତମାନ ସବୁଠୁ ବିତର୍କର ବିଷୟ ହୋଇଥିବା ବେଳେ ଭାରତ ଏଥିରେ ଅଗ୍ରଣୀ ଭୂମିକା ଗ୍ରହଣ କରିଛି। ଭାରତ ଉଭୟ ସରକାରୀ ଓ ଘରୋଇ ସହଭାଗିତାକୁ ବୃହତ୍ ମାଧ୍ୟମ ଭାବେ ଗ୍ରହଣ କରି ଏଆଇର ବିକାଶକୁ ଆଗେଇ ନେଉଛି। ମଣିଷର ବୁଦ୍ଧିମତ୍ତାକୁ ମେସିନ୍ ଅତିକ୍ରମ କରିଥିବା ବିଶ୍ୱରେ ବିତର୍କର ବିଷୟ ହୋଇଛି। କିନ୍ତୁ ପ୍ରକୃତ କ୍ଷେତ୍ରରେ ମେସିନ୍ କେବେ ବି ମଣିଷର ବୁଦ୍ଧିମତ୍ତାକୁ ଅତିକ୍ରମ କରି ନପାରେ ଓ କର୍ମନିଯୁକ୍ତିରେ ପ୍ରତିବନ୍ଧକ ହେବନି ବୋଲି ମତ ରଖିଥିଲେ ପ୍ରଧାନମନ୍ତ୍ରୀ। ଭାରତ ୧.୪ ବିଲିୟନ୍ ଲୋକଙ୍କ ପାଇଁ କମ୍ ଖର୍ଚ୍ଚରେ ଡିଜିଟାଲ ଭିତ୍ତିଭୂମି ସୃଷ୍ଟି କରି ପାରିଥିବା କହିଛନ୍ତି ଶ୍ରୀଯୁକ୍ତ ମୋଦୀ। ଦକ୍ଷତାର ବିକାଶ କର୍ମନିଯୁକ୍ତି ପାଇଁ ଅଧିକ ସମ୍ଭାବନା ସୃଷ୍ଟି କରିଛି। ସୌରଶକ୍ତିକୁ ଉପଯୋଗ କରିବାରେ ଭାରତ ବିଶ୍ୱରେ ତୃତୀୟ ମହାଶକ୍ତି ଭାବେ ଉଭା ହୋଇଛି। ନୂଆ ଜ୍ଞାନକୌଶଳର ବିକାଶ ନୂଆ ସମ୍ଭାବନା ସୃଷ୍ଟି କରିଥାଏ। ଏଆଇ ଯୋଗୁଁ ଚାକିରି ଚାଲିଯିବାର ଭୟ ଓ ଆଶଙ୍କାକୁ ଦୂର କରି ଏହାକୁ ଏକ ସମ୍ଭାବନା ଭାବେ ନେଇ ଆଗେଇବାକୁ ପରାମର୍ଶ ଦେଇଛନ୍ତି ପ୍ରଧାନମନ୍ତ୍ରୀ ମୋଦୀ।

ପ୍ରଧାନମନ୍ତ୍ରୀଙ୍କ ଏଭଳି ମତକୁ ପ୍ରଶଂସା କରିଛନ୍ତି ଆମେରିକାର ଉପରାଷ୍ଟ୍ରପତି ଜେଡି ଭାନ୍ସ। ଏଆଇ କଦାପି ମଣିଷର ସ୍ଥାନ ନେଇ ପାରିବ ନାହିଁ। ଏଆଇ ଯୋଗୁଁ ଲୋକେ ଆହୁରି କୁଶଳୀ ହେବେ, ଉତ୍ପାଦକତା ବଢ଼ିବ। ଭାରତ ଓ ଫ୍ରାନ୍ସ ମଧ୍ୟରେ ଏଆଇକୁ ନେଇ ମଧ୍ୟ ଏକ ବଡ଼ ବୁଝାମଣା ହୋଇଛି। ଏଆଇ ଉପରେ ବିସ୍ତୃତ ଗବେଷଣା, ଡାଟା ସୁରକ୍ଷାରେ ସହଯୋଗ ନେଇ ଉଭୟ ଦେଶ ସହମତ ହୋଇଛନ୍ତି। ଜଳବାୟୁ ପରିବର୍ତ୍ତନକୁ ଦୃଷ୍ଟିରେ ରଖି କ୍ଷୁଦ୍ର ମଡ୍ୟୁଲାର ରିଆକ୍ଟର ବିକାଶ ନେଇ ଫ୍ରାନ୍ସ ଓ ଭାରତ ରାଜିନାମା ହୋଇଛି। ଭାରତର ପରମାଣୁ ଶକ୍ତି ବିଭାଗ ଓ ଫ୍ରାନ୍ସର ସେଣ୍ଟ୍ରାଲ ଇଲେକ୍ଟ୍ରିକସ୍ ମଧ୍ୟରେ ବୁଝାମଣା ହୋଇଛି। କ୍ଲିନ୍ ଏନର୍ଜି, ଗ୍ରୀନ୍ ଏନର୍ଜି, ଡିଜିଟାଲ ବିକାଶ, ମହିଳା ଶିକ୍ଷାରେ ଏଆଇ ଓ ସ୍ୱଚ୍ଛତା ଭଳି ପ୍ରସଙ୍ଗରେ ମିଳିତ ଭାବେ କାମ କରିବାକୁ ଉଭୟ ଦେଶ ସହମତ ହୋଇଛନ୍ତି। କେବଳ ଭାରତ-ଫ୍ରାନ୍ସ ସଂପର୍କ ଆର୍ଟିଫିସିଆଲ ଇଣ୍ଟିଲିଜେନ୍ସ କିମ୍ବା ପ୍ରତିରକ୍ଷା ସହଯୋଗ କ୍ଷେତ୍ରରେ ନୁହେଁ, ଦକ୍ଷିଣ-ପୂର୍ବ ସାଗର, ଭାରତ-ପ୍ରଶାନ୍ତ ମହାସାଗର କ୍ଷେତ୍ର, ଭାରତ-ଫ୍ରାନ୍ସ-ୟୁଏଇ ନୌବାଣିଜ୍ୟ କ୍ଷେତ୍ର, ଭାରତ ମଧ୍ୟପ୍ରାଚ୍ୟ ଆର୍ଥିକ କରିଡର, ଜାତିସଂଘର ସୁରକ୍ଷା ପରିଷଦରେ ସଂସ୍କାର ଆଦି କ୍ଷେତ୍ରରେ ଭାରତ-ଫ୍ରାନ୍ସ ମଧ୍ୟରେ ସହଯୋଗ ଓ ବିଶ୍ୱାସର ସଂପର୍କ ଦୃଢ଼ କରିବାକୁ ଫ୍ରାନ୍ସର ରାଷ୍ଟ୍ରପତି ଇମାନୁଏଲ ମାକ୍ରନ୍ ଓ ପ୍ରଧାନମନ୍ତ୍ରୀ ମୋଦୀ ଆଲୋଚନା କରିଥିଲେ। ଶ୍ରୀଯୁକ୍ତ ମୋଦୀଙ୍କ ଫ୍ରାନ୍ସ ଗସ୍ତରେ ଭାରତ-ଫ୍ରାନ୍ସ ଦ୍ୱିପାକ୍ଷିକ ସଂପର୍କ ବେଶ୍ ଗୁରୁତ୍ୱପୂର୍ଣ୍ଣ ଥିବାରୁ ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରନ୍‌ଙ୍କ ସହ ଫ୍ରାନ୍ସର ଦ୍ୱିତୀୟ ବୃହତ୍ ସହର ମାର୍ସେଲରେ ଭାରତୀୟ ବାଣିଜ୍ୟ ଦୂତାବାସର ଉଦ୍‌ଘାଟନ ହୋଇଛି, ଯାହାଦ୍ୱାରା ପ୍ୟାରିସଠାରୁ ଦୂରରେ ରହୁଥିବା ପ୍ରବାସୀମାନେ ଏଣିକି ମାର୍ସେଲ ଦୂତାବାସରୁ ସେମାନଙ୍କ ସମସ୍ୟାର ସମାଧାନ କରି ପାରିବେ। ଏହା ସହ ଫ୍ରାନ୍ସର ଆନ୍ତର୍ଜାତିକ ଥର୍ମୋନ୍ୟୁକ୍ଲିୟର ଗବେଷଣା କେନ୍ଦ୍ର ମଧ୍ୟ ବୁଲି ଦେଖିଛନ୍ତି ଶ୍ରୀଯୁକ୍ତ ମୋଦୀ।

ଭାରତ ଓ ଫ୍ରାନ୍ସ ମଧ୍ୟରେ ପ୍ରତିରକ୍ଷା ସମ୍ବନ୍ଧୀୟ ଅନେକ ରାଜିନାମା ସ୍ୱାକ୍ଷର ହୋଇଛି। ଭାରତ ଫ୍ରାନ୍ସଠାରୁ ୨୬ ରାଫେଲ ଫାଇଟର ଜେଟ୍ ଓ ୩ଟି ସ୍କର୍ପିନ କ୍ଲାସ୍ ସବମେରିନ୍ କିଣିବା ନେଇ ରାଜିନାମା ହୋଇଛି। ଫ୍ରାନ୍ସରେ ୧୦୦ରୁ ଅଧିକ ଭାରତୀୟ କମ୍ପାନୀ ବ୍ୟବସାୟ କରୁଛନ୍ତି। ଏହି ସଂଖ୍ୟା ବୃଦ୍ଧି ସହ ଭାରତୀୟ କମ୍ପାନୀମାନେ କିଭଳି ସହଜରେ ଫ୍ରାନ୍ସରେ ବ୍ୟବସାୟ କରି ପାରିବେ, ସେ ନେଇ ସୁଯୋଗ ସୃଷ୍ଟି କରିବା ଉଦ୍ଦେଶ୍ୟରେ ପ୍ରଧାନମନ୍ତ୍ରୀ ପ୍ରସ୍ତାବ ଦେଇଛନ୍ତି। ବଡ଼କଥା ହେଉଛି, ଶ୍ରୀଯୁକ୍ତ ମୋଦୀ ଫ୍ରାନ୍ସର ଦ୍ୱିତୀୟ ସର୍ବବୃହତ୍ ସହର ମାର୍ସେଲେ ଗସ୍ତ ବେଳେ ଫ୍ରାନ୍ସ ସହ ଭାରତୀୟ ମୁକ୍ତି ସଂଗ୍ରାମର ଅନ୍ୟତମ ଯୋଦ୍ଧା ବୀର ସାଭରକରଙ୍କ ସ୍ମୃତି ତାଜା ହୋଇଛି। ସଂଗ୍ରାମୀ ବୀର ସାଭରକରଙ୍କ ତ୍ୟାଗ ଅତୁଳନୀୟ ଓ ଭାରତୀୟଙ୍କ ପାଇଁ ସାଭରକରଙ୍କ ଆଦର୍ଶ ପ୍ରେରଣାର ଉତ୍ସ ବୋଲି ଶ୍ରୀଯୁକ୍ତ ମୋଦୀ ଫ୍ରାନ୍ସ ଗସ୍ତ ବେଳେ କହିଛନ୍ତି। ଏହା ସହ ପ୍ରଥମ ବିଶ୍ୱଯୁଦ୍ଧରେ ସାମିଲ ଥିବା ସହିଦ ଭାରତୀୟ ଯବାନମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ଶ୍ରୀଯୁକ୍ତ ମୋଦୀ। ତେବେ ମାର୍ସେଲବାସୀ କିଭଳି ବୀର ସାଭରକରଙ୍କୁ ସୁରକ୍ଷା ଦେଇଥିଲେ, ସେ ସମୟର ସ୍ମୃତିକୁ ତାଜା କରିଥିଲେ ପ୍ରଧାନମନ୍ତ୍ରୀ। ଭାରତୀୟ ସ୍ୱାଧୀନତା ସଂଗ୍ରାମର ସ୍ୱତନ୍ତ୍ର ସେନାନୀ ବୀର ସାଭରକରଙ୍କର ୧୧୫ ବର୍ଷ ତଳର ମାର୍ସେଲେ ସହ ତାଙ୍କର ସ୍ମୃତିକୁ ତାଜା କରିଥିଲେ ଶ୍ରୀଯୁକ୍ତ ମୋଦୀ। ବ୍ରିଟିଶ ଜାହଜରୁ ସାହସର ସହ ଖସି ସମୁଦ୍ର ପହଁରି ବୀର ସାଭରକର ମାର୍ସେଲେ ଉପକୂଳରେ ପହଞ୍ଚି ଥିଲେ, ଯାହାକି ପ୍ରତ୍ୟେକ ଭାରତୀୟ ଜାଣିବା ଜରୁରୀ। ସାଭରକରଙ୍କୁ ୧୯୧୦ରେ ନାସିକ ଷଡ଼ଯନ୍ତ୍ର ମାମଲାରେ ଲଣ୍ଡନରୁ ଗିରଫ କରା ଯାଇଥିଲା। ତାଙ୍କୁ ଜଳପଥରେ ଲଣ୍ଡନରୁ ଭାରତ ପ୍ରତ୍ୟାବର୍ତ୍ତନ କରାଯାଉଥିଲା। ବାଟରେ ଫ୍ରାନ୍ସର ମାର୍ସେଲେ ସହର ଦେଇ ଜାହାଜଟି ଅତିକ୍ରମ କଲା ବେଳେ ସମୁଦ୍ରକୁ ଡେଇଁ ସେଠାରୁ ଖସିବାକୁ ଉଦ୍ୟମ କରିଥିଲେ ସାଭରକର। ତେବେ ବ୍ରିଟିଶ ପୁଲିସ ପୁଣି ତାଙ୍କୁ ମାର୍ସେଲରୁ ଗିରଫ କରି ନେଇଥିଲା। ଫ୍ରାନ୍ସ ସରକାର କିନ୍ତୁ ନିଜ ମାଟିରେ ବୀର ସାଭରକରଙ୍କ ଗିରଫକୁ ବିରୋଧ କରିଥିଲେ। ତେଣୁ ମାମଲା ବ୍ରିଟିଶ ହାତରୁ ଖସି ଅନ୍ତଃରାଷ୍ଟ୍ରୀୟ କୋର୍ଟରେ ବିଚାର ପାଇଁ ପହଞ୍ଚି ଥିଲା। ସେହିପରି ପ୍ରଧାନମନ୍ତ୍ରୀ ମୋଦୀଙ୍କ ମାର୍ସେଲେ ଗସ୍ତ କାଳରେ ପ୍ରଥମ ବିଶ୍ୱଯୁଦ୍ଧରେ ଭାରତୀୟ ସହିଦମାନଙ୍କୁ ଶ୍ରଦ୍ଧାଞ୍ଜଳି ସ୍ୱରୂପ ମାର୍ସେଲସ୍ଥିତ ମଜାର ନ୍ୟୁ ୱାର ସିମେଟ୍ରିରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ ପ୍ରଧାନମନ୍ତ୍ରୀ ମୋଦୀ। ଭାରତ-ଫ୍ରାନ୍ସ ସଂପର୍କ ଉଭୟ ପ୍ରତିରକ୍ଷାଠାରୁ ଆରମ୍ଭ କରି ବେସାମରିକ ସହଯୋଗ ଓ ସହଭାଗିତା ଭିତରେ ଏକ ଦୃଢ଼ତା ଓ ଦୀର୍ଘସୂତ୍ରୀ ବନ୍ଧୁତା ଯେ ବିଦ୍ୟମାନ. ଏଥିରେ ସନ୍ଦେହ ନାହିଁ। ■

ବାଲିପଦ୍ମାଳ, ନଗର
ଅସ୍ତରଙ୍ଗ, ପୁରୀ
ମୋ: ୯୭୭୮୬୯୭୦୩୬

# ଅସଜଡ଼ା ପରିବାର

ସମସ୍ତଙ୍କୁ ଯୋଡ଼ିବା, ଏକାଠି କରିବା, ସଜାଡ଼ିବା ଆମର ଏକ ସୁସ୍ଥ ମାନସିକତାର ପରିଚୟ ଦିଏ। ଏକାନ୍ନବର୍ତ୍ତୀ ପରିବାରର ମୂଲ୍ୟବୋଧ ଆଜିର ସମାଜରେ ଦୁର୍ଲଭ ଓ ଦୁଃସ୍ୱପ୍ନ ପରି ମନେ ହେଉଛି। ପାରିବାରିକ ସ୍ନେହ ସଂପର୍କରେ ବାନ୍ଧିହୋଇ ଜୀବନ ଗଢ଼ିବା କି ଜୀବନ ବଞ୍ଚେଇବାରେ ଆମର ଆଉ ଆନ୍ତରିକତା ନାହିଁ। ପରିବାରର ସଦସ୍ୟମାନେ ନିଜ ସ୍ୱାର୍ଥ ହାସଲ ପାଇଁ ବ୍ୟକ୍ତିଗତ ଚିନ୍ତାଧାରାର ପ୍ରୟୋଗ କରି ପରିବାରକୁ ଅସଜଡ଼ା, ବିଶୃଙ୍ଖଳିତ କରି ଦେଉଛନ୍ତି। ବିଚରା ଘରକୁ ସଜାଡ଼ିବାକୁ ଉଦ୍ୟମରତ ମୁଖିଆ ବା ମୁରବୀ ଜଣକ କିଂକର୍ତ୍ତବ୍ୟ ବିମୂଢ଼ ହୋଇ ଯାଉଛି। ଅସହାୟବୋଧ କରୁଛି ନିଜକୁ। ଯଦି ଏକୁଟିଆ ରହିବା, ନିଜେ ସମସ୍ତ ସୁଖ ଉପଭୋଗ କରିବା ପରି ଚିନ୍ତା ପରିବାରରେ ସଦସ୍ୟମାନେ କରନ୍ତି, ତେବେ କେମିତି ସଜାଡ଼ି ହେବ ଘର କି ପରିବାର? ମୁରବୀଙ୍କ ପାରିବାପଣିଆକୁ ଆମେ ଅଙ୍ଗୁଳି ନିର୍ଦ୍ଦେଶ କରିବା ସହଜ, କିନ୍ତୁ ମୁରବୀତ୍ୱକୁ ସମ୍ମାନ ନଦେବା ମୂର୍ଖାମୀ ନୁହେଁ କି? ଅବଶ୍ୟ ଅତୀତର ସେ ପରିବାର ଆଉ ନାହିଁ ଯେ ସମସ୍ତ ସଦସ୍ୟ ତାଙ୍କ କଥାକୁ ନିର୍ବିବାଦରେ ଗ୍ରହଣ କରିନେବେ! ତେଣୁ ବର୍ତ୍ତମାନର ଅସଜଡ଼ା ପରିବାରକୁ ସଜାଡ଼ିବାକୁ ମୁଖିଆ ଜଣକ ନିଜସ୍ୱ ଚିନ୍ତାଧାରାରେ ମଧ୍ୟ ପରିବର୍ତ୍ତନ କରିବା ଆବଶ୍ୟକ। ପରିବାର ଭିତରେ ବୟସ୍କମାନଙ୍କ ଯତ୍ନ ଓ ସମ୍ମାନ ରକ୍ଷା, ମଧ୍ୟବୟସ୍କମାନଙ୍କ ଆଶା, ସ୍ୱପ୍ନ ଶକ୍ତିମତେ ସାକାର କରିବା ପାଇଁ ପ୍ରଚେଷ୍ଟା, ଛୋଟମାନଙ୍କ ଚପଳାମୀକୁ ଚଗଲାମୀ ନ ଭାବି ସେମାନଙ୍କ ମନସ୍ତତ୍ତ୍ୱକୁ ବୁଝି ଆବଶ୍ୟକତା ଗୁଡ଼ିକର ପୂରଣ ପାଇଁ ଧ୍ୟାନ ଦେବା ଇତ୍ୟାଦି ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ଆନ୍ତରିକତା ପ୍ରଦର୍ଶନ କଲେ ହୁଏତ କିଛି ମାତ୍ରାରେ ପରିବାର ଲୋକଙ୍କ ମନରେ ଉଠୁଥିବା ଅସଜଡ଼ା ଭାବ ସବୁ ସଜାଡ଼ି ହୋଇଯାନ୍ତା। ଅବଶ୍ୟ ଆଜିକାଲି ସମସ୍ତଙ୍କ ମନରେ ଯେତେସବୁ ଆଶା, ଆକାଂକ୍ଷା, ସ୍ୱାର୍ଥପର ଭାବ ସୃଷ୍ଟି ହେଉଛି, ସେସବୁକୁ ପୂରଣ କରିବା ଜଣେ ମୁରବୀ ପକ୍ଷରେ ତ କଷ୍ଟ; ତେବେ କାହା ମନରେ କିଛି ସଂଶୟ ସୃଷ୍ଟି ହେଲେ ସମାଧାନର ରାସ୍ତା ନିର୍ଣ୍ଣୟ କରିବା ଆବଶ୍ୟକ।



ଅର୍ଜୁନ ଘଡ଼େଇ

ପରିବାରର ମୁଖିଆ ହେବା ପାଇଁ ଯୋଗ୍ୟତା କେବଳ ବୟସ ନୁହେଁ, ରୋଜଗାରକ୍ଷମ ବ୍ୟକ୍ତିଟିକୁ ମଧ୍ୟ ଗୁରୁତ୍ୱ ଦେବାକୁ ହେବ। କାରଣ ଆଜିର ସମାଜରେ ପରିବାର ଚଳାଇବା ପାଇଁ ଅର୍ଥର ଆବଶ୍ୟକତା ଯଥେଷ୍ଟ ରହିଛି। ସେଥିପାଇଁ ରୋଜଗାର କରୁଥିବା ବ୍ୟକ୍ତି ଜଣକ ଉପରେ ଦାୟିତ୍ୱ ନ୍ୟସ୍ତ କଲେ ସେ ବିଭିନ୍ନ ଦିଗରୁ ଘରକୁ ଆସୁଥିବା ଅର୍ଥ ସମୁଦାୟର ସୁପରିଚାଳନା କରିବାରେ ଅଧିକ ଦୃଷ୍ଟି ଦେବ। ଏଇ ପରିପ୍ରେକ୍ଷୀରେ ଘରର ବୟସ୍କ ଜଣକ ଆଦୌ ମନେ କରିବ ନାହିଁ ଯେ ମୁଁ ଏ ପରିବାର ଲୋକଙ୍କ ପାଇଁ ଅନେକ କିଛି କରିଛି, ଅଥଚ ମୋତେ, ମୋର ସମ୍ମାନ ରକ୍ଷା ପାଇଁ ଗୁରୁତ୍ୱ ଦିଆଯାଉ ନାହିଁ କାହିଁକି? ଯାହା ଆମର ପରମ୍ପରା ଥିଲା, ତାହା ପରିବର୍ତ୍ତିତ ସମୟରେ ନୂଆ ରୂପ ନେଇ ସାରିଛି ଯେତେବେଳେ, ସେତେବେଳେ ଏପରି ମାନସିକତାକୁ ପରିହାର କରି ନୂତନ ଚିନ୍ତାଧାରାକୁ ଆପଣେଇ ନେଲେ ପରିବାରର ମଙ୍ଗଳ ହେବ। ଅପର ପକ୍ଷରେ, ପରିବାରର ମୁଖିଆ ଭାବେ ଦାୟିତ୍ୱ ବହନ କରିଥିବା ବ୍ୟକ୍ତିଟି ବୟସ୍କମାନଙ୍କୁ ସମ୍ମାନ ଦେବାରେ, ଅଭିଜ୍ଞତା, ପରାମର୍ଶ ଆଦିକୁ ଗ୍ରହଣ କରିବାରେ ଅଦୌ ବିମୁଖତା ପ୍ରଦର୍ଶନ କରିବା ଉଚିତ ନୁହେଁ। ଜଣେ ଲୋକ ଯେ ସମସ୍ତଙ୍କ ଆବଶ୍ୟକତାକୁ ସୁଚାରୁ ରୂପେ ପୂରଣ କରି ପାରିବ, ଏକଥା ବି ଅସମ୍ଭବ। ତେଣୁ ମୁରବୀଙ୍କ ନିଷ୍ପତ୍ତିକୁ ପାରିବାରିକ ସମର୍ଥନ ରହିଲେ ତାଙ୍କ ମନରେ ଉତ୍ସାହ, ନିଷ୍ପାପର ଭାବ ସୃଷ୍ଟି ହେବ। ବାପ ଥାଉ ଥାଉ ପୁଅ ମାମଲତି କରିବା କଥାକୁ ସହଜରେ ଗ୍ରହଣ କରାଯାଇ ପାରିବ କି? କିନ୍ତୁ ଆଜିକାଲିର ସମାଜ ତ ଏଇଆ ଚାହୁଁଛି। ଯୁବକମାନଙ୍କ ହାତରେ ଦେଶର ପରିଚାଳନା ଭାର ଦିଆଯିବାର ନିଷ୍ପତ୍ତିକୁ ସ୍ୱାଗତ କରାଯାଉଥିବା ବେଳେ ପରିବାରରେ ତାହା ଅସମ୍ଭବ ହେବ କାହିଁକି? ଅବଶ୍ୟ ଏଥିପାଇଁ ତାଙ୍କର ସାମାଜିକ ଜ୍ଞାନ, ଦୂରଦୃଷ୍ଟିସଂପନ୍ନ ଚିନ୍ତାଧାରା, ପରିଚାଳନା କରିବାର ଦକ୍ଷତା ଆଦିକୁ ମଧ୍ୟ ବିଚାରକୁ ନିଆଯିବା ଉଚିତ।

ଦ୍ୱିତୀୟତଃ, ପରିବାରର ମଧ୍ୟବୟସ୍କମାନଙ୍କ ମନରେ ଅସଂଖ୍ୟ ଆଶା, ଆକାଂକ୍ଷା, ସ୍ୱପ୍ନସବୁ ଉଜ୍ଜୀବିତ ହୋଇ ଥାଏ। ଯୁବକ ଯୁବତୀମାନେ ସେମାନଙ୍କ ନିଜସ୍ୱ ଚିନ୍ତାଧାରାରେ ପରିଚାଳିତ ହେବାକୁ ଶ୍ରେୟ ମନେ କରନ୍ତି। ତାଙ୍କୁ କିଏ ଆକଟ କରି କହୁ, ଉପଦେଶ ଦେଉ, ନିଜ ସିଦ୍ଧାନ୍ତକୁ ଲଦିଦେଉ- ଏକଥା ସେମାନେ ଗ୍ରହଣ କରିବାକୁ ଚାହାନ୍ତି ନାହିଁ। ସେମାନେ ତାଙ୍କ ରାସ୍ତାରେ ଚାଲିବାକୁ ବେଶ୍ ପସନ୍ଦ କରନ୍ତି। ଏପରି ପରିସ୍ଥିତିରେ ମୁଖିଆ ଜଣକ ଅବିଚଳିତ ରହି ଧୈର୍ଯ୍ୟ ଧରିବା ଆବଶ୍ୟକ। ଉପଯୁକ୍ତ ପରାମର୍ଶ ଦେଇ ସେମାନଙ୍କ କାର୍ଯ୍ୟକୁ ନିରୀକ୍ଷଣ କରିବାକୁ ହେବ। ସେମାନେ ନିର୍ଣ୍ଣୟ କରିଥିବା ରାସ୍ତା ଯଦି ଠିକ୍, ତା'ହେଲେ ସେଥିରେ ସେମାନଙ୍କୁ ଚାଲିବାକୁ ଦିଆଯାଉ। ଭୁଲ୍ ରାସ୍ତାରେ ଯାଇ କଣ୍ଟା ମାଡ଼ିଲେ କି କ୍ଷତାକ୍ତ ହେଲେ ସେମାନେ ତ କଷ୍ଟ ସହିବେ, ଅନ୍ୟମାନେ ବି ଏଇ ଘଟଣାରେ ନିଜକୁ ସୁଧାରି ନେବେ। କିଛି କ୍ଷତିକୁ ଗ୍ରହଣ କରିନେଇ ଅନେକ କ୍ଷତିରୁ ରକ୍ଷା ପାଇବା ଉଚିତ୍ ହେବ ନାହିଁ କି? ଅଶିକ୍ଷିତ, ଅଳ୍ପଶିକ୍ଷିତ ବ୍ୟକ୍ତିମାନେ ପରିବାର ମୁଖିଆଙ୍କ ପରାମର୍ଶ, ନିର୍ଦ୍ଦେଶ, ନିଷ୍ପତ୍ତିକୁ ନିଜ ଭିତରେ ବିଚାର କରି ଗ୍ରହଣ କରିନେଲେ ଅସଜଡ଼ା ହେଉଥିବା ପରିବାର କିଛି ପରିମାଣରେ ସଜାଡ଼ି ହେଇଯାଇ ପାରେ। ଶେଷରେ, ପରିବାର ଭିତରେ ବଢ଼ୁଥିବା ଛୋଟପିଲା ବା କିଶୋରମାନେ, ଯେଉଁମାନଙ୍କୁ ନେଇ ପରିବାର ଭିତରେ ଅନେକ ସମସ୍ୟା ଦେଖା ଯାଉଛି, ସେଥିପାଇଁ ସେମାନଙ୍କୁ ସମର୍ଥନ କରୁଥିବା ବ୍ୟକ୍ତିବିଶେଷଙ୍କ ଅତ୍ୟଧିକ ସ୍ନେହ, ଶ୍ରଦ୍ଧା, ଜିଦ୍ କାରଣ ହେଉଛି। ସେଥି ଯୋଗୁଁ ପାରିବାରିକ ଶୃଙ୍ଖଳା ବ୍ୟାହତ ହେଉଛି। ପିଲାମାନେ ସେମାନଙ୍କ ସାଙ୍ଗ ସାଥୀମାନଙ୍କଠାରୁ, ସାମାଜିକ ପରିବେଶରୁ ଯେଉଁସବୁ କଥାକୁ ଠିକ୍ ଭୁଲ୍ ନ ଭାବି ଗ୍ରହଣ କରି ନେଉଛନ୍ତି ଏବଂ ତାଙ୍କ କଥା ରଖିବା ପାଇଁ ଜିଦ୍ ଧରୁଛନ୍ତି, ସେକଥା ପରିବାରର ମୁଖ୍ୟଙ୍କୁ ଗ୍ରହଣୀୟ ନହେଲେ ବି ସେମାନଙ୍କୁ ମାନସିକ ଆଘାତ ନଦେଇ ପରିବାର ସଦସ୍ୟମାନଙ୍କ ସହାୟତାରେ ସଠିକ୍ ଦିଗ୍‌ଦର୍ଶନ ଦେବାର ଆବଶ୍ୟକତା ରହିଛି। ସାଙ୍ଗସାଥୀମାନଙ୍କୁ ଦେଖି କିଏ ନିଜ ପାଇଁ ଗାଡ଼ି କିଣି ଦେବାକୁ ଜିଦ୍ ଧରୁଛି ତ ଆଉ କିଏ ପଢ଼ା ଛାଡ଼ି ଖେଳିବା, ବୁଲିବା ପରି ଅନାବଶ୍ୟକ କାର୍ଯ୍ୟ କରିବା ଉପରେ ମନୋନିବେଶ କରୁଛନ୍ତି। ସେମାନେ ପରିବାରର ଭବିଷ୍ୟତ। ସଂସ୍କାରପୂର୍ଣ୍ଣ ଜୀବନ ଗଢ଼ିବା ଦାୟିତ୍ୱ ଆମ ସମସ୍ତ ବୟସ୍କଙ୍କର। ଚପଳାମୀକୁ ଚଗଲାମୀ ଭାବି ଗାଳି ଗୁଲଜ କଲେ ବା ଦଣ୍ଡ ପ୍ରଦାନ କଲେ ସେମାନେ ଆତ୍ମହତ୍ୟା ପରି ଚରମ ନିଷ୍ପତ୍ତି ବି ନେଇ ଯାଉଛନ୍ତି। ତେଣୁ ପାରିବାରିକ ଆଦର୍ଶ, ପରିବାର ଲୋକଙ୍କ ଆକଟ ଓ ପରାମର୍ଶର ଯଥେଷ୍ଟ ଆବଶ୍ୟକତା ରହିଛି। ସେମାନଙ୍କ ପ୍ରତି ମନ ଭିତରେ କଠୋର ଭାବନା ରଖି ଉପରେ ସ୍ନେହ, ଶ୍ରଦ୍ଧା, ସହନଶୀଳତା ଭାବ ପ୍ରକଟ କଲେ ଅନେକ ପଥଚ୍ୟୁତ ହେଉଥିବା ଛୋଟ ପିଲା ସଜାଡ଼ି ହୋଇ ଯିବେ; ପରିବାର ବି ସଜାଡ଼ି ହେବ। ଅସଜଡ଼ା ଘରକୁ ସଜାଡ଼ିବା ପାଇଁ ଘରର ମୁରବୀଙ୍କୁ ଅନେକ ତ୍ୟାଗ କରିବାକୁ ପଡ଼ିଥାଏ। ପରିବାରରେ ଏକତା ନ ରହିବା ପାଇଁ ଆଜିର ସାମାଜିକ ପରସ୍ଥିତି, ବ୍ୟବସ୍ଥା ଆଦି ଅନେକ ପରିମାଣରେ ଦାୟୀ। ତଥାପି ନଈଟିଏ ପାରି ହେବା ପାଇଁ ସୁଦକ୍ଷ ନାଉରୀଆଟିଏ ସତର୍କ ହୋଇ ନାଆ ଚଳାଏ। ଦଳର ସୁପରିଚାଳନା ପାଇଁ କ୍ୟାପ୍‌ଟେନ୍ ଜଣକ ସମସ୍ତ ଅଭିଜ୍ଞତାକୁ ଆବଶ୍ୟକ ସ୍ଥଳେ ପ୍ରୟୋଗ ନ କଲେ ଖେଳରେ ଦଳ ହାରିଯାଏ। ଦେଶର ପ୍ରଗତି, ସଂସ୍କୃତି, ସଂହତି ଆଦିର ସୁରକ୍ଷା ପାଇଁ ଦେଶର ମୁଖିଆଙ୍କୁ ନିଜର ଦୃଢ଼ ନିଷ୍ପତ୍ତି, ନିରପେକ୍ଷ ଭାବନା, ଜ୍ଞାନ ଗରିମା ଆଦି ଅନେକ ସୁଗୁଣର ପରିଚୟ ଦେବାକୁ ପଡ଼େ। ଛୋଟ ହେଉ କି ବଡ଼, ମୁଖିଆ ଜଣକ ଅସଜଡ଼ା ପରିବାରକୁ ସଜାଡ଼ିବା ପାଇଁ ନିଜ ବିଚାର, ବୁଦ୍ଧିର ଉପଯୁକ୍ତ ପ୍ରୟୋଗ କଲେ ପରିବାରଟିଏ କେତେକ ପରିମାଣରେ ସଜାଡ଼ି ହୋଇଯିବ, ଏହା ନିଃସନ୍ଦେହ। ■

ଅବସରପ୍ରାପ୍ତ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ
ଦାଣ୍ଡମୁକୁନ୍ଦପୁର, ପିପିଲି, ପୁରୀ
ମୋ: ୯୪୩୮୦୪୮୬୧୫

ଲେଖା ପଠାଇବାର ଠିକଣା, ସମ୍ପାଦକ, 'ନିତିଦିନ', Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, e-mail: nitidinedit@gmail.com

# ଦୁର୍ଘଟଣାରେ ସ୍ୱାମୀ ମୃତ, ସ୍ତ୍ରୀ ଆହତ

**ଧାମନଗର,୧।୩/ଏନ୍ଏନ୍ଏସ୍:** ଯାଜପୁର ଜିଲ୍ଲା ହରିପୁର ଛକ ନିକଟସ୍ଥ ୧୬ନଂ ଜାତୀୟ ରାଜପଥରେ ଏକ ୧୦ ଚକିଆ ହାଇୱା ଧକ୍କାରେ ସ୍ୱାମୀଙ୍କ ମୃତ୍ୟୁ ହୋଇଥିବାବେଳେ ସ୍ତ୍ରୀ ଆହତ ହୋଇଛନ୍ତି। ମୃତକ ଜଣକ ହେଲେ ଧାମନଗର ଥାନା ଅନ୍ତର୍ଗତ ଖଡ଼ିପଦା ପଞ୍ଚାୟତ ଦକ୍ଷିଣ କାଞ୍ଚିଆପାଳ ଗ୍ରାମର ପୂର୍ଣ୍ଣଚନ୍ଦ୍ର ବେହେରା(୫୦) ଓ ଗୁରୁତର ସ୍ତ୍ରୀ ମନୋରମା ବେହେରା। ପୂର୍ଣ୍ଣଚନ୍ଦ୍ର ସ୍ତ୍ରୀ ମନୋରମାଙ୍କ ସହ ଗତ ମଙ୍ଗଳବାର ଭୁବନେଶ୍ୱର ଝିଅ ଘରକୁ ମୋଟର ସାଇକେଲ୍ ଯୋଗେ ବୁଲିବାକୁ ଯାଇଥିଲେ। ସେଠାରେ ୪ ଦିନ ରହିବା ପରେ ଶୁକ୍ରବାର ଦୁହେଁ ଘରକୁ ଫେରୁଥିବାବେଳେ ହାଇୱା ସାମ୍ନାପଟୁ ଧକ୍କା ଦେଇଥିଲା। ଫଳରେ ମୋଟର ସାଇକେଲ୍‌ରୁ ଉଭୟ ଛିଟିକି ପଡ଼ିଥିଲେ। ସ୍ଥାନୀୟ ଲୋକ ଉଭୟଙ୍କୁ ଉଦ୍ଧାର କରି ଯାଜପୁର ମେଡିକାଲ୍‌କୁ ନେଇଥିଲେ। ସେଠାରେ ଡାକ୍ତର ସ୍ୱାମୀଙ୍କୁ ମୃତ ଘୋଷଣା କରିଥିବାବେଳେ ପତ୍ନୀଙ୍କୁ କଟକ ଡାକ୍ତରଖାନାକୁ ସ୍ଥାନାନ୍ତର କରିଥିଲେ। ତେବେ ଶବ ବ୍ୟଚ୍ଛେଦ ପରେ ଶନିବାର ଗ୍ରାମ ଶ୍ମଶାନରେ ପୂର୍ଣ୍ଣଚନ୍ଦ୍ରଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା।

# ହାତୀ ଉପଦ୍ରବ ନିରୋଧୀ ସଚେତନତା କାର୍ଯ୍ୟକ୍ରମ

**କେନ୍ଦୁଝର,୧।୩/ଏନ୍ଏନ୍ଏସ୍:** ବାଂଶପାଳ ବ୍ଲକ୍ ଷ୍ଟାଡିୟମ୍‌ରେ ହାତୀ ଉପଦ୍ରବ ନିରୋଧୀ ଏବଂ ଜଙ୍ଗଲ ନିଆଁ ନିୟନ୍ତ୍ରଣ ଓ ନିରାକରଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆ, ସମ୍ମାନିତ ଅତିଥିଭାବେ ତେଲକୋଇ ବିଧାୟକ ଡାକ୍ତର ଫକୀରମୋହନ ନାଏକ, ରାଉରକେଲା ଆର୍‌ସିସିଏଫ୍ ପି ରାମଶ୍ୟାମୀ, କେନ୍ଦୁଝର ଡିଏଫ୍ଓ ଧନରାଜ ଏଚ୍‌ଡି, ଆଇଏଫ୍ଏସ୍ ପ୍ରୋବେସନର ନାଗରାଜୁ କାଣ୍ଡେଲା, କେନ୍ଦୁଲିଫ୍ ଡିଏଫ୍ଓ ନିତ୍ୟାନନ୍ଦ ନାୟକ, ବାଂଶପାଳ ବିଡିଓ ବିକାରାଣୀ କିସ୍‌ପଟା, ପ୍ରଭାଗୀୟ ଶ୍ରମ ଆୟୁକ୍ତ ସୂର୍ଯ୍ୟ ନାରାୟଣ ମାଳି, ଜିଲ୍ଲା ଶ୍ରମ ଅଧିକାରୀ ଆକାଶ ବିଷୋୟୀ, ଜିଲ୍ଲାପରିଷଦ ସଭ୍ୟ ଅରୁଣ କୁମାର ବାରିକ, ଶାନ୍ତିଲତା ରଣା ଓ ବାଂଶପାଳ ବ୍ଲକ୍ ଚେୟାରମ୍ୟାନ୍ ମାନସ ଦେହୁରୀ ପ୍ରମୁଖ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବାଂଶପାଳ ବ୍ଲକ୍‌ର ୨୧ଟି ପଞ୍ଚାୟତର ସମସ୍ତ ସରପଞ୍ଚ, ସମିତିସଭ୍ୟ, ୱାର୍ଡମେମ୍ବର, ପୀଢ଼ ସର୍ଦ୍ଦାର, ପୀଢ଼ପତି,୧୦୪ ଭିଏସ୍ଏସ୍‌ର ସଭାପତି, ଆନିମେଟର୍, ମେମ୍ବର, ସମସ୍ତ ଏସ୍ଏଚ୍‌ଜି ଓ ବିଜେପି ରେଞ୍ଜର ସମସ୍ତ କର୍ମଚାରୀଙ୍କୁ ନେଇ ଜଙ୍ଗଲ ନିଆଁ ନିରାକରଣ ଏବଂ ପ୍ରତିରୋଧ ସମ୍ପର୍କିତ ସଭା ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ମନ୍ତ୍ରୀ ଶ୍ରୀ ଖୁଣ୍ଟିଆ ହାତୀଙ୍କଠାରୁ ଲୋକମାନେ ନିଜ ସୁରକ୍ଷା ଏବଂ ଶସ୍ୟର ସୁରକ୍ଷା ପାଇଁ ୪୫୦ଟି ଗ୍ରେନବିନ୍, ୨୦୦ ଟର୍ଚ୍ଚ ଲାଇଟ୍, ୬୦ ସୋଲାର୍ ଲାଇଟ୍ ଓ ୧ ଥେସର୍ ମେସିନ ପ୍ରଦାନ କରିଥିଲେ। ଏସ୍ଏଚ୍‌ଜିଙ୍କ ଆର୍ଥିକ ଉନ୍ନତି ପାଇଁ ସିଲେଇ ମେସିନ୍ ଓ ଡମ୍ପିଂ କମ୍ପୋଷ୍ଟ କରି ନିଜର ଆର୍ଥିକ ଉନ୍ନତି କରିବା ପାଇଁ ରାଇଗୋଡ଼ା ଏସ୍ଏସ୍‌ଜିକୁ ୨ ଲକ୍ଷ, ନୀତିଗୋଠ ଏସ୍ଏସ୍‌ଜିକୁ ୨ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା। ଶାଗପଡ଼ା ବନ ସୁରକ୍ଷା ସମିତିକୁ ଡମ୍ପିଂ କମ୍ପୋଷ୍ଟ ପାଇଁ ୧ ଲକ୍ଷ ୭୦ ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା। ଆମ୍ବଡ଼ହରା ବନ ସୁରକ୍ଷା ସମିତିକୁ ଧାନ ଅମଳ କରିବା ଯନ୍ତ୍ର ପାଢ଼ି ତେଓର ପ୍ରଦାନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ପ୍ରାୟ ୧୨୦୦ରୁ ଊର୍ଦ୍ଧ୍ୱ ଲୋକ ଉପସ୍ଥିତ ଥିଲେ। ଭୂୟାଁ ଜୁଆଙ୍ଗ ପୀଢ଼ ବନାଞ୍ଚଳ ଅଧିକାରୀ ନୟନକାନ୍ତ ସାହୁ, ଶୁଆକାଟୀ ବନପାଳ ଜ୍ୟୋତିର୍ମୟୀ ପଟ୍ଟନାୟକ, କାଞ୍ଚିପାଣି ବନପାଳ ସାବିତ୍ରୀ ସାହୁ, ବନପାଳ ମଧୁସ୍ମିତା ଦୋରା, ବନପାଳ ସରଣ ବାରିକଙ୍କ ସମେତ ସମସ୍ତ ବନରକ୍ଷୀ ଓ କର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଆଇଏଫ୍ଏସ୍ ନାଗରାଜୁ କାଣ୍ଡେଲା ସମସ୍ତ ଅତିଥିଙ୍କୁ ଧନ୍ୟବାଦ ଦେଇଥିଲେ।

## ପ୍ରଥମ ପୃଷ୍ଠାରୁ

## ୩୭୫ କୋଟି ଟଙ୍କା...

ଲୋକଙ୍କ ଜୀବନ ଧାରଣର ମାନରେ ଗୁଣାତ୍ମକ ପରିବର୍ତ୍ତନ ଆମ ସମସ୍ତଙ୍କର ଧେୟ ହେବା ଉଚିତ୍। ଆଜି ଆମ ରାଜ୍ୟ ଓଡିଶା ଏକ ନୂତନ ବିକାଶ ପଥର ଯାତ୍ରୀ ହୋଇଛି। ଗତ ପ୍ରାୟ ଅଢ଼େଇ ଦଶନ୍ଧି ଧରି ବିକାଶ ନାଁରେ ଏକପ୍ରକାର ଭଣ୍ଡାମି ଚାଲିଥିଲା, କେବଳ ଇଭେଣ୍ଟ ମ୍ୟାନେଜ୍‌ମେଣ୍ଟ କରି ବିକାଶର ଡିଣ୍ଡିମ ପିଟୁଥିଲେ। ଆଜି ଆପଣଙ୍କ ସରକାର ଆପଣଙ୍କ ଉନ୍ନତି ପାଇଁ ଅନେକ ବିକାଶମୂଳକ କାର୍ଯ୍ୟ କରିଛନ୍ତି, ଯେପରିକି ଗୋଦାବରୀଶ ଆଦର୍ଶ ପ୍ରାଥମିକ ବିଦ୍ୟାଳୟ, ମାଧୋ ସିଂ ଛାତ୍ରବୃତ୍ତି ଯୋଜନା, ଆୟୁଷ୍ମାନ ଭାରତ-ପ୍ରଧାନମନ୍ତ୍ରୀ ଜନଆରୋଗ୍ୟ ଯୋଜନା, ନୂତନ ଶିକ୍ଷାନୀତି ପରି ଯୋଜନା। ଚଳିତବର୍ଷ ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା, ଜଗନ୍ନାଥ ଦର୍ଶନ ସେବା, ମଡେଲ ମଣ୍ଡି ପରି ନୂତନ ଯୋଜନାର ପରିକଳ୍ପନା କରାଯାଇଛି। ୨୦୩୬ ସୁଦ୍ଧା ଏକ ସମୃଦ୍ଧ ଓଡିଶା ଗଠନ ପାଇଁ ଆମର ଜୋରଦାର୍ ଉଦ୍ୟମ ଆରମ୍ଭ ହୋଇଛି। ଦେଶ ଓ ରାଜ୍ୟର ଏହି ମହାନ୍ ଲକ୍ଷ୍ୟ ପୂରଣରେ ମୟୂରଭଞ୍ଜର ମଧ ବିଶେଷ ଭୂମିକା ରହିବ। ସେହି ସ୍ୱପ୍ନକୁ ବାସ୍ତବତାର ରୂପ ଦେବାପାଇଁ 'ସବ୍‌କା ସାଥ୍, ସବ୍‌କା ବିକାଶ, ସବ୍‌କା ବିଶ୍ୱାସ, ସବ୍‌କା ପ୍ରୟାସ' ଧାରାରେ ସାଥିହୋଇ ବିଶ୍ୱାସର ସେତୁ ବନ୍ଧ ତିଆରି କରିବା ପାଇଁ ଆହ୍ୱାନ ଦେଇଥିଲେ।

ମୁଖ୍ୟମନ୍ତ୍ରୀ କହଛନ୍ତି ଯେ, ଉଦଳା ସହିତ ମୋର ସମ୍ପର୍କ ଅତି ନିବିଡ଼ ଓ ନିଆରା। ବିଧାୟକ ହେବା ପୂର୍ବରୁ ଏଇ ମାଟି ସହିତ ମୋର ଅତି ଘନିଷ୍ଠ ସମ୍ପର୍କ ରହିଛି। ଏହି ମାଟିର ଭାଷା, ସଂସ୍କୃତି, ପରମ୍ପରା ସହିତ ମୁଁ ଓତଃପ୍ରୋତ ଭାବେ ଜଡ଼ିତ। ମୟୂରଭଞ୍ଜ ମୋର ଦ୍ୱିତୀୟ ଘର। ଏ ମାଟିର ମୂଳ ଓ ସ୍ଥାୟୀ ଅଧିବାସୀ ଭାବରେ ଗଣ୍ୟ ଆଦିବାସୀ ସମ୍ପ୍ରଦାୟଙ୍କ ଲୋକ କଳା, ଚଳଣି ଓ ପରମ୍ପରା ଅତି ସମୃଦ୍ଧ। ଓଡ଼ିଶାର କଳା ଓ ସଂସ୍କୃତିକୁ ଆଦିବାସୀ ସଂସ୍କୃତି ହିଁ ଉଜ୍ଜ୍ୱଳ କରିଛି। ଓଡ଼ିଶାର କଳାଜଗତକୁ ମୟୂରଭଞ୍ଜ ଜିଲ୍ଲାର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି। ମୟୂରଭଞ୍ଜର ଛଉନୃତ୍ୟ ବିଶ୍ୱପ୍ରସିଦ୍ଧ। ଅନେକ ଆଦିବାସୀ ନୃତ୍ୟ କଳା ଓ ସଙ୍ଗୀତ ମଧ ଓଡ଼ିଶା ମାଟିକୁ ସମୃଦ୍ଧ କରିଛି ବୋଲି ଶ୍ରୀ ମାଝୀ ପ୍ରକାଶ କରିଛନ୍ତି।

ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ମନ୍ତ୍ରୀ ରବି ନାରାୟଣ ନାଏକ କହିଥିଲେ, ଆମ ସରକାରଙ୍କ ଉଦ୍ଦେଶ୍ୟ, ବିକାଶ ପ୍ରତ୍ୟେକ ଗାଁକୁ ଯିବ ଏବଂ ପ୍ରତ୍ୟେକ ଗାଁର ପ୍ରତ୍ୟେକ ଗରିବ ଘରେ ବିକାଶର ଜ୍ୟୋତି ଜଳିବ। ଏହି କାର୍ଯ୍ୟକ୍ରମରେ ରାଜ୍ୟସଭା ସାଂସଦ ମମତା ମହାନ୍ତ, ବିଧାୟକ ବାରିପଦା ପ୍ରକାଶ ସୋରେନ, ବିଧାୟକ ବଡ଼ସାହି ସନାତନ ବିଜୁଳି, ବିଧାୟକ ସାରସକଣା ଭାଦବ ହାଁସଦା, ବିଧାୟକ ବଙ୍ଗିରିପୋଷି କୁମାରୀ ସଞ୍ଜଲୀ ମୁର୍ମୁ, ବିଧାୟକ ପାଟଣା ଅଖିଳ ଚନ୍ଦ୍ର ନାୟକ ଏବଂ ବିଧାୟକ ତେଲକୋଇ ଡ. ଫକୀର ମୋହନ ନାଏକ ଉଦ୍‌ବୋଧନ ଦେଇ ମୟୂରଭଞ୍ଜର ବିକାଶରେ ମୁଖ୍ୟମନ୍ତ୍ରୀଙ୍କ ଅବଦାନକୁ ଅଶେଷ ପ୍ରଶଂସା କରିଛନ୍ତି।

ପ୍ରାରମ୍ଭରେ ମୁଖ୍ୟମନ୍ତ୍ରୀଙ୍କ ସମେତ ମନ୍ତ୍ରୀ ଶ୍ରୀ ନାଏକ ଓ ଉପସ୍ଥିତ ସମସ୍ତ ସାଂସଦ, ବିଧାୟକ, ଅଧିକାରୀ ଏବଂ ଜନସାଧାରଣ ମୟୂରଭଞ୍ଜ ମାଟିର ସନ୍ତାନ ତଥା କିମ୍ବଦନ୍ତୀ ଓଡ଼ିଆ ସିନେ ଅଭିନେତା ସ୍ୱର୍ଗତଃ ଉତ୍ତମ ମହାନ୍ତିଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ୧ ମିନିଟ୍ ନୀରବ ପ୍ରାର୍ଥନା କରିଥିଲେ ଓ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ମହାନ୍ତିଙ୍କ ବିୟୋଗକୁ ରାଜ୍ୟର କଳା ଜଗତ ପାଇଁ ଅପୂରଣୀୟ କ୍ଷତି ବୋଲି କହିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଉଦଳା ଅଞ୍ଚଳର ହୀରା ସିଂ ଓ ଗଣେଶ୍ୱର ସିଂଙ୍କୁ ସରକାରଙ୍କର ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ ପକ୍ଷରୁ ୧ ଲକ୍ଷ ଟଙ୍କା ଲେଖାଏ ସହାୟତା ରାଶି ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଉଦଳା ବିଧାୟକ ଭାସ୍କର ମଢ଼େଇ ସ୍ୱାଗତ ଭାଷଣ ଦେଇଥିବା ବେଳେ ମୟୂରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସୟ ଧନ୍ୟବାଦ ଦେଇଥିଲେ।

## ୬ରେ ସୁଭଦ୍ରା...

ଯାଉଥିବା ବେଳେ ରାଜ୍ୟର ପ୍ରାୟ ୧ କୋଟି ମହିଳା ହିତାଧିକାରୀ ୫ ହଜାର ଟଙ୍କା ପାଇବେ ବୋଲି ମଧ ଉପମୁଖ୍ୟମନ୍ତ୍ରୀ ଶ୍ରୀମତି ପରିଡା ସୂଚନା ଦେଇଛନ୍ତି। ଏହା ପୂର୍ବରୁ ଫେବ୍ରୁଆରୀ ୮ ତାରିଖରେ ପ୍ରଥମ କିସ୍ତିର ୪ର୍ଥ ପର୍ଯ୍ୟାୟ ଟଙ୍କା ବଣ୍ଟନ ହୋଇଥିଲା। ଯାଜପୁର ବ୍ୟାସନଗରରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଟଙ୍କା ବଣ୍ଟନ କରିଥିଲେ। ୧୮ ଲକ୍ଷରୁ ଅଧିକ ମହିଳାଙ୍କ ଆକାଉଣ୍ଟକୁ ଯାଇଥିଲା ଟଙ୍କା। ପୂର୍ବରୁ ୪ଟି ପର୍ଯ୍ୟାୟରେ ବର୍ତ୍ତମାନ ସୁଦ୍ଧା ୯୮ ଲକ୍ଷରୁ ଅଧିକ ମହିଳାଙ୍କୁ ସୁଭଦ୍ରାର ପ୍ରଥମ କିସ୍ତି ଟଙ୍କା ପ୍ରଦାନ କରାଯାଇସାରିଛି।

## ଏବେ ବି ଲୋକଙ୍କ...

ରହିଛି। ଆର୍‌ବିଆଇ କାର୍ଯ୍ୟାଳୟଗୁଡ଼ିକ ୯ ଅକ୍ଟୋବର, ୨୦୨୩ଠାରୁ ବ୍ୟକ୍ତି ଏବଂ ସଂସ୍ଥାଗୁଡ଼ିକଙ୍କଠାରୁ ୨,୦୦୦ ଟଙ୍କାର ନୋଟ୍ ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟରେ ଜମାକରିବା ପାଇଁ ଗ୍ରହଣ କରୁଛନ୍ତି। ଏହା ବ୍ୟତୀତ ସାଧାରଣ ଲୋକମାନେ ଦେଶର ଯେକୌଣସି ପୋଷ୍ଟ ଅଫିସ୍ ଯାଇ ସେଠାରୁ ମଧ ଯେକୌଣସି ଆର୍‌ବିଆଇ କାର୍ଯ୍ୟାଳୟକୁ ୨୦୦୦ ଟଙ୍କାର ନୋଟ୍ ପଠାଇ ଏହି ଅର୍ଥକୁ ନିଜ ବ୍ୟାଙ୍କ୍ ଆକାଉଣ୍ଟରେ ଜମା କରିପାରିବେ। ୨ ହଜାର ଟଙ୍କିଆ ନୋଟ୍ ବୈଧ ଭାବରେ ପ୍ରଚଳିତ ରହିବ ବୋଲି ଆର୍‌ବିଆଇ ସ୍ପଷ୍ଟ କରିଛି।

# ସମବାୟ ସମିତି କର୍ମଚାରୀଙ୍କ ଅସହଯୋଗ, ଚିନ୍ତାରେ ଚାଷୀ



**ଢେଙ୍କାନାଳ,୧।୩/ଏନ୍ଏନ୍ଏସ୍:** ରାଜ୍ୟ ଓ କେନ୍ଦ୍ର ସରକାର ଅନେକ କୃଷକ କଲ୍ୟାଣ ଯୋଜନା ଆରମ୍ଭ କରିଛନ୍ତି। ଚାଷୀଙ୍କ ସୁବିଧା ପାଇଁ ସରକାର ପ୍ରାଥମିକ କୃଷି ସମବାୟ ସମିତି ମଧ ଗଠନ କରିଛନ୍ତି। ସେଠାରେ ମଧ ରାଜ୍ୟ ସରକାରଙ୍କ ପକ୍ଷରୁ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ବିଭିନ୍ନ ସମୟରେ ସମବାୟ ସମିତିର କିଛି କର୍ମଚାରୀଙ୍କ ଅସହଯୋଗ ଯୋଗୁ ଚାଷୀଙ୍କ ଚିନ୍ତା ବଢୁଛି। ମାତ୍ର ସମବାୟ ସମିତିର କର୍ମଚାରୀଙ୍କ ଖାମଖିଆଲ ମନୋଭାବ ଯୋଗୁ ଜନୈକ ଚାଷୀ ଅମଳ କରିଥିବା ଧାନ ଫସଲ ବିକ୍ରି କରିବାରୁ ବଞ୍ଚିତ ହେବାନେଇ ଶନିବାର ନ୍ୟାୟ ପାଇଁ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଭାବେ ଅଭିଯୋଗ କରିଛନ୍ତି। ଘଟଣାରୁ ପ୍ରକାଶ, ଢେଙ୍କାନାଳ ଜିଲ୍ଲାର ସଦର ବ୍ଲକ୍ ଚାଉଳିଆ ଖମାର ଗ୍ରାମର ଚାଷୀ ଦେବରାଜ ସାହୁ ଚଳିତ ବର୍ଷ ଖରିଫ ଧାନ ବିକ୍ରି ପାଇଁ ବେଲଟିକିରି ପ୍ରାଥମିକ କୃଷି ସମବାୟ ସମିତିରେ ନାମ ପଞ୍ଜୀକରଣ ପାଇଁ ଆବେଦନ କରିଥିଲେ। ପଞ୍ଜୀକରଣ ସମୟରେ ଚାଷ ଜମି ପଟ୍ଟା, ବ୍ୟାଙ୍କ ଆକାଉଣ୍ଟ ଓ ଆଧାର କାର୍ଡର ନକଲ ଦେଇଥିଲେ। ସରକାରଙ୍କ ଦ୍ୱାରା ଦିଆଯାଇଥିବା ଫର୍ମରେ ପ୍ରାୟ ୪ ଏକରରୁ ଊର୍ଦ୍ଧ୍ୱ ଜମିରେ ଧାନ ଚାଷ କରିଛନ୍ତି ବୋଲି ଉଲ୍ଲେଖ କରିଥିଲେ। ମାତ୍ର ସମବାୟ ସମିତିର କର୍ମଚାରୀମାନେ ସଠିକ୍ ତଥ୍ୟ ପଞ୍ଜୀକରଣ ନକରିବା ଯୋଗୁ ଚଳିତ ବର୍ଷ ଧାନ ବିକ୍ରି ପାଇଁ କିଛି ମେସେଜ୍ ମିଳିନଥିଲା। ସହାୟତା ନମ୍ବରକୁ କଲ୍ କରିବା ପରେ ଧାନ ବିକ୍ରି କରିବା ପାଇଁ ୮ କୁଇଣ୍ଟାଲ ଥିବା ଜାଣିବାକୁ ପାଇଥିଲେ। ପରେ ସେ ସମବାୟ ସମିତି ସହ ଯୋଗାଯୋଗ କରିଥିଲେ ମଧ ସେମାନେ ସହଯୋଗ ପାଇଁ ରୋକଠୋକ୍ ମନା କରିଦେଇଥିଲେ। କେବଳ ସେତିକି ନୁହେଁ, ସମବାୟ ସମିତିର ଜିଲ୍ଲା କାର୍ଯ୍ୟାଳୟ ସହ ଯୋଗାଯୋଗ କରିବାରୁ ସେମାନେ ଭୁବନେଶ୍ୱର ସେକ୍ରେଟେରୀଏଟ୍ କାର୍ଯ୍ୟାଳୟକୁ ଯାଇ ବୁଝିବାକୁ କହିଥିଲେ। ଶେଷରେ ଚାଷୀ ଦେବରାଜ ସବୁ ଆଡୁ ନିରାଶ ହେବା ପରେ ବାଧହୋଇ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିବା ସହ ସରକାରୀ ସୁବିଧା ପାଇବା ପାଇଁ ନିବେଦନ କରିଛନ୍ତି।

# ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘର ମତ-ମନ୍ତବ୍ୟ କାର୍ଯ୍ୟକ୍ରମ

## ନୂତନ ଅନୁଦାନ ନୀତି ପ୍ରଣୟନ ନକଲେ ଧାରଣା ଚେତାବନୀ



**ସୋର,୧।୩/ଏନ୍ଏନ୍ଏସ୍:** ରାଜ୍ୟ ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘ ପକ୍ଷରୁ ମତ ଓ ମନ୍ତବ୍ୟ କାର୍ଯ୍ୟକ୍ରମ ବାଲେଶ୍ୱର ଜିଲ୍ଲା ସୋର ବ୍ଲକ୍ ଅନ୍ତର୍ଗତ ଉପେନ୍ଦ୍ରନାଥ କଲେଜରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସଭାପତି ବିଶ୍ୱରଞ୍ଜନ ଦାସଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ସଂଯୋଜକ ତାପସ କୁମାର ପାତ୍ରଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ବିଭିନ୍ନ ଦାବି ବାବଦରେ ଆଲୋଚନା କରାଯାଇଥିଲା। ୨୦୦୮ ଜୁନ୍ ୧ରୁ ୨୦୧୮ ଜୁନ୍ ୧ ମଧରେ ପରିଚାଳନା କମିଟି ଦ୍ୱାରା ନିଯୁକ୍ତ ଅଧ୍ୟାପକ ଏବଂ କର୍ମଚାରୀଙ୍କ ପାଇଁ ନୂତନ ଅନୁଦାନ ନୀତି ପ୍ରଣୟନ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରିଥିଲେ। ସଂଘର ନିଷ୍ପତ୍ତିକ୍ରମେ ଦସ୍ତଖତ ଅଭିଯାନ ମାଧମରେ ୧ ଲକ୍ଷ ଲୋକଙ୍କ ଦସ୍ତଖତ ସମ୍ମିଳିତପତ୍ର ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଥିଲା। ଶ୍ରୀପଞ୍ଚମୀଠାରୁ ଏହି ମତ ଓ ମନ୍ତବ୍ୟ କାର୍ଯ୍ୟକ୍ରମ ଆରମ୍ଭ କରାଯାଇ ରାଜ୍ୟର କୋଣଅନୁକୋଣରୁ ଦେଢ଼ କୋଟି ଲୋକଙ୍କ ପାଖରେ ପହଞ୍ଚେଇବାର ନିଷ୍ପତ୍ତି ନିଆଯାଇଛି। ଯଦି ସରକାର ଇତିମଧରେ ନୂତନ ଅନୁଦାନ ନୀତି ପ୍ରଣୟନ ନକରନ୍ତି ତେବେ ସଂଘ ୫ ହଜାର କର୍ମଚାରୀଙ୍କ ସହିତ ପୁନର୍ବାର ଲୋଏର ପିଏମ୍‌ଜିରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣାରେ ବସିବେ ବୋଲି ନିଷ୍ପତ୍ତି ନିଆଯାଇଛି। ଏହି କାର୍ଯ୍ୟକ୍ରମରେ ଖଣ୍ଡ ସଂଯୋଜକ ଭାଗିରଥୀ ଘଡ଼ାଇ, ଅରୁଣ ରାମ, ରାଧାଶ୍ୟାମ ବିଶ୍ୱାଳ, ସୁଶାନ୍ତ ଦିକ୍ଷୀତ, ବିପ୍ଲବ ପଣ୍ଡା, ପ୍ରଶାନ୍ତ ବିଶ୍ୱାଳ, କାର୍ତ୍ତିକ ସେଠୀ, ଲିପିକା ସାମଲ, ଜ୍ୟୋତି ସ୍ୱପ୍ନା ସ୍ୱାଇଁ, ରାଧାକାନ୍ତ ଦାସ, ବିଦ୍ୟାନ୍ତି ନାୟକ ଓ ପ୍ରଫୁଲ୍ଲ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଅବସର ଦିନ କର୍ମଚାରୀଙ୍କୁ ମିଳିଲା ପୂର୍ଣ୍ଣାଙ୍ଗ ପେନ୍‌ସନ୍



**ଯାଜପୁର,୧।୩/ଏନ୍ଏନ୍ଏସ୍:** ଯାଜପୁର ଜିଲ୍ଲା ଶିକ୍ଷାଧିକାରୀଙ୍କ ଅଧୀନରେ କାର୍ଯ୍ୟରତ ବିଭିନ୍ନ ବିଦ୍ୟାଳୟର ମୋଟ ୧୪ ଜଣ କର୍ମଚାରୀ ଗତ ଫେବୃଆରୀ ୨୮ ତାରିଖରେ ସରକାରୀ ଚାକିରିରୁ ଅବସର ନେଇଛନ୍ତି। ଜିଲ୍ଲା ଶିକ୍ଷାଧିକାରୀ ନିତ୍ୟାନନ୍ଦ ବାରିକ୍‌ଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲା ଶିକ୍ଷାଧିକାରୀ କାର୍ଯ୍ୟାଳୟର ସମସ୍ତ କର୍ମଚାରୀଙ୍କ ପକ୍ଷରୁ ସେମାନଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯିବା ସହ ୯ ଜଣଙ୍କୁ ପୂର୍ଣ୍ଣାଙ୍ଗ ପେନ୍‌ସନ୍ ପ୍ରଦାନ କରାଯାଇଛି। ଅବସର ଗ୍ରହଣ କରିଥିବା ସମସ୍ତ କର୍ମଚାରୀଙ୍କ ନିଷ୍ପାପର ଓ ଉତ୍ସର୍ଗୀକୃତ କାର୍ଯ୍ୟଶୈଳୀ ବିଭାଗକୁ ଅନେକ ସହଯୋଗ ଦେଇଛି ଓ ବିଭାଗର ସୁନାମ ବୃଦ୍ଧିରେ ସହାୟକ ହୋଇଛି ବୋଲି ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀ ବାରିକ୍ କହିଛନ୍ତି। ସେହିପରି ୨ଜଣ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ କୃତିବାସ ବାରିକ, ରାଜେଶ କୁମାର ସ୍ୱାଇଁ ଓ ଜିଲ୍ଲା ଶାରୀରିକ ଶିକ୍ଷା ନିରୀକ୍ଷକ ଶମ୍ଭୁନାଥ ଦାଶ ଉପସ୍ଥିତ ରହି ଅବସରପ୍ରାପ୍ତ ସମସ୍ତ କର୍ମଚାରୀଙ୍କ ଅବସରକାଳୀନ ସମୟ ସୁଖମୟ ହେଉ ବୋଲି କହିଥିଲେ। ଉକ୍ତ ପେନ୍‌ସନ୍ ପ୍ରଦାନ ନିମନ୍ତେ ଓଡ଼ିଶା ସରକାରଙ୍କ ଲେଖା ନିୟନ୍ତ୍ରକ ଅଶୋକ କୁମାର ମହାନ୍ତି, ଉପଲେଖା ନିୟନ୍ତ୍ରକ ଧରିତ୍ରୀ ବରାଳ ଓ ସହଉପବିଭାଗ ଅଧିକାରୀ ରୋଜାଲିନ୍ ତ୍ରିପାଠୀଙ୍କ ପୂର୍ଣ୍ଣ ସହଯୋଗ ହେତୁ ଏହା ସମ୍ଭବପର ହୋଇପାରିଛି ବୋଲି ଜିଲ୍ଲା ଶିକ୍ଷାଧିକାରୀ ଏବଂ ଜିଲ୍ଲା ଶିକ୍ଷାଧିକାରୀ କାର୍ଯ୍ୟାଳୟ ପକ୍ଷରୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା। ଜିଲ୍ଲା ଶିକ୍ଷାଧିକାରୀ କାର୍ଯ୍ୟାଳୟର ଉପବିଭାଗ ଅଧିକାରୀ ରମାକାନ୍ତ ସେଠୀ, ବରିଷ୍ଠ ସହାୟକ ବିଭୂତି ମହାପାତ୍ର, ବରିଷ୍ଠ ସହାୟକ ଭାଗିରଥୀ ଦାଶ, ବରିଷ୍ଠ ସହାୟିକା ଦେବଜାନୀ ପତି, କନିଷ୍ଠ ସହାୟକ ଅଭିନ୍ନ କୁମାର ସାହୁ ଓ ଗଣେଶ୍ୱର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ବିଜୁ ଜୟନ୍ତୀ ଓ ଅନ୍ତର୍ଜାତୀୟ ମହିଳା ଦିବସ ପାଇଁ ବିଜେଡିର ପ୍ରସ୍ତୁତି



**ବାରିପଦା,୧।୩/ଏନ୍ଏନ୍ଏସ୍:** ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ୧୦୯ତମ ଜୟନ୍ତୀ ମାର୍ଚ୍ଚ ୫ ତାରିଖ ବାରିପଦା ନିର୍ବାଚନମଣ୍ଡଳୀରେ ବିଜେଡି ପକ୍ଷରୁ ପାଳନ କରାଯିବ। ଏହାସହ ମାର୍ଚ୍ଚ ୮ ତାରିଖ ଅର୍ନ୍ତଜାତୀୟ ମହିଳା ଦିବସ ମୟୂରଭଞ୍ଜ ଜିଲ୍ଲା ବିଜେଡି ପକ୍ଷରୁ ବାରିପଦା ଶହୀଦ ସ୍ମୃତି ଭବନରେ ପାଳନ କରାଯିବା ନେଇ ଏକ ପ୍ରସ୍ତୁତି ବୈଠକ ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସମୃଦ୍ଧ ଓଡ଼ିଶା ଗଠନରେ ବିଜୁ ବାବୁଙ୍କ ଅବଦାନ ପ୍ରସଙ୍ଗରେ ଏକ ଆଲୋଚନାଚକ୍ର ୫ ତାରିଖ ବିଜୁ ଭବନରେ ଅନୁଷ୍ଠିତ ହେବ। ସେହିପରି ମହିଳା ଦିବସ ଅବସରରେ ରାଜ୍ୟରେ ମହିଳାମାନେ କିଭଳି ଭାବେ ସାମାଜିକ ଓ ଆର୍ଥିକସ୍ତରରେ ସ୍ୱାବଲମ୍ବୀ ହେବାସହ ସୁଦୃଢ଼ ହେବେ ସେହି ଲକ୍ଷ୍ୟ ନେଇ ବିଜେଡି କାର୍ଯ୍ୟ କରିବ ବୋଲି ଲକ୍ଷ୍ୟ ରଖଯାଇଛି। ଏହି ଅବସରରେ ମାର୍ଚ୍ଚ ୮ ତାରିଖ କେବଳ ମହିଳାଙ୍କ ଦ୍ୱାରା ରକ୍ତଦାନ ଶିବିର ଓ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ମହିଳାଙ୍କୁ ସମ୍ବର୍ଦ୍ଧିତ କରାଯିବ ବୋଲି ଜିଲ୍ଲା ବିଜେଡି ପୂର୍ବତନ ସଭାପତି ସୁଦାମ ମାରାଣ୍ଡି କହିଥିଲେ। ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ସିନେ ଅଭିନେତା ଉତ୍ତମ ମହାନ୍ତିଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ଅର୍ପଣ ସହ ନୀରବ ପ୍ରାର୍ଥନା କରାଯାଇଥିଲା। ଅନ୍ୟମାନଙ୍କ ମଧରେ ପୂର୍ବତନ ମନ୍ତ୍ରୀ ସରୋଜିନୀ ହେମ୍ବ୍ରମ୍, ଜିଲ୍ଲାପରିଷଦ ଅଧକ୍ଷା ଭାରତୀ ହାଁସଦା, ଏସ୍‌ଡିସି ପୂର୍ବତନ ଚେୟାରମ୍ୟାନ୍ ଡଃ. ଦେବାଶିଷ ମାଣ୍ଡି, ପୂର୍ବତନ କାର୍ଯ୍ୟକାରୀ ସଭାପତି ଜିତେନ୍ଦ୍ର ମହାନ୍ତି, ପୂର୍ବତନ ଜିଲ୍ଲା ବିଜେଡି ସଭାପତି ଦେବାଶିଷ ମହାନ୍ତି, ଏମ୍‌ସିସି ବ୍ୟାଙ୍କ ସଭାପତି ସୁବ୍ରମଣ୍ୟମ ମହାନ୍ତି, ଯୁବ ବିଜେଡି ସଭାପତି ଅରୁଣ ବରାଡ଼, ମହିଳା ବିଜେଡି ନେତ୍ରୀ ଦିପ୍ତିଲତା ମିଶ୍ର, ଛାତ୍ର ବିଜେଡିର ସୁନୀଲ ନାୟକ, ଉପନଗରପାଳ ସୀମା ଦାସ, ପ୍ରିତିନନ୍ଦା କାନୁନ୍‌ଗୋ, ଡିଆର୍‌ଓ ଅନନ୍ତ ଦାସ, ନୀରଜ ସାହୁ, ପ୍ରଭାତ ନାୟକ, ରଜୀବ ଜେନା, କୃଷ୍ଣ ଦାସ, ବାରିପଦା ବ୍ଲକ୍ ଚେୟାରମ୍ୟାନ୍ ସୁନ୍ଦର ସିଂହ, ଶ୍ରାବଣୀ ଦାସ, ସବିତା ବେହେରା, ଦେବୀଦତ୍ତ ଦାସ, ବୀଣାପାଣି ସାହୁ, ରବିନାରାୟଣ ସିଂବାବୁ, ସୁକେଶିନୀ ସେଠୀ, ଅନୁରାଧା ମହାନ୍ତି, ମହେଶ ଭଞ୍ଜଦେଓ, ପ୍ରଭାତୀ ପୃଷ୍ଟି, ସୁଧୀର ବାରିକ, ତ୍ରୈଲୋକେଶ ପଣ୍ଡା, ବୀଣାପାଣି ପାତ୍ର କୁମାର ମୁଖୀ, ଭାଗ୍ୟଲକ୍ଷ୍ମୀ ନାଏକ ଓ କାଉନସିଲର୍ ବୃନ୍ଦ ଉପସ୍ଥିତ ଥିଲେ।

# ମୁକୁଳା ଡ୍ରେନ୍‌କୁ ସୁରକ୍ଷା ଦେଉଛି ଦଦରା ବାଡ଼



**କେନ୍ଦ୍ରାପଡ଼ା,୨୮।୨/ଏନ୍ଏନ୍ଏସ୍:** କେନ୍ଦ୍ରାପଡ଼ା ପୌରାଞ୍ଚଳ ତଥା ଜନଗହଳିପୂର୍ଣ୍ଣ ଜିଲ୍ଲା ଅଦାଲତ ନିକଟରେ ଦୀର୍ଘ ଦିନ ଧରି ଏକ ଡ୍ରେନ୍ ମୁକୁଳା ପଡ଼ିଛି। ଏହି ଡ୍ରେନ୍‌କୁ ସୁରକ୍ଷା ଦେବାର ଦାୟିତ୍ୱ ଏକ ବାଡ଼ ନିର୍ବାହ କରୁଛି। ଦୈନିକ ଏହି ରାସ୍ତାଦେଇ ଜିଲ୍ଲା ଜଜ୍‌ଙ୍କଠାରୁ ଆରମ୍ଭ କରି ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ ଓ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଯାତାୟତ କରୁଥିଲେ ମଧ ଏଥିପ୍ରତି କାହାରି ଦୃଷ୍ଟି ନ ପଡ଼ିବା ବିଡ଼ମ୍ବନାର ବିଷୟ। ଖୋଦ୍ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏଭଳି ଖୋଲା ଡ୍ରେନ୍ ରହିଛି। ଏହି ରାସ୍ତାଟି ଅତି ସଙ୍କୀର୍ଣ୍ଣ ଥିବାରୁ ତତ୍‌କାଳୀନ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଜଳସେଚନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀଙ୍କୁ କିଛି ଜାଗା ଦେବାକୁ ଅନୁରୋଧ କରିଥିଲେ। ପରେ ଜିଲ୍ଲାପାଳଙ୍କ ଅନୁରୋଧକୁ ରକ୍ଷା କରି ଜଳସେଚନ ବିଭାଗ ପକ୍ଷରୁ ରାସ୍ତା ପ୍ରଶସ୍ତ ନିମନ୍ତେ ୩ରୁ ୪ଟି ଗଛ କଟାଯିବା ସହ ଜାଗା ମଧ ଦେଇଥିଲେ। ପରେ ଏହି ଜାଗା ଉପରେ ବିଭାଗ ପକ୍ଷରୁ ଏକ ପାଚେରୀ ନିର୍ମାଣ କରାଯାଇଛି। ପାଖାପାଖି ୧ ବର୍ଷ ହେବ ଏହି ଡ୍ରେନ୍ ଏବଂ ପାଚେରୀ ତିଆରି କରାଯାଇଛି। ଦୈନିକ ଶହ ଶହ ଲୋକ ଉପଜିଲ୍ଲାପାଳ, ଜିଲ୍ଲାପାଳ ଓ ଜିଲ୍ଲା ଅଦାଲତ ଆଦିକୁ ଆସିଥାନ୍ତି। ଏହା ଏକ ଟର୍ଣ୍ଣିଙ୍ଗ ପଏଣ୍ଟ ହୋଇଥିବାରୁ ମୁକୁଳା ଡ୍ରେନ୍ ବିପଦକୁ ଆମନ୍ତ୍ରଣ କରୁଛି। କେତେବେଳେ ଯେ ଏହି ମୁକୁଳା ଡ୍ରେନ୍ ଭାଙ୍ଗିଯିବ ଏବଂ କାହାର ଜୀବନ ଯିବ ତାହା କହିବା ସାପେକ୍ଷ। ତେଣୁ ତୁରନ୍ତ ଏହି ମୁକୁଳା ଡ୍ରେନ୍‌କୁ ନୂତନ ଭାବେ ତିଆରି କରାଯାଇ ଏହା ଉପରେ କଭର ସ୍ଲାବ୍ ପକାଇବାକୁ ସାଧାରଣରେ ଦାବି ହେଉଛି।

# ରୋଗୀ କଲ୍ୟାଣ ସମିତିର ବୈଠକ

**ପାଟକୁରା,୧।୩/ଏନ୍ଏନ୍ଏସ୍:** ମେଡିକାଲ୍‌ର ବିଭିନ୍ନ ଅଭାବ ଅସୁବିଧା ସମ୍ପର୍କରେ ଆଲୋଚନା ପାଇଁ ପାଟକୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ରୋଗୀ କଲ୍ୟାଣ ସମିତିର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମେଡିକାଲ୍ ଅଫିସର୍ ଡଃ ନିରଞ୍ଜନ କର ଅଧକ୍ଷତା କରିଥିଲେ। ଡାକ୍ତର ହିମାଂଶୁ ଭୁଷଣ ଷଡ଼ଙ୍ଗୀ ମେଡିକାଲ୍ ପରିସରରୁ ଜଳନିଷ୍କାସନ ପାଇଁ ସ୍ୱତନ୍ତ୍ର ଧ୍ୟାନ ଦେବା ସହ ନିର୍ମାଣଧୀନ ତିନି ମହଲା କୋଠାର କାର୍ଯ୍ୟ ତ୍ୱରାନିତ କରାଯିବାକୁ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ମୁଖ୍ୟଅତିଥି ଭାବେ ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର, ସମ୍ମାନିତ ଅତିଥିଭାବେ ଗରଦପୁର ବ୍ଲକ୍ ଅଧକ୍ଷ ଅଭୟ କୁମାର ମହାରାଜ, ପୂର୍ବତନ ଜିଲ୍ଲାପରିଷଦ ସଭ୍ୟା ଅହଲ୍ୟା ଲେଙ୍କା, ରସିଦ ଖାନ୍, ନବଘନ ନାୟକ, ଶୈଳେନ୍ଦ୍ର ମହାନ୍ତି ଓ ରଞ୍ଜିତ ପଣ୍ଡା ପମୁଖ ଆଲୋଚନାରେ ଭାଗ ନେଇଥିଲେ। ବିଧାୟକ ଶ୍ରୀ ମହାପାତ୍ର ମେଡିକାଲ୍ ପରିସର ବୁଲିବା ସହ ଜଳନିଷ୍କାସନ ସମସ୍ୟା ତ୍ୱରାନିତ କରିବାକୁ ଓ ନିର୍ମାଣ କୋଠା କାର୍ଯ୍ୟ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରାଯିବ ବୋଲି କହିଥିଲେ। ପ୍ରୋଗାମ୍ ଅଫିସର ଉଷାରାଣୀ ବାରିକ ଧନ୍ୟବାଦ ଦେଇଥିଲେ

## ମା' ଓଳାଶୁଣୀ ପୀଠ ଓ ମହାବିନାୟକ ମନ୍ଦିର ପାଇଁ ୭ କୋଟି ମଞ୍ଜୁର

# ବଡ଼ଚଣାରେ ୩୩ ପୀଠର ବିକାଶ ପାଇଁ ଡିପିଆର୍ ପ୍ରସ୍ତୁତ: ବିଧାୟକ



**ବାଲିଚନ୍ଦ୍ରପୁର,୧।୩/ଏନ୍ଏନ୍ଏସ୍:** ଓଡ଼ିଶାର ପ୍ରସିଦ୍ଧ ଧର୍ମ, ସଂସ୍କୃତି ଓ ପର୍ଯ୍ୟଟନ କ୍ଷେତ୍ର ଓଳାଶୁଣୀସ୍ଥିତ ମା' ଓଳାଶୁଣୀ ମନ୍ଦିର ଓ ପାରିପାର୍ଶ୍ୱିକ ଉନ୍ନତିକରଣ ପାଇଁ ରାଜ୍ୟ ସରକାର ୨ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଏହି ଅର୍ଥରେ ମା' ଓଳାଶୁଣୀଙ୍କ ଭବ୍ୟ ମନ୍ଦିର ନିର୍ମାଣ ସହିତ ଅନ୍ୟାନ୍ୟ ପର୍ଯ୍ୟଟନ ଭିତ୍ତିଭୂମିର ବିକାଶ କରାଯିବ। ଏହାସହ ପ୍ରସିଦ୍ଧ ପଞ୍ଚଦେବତାଙ୍କ ପୀଠ ଚଣ୍ଡୀଖୋଲ ନିକଟସ୍ଥ ପ୍ରସିଦ୍ଧ ମହାବିନାୟକ ମନ୍ଦିରର ପର୍ଯ୍ୟଟନ ଭିତ୍ତିଭୂମି ବିକାଶ ପାଇଁ ମଧ ଅନୁରୂପ ଭାବେ ୫ କୋଟି ଟଙ୍କା ମଞ୍ଜୁର କରାଯାଇଛି। ବଡ଼ଚଣା ବ୍ଲକ୍‌ର ଏହି ୨ଟି ପ୍ରସିଦ୍ଧ କ୍ଷେତ୍ରର ବିକାଶ ପାଇଁ ବଡ଼ଚଣା ବିଧାୟକ ଅମର କୁମାର ନାୟକ ଡିପିଆର୍ ପ୍ରସ୍ତୁତି ସହିତ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗର ଆର୍ଥିକ ଉପଦେଷ୍ଟା ତଥା ଅତିରିକ୍ତ ଶାସନ ସଚିବ ଏହି ଅର୍ଥ ମଞ୍ଜୁର ସଂକ୍ରାନ୍ତୀୟ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଯାଜପୁର ଜିଲ୍ଲାପାଳ ଏଥିପାଇଁ ଆବଶ୍ୟକୀୟ ପ୍ରଶାସନିକ ମଞ୍ଜୁରୀ ସହ ଉପଯୁକ୍ତ କର୍ତ୍ତୃପକ୍ଷଙ୍କୁ କାର୍ଯ୍ୟାଦେଶ ପ୍ରଦାନ ଲାଗି ମଧ ନିର୍ଦ୍ଦେଶ ଜାରି କରାଯାଇଛି। ଏଥିରେ ମା' ଓଳାଶୁଣୀଙ୍କ ଏକ ନୂତନ ଭବ୍ୟ ମନ୍ଦିର, ସୁଦୃଶ୍ୟ ଐତିହ୍ୟ ତୋରଣ, ପାର୍କ ବ୍ୟବସ୍ଥା, ହନୁମାନଙ୍କ ନୂତନ ମନ୍ଦିର, ଭୋଗମଣ୍ଡପ ଓ ପୁଷ୍କରିଣୀର ସୌନ୍ଦର୍ଯ୍ୟକରଣ ଭଳି ଅନେକ ବିକାଶମୂଳକ କାର୍ଯ୍ୟ ଓଳାଶୁଣୀର ପୂର୍ବ ଦିଗରେ କରାଯିବା ପାଇଁ ଯୋଜନା ପ୍ରସ୍ତୁତି ହୋଇଛି । ବିଧାୟକ ଶ୍ରୀ ନାୟକ ଏହି ଦୁଇଟି ପୀଠ ସହ ବଡ଼ଚଣାର ୩୩ଟି ଧାର୍ମିକ, ସାଂସ୍କୃତିକ ଓ ପର୍ଯ୍ୟଟନ କ୍ଷେତ୍ରର ଆନୁଷଙ୍ଗିକ ବିକାଶ ପାଇଁ ଡିପିଆର୍ ପ୍ରସ୍ତୁତ କରି ମୁଖ୍ୟମନ୍ତ୍ରୀ ଏବଂ ପର୍ଯ୍ୟଟନ ବିଭାଗ ଦାୟିତ୍ୱରେ ଥିବା ଉପମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରି ଏହାର କାର୍ଯ୍ୟାନ୍ୱୟନ ଗ୍ରହଣ ପାଇଁ ପଦକ୍ଷେପ ନେବାକୁ ଅନୁରୋଧ କରିଥିଲେ । ପ୍ରଥମ ପର୍ଯ୍ୟାୟରେ ବଡ଼ଚଣାର ଏହି ଦୁଇଟି ପୀଠକୁ ୭ କୋଟି ଟଙ୍କା ମଞ୍ଜୁର କରାଯାଇଥିବାରୁ ବିଧାୟକ ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି । ବଡ଼ଚଣାର ଏହି ଦୁଇଟି ପୀଠର ବିକାଶ ପାଇଁ ଅର୍ଥ ମଞ୍ଜୁର ହୋଇଥିବାରୁ ଓଳାଶୁଣୀ ଗୁମ୍ଫା ଉନ୍ନୟନ ଟ୍ରଷ୍ଟ ପକ୍ଷରୁ ଅଧକ୍ଷ ଶରତ ଚନ୍ଦ୍ର ପ୍ରଧାନ, ଉପାଧକ୍ଷ ଦାମୋଦର ସ୍ୱାଇଁ, ମ୍ୟାନେଜିଂ ଟ୍ରଷ୍ଟି ଶୁଭେନ୍ଦୁ କୁମାର ଭୂୟାଁ, ଟ୍ରଷ୍ଟର ସଦସ୍ୟ ପ୍ରାଧାପକ ରବୀନ୍ଦ୍ର କୁମାର ସାମଲ, ସମାଜସେବୀ ବଟକୃଷ୍ଣ ସାମଲ, ଉମେଶ ଚନ୍ଦ୍ର ସାମଲ, ଅଲେଖ ଚନ୍ଦ୍ର ସାମଲ, ବିପିନବିହାରୀ ଜେନା, ଫନୀନ୍ଦ୍ର ପଣ୍ଡା, ମନ୍ମଥ କେଶରୀ ସାହେବରାୟ, ସାମ୍ବାଦିକ ବିରୂପାକ୍ଷ ତ୍ରିପାଠୀ, ଶ୍ରୀକାନ୍ତ କୁମାର ସାମଲ, ସରସ୍ୱତୀ ବେହେରା, ଦେବଦତ୍ତ ସାମଲ, ସ୍ନେହାଶିଷ ସାମଲ ଓ ସୁମନ୍ତ କୁମାର ସାମଲ ପ୍ରମୁଖ ବିଧାୟକଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ବେଲେଶ୍ୱର ପୀଠରେ କଳସ ଶୋଭାଯାତ୍ରା



**ନିଶ୍ଚିନ୍ତକୋଇଲି,୧୩/ଏନ୍ଏନ୍ଏସ୍:** ନିଶ୍ଚିନ୍ତକୋଇଲି ବ୍ଲକ ବରାଦ ଗ୍ରାମ ପଞ୍ଚାୟତରେ ଅଧିଷ୍ଠିତ ବେଲେଶ୍ୱର ମହାଦେବଙ୍କ ପୀଠରେ ଓମ୍ ଶ୍ରୀ ଶ୍ରୀ ବିଶ୍ୱଶାନ୍ତି ଗାୟତ୍ରୀ ମହାଯଜ୍ଞ ପାଇଁ ଶୁକ୍ରବାର ଦିନ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ପବିତ୍ର ଚନ୍ଦନ ପୁଷ୍କରିଣୀରୁ ୧୦୮ କଳସ ଶୋଭାଯାତ୍ରାରେ ଆସି ଯଜ୍ଞ ମଣ୍ଡପରେ ଅଧିଷ୍ଠିତ ହେବା ପରେ ଘଟ ସ୍ଥାପନ, ଅଗ୍ନି ପୂଜା, ପ୍ରତ୍ୟହ ଗୁରୁପୂଜା, ସୂର୍ଯ୍ୟପୂଜା, ଗୋପୂଜା, ଚଣ୍ଡିପାଠ, ଦେବାଧାୟନ, ଗୀତାପାଠ ଓ ବିଷ୍ଣୁ ସହସ୍ରନାମ ପଠନ ଏବଂ ଆହୁତି ପ୍ରଦାନ କାର୍ଯ୍ୟକ୍ରମ କରାଯାଇଥିଲା। ଏହି କଳସ ଶୋଭାଯାତ୍ରାରେ ମୁଖ୍ୟ ଆଚାର୍ଯ୍ୟ ପଣ୍ଡିତ ଚନ୍ଦ୍ରଶେଖର ପଣ୍ଡାଙ୍କ ଦ୍ୱାରା ପୂଜାର୍ଚ୍ଚନା କରାଯାଇ କର୍ତ୍ତା ଭାବେ ଦିଲ୍ଲୀପ କୁମାର ରାଉତ ଓ କର୍ତ୍ତ୍ରୀ ଭାବେ ଶୁଭଲକ୍ଷ୍ମୀ ବେହେରା କଳସ ଶୋଭାଯାତ୍ରାରେ ଆସି ଯଜ୍ଞ ସ୍ଥଳରେ ଅଧିଷ୍ଠିତ କରିଥିଲେ। ଏହି ଯଜ୍ଞ କାର୍ଯ୍ୟକ୍ରମ ମୁଖ୍ୟ ସେବକ ବିଶ୍ୱପୁରୁଷ ସ୍ୱର୍ଗତ ବସ୍ତୁଲା ବାବାଙ୍କ ଅପାର କରୁଣା ଓ ଆର୍ଶିବାଦରୁ ଦୀର୍ଘଦିନ ହେବ ଅନୁଷ୍ଠିତ ହେଉଛି।

### ନିଶ୍ଚିନ୍ତକୋଇଲିରୁ ବାହାର ରାଜ୍ୟକୁ ଧାନ ଚାଲାଣ

# ବେପାରୀଙ୍କ କବ୍‌ଜାରେ ଧାନ ମଣ୍ଡି



**ନିଶ୍ଚିନ୍ତକୋଇଲି,୧୩/ଏନ୍ଏନ୍ଏସ୍:** ନିଶ୍ଚିନ୍ତକୋଇଲି ଯୋଗାଣ ବିଭାଗ ସରକାର ଓ ରିଜିଓନାଲ ମାର୍କେଟକୁ ବେଖାତିରି କରି ନିଶ୍ଚିନ୍ତକୋଇଲି ଅଞ୍ଚଳରୁ ଶହ ଶହ ଟ୍ରକ୍ ଧାନ ବାହାର ରାଜ୍ୟକୁ ଚାଲାଣ ହେଉଥିବା ଦେଖିବାକୁ ମିଳିଛି। ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳରେ ଥିବା ବହୁ ମଣ୍ଡିରେ ଚାଷୀ ଅନ୍‌ଲାଇନ ନକରିପାରି ଓ ପେରିମାନଙ୍କର ଅନ୍ ହୋଇଛି ସେମାନଙ୍କଠାରୁ ମଣ୍ଡି ଧାନ କିଣୁନଥିବାରୁ ଚାଷୀ ଧାନ ଶାଗ ମାଛ ଦରରେ ବେପାରୀଙ୍କୁ ସରକାରଙ୍କର ନିର୍ଧାର୍ଯ୍ୟ ଦରଠାରୁ ବହୁ କମ୍ ଦାମରେ ବିକ୍ରି କରୁଥିବାର ଦେଖିବାକୁ ମିଳିଛି। ଯାହାକୁ ନେଇ ଚାଷୀ ମହଲରେ ଅସନ୍ତୋଷ ଦେଖାଦେଇଛି। କିଛି ଦିନ ହେଲାଣି ସରକାର ନିଶ୍ଚିନ୍ତକୋଇଲି ବ୍ଲକର ୧୫ଟି ସମବାୟ ସମିତିରେ ଧାନ କ୍ରୟ କରିବା ପାଇଁ ଅନ୍‌ଲାଇନ ମାଧ୍ୟମରେ ଦିନ ତାରିଖ ମୋବାଇଲ ମେସେଜ୍ ଆସିଥିଲା ପରେ ମଧ୍ୟ ଉପଯୁକ୍ତ ସମୟରେ ସମବାୟ ସମିତି ମୁହାଁ ଦେଖା କାରବାର କରି ଧାନ କ୍ରୟ କରୁନଥିବାରୁ ଚାଷୀ ବାଧ୍ୟ ହୋଇ ବାହାରେ ବିକୁଥିବା ଦେଖିବାକୁ ମିଳୁଛି। ଅଭାବ ଅସୁବିଧାରେ ପଡି ହାତ ଉଦ୍ଧାର କରି ଓ କରଜ କରି ଚାଷୀଟିଏ ଧାନ ଚାଷ କରିଛି। ଉପଯୁକ୍ତ ସମୟରେ ଛୋଟ ଛୋଟ ଚାଷୀମାନଙ୍କଠାରୁ ସମବାୟ ସମିତି ଧାନ କ୍ରୟ ନକରିବାରୁ ବାଧ୍ୟ ହୋଇ ଚାଷୀଟିଏ ବାହାରେ ଧାନ ବିକୁଥିବା ମଧ୍ୟ ଦେଖିବାକୁ ମିଳୁଛି। ସରକାର ଏହା ଉପରେ ଗୁରୁତ୍ୱ ଦେଉନଥିବାରୁ ଚାଷୀଟିଏ ସରକାରଙ୍କ ନିର୍ଧାର୍ଯ୍ୟ ଦର ଓ ବୋନସ ପାଇବାରୁ ବଞ୍ଚିତ ହୋଇ ରହୁଛି। ସରକାର ଚାଷୀର ଆର୍ଥିକ ସ୍ୱଚ୍ଛଳ ବିକାଶ କରିବା ପାଇଁ ଯେଉଁ ଯୋଜନା ପ୍ରଣୟନ କରୁଛନ୍ତି ତାହା ତଳ ସ୍ତରରେ ଠିକ୍ କାର୍ଯ୍ୟକାରୀ ହେଉନଥିବାର ଦେଖିବାକୁ ମିଳୁଛି। ସେହିପରି ଲୁଣା-ଚିତ୍ରୋତ୍ପଳା ଦ୍ୱୀପାଞ୍ଚଳର ବନ୍ଧକାଟିଆ, ନଇଗାଁ, କଳମିଶ୍ରି, ଜମରା ପ୍ରଭୃତି ଅଞ୍ଚଳରୁ ବହୁ ବେପାରୀ ଧାନ କ୍ରୟ କରି ବାହାର ରାଜ୍ୟକୁ ପଠାଉଥିବାର ଦେଖିବାକୁ ମିଳିଛି। ଏଥିରେ ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳର ବହୁ ବିଭାଗୀୟ ସରକାରୀ ଅଧିକାରୀ ସଂପୃକ୍ତ ରହିଥିବା ଜଣାପଡିଛି। ବେପାରୀମାନଙ୍କଠାରୁ ମୋଟା ଅଙ୍କର ଟଙ୍କା ନେଇ ସରକାରୀ କର୍ମଚାରୀଙ୍କ ସହଯୋଗରେ ବାହାରକୁ ଧାନ ବିକ୍ରି କରୁଥିବା ଦେଖିବାକୁ ମିଳୁଛି।

## ଆଠଗଡ଼ ପଞ୍ଚାୟତସମିତିର ସ୍ୱତନ୍ତ୍ର ଅଧିବେଶନ



**ଆଠଗଡ଼,୧୩/ଏନ୍ଏନ୍ଏସ୍:** ଆଠଗଡ଼ ପଞ୍ଚାୟତ ସମିତିର ବିକଶିତ ଗାଁ ବିକଶିତ ଓଡ଼ିଶା ପ୍ରକଳ୍ପ ଚୟନ ନିମନ୍ତେ ସ୍ୱତନ୍ତ୍ର ଅଧିବେଶନ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଆଠଗଡ଼ ପଞ୍ଚାୟତ ସମିତି ଅଧକ୍ଷା ମିନତୀ ଆଚାର୍ଯ୍ୟ, ବିଧାୟକଙ୍କ ପ୍ରତିନିଧି ସୁନୀଲ କୁମାର ପରିଜା, ଭାରପ୍ରାପ୍ତ ମଣ୍ଡଳ ଉନ୍ନୟନ ଅକାରୀ ପ୍ରଣବ କୁମାର ବେହେରା, ମଣ୍ଡଳବିତ୍ତ ଅଧିକାରୀ ନବକୁମାର କଟକିଆ, ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ରଶ୍ମୀରେଖା ନାଏକ ଓ ସହକାରୀ ନିର୍ବାହୀଯନ୍ତ୍ରୀ ସନ୍ତୋଷ କୁମାର ପାଲୋ, ସମସ୍ତ ଜିଲ୍ଲା ପରିଷଦ ସଦସ୍ୟା ସଦସ୍ୟ, ପଞ୍ଚାୟତ ସମିତି ସଭ୍ୟସଭ୍ୟା, ସରପଞ୍ଚ ଏବଂ ବିଭାଗୀୟ କର୍ମଚାରୀ ଉପସ୍ଥିତ ଥିଲେ। ଅଧକ୍ଷାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବିକଶିତ ଗାଁ ବିକଶିତ ଓଡିଶାର ଯେଉଁ ପ୍ରକଳ୍ପ ଗୁଡିକ ଗ୍ରାମ ସଭାରେ ପାରିତ ହୋଇ ଆସିଲା ପରେ ସେଗୁଡିକ ପରବର୍ତ୍ତୀ ସ୍ତରରେ କିପରି ଜିଲ୍ଲାପରିଷଦ ଦ୍ୱାରା ଅନୁମୋଦିତ ହେବ ତା'ର ନିୟମାବଳୀ ବିଷୟରେ ଆଲୋଚନା ହୋଇଥିଲା। ବୈଠକରେ ସମସ୍ତ ପଞ୍ଚାୟତ ଗ୍ରାମ ସଭାରୁ ପାରିତ ହୋଇ ଆସିଥିବା ପ୍ରକଳ୍ପ ଗୁଡିକ ସର୍ବସମ୍ମତି କ୍ରମେ ଅନୁମୋଦିତ ହୋଇଥିଲା। ଆସନ୍ତା ମହିଳା ଦିବସ ଉପଲକ୍ଷେ ହେବାକୁ ଥିବା ସ୍ୱତନ୍ତ୍ର ଗ୍ରାମ ସଭା ଏବଂ ରାଲି ବିଷୟରେ ଆଲୋଚନା ହୋଇଥିଲା। ଅନ୍ୟାନ୍ୟ କାର୍ଯ୍ୟକାରୀ ପ୍ରକଳ୍ପ ଗୁଡିକର ସଂପୃକ୍ତି କରଣ ଏବଂ ସଂପୂର୍ଣ୍ଣ ହୋଇଥିବା କାର୍ଯ୍ୟ ଅନୁଦାନ ପୈଠ ପ୍ରସଙ୍ଗରେ ଆଲୋଚନା କରାଯାଇ ତୁରନ୍ତ ଅର୍ଥରାଶି ମାନ ପ୍ରଦାନ କରିବାକୁ ନିଷ୍ପତି ହୋଇଥିଲା। ସେହିଭଳି ତିଗିରିଆ ବ୍ଲକ ସଭାଗୃହରେ ବିକଶିତ ଗାଁ ବିକଶିତ ଓଡ଼ିଶାର ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଯାଇଥିବା ଜଣାପଡ଼ିଛି।

## ରାସ୍ତା ପାଲଟିଛି ମରଣଯନ୍ତା



**ଖଣ୍ଡପଡ଼ା,୧୩/ଏନ୍ଏନ୍ଏସ୍:** ଖଣ୍ଡପଡା ବ୍ଲକ ଅଧିନ ସିଂଘାପଡା ପଂଚାୟତର କନ୍ଧ ନୂଆଗାଁକୁ ମୁଖ୍ୟ ରାସ୍ତାଠାରୁ ସଂଯୋଗ କରୁଥିବା ରାସ୍ତା ମରଣଯନ୍ତା ପାଲଟିଛି। ସିଂଘାପଡା ଠାରୁ ସମ୍ବରବିନ୍ଧା ଗ୍ରାମକୁ ସଂଯୋଗ କରୁଥିବା ଗ୍ରାମ୍ୟ ରାସ୍ତାଠାରୁ ମାତ୍ର ୧କିଲୋମିଟର ଦୂରରେ ଆଦିବାସୀ ଅଧ୍ୟୁଷିତ କନ୍ଧ ନୂଆଗାଁ ଗ୍ରାମଟି ଅବସ୍ଥିତ। ଉକ୍ତ ଗ୍ରାମରେ ୨୫୦ରୁ ଊର୍ଦ୍ଧ୍ୱ ଜନସାଧାରଣ ବାସ କରୁଛନ୍ତି। ଖଣ୍ଡପଡା ବ୍ଲକ ପ୍ରଶାସନ ପକ୍ଷରୁ କନ୍ଧ ନୂଆଗାଁକୁ ସଂଯୋଗ କରୁଥିବା ରାସ୍ତାର କିଛି ଅଂଶ ସିମେଣ୍ଟ କଂକ୍ରିଟକରଣ କରାଯାଇଛି। ବଳକା ରାସ୍ତା ମାଟି ଥିବାରୁ ବର୍ଷା ଦିନେ ସ୍ଥାନୀୟ ଗ୍ରାମବାସୀ ଯାତାୟାତ ନିମନ୍ତେ ବିଶେଷ ଅସୁବିଧାର ସମ୍ମୁଖିନ ହେଉଥିବା ଗ୍ରାମବାସୀଙ୍କ ସୂତ୍ରରୁ ଜଣାପଡ଼ିଛି। ଏଥିପ୍ରତି ବ୍ଲକ ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଏବେ କାର୍ଯ୍ୟକାରୀ ହେଉଥିବା ବିକଶିତ ଗାଁ, ବିକଶିତ ଓଡିଶା ଯୋଜନାରେ କନ୍ଧ ନୂଆଗାଁ ଗ୍ରାମକୁ ସଂଯୋଗ କରୁଥିବା ରାସ୍ତାର ଉନ୍ନତିକରଣ ନିମନ୍ତେ ବ୍ଲକ ପ୍ରଶାସନ ଓ ନୟାଗଡ ଜିଲ୍ଲାପାଳ ଦୃଷ୍ଟି ଦେବାକୁ ଦାବି ହେଉଛି। ଏ ସମ୍ପର୍କରେ ଯୋଗାଯୋଗ କରିବାରେ ଖଣ୍ଡପଡ଼ା ବ୍ଲକ୍ ଉନ୍ନୟନ ଅଧିକାରୀ ଅଙ୍କୁର ଅଭିଳାଷ ସେଥିପ୍ରତି ଦୃଷ୍ଟିଦେବେ ବୋଲି କହିଛନ୍ତି।

## ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ନୟାହାଟ,୧୩/ଏନ୍ଏନ୍ଏସ୍:** ନୟାହାଟ ଫାଣ୍ଡି ଅନ୍ତର୍ଗତ ଜଙ୍ଗଲବୋରି ପଞ୍ଚାୟତର ସରକାରୀ ହରିଜନ ପ୍ରାଥମିକ ବିଦ୍ୟାଳୟ ପାଣିଛତ୍ରର ପ୍ରଧାନଶିକ୍ଷକ ସନାତନ ସେଠିଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏହି ଉପଲକ୍ଷେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ନୟାହାଟ ହାଇସ୍କୁଲର ପୂର୍ବତନ ପ୍ରଧାନଶିକ୍ଷକ ପ୍ରଭାକର ସାହୁ ଯୋଗଦେଇ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ପରାମର୍ଶ ତଥା ପ୍ରେରଣା ଦେଇଥିଲେ। ମୁଖ୍ୟବକ୍ତା ଭାବେ କାକଟପୁର ବ୍ଲକ୍‌ର ପୂର୍ବତନ ଶିକ୍ଷାଧିକାରୀ କୈଳାସ ଚନ୍ଦ୍ର ଦାସ ଯୋଗଦେଇଥିଲେ। ଶିକ୍ଷୟିତ୍ରୀ କବିତା ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ। ପତିତପାବନ ଓଟର ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ସରୋଜ ମିଶ୍ର ସଭାପତିତ୍ୱ କରିଥିଲେ। ଶିକ୍ଷକ ଦେବୀପ୍ରସାଦ ପାତ୍ର ଓ ଅବସରପ୍ରାପ୍ତ ଶିକ୍ଷକ ଜବାହର ଖାଁ ଶିକ୍ଷକମାନଙ୍କ ଉପରେ ଏକ କବିତା ପାଠ କରିଥିଲେ। ଜଙ୍ଗଲବୋରି ପଞ୍ଚାୟତର ପୂର୍ବତନ ସରପଞ୍ଚ ପ୍ରଣୟ କୁମାର ସାହୁ, ସିଆର୍‌ସି ଅରବିନ୍ଦ ସାହୁ, ଗୋପ ବ୍ଲକ ଶିକ୍ଷକ ସଙ୍ଘର ସମ୍ପାଦକ ସନ୍ତୋଷ କୁମାର ବିଶ୍ୱାଳ, ପୁରୀ ଜିଲ୍ଲା ପ୍ରାଥମିକ ଶିକ୍ଷକ ସଙ୍ଘର ସମ୍ପାଦକ ଶିବଦତ୍ତ ନାୟକ, ନିମାପଡ଼ା ହାଇସ୍କୁଲ୍ ଶିକ୍ଷକ ପ୍ରତାପ କୁମାର ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ।

## ପ୍ରଧାନଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

**ଟାଙ୍ଗୀ,୧୩/ଏନ୍ଏନ୍ଏସ୍:** ଟାଙ୍ଗୀ ଚୌଦ୍ୱାର ବ୍ଲକ ଜରିପଡ଼ା ପଞ୍ଚାୟତ ହାଇସ୍କୁଲ୍‌ର ପ୍ରଧାନଶିକ୍ଷକ କିଶୋର କୁମାର ସ୍ୱାଇଁଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଦୀର୍ଘ ୩୫ବର୍ଷ କାଳ ଶିକ୍ଷାଦାନ କରି ଅନେକ ଛାତ୍ରଛାତ୍ରୀମାନଙ୍କୁ ମଣିଷ କରିଥିବା ପ୍ରଧାନଶିକ୍ଷକଙ୍କ ଏହି ବିଦାୟକାଳୀନ




ସମ୍ବର୍ଦ୍ଧନା ବେଳେ ଅଭିଭାବକ, ଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀମାନଙ୍କ ଆଖିରେ ଲୁହ ଆସିଯାଇଥିଲା। ତାଙ୍କର ମେଳାପି ମନୋଭାବ ପାଇଁ ସେ ଜଣେ ଶ୍ରେଷ୍ଠ ଗୁରୁ ବୋଲି କହିଛନ୍ତି ଅଞ୍ଚଳ ବାସୀ। ସେ ବିଦ୍ୟାଳୟରେ ସାହିତ୍ୟ ଓ ଇଂରାଜୀ ପାଠ ପଢ଼ାଇବା ସହ ଛାତ୍ର ଛାତ୍ରୀ ମାନଙ୍କୁ ବନ୍ଧୁତା ଭଳି ବ୍ୟବହାର କରିଥାନ୍ତି। ତେବେ ଶ୍ରୀ ସ୍ୱାଇଁ ବିଦ୍ୟାଳୟର ଶେଷ ଦିନରେ ତାଙ୍କର ଅନୁଭୁତି ପ୍ରକାଶ କରିବା ସହ କାନ୍ଦି ପକାଇଥିଲେ। କାର୍ଯ୍ୟକ୍ରମରେ ପଞ୍ଚାୟତ ହାଇସ୍କୁଲ ଓ ଜରିପଡା ସରକାରୀ ଉପ୍ରା ବିଦ୍ୟାଳୟ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ଅଭିଭାବକ ଓ ଗ୍ରାମବାସୀ ଉପସ୍ଥିତ ରହି ଶ୍ରୀ ସ୍ୱାଇଁଙ୍କ କର୍ମମୟ ଜୀବନକୁ ପ୍ରଶଂସା କରିଥିଲେ।

**AFFIDAVIT**

By virtue of an affidavit sworn before the Executive Magistrate, Aul; I Pramodini Rout W/o- Basudev Mohanty of Village- Kudhipatana, PO- Manikpatana, PS- Aul, Dist- Kendrapara hereby declare that my actual name is Pramodini Rout of above address and it has been recorded in all Govt. and private documents as well as in my Aadhaar Card vide No- 567921010631 & PAN Card No- DCRPR4994E & all documents. But, my surname is wrongly recorded as Mohanty instead of Rout in my Postal A/c No- 3845955962 and my daughter Samikshya Shreelipta Mohanty Sukanya A/c No- 8449827224 & my daughter Deekshita Mohanty Sukanya A/c No- 010010361094. Both names Pramodini Rout & Pramodini Mohanty of above address is same & one person & there is no such other person in the locality.

**AFFIDAVIT**

By virtue of an affidavit sworn before the Executive Magistrate, Tangi dated 28.02.2025 I, Srikant Samantaray, Address: At- Kataksahar, Po- Champagarh, Ps. - Chandpur, Dist.- Nayagarh, Pin-752024 declare that I have changed my name from Srukant Samantara to Srikant Samantaray. Henceforth, I shall be known as **SRIKANT SAMANTARAY** for all purposes.

**AFFIDAVIT**

By virtue of an affidavit sworn before Executive Magistrate, Balliguda dated 23.09.2024, I Balabhadra Barik, Son of Late Parasuram Barik, At- Flat No.603, NBCC Imperia Press Chak, Bhubaneswar, Dist- Khordha, Odisha, Pin-751016 have changed the name of my minor daughter from "EKSHITHA JHANSI" to "VAMIKA VAGMI BARIK". Henceforth, she shall be known as **VAMIKA VAGMI BARIK** for all purposes.

## ନାରାୟଣ ଉଚ୍ଚବିଦ୍ୟାଳୟରେ ବିଜ୍ଞାନ ଦିବସ



**ଶରଣକୁଳ,୧୩/ଏନ୍ଏନ୍ଏସ୍:** ପଦାର୍ଥ ବିଜ୍ଞାନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବିଶ୍ୱର ସମ୍ମାନଜନକ ନୋବେଲ ପୁରସ୍କାର ପାଇଥିବା ପଦାର୍ଥ ବିଜ୍ଞାନୀ ସି.ଭି. ରମଣଙ୍କ ଜନ୍ମତିଥି ଅବସରରେ ବିଶ୍ୱ ବିଜ୍ଞାନ ଦିବସ ନାରାୟଣ ଉଚ୍ଚ ବିଦ୍ୟାଳୟଠାରେ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ରଶ୍ମିରଞ୍ଜନ ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ମାନସ କୁମାର ନାୟକ ମୁଖ୍ୟ ଅତିଥି ରୂପେ ଯୋଗଦେଇଥିବା ବେଳେ ବିଜ୍ଞାନ ଶିକ୍ଷୟିତ୍ରୀ ପ୍ରଜ୍ଞା ପାରମିତା ସାହୁ, ଜନାର୍ଦ୍ଦନ ପରିଡା, ସୁନିତା ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସି.ଭି. ରମଣଙ୍କ କୃତୀ ସମ୍ପର୍କରେ ଛାତ୍ରଛାତ୍ରୀମାନଙ୍କୁ ବୁଝାଇଥିଲେ। ଏହି ଅବସରରେ ଶିକ୍ଷୟିତ୍ରୀ ରଶ୍ମିତା ବେହେରା, ପ୍ରତିଭା ମଞ୍ଜରୀ ସ୍ୱାଇଁ, ସସ୍ମିତା ସାହୁ ଓ ସଚ୍ଚିଦାନନ୍ଦ ପାତ୍ରଙ୍କ ସଂଯୋଜନାରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବିଜ୍ଞାନ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ନିରୁପମା ସାହୁ, ଶୁଭସ୍ମିତା ସାହୁ, ଆଲୋକ ମାଲିକ, ଜଗନ୍ନାଥ ଗୌଡ଼, ରୋଜାଲିନ ମିଶ୍ରଙ୍କ ସଂଯୋଜନାରେ ବକ୍ତୃତା ପ୍ରତିଯୋଗିତା ଏବଂ ଶିକ୍ଷକ ପ୍ରଶାନ୍ତ କୁମାର ଦାଶ, ଦାମୋଦର ସାହୁ, ଚନ୍ଦନ ମଲ୍ଲିକ, ଗୌରାଙ୍ଗ ସାହୁ ଓ ମମତା ମିଶ୍ରଙ୍କ ତତ୍ତ୍ୱାବଧାନରେ ବିଜ୍ଞାନ ସମ୍ପର୍କିତ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।

## ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଜାତୀୟ ବିଜ୍ଞାନ ଦିବସ



**ଡେଲାଙ୍ଗ,୧୩/ଏନ୍ଏନ୍ଏସ୍:** ଡେଲାଙ୍ଗ ବ୍ଲକର ଗଡେଶ୍ୱର ଦେବ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ବିଜ୍ଞାନ ଦିବସରେ ଶିକ୍ଷକ ଦିଲ୍ଲୀପ କୁମାର ନାୟକ, କୃପାସିନ୍ଧୁ ଦାସ, ସତ୍ୟନାରାୟଣ ସୋରେନ୍, ପରିଚାଳନା କମିଟି ସଭାପତି ମହେନ୍ଦ୍ର ବିଶ୍ୱାଳ, ଉପ ସଭାପତି ସନ୍ଧ୍ୟାରାଣୀ ପରିଡା, ସଙ୍ଗୀତା ବିଶ୍ୱାଳ, କରୁଣାକର ଭୋଇ ପ୍ରମୁଖ ଉପସ୍ଥିତ ରହି ସାର୍ ଚନ୍ଦ୍ରଶେଖର ଭେଙ୍କଟ ରମଣଙ୍କ ଜୀବନୀ, ଆଦର୍ଶ ଓ ବିଜ୍ଞାନ ପ୍ରତି ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ସାର୍ ସିଭି ରମଣ ୧୯୩୦ ମସିହାରେ ପଦାର୍ଥ ବିଜ୍ଞାନରେ ନୋବେଲ ପୁରସ୍କାରରେ ସମ୍ମାନୀତ ହୋଇଥିବା ବେଳେ ତାଙ୍କ ସ୍ମୃତି ଓ ରମଣ ଇଫେକ୍ଟର ମହତ୍ତ୍ୱକୁ ମନେପକାଇବା ପାଇଁ ୧୯୮୭ ମସିହା ଫେବୃୟାରୀ ମାସ ୨୮ ତାରିଖରେ ପ୍ରଥମ ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଥିବା ଅତିଥିମାନେ ମତବ୍ୟକ୍ତ କରିଥିଲେ। ରାଜ୍ୟ ସରକାରଙ୍କର ରଷ୍ଟ୍ରୀୟ ଆବିଷ୍କାର ଅଧିନରେ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ବିଜ୍ଞାନ ଓ ଗଣିତ ପ୍ରତି ଆଗ୍ରହ ସୃଷ୍ଟି କରିବା, ବୈଜ୍ଞାନିକ ମନୋବୃତିକୁ ପ୍ରସ୍ଫୁଟିତ କରାଇବା, ବିଦ୍ୟାଳୟରେ ଗଣିତ ଓ ବିଜ୍ଞାନ କ୍ଲବ ଗଠନ କରିବା ଆଦି ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ ବୋଲି ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ବେହେରା ମତପ୍ରକାଶ କରିଥିଲେ। ଏହି ପରିପ୍ରେକ୍ଷୀରେ ଛାତ୍ରଛାତ୍ରୀମାନେ ବିଭିନ୍ନ ପ୍ରଜାତିର ପଶୁପକ୍ଷୀ, ସରୀସୃପ, ବୃକ୍ଷଲତା ଉପରେ ତଥ୍ୟ ସଂଗ୍ରହ କରିବା ସହିତ ବାତ୍ୟା, ବନ୍ୟା, ଅଂଶୁଘାତ, ଭୂମିକମ୍ପ ଓ ଗ୍ଲୋବାଲ ୱାର୍ମିଂ ଭଳି ପ୍ରାକୃତିକ ବିପର୍ଯ୍ୟୟ ଉପରେ ପୋଷ୍ଟର ପ୍ରସ୍ତୁତି କରିଥିଲେ। ସେହିପରି ଛାତ୍ରଛାତ୍ରୀମାନେ ବିଜ୍ଞାନ ଓ ଗଣିତ ଆଧାରିତ ଅନେକ ମଡେଲ, ସୌର ଜଗତର ଗ୍ରହ ମାନଙ୍କୁ ନେଇ ଅଭିନୟ ଓ ମଡେଲ ପରିବେଷଣ କରିଥିଲେ। ପରେ କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ବିଜ୍ଞାନଶିକ୍ଷକ ମନୋରଞ୍ଜନ ଜେନା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ପଞ୍ଚାୟତରେ ଆଇନ ସଚେତନତା



**ବାଣପୁର,୧୩/ଏନ୍ଏନ୍ଏସ୍:** ବାଣପୁର ତାଲୁକ ଆଇନ ସେବା ସମିତି ପକ୍ଷରୁ ତୁମୁରାପୁଟ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ସଡ଼କ ସୁରକ୍ଷା, ଏମ୍ଏସିଟି, ଯାନବାହାନ ଅଧିନିୟମ, ବିକଳ୍ପ ବିବାଦ ସମାଧାନ ସୂତ୍ର ଓ ସ୍ଥାୟୀ ଲୋକ ଅଦାଲତ ଆଦି ବିଷୟରେ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ତାଲୁକ ଆଇନ ସେବା ସମିତି ଅଧକ୍ଷ ତଥା ବାଣପୁର କୋର୍ଟ ବରିଷ୍ଠ ଦେୱାନୀ ବିଚାରପତି ଅମରେଶ ମହାପାତ୍ର ଅଧକ୍ଷତା କରିଥିବା ବେଳେ, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ଇପ୍ସିତା ପ୍ରିୟା ଏକ୍କା, ସରପଞ୍ଚ ଅକ୍ଷୟ ସେଠି,ଫ୍ରଣ୍ଟ ଅଫିସ ରିଟେନର ଦେବି ସାମନ୍ତରାୟ,ଆଇନ ସେବା ସମିତିର ସଦସ୍ୟ ଆଇନଜୀବୀ ଜଗଦୀଶ ପଟ୍ଟନାୟକ ଓ ବିପ୍ଳବ ମୁଦୁଲି ଉପସ୍ଥିତ ରହି ନିଜର ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ବିଚାରପତି ଶ୍ରୀ ମହାପାତ୍ର ଉପସ୍ଥିତ ଜନସାଧାରଣଙ୍କୁ ସଡ଼କ ସୁରକ୍ଷା,ଏମଏସିଟି, ଯାନବାହାନ ଅଧିନିୟମ, ବିକଳ୍ପ ବିବାଦ ସମାଧାନର ସୂତ୍ର ଓ ସ୍ଥାୟୀ ଲୋକ ଅଦାଲତ ବିଷୟରେ ସଚେତନ କରାଇଥିଲେ।

**EKLAVYA MODEL RESIDENTIAL SCHOOL, BARIPADA**

AT- BASANTPUR, POST- JAMSOLE, DIST- MAYURBHANJ, (ODISHA) PIN- 757029
Contact: 9954186818, 7903405671, 8539897392, 7985350890, 6376719646, 7376500073, 8658538645

**TENDER CALL NOTICE: 2025-26**

Sealed Tenders are invited from the registered firms/dealers particularly dealing with the concerned items for supply of **Vegetable, Snacks, Non-Vegetable Items, Grocery, Stitching of Uniforms, Other Accessories (Uniforms related), Sports Items, Bedding Items, Hostel Amenities, Office Stationery, Art Stationary, Music Items, Sweets & Namkeen, Hiring of 7 – seater Vehicle with Driver, Outsourcing Agency for Security Guard, Sweeper, Gardener, Cook, Cook-Helper, Staff Nurse, Plumber cum Electrician**, etc. items for various **EMRS (EMRS-Koliana, EMRS Baripada EMRS-Shamakhunta, EMRS-Rasgovindpur, EMRS-Thakurmunda, EMRS Rairangpur, EMRS Udala, EMRS Kaptipada, EMRS Barasahi, EMRS-Bahalda)** of the district Mayurbhanj, Odisha. w.e.f. from April-2025 to March-2026. The Tender Forms with Other Particulars /List of Items can be obtained in person from any School from dated 01-03-2025 to dated 26-03-2025. It is mandatory to fill separate tender forms for each school. Tender forms can be obtained from any mentioned EMRS's and submitted at any school from **01-03-2025 to 26-03-2025** between 9:00 A.M. to 5:00 P.M. for payment of Rs. 300/- (Rupees Three Hundred) in cash only. The last date of submission of complete tender form is **26-03-2025** by 5:00 P.M. and the tenders will be opened on **27-03- 2025** at 11:00 AM in **EMRS, Baripada, At- Basantpur, Post- Jamsole, Dist- Mayurbhanj PIN-757029** in presence of the Tenderers & Members of the PAC. The EMRS'S reserves the right to cancel or alter the Tender in whole /part of any item without assigning any reason thereof and no legal dispute should arise thereof and will be entertained anyhow.

*Sd/- PRINCIPAL, EMRS's*

## ଶିକ୍ଷା କର୍ମଚାରୀଙ୍କୁ ସେବା ନିବୃତ୍ତ ସମ୍ବର୍ଦ୍ଧନା



**ମାହାଙ୍ଗା,୧୩/ଏନ୍ଏନ୍ଏସ୍:** ମାହାଙ୍ଗା ବ୍ଲକ ଅନ୍ତର୍ଗତ ଶ୍ରୀକୃଷ୍ଣପୁର ପଂଚାୟତସ୍ଥିତ ଆଚାର୍ଯ୍ୟ ପ୍ୟାରୀମୋହନ ବିଦ୍ୟା ନିକେତନ ସରକାରୀ ଉଚ୍ଚ ବିଦ୍ୟାଳୟ ପଶ୍ଚଲୁଣ୍ଡା ପରିସରରେ ଶିକ୍ଷା କର୍ମଚାରୀ ବିଷ୍ଣୁଚରଣ ବାରିକଙ୍କ ସେବା ନିବୃତ୍ତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ପୀତବାସ ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥିଭାବେ ସରପଞ୍ଚ ରାଜକିଶୋର ବଳ, ସମ୍ମାନିତ ଅତିଥିଭାବେ ଶିକ୍ଷାବିତ୍ ଅଭୟ ଚରଣ ପଣ୍ଡା, ପ୍ରାକ୍ତନ ପ୍ରଧାନଶିକ୍ଷକ ତାରିଣୀ ପ୍ରସାଦ ପୁହାଣ, ଉମେଶ ଚନ୍ଦ୍ର ସାହୁ, ଭାବଗ୍ରାହୀ ରାଉତ, ପ୍ରାକ୍ତନ ପ୍ରଧାନଶିକ୍ଷୟିତ୍ରୀ ସୁକାନ୍ତି ମହାପାତ୍ର, ଅବସରପ୍ରାପ୍ତ ଶିକ୍ଷକ ସ୍ନେହାସ କୁମାର ମହାନ୍ତି, ରବୀନ୍ଦ୍ର ନାଥ କର, ଦିବାକର ସ୍ୱାଇଁ, ବିଜୟ ନାୟକ, ସମିତିସଭ୍ୟ ସୁରେନ୍ଦ୍ର ମହାନ୍ତି ପ୍ରମୁଖ ଯୋଗଦେଇ ଶ୍ରୀ ବାରିକ ଜଣେ କର୍ତ୍ତବ୍ୟନିଷ୍ଠ, ଶାନ୍ତ, ସରଳ ସ୍ୱଭାବର ବ୍ୟକ୍ତି ଥିଲେ ବୋଲି କହିବା ସହ ତାଙ୍କର ଅବଶିଷ୍ଟ ଜୀବନ ସୁଖ ଓ ଶାନ୍ତିରେ କଟୁ ବୋଲି ବକ୍ତାମାନେ ମତପୋଷଣ କରିଥିଲେ। ଅତିଥିମାନେ ସେବା ନିବୃତ୍ତ ସହ କର୍ମଚାରୀ ଶ୍ରୀ ବାରିକଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଶିକ୍ଷୟିତ୍ରୀ ଅରୁନ୍ଧତୀ ସାହୁ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଶିକ୍ଷୟିତ୍ରୀ ମମତା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ ସର୍ବଶ୍ରୀ ମୋହିସିନା ମୁସ୍ତାକ, ସ୍ମୃତି ସୋନମ, ପ୍ରିୟଙ୍କା ପ୍ରିୟଦର୍ଶିନୀ ଶତପଥି, ମାନସ ରଞ୍ଜନ ପ୍ରଧାନ, କ୍ଷେତ୍ରମୋହନ ସାହୁ, ଜଗଦୀଶ ପ୍ରସାଦ ମହାନ୍ତି, ଗୋବିନ୍ଦ ଚନ୍ଦ୍ର ମହାନ୍ତି, ହରିହର ଜେନା ପ୍ରମୁଖ ଉପସ୍ଥିତ ରହି ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

**ODISHA HYDRO POWER CORPORATION LTD.,**

OHPC

O/o Sr. GENERAL MANAGER, HIRAKUD HYDRO ELECTRIC PROJECT,
POST BOX. NO. 5, BURLA – 768017, DISTRICT: SAMBALPUR (ODISHA), INDIA
PHONE: 0663-2950721(O), 2950765(R), E-Mail: srgmhps_burla@yahoo.co.in
CIN : U40101OR1995SGC003963

No. HHEP/Tech-PUR-127/ 1031 Date : 19.02.2025

**TENDER CALL NOTICE NO. HHEP- 05 /2025**

Sealed Tenders are invited in two parts i.e. (i) Techno Commercial bid & (ii) Price bid in separate sealed envelopes from the reputed manufacturers/ authorized dealers only for supply , installation and commissioning of the following materials as mentioned below.

| Description of work/ Service | Cost of tender paper (non-refundable) in Rs. | EMD in shape of DD/BC (Refundable) in Rs. | Period of sale / download of tender document | Last date & Time of receipt of tender document | Date & Time of opening of Techno Commercial bid |
|---|---|---|---|---|---|
| Supply, installation & commissioning of Portable Dissolved Gas Analyzer with accessories including extra transit case to HHEP, Burla | Rs. 11800/- (Rs. 10000 + GST @ 18%) | 57350/- | 27.02.25, 10.00AM to 17.03.25 upto 05.30PM | 18.03.2025 upto 04.00PM | 18.03.25 at 04.30PM |

Further details like tender documents / terms & conditions (corrigendum / erratum / addendum, if any), please visit our official website www.ohpcltd.com

Sd/-
C&P Head, HHEP, Burla

OIPR-04007/11/0024/2425 CAD-

# ସଂକଳ୍ପ ଫାଉଣ୍ଡେସନ୍ ଟ୍ରଷ୍ଟ ଓ ହାପିନେସ୍ ଫାଉଣ୍ଡେସନ୍ ପକ୍ଷରୁ ରକ୍ତଦାନ ଶିବିର



**ପୁରୀ,୧।୩/ଏନ୍ଏନ୍ଏସ୍:** ଆଜି ପୁରୀ ରାଷ୍ଟ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ର ସଦାଶିବ କ୍ୟାମ୍ପସ ପରିସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ସଂକଳ୍ପ ଫାଉଣ୍ଡେସନ ଟ୍ରଷ୍ଟ ଓ ହାପିନେସ୍ ଫାଉଣ୍ଡେସନ୍ ର 'ମିଶନ୍ ଜୀବନଦାନ' ୟୁନିଟ୍‌ର ମିଳିତ ଆନୁକୂଲ୍ୟରେ ଆୟୋଜିତ ରକ୍ତଦାନ ଶିବିରକୁ ମୁଖ୍ୟଅତିଥି ଭାବେ ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ, ପୁରୀର ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ଟାଉନ୍ ଥାନା ଭାରପ୍ରାପ୍ତ ଅଧିକାରୀ ଗୋକୁଳ ରଞ୍ଜନ ଦାସ, ସମାଜସେବୀ ଗୋପାଳ ଖୁଣ୍ଟିଆ, ରାଷ୍ଟ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ସଦାଶିବ କ୍ୟାମ୍ପସ, ପୁରୀର ନିର୍ଦ୍ଦେଶକ ପ୍ରଫେସର ବନମାଳୀ ବିଶ୍ୱାଳ, ପ୍ରଫେସର ଡକ୍ଟର ସୁଶାନ୍ତ କୁମାର ରାଜ ଉଦ୍‌ଘାଟନ ପର୍ବରେ ଯୋଗ ଦେଇଥିଲେ। ଶିବିରରେ ମୋଟ ୭୩ ଜଣ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ସଂକଳ୍ପ ଫାଉଣ୍ଡେସନ ଟ୍ରଷ୍ଟର ପ୍ରତିଷ୍ଠାତା ସଭାପତି ସୁଚରିତା ପାଢ଼ୀ, ସଦସ୍ୟସଦସ୍ୟା ହରିହର ବେହେରା, ଭୁବନେଶ୍ୱରୀ ଭୂୟାଁ, ପୂର୍ଣ୍ଣିମା ଦାସ, ନମିତା ନାୟକ, ସୁଷମା ବେହେରା, ସ୍ମିତା ମହାନ୍ତି ଏବଂ ହାପିନେସ୍ ଫାଉଣ୍ଡେସନ୍‌ର ପ୍ରତିଷ୍ଠାତା ତଥା ସଭାପତି ଇଂ. ପ୍ରଦୀପ୍ତ କୁମାର ପ୍ରଧାନ ଓ କାର୍ଯ୍ୟକାରୀ ସମ୍ପାଦକ ସୌମ୍ୟ ରଞ୍ଜନ ସାହୁ ପ୍ରମୁଖ ଶିବିରକୁ ପରିଚାଳନା କରିଥିଲେ।

### ଜିଲ୍ଲା ପ୍ରଶାସନ ପକ୍ଷରୁ ଦହିବରା ଆଳୁଦମ ଦିବସ

# ଜିଆଇ ଟ୍ୟାଗ୍ ପାଇଁ ହେବ ଉଦ୍ୟମ

**କଟକ,୧।୩/ଏନ୍ଏନ୍ଏସ୍:** ଆଳୁଦମ ଦହିବରା କେବଳ ଖାଦ୍ୟ ନୁହେଁ, ଏହା ଏକ ଆବେଗ। ଏହି ପରମ୍ପରାକୁ ସମ୍ମାନ ଜଣାଇ ମାର୍ଚ୍ଚ ୧ ତାରିଖରେ ଆରମ୍ଭ କରାଯାଇଛି ଦହିବରା ଆଳୁଦମ୍ ଦିବସ। ପ୍ରତିବର୍ଷ ମାର୍ଚ୍ଚ ୧ ତାରିଖକୁ ଦହିବରା ଦିବସ ଭାବେ ପାଳନ କରାଯିବାକୁ ସ୍ଥିର କରାଯାଇଛି। କଟକ ଜିଲ୍ଲା ପ୍ରଶାସନ ପକ୍ଷରୁ ଆଜି ସିଲଭର୍ ସିଟି ବୋଟ କ୍ଲବଠାରେ ଆୟୋଜିତ ଦହିବରା ଉତ୍ସବରେ କଟକ ମହାନଗର ନିଗମ ମେୟର ସୁବାସ ଚନ୍ଦ୍ର ସିଂହ ଯୋଗ ଦେଇ ଦହିବରା ଆଳୁଦମ ପ୍ରତ୍ୟେକ କଟକିଆଙ୍କ ପ୍ରିୟ ଖାଦ୍ୟ ବୋଲି କହିଥିଲେ।



ବାରବାଟୀ-କଟକ ବିଧାୟିକା ଇଂ. ସୋଫିଆ ଫିର୍ଦ୍ଦୋସ ଦହିବରାକୁ କଟକର ଅନ୍ୟତମ ପରିଚୟ ବୋଲି ଅଭିହିତ କରି ଏହି ଖାଦ୍ୟକୁ ଲୋକପ୍ରିୟ କରାଇବାରେ ଦହିବରା ବ୍ୟବସାୟୀମାନଙ୍କର ଭୂମିକାକୁ ପ୍ରଶଂସା କରିଥିଲେ। ଦହିବରା ଆଳୁଦମ୍‌କୁ ଜିଆଇ ଟ୍ୟାଗ୍ ମିଳିବା ନିମନ୍ତେ ଉଦ୍ୟମ ଜାରି ରହିବ ବୋଲି ସେ କହିଥିଲେ। ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ କହିଛନ୍ତି ଯେ ଅନନ୍ୟ ଦହିବରା ଆଳୁଦମ୍‌କୁ ବିଶ୍ୱସ୍ତରୀୟ ମାନ୍ୟତା ଲକ୍ଷ୍ୟ ନେଇ ଜି ଆଇ ଟ୍ୟାଗ ମିଳିବା ନିମନ୍ତେ କଟକ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରୟାସ ଜାରି ରହିଛି। ସିଏମ୍‌ସି କମିଶନର ଅନାମ ଚରଣ ପାତ୍ର କଟକିଆଙ୍କ ପ୍ରାଣରେ ଦହିବରା ଆଳୁଦମର ବାସ୍ନା ଭରି ରହିଛି ବୋଲି କହିଛନ୍ତି। ଆଜି ଅନୁଷ୍ଠିତ ଦହିବରା ଉତ୍ସବରେ କଟର ବିଭିନ୍ନ ଦହିବରା ବ୍ୟବସାୟୀ ଓ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଯୋଗଦେଇ ଷ୍ଟଲ୍‌ମାନ ଖୋଲିଥିଲେ। ଦହିବରା ଉତ୍ସବ ଅବସରରେ ସିଲଭର ସିଟି ବୋଟ୍ କ୍ଲବଠାରେ କଟକର ବିଭିନ୍ନ ସ୍ଥାନରେ ମିଳୁଥିବା ପ୍ରସିଦ୍ଧ ଦହିବରା ବ୍ୟବସାୟୀମାନଙ୍କର ତାଲିକା, ସେଲଫି ଜୋନ୍, ଦହିବରାର ଖାଦ୍ୟ ଗୁଣବତ୍ତା ଆଦି ପ୍ରଦର୍ଶିତ ହୋଇଥିଲା। ଦହିବରା ଦିବସ ଅବସରରେ ଆଳୁଦମ୍ ଦହିବରା ଡଟ କମ୍ ନାମକ ଏକ ୱେବ୍ ପେଜ୍ ମଧ ଉଦ୍‌ଘାଟିତ ହୋଇଯାଇଛି। ଏହି ୱେବ୍ ପେଜ୍‌ରେ ଦହିବରା ଆଳୁଦମର ଇତିହାସ, ବିଭିନ୍ନ ସ୍ଥାନରେ ମିଳୁଥିବା ପ୍ରସିଦ୍ଧ ଦହିବରା ଆଳୁଦମ, ଦହିବରା ଆଳୁଦମର ସ୍ୱାସ୍ଥ୍ୟଗତ ଉପାଦେୟତା ଆଦି ସ୍ଥାନ ପାଇଛି। ଏହି କାର୍ଯ୍ୟକ୍ରମ ଅବସରରେ ପ୍ରସିଦ୍ଧ ଦହିବରା ବ୍ୟବସାୟୀ ତ୍ରିନାଥ ଏବଂ ବାବୁଲା, ଫୁଡ ବ୍ଲଗର ରୋହିତ ଶ୍ରୀବାସ୍ତବ ଏବଂ ଅଂଶଗ୍ରହଣ କରିଥିବା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସମ୍ମାନିତ କରାଯାଇଥିଲା। ଅତିରିକ୍ତ ଜିଲ୍ଲାପାଳ ଶିବ ଟପୋ ଧନ୍ୟବାଦ୍ ଦେଇଥିଲେ। ଦହିବରା ଦିବସର ନୋଡାଲ ଅଧିକାରୀ ଅତିରିକ୍ତ ଜିଲ୍ଲାପାଳ ଡଃ. ଇପ୍‌ସିତା ପ୍ରିୟଦର୍ଶିନୀ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ସମ୍ପାଦିତ ହୋଇଥିଲା। ଜିଲ୍ଲା ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସାହୁ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ ଓ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମର ସଫଳ ଆୟୋଜନ ନିମନ୍ତେ କାର୍ଯ୍ୟ କରିଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

### ଆଜିଠାରୁ ପବିତ୍ର ରମଜାନ୍ ମାସ ଆରମ୍ଭ

# ତାରାବି ନମାଜ ସହ ରୋଜା ରଖିଲେ ମୁସଲମାନ୍ ଧର୍ମାବଲମ୍ବୀ

**ଖୋର୍ଦ୍ଧା,୧।୩/ଏନ୍ଏନ୍ଏସ୍:** ଆରମ୍ଭ ହୋଇଛି ପବିତ୍ର ରମଜାନ ମାସ। ଇସଲାମରେ ରମଜାନ ମାସ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ମାସ। ଏହି ପୂରା ମାସଟି ମୁସଲମାନ ସମ୍ପ୍ରଦାୟର ଲୋକମାନଙ୍କ ଦ୍ୱାରା ତାରାବି ନମାଜ ଏବଂ ଉପବାସ କରାଯାଏ। ଏହି ଅବସରରେ ଖୋର୍ଦ୍ଧା ଜିଲ୍ଲାର ବିଭିନ୍ନ ସ୍ଥାନରେ ଥିବା ମୁସଲିମ ବସ୍ତିଗୁଡ଼ିକରେ ଏହି ପର୍ବ ଆରମ୍ଭ ହୋଇଯାଇଛି। ଖୋର୍ଦ୍ଧା, ତୋଟାପଡ଼ା, ସାଧାପୁର, ତରତୁଆ, ମୁକୁନ୍ଦ ପ୍ରସାଦ, କାଇପଦର୍ ଏବଂ ବେଗୁନିଆ ବ୍ଲକ୍ ଅନ୍ତର୍ଗତ ରାଉତପଡ଼ାରେ ଥିବା ମୁସଲମାନ ଧର୍ମାବଲମ୍ବୀମାନେ ରମଜାନ୍ ମାସର ସମସ୍ତ ରୀତିନୀତି ଆରମ୍ଭ କରିଦେଇଛନ୍ତି। ଗ୍ରାମରେ ଥିବା ମସଜିଦ୍‌କୁ ଆଲୋକମାଳାରେ ସଜାଇ ରମଜାନ ମାସକୁ ବେଶ୍ ଉତ୍ସାହର ସହ ପାଳନ କରୁଛନ୍ତି। ଇସଲାମିକ ସମ୍ପ୍ରଦାୟର ବିଶ୍ୱାସ ଅନୁଯାୟୀ, ଏହି ମାସରେ ଉପବାସ କରୁଥିବା ଲୋକମାନେ ଆଶୀର୍ବାଦ ପ୍ରାପ୍ତ ହୁଅନ୍ତି। ରମଜାନ୍ ସମୟରେ ସକାଳର ଫଜର୍ ଆଜାନ୍ ପୂର୍ବରୁ ସଂଧ୍ୟାର ମଗ୍ରିବ୍ ଆଜାନ୍ ପର୍ଯ୍ୟନ୍ତ କିଛି ନ ଖାଇ ରୋଜା ରଖିଥାଆନ୍ତି ମୁସଲମାନ ଧର୍ମାବଲମ୍ବୀମାନେ। ସଂଧ୍ୟା ମଗ୍ରିବ୍ ଆଯାନ୍ ହେବା ପରେ ହିଁ ସେମାନେ କିଛି ଖାଇ ଉପବାସ ଖୋଲିବେ। ସଂଧ୍ୟାରେ ସେଥିପାଇଁ ଇଫ୍‌ତାର ପାର୍ଟି ରଖାଯାଇଥାଏ। ରାତିରେ ସମସ୍ତେ ମିଳିମିଶି ମସଜିଦ୍‌ରେ ଏକତ୍ରିତ ହୋଇ ନମାଜ୍ ବା ତାରାବି ନମାଜ୍ ପଢ଼ନ୍ତି। ପୂରା ଏକ ମାସ ପର୍ଯ୍ୟନ୍ତ ଉପବାସ ପାଳନ କରାଯାଇଥାଏ। ଏହି ସମୟରେ ଉପବାସ କରୁଥିବା ବ୍ୟକ୍ତି କାହା ବିଷୟରେ ଖରାପ କଥା କହିବା ଉଚିତ୍ ନୁହେଁ ବୋଲି ବିଶ୍ୱାସ ରଖିବା ସହିତ ଏହି ସମୟ ମଧ୍ୟରେ ଉପବାସ କରୁଥିବା ବ୍ୟକ୍ତି ମିଛ କହିବା ଉଚିତ୍ ନୁହେଁ କିମ୍ବା ମିଥ୍ୟା ପ୍ରତିଶ୍ରୁତି ମଧ ଦେବା ଉଚିତ୍ ନୁହେଁ ବୋଲି ନିୟମ ରହିଛି।

# ମେରାଇନ୍ ଡ୍ରାଇଭ ରୋଡ୍‌ରେ ଦୁର୍ଘଟଣା, ଯୁବକ ଆହତ

**ପୁରୀ,୧।୩/ଏନ୍ଏନ୍ଏସ୍:** ପୁରୀ ମେରାଇନ ଡ୍ରାଇଭ ରୋଡ଼ରେ ଘଟିଛି ଅଘଟଣ। କାର ବାଇକ୍ ମୁହାଁମୁହିଁ ହୋଇଛି। ଆଜି ଚନ୍ଦ୍ରଭାଗା ଥାନା ନିକଟରେ ସହକାରୀ ଏମ୍. ଭି. ଆଇ. ଅମିତ କୁମାର ରାଣା ଏବଂ ଏ. ଟି. ଏସ୍. ଆଇ. ସନ୍ତୋଷ ସେଠୀଙ୍କ ଉପସ୍ଥିତିରେ ଅଳ୍ପ ଦୂରରେ ଏକ ସଡ଼କ ଦୁର୍ଘଟଣା ସମ୍ପର୍କରେ ସୂଚନା ପାଇଥିଲେ। ସେମାନେ ଉକ୍ତ ସ୍ଥାନକୁ ଧାଇଁ ଯାଇଥିଲେ ଏବଂ ଜାଣିବାକୁ ପାଇଥିଲେ ଯେ ଜଣେ ଯୁବକ କାର ଚଳାଇ ବେପରୁଆ ଢଙ୍ଗରେ ଏବଂ ଅତ୍ୟଧିକ ବେଗରେ ଦୁଇ ଚକିଆ ସହିତ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ। ସେମାନେ ତାଙ୍କୁ ଏନଫୋର୍ସମେଣ୍ଟ ଗାଡ଼ିରେ ପୁରୀ ଡିଏଚ୍‌ଏଚ୍‌କୁ ନେଇଥିଲେ ଏବଂ ସେ ବର୍ତ୍ତମାନ ଚିକିତ୍ସାଧିନରେ ଥିବା ଜଣାପଡ଼ିଛି।

# ଭେଣ୍ଡିଂଜୋନ୍ ଯୋଗାଇବା ଦାବିରେ ସିଡିଏ ଅଫିସ୍ ଘେରାଉ




**କଟକ,୧।୩/ଏନ୍ଏନ୍ଏସ୍:** କଟକ ଉଠାଦୋକାନୀ ମହାସଂଘ ପକ୍ଷରୁ ପୂର୍ବଘୋଷଣା ଅନୁଯାୟୀ ଲିଙ୍କରୋଡ୍ ସ୍ଥିତ ସିଡିଏ କାର୍ଯ୍ୟାଳୟ ଘେରାଉ କରାଯାଇଛି। ପ୍ରେସ୍‌ଛକରୁ ଏକ ବିଶାଳ ପଟୁଆର ବାହାରି ଆନ୍ଦୋଳନକାରୀମାନେ ସିଡିଏ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସେଠାରେ ଏକ ପ୍ରତିବାଦ ସଭା ଆଡ୍‌ଭୋକେଟ୍ ଅମରେନ୍ଦୁ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ପ୍ରଶାସନର ଅବହେଳା ଯୋଗୁଁ ଉଠାଦୋକାନୀମାନଙ୍କ ସମସ୍ୟା ଯଦି ସମାଧାନ ନ ହୁଏ ଆଗାମୀ ଦିନରେ ମହାସଂଘ ପକ୍ଷରୁ ଦୃଢ଼ ମୁକାବିଲା କରାଯିବ ବୋଲି ବକ୍ତାମାନେ କହିଥିଲେ। ଏଥିରେ ଛବି ଖୁଣ୍ଟିଆ, ନିତ୍ୟାନନ୍ଦ ନାୟକ, ଅକ୍ଷୟ ସାହୁ, ନିରଞ୍ଜନ ସାହୁ, ରତ୍ନାକର ସାହୁ, ନରୋତ୍ତମ ଦାସ, ଶିବ ବେହେରା, ରବୀନ୍ଦ୍ର ସାହୁ, ରମେଶ ନାୟକ, ବାସନ୍ତୀ ସାହୁ, ଈଶ୍ୱର ସାହୁ, ଉଦୟ ବର୍ମା, ବିନୋଦ ବେହେରା, ପ୍ରସନ୍ନ ମହାପାତ୍ର, ତପନ ମିଶ୍ର, ସନ୍ତୋଷ ସାହୁ, ରବିନାରାୟଣ ନାୟକ, ସୁକାନ୍ତି ପଡ଼ିଆରୀ, ନୈନା ଦେହୁରୀ ଓ ଡକ୍ଟର ଜ୍ଞାନଗୁରୁ ଦାସ ପ୍ରମୁଖ ଉଦବୋଧନ ଦେଇଥିଲେ। ଶେଷରେ ପାଞ୍ଚ ଜଣିଆ ପ୍ରତିନିଧିମଣ୍ଡଳୀ ସିଡିଏ ଉପାଧକ୍ଷଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

# ରାମକୃଷ୍ଣ କୁଟୀରରେ ରାମକୃଷ୍ଣ ଜୟନ୍ତୀ

**କଟକ,୧।୩/ଏନ୍ଏନ୍ଏସ୍:** ଶ୍ରୀ ଶ୍ରୀ ରାମକୃଷ୍ଣ ପରମହଂସ ଦେବଙ୍କ ୧୯୦ତମ ଜୟନ୍ତୀ ବଙ୍ଗାଳିସାହିସ୍ଥିତ ରାମକୃଷ୍ଣ କୁଟୀରରେ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଅନୁଷ୍ଠିତ ଆଧାତ୍ମିକ ସଭାରେ ରାମକୃଷ୍ଣ ପରମହଂସଙ୍କ ନୀତିବାଣୀ ତଥା ଧର୍ମୋପଦେଶ ସମ୍ବନ୍ଧରେ ଆଲୋଚନା କରାଯାଇଥିଲାଫ କୁଟୀରର ଉପସଭାପତି ଡଃ ସତ୍ୟ ରାୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଚିନ୍ମୟ ମିଶନର ସନ୍ୟାସୀ ସ୍ୱାମୀ ଓଁକାରାନନ୍ଦ ସରସ୍ୱତୀ ଉଦ୍‌ଘାଟକ, ମୁଖ୍ୟବକ୍ତା ରାଜକିଶୋର ଦାଶ ଆଇଜି(ଜେଲ) ଓ ସମ୍ମାନିତ ଅତିଥି ଭାବେ ପ୍ରଫେସର ଡଃ ସୁଦର୍ଶନ ପଟ୍ଟନାୟକ ଯୋଗ ଦେଇଥିଲେ।




କୁଟୀରର ସହସମ୍ପାଦକ ଭୁବନାନନ୍ଦ ମହାନ୍ତି ଅତିଥିମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିବା ପରେ ସମ୍ପାଦକ ଗୋକୁଳାନନ୍ଦ ପଟ୍ଟନାୟକ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ତତ୍ତ୍ୱାବଧାରକ ସୁଭାଷ ଚନ୍ଦ୍ର ସାହୁ ଧନ୍ୟବାଦ୍ ଦେଇଥିଲେ। ଏହି ସଭାରେ ବହୁ ବିଶିଷ୍ଟ ବ୍ୟକ୍ତି ଓ କୁଟୀରର ଅନ୍ତେବାସୀମାନେ ଯୋଗ ଦେଇଥିଲେ।

# ଝିପିଝିପି ମେଘ ପରେ ଲାଗିଲା ଗଛ

**ପୁରୀ,୧।୩/ଏନ୍ଏନ୍ଏସ୍:** ତିନିଦିନ ଧରି ଲଗାତାର ଝୁପୁଝୁପୁ ମେଘ ପରେ ଗୋପ ନିକଟସ୍ଥ ଯାଉଁଳିପୋଖରୀ, ମାହାପୁରୁର ରାଜପଥ ଓ ଇଞ୍ଚଳରେ ଓଡ଼ିଶା ଯୁବ ଚେତନା ସଂଗଠନ ପକ୍ଷରୁ ବୃକ୍ଷରୋପଣ କରାଯାଇଛି। ପ୍ରକୃତିବନ୍ଧୁ ବଦ୍ରି ମିଶ୍ରଙ୍କ ପରିଚାଳନାରେ ଛଇତନା, କବିରାଜପୁର ଓ ଇଞ୍ଚଳରେ ପିଜୁଳି ଓ ବାଦାମ ଗଛ ଲଗାଯାଇଥିବା ବେଳେ ମାହାପୁରୁ ଏବଂ ଯାଉଁଳିପୋଖରୀ ରାଜପଥ ପାର୍ଶ୍ୱରେ କଦମ୍ବ ଓ ଅଶ୍ୱତ୍ଥ ଗଛ ଲଗାଯାଇଛି। କାର୍ଯ୍ୟକ୍ରମରେ ଶିବରାମ ପ୍ରଧାନ, ଜ୍ୟୋତିପ୍ରକାଶ ମହାପାତ୍ର ଓ ସତ୍ୟ ନାରାୟଣ ପାତ୍ର ଯୋଗ ଦେଇଥିଲେ।



### ସମୃଦ୍ଧ ଓଡ଼ିଶା ବଜେଟ ୨୦୨୫-୨୬ ସଂକ୍ରାନ୍ତରେ ଆଲୋଚନା

# ଗରିବ, ମହିଳା, କୃଷକ, ଯୁବବର୍ଗ, ମଧବିତ୍ତଙ୍କ ପ୍ରତି ଦିଆଯାଇଛି ଗୁରୁତ୍ୱ

**ପୁରୀ,୧।୩/ଏନ୍ଏନ୍ଏସ୍:** 'ବିକଶିତ ଭାରତ ପାଇଁ କେନ୍ଦ୍ର ଓ ରାଜ୍ୟ ବଜେଟ୍' ପରିପ୍ରେକ୍ଷୀରେ ପୁରୀରେ ଭାରତୀୟ ଜନତା ପାର୍ଟି ପକ୍ଷରୁ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ଖଣି ମନ୍ତ୍ରୀ ସମ୍ପଦ ସ୍ୱାଇଁ ଯୋଗଦେଇ ସମୃଦ୍ଧ ଓଡ଼ିଶା ବଜେଟ ୨୦୨୫-୨୬ ସଂକ୍ରାନ୍ତରେ ଆଲୋକପାତ କରିଥିଲେ। ଚଳିତ ଆର୍ଥିକ ବର୍ଷର କେନ୍ଦ୍ରୀୟ ବଜେଟ୍ରେ ବିକଶିତ ଭାରତ ସ୍ୱପ୍ନକୁ ସାକାର କରିବା ପାଇଁ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କ ନେତୃତ୍ୱରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଦେଶର ଗରିବ, ମହିଳା, କୃଷକ, ଯୁବବର୍ଗ, ମଧବିତ୍ତ ତଥା ବଞ୍ଚିତ ଲୋକଙ୍କ କଲ୍ୟାଣ ପାଇଁ ବିକଶିତ ଭାରତ ବଜେଟ ୨୦୨୫ ଉପସ୍ଥାପନ କରିଛନ୍ତି। ଏଥିରେ ଶିକ୍ଷା, ସ୍ୱାସ୍ଥ୍ୟ, ଏମଏସଏମଇ, ଅନୁସନ୍ଧାନ, ନିଯୁକ୍ତି, ଭିତ୍ତିଭୂମି ଓ ଷ୍ଟାର୍ଟ ଅପ୍ ଭଳି କ୍ଷେତ୍ରକୁ ବିଶେଷ ଗୁରୁତ୍ୱ ଦିଆଯିବା ସହ ପୁଞ୍ଜି ନିବେଶକୁ ପ୍ରାଧାନ୍ୟ ଦିଆଯାଇଛି। ବିଶେଷକରି ମହିଳା ଉଦ୍ୟୋଗୀ ସୃଷ୍ଟି କରିବା ଉପରେ ଗୁରୁତ୍ୱ ଦିଆଯାଇଛି ଏହି ବଜେଟରେ ମଧବିତ୍ତଙ୍କୁ ଆର୍ଥିକ ଲାଭ ଦେବା ପାଇଁ ଆୟକର ସୀମାକୁ ୧୨ଲକ୍ଷ ପର୍ଯ୍ୟନ୍ତ ଛାଡ କରାଯାଇଛି। ଏହା ମୁଦ୍ରାସ୍ଫୀତି ଚାପକୁ ହ୍ରାସ କରିବା ସହ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିପାରିବ। ୧୪୦ କୋଟି ଭାରତୀୟଙ୍କର ଆଶା ଓ ଆକାଂକ୍ଷା ପୂରଣ କରିବା ସହ ସ୍ୱପ୍ନକୁ ସାକାର କରିବା ଦିଗରେ ଏହି ବଜେଟ ବିଶେଷ ସହାୟକ ହୋଇପାରିବ।



ସେହିପରି ରାଜ୍ୟ ବଜେଟରେ କୃଷି ପାଇଁ ବଜେଟ୍‌ରେ ୩୭,୮୩୮ କୋଟି ବ୍ୟୟ ଅଟକଳ ହୋଇଛି। ଜଳସେଚନ ଏବଂ ବନ୍ୟା ନିୟନ୍ତ୍ରଣ ପାଇଁ ୧୬,୨୭୩ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ସେହିପରି, ଶିକ୍ଷା ଏବଂ ଶିକ୍ଷା ଭିତ୍ତିଭୂମିର ବିକାଶ ପାଇଁ ୪୧,୨୭୩ କୋଟି ଟଙ୍କା, ସ୍ୱାସ୍ଥ୍ୟ କ୍ଷେତ୍ର ପାଇଁ ୨୩,୬୩୫ କୋଟି ଟଙ୍କା, ମହିଳା ସଶକ୍ତୀକରଣ ପାଇଁ ୧୭,୯୧୮ କୋଟି ଟଙ୍କା, ଗ୍ରାମୀଣ ବିକାଶ ପାଇଁ ୩୯,୨୨୧ କୋଟି ଟଙ୍କା ଏବଂ ନଗର ଉନ୍ନୟନ ପାଇଁ ୯୯୮୫ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ଭୁବନେଶ୍ୱର, ଖୋର୍ଦ୍ଧା, ଜଟଣୀ, କଟକ, ପାରାଦ୍ୱୀପ ଓ ପୁରୀକୁ ନେଇ ପ୍ରାୟ ୭ ହଜାର ବର୍ଗ କିଲୋମିଟର ପରିମିତ ଏକ ମହାନଗରୀ ବିକଶିତ କରାଯିବାର ଲକ୍ଷ୍ୟ ରହିଛି। ଏହାଛଡ଼ା ବିଭିନ୍ନ ବିଭାଗରେ କେତେକ ନୂତନ ଯୋଜନାମାନ କାର୍ଯ୍ୟକାରୀ ହେବାକୁ ଯାଉଛି। ଏଥିପାଇଁ ଚଳିତ ବଜେଟରେ ମଧ ବ୍ୟୟ ଅଟକଳ କରାଯାଇଛି। ସେଥିମଧ୍ୟରେ ଶ୍ରୀଜଗନ୍ନାଥ ଦର୍ଶନ ଯୋଜନା, ବକୁଳବନ ଉନ୍ନୟନ ଯୋଜନା, ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା, ଅନ୍ତ୍ୟୋଦୟ ଗୃହ ଯୋଜନା, ଶହୀଦ ଲକ୍ଷ୍ମଣ ନାୟକ ଆଦର୍ଶ ବିଦ୍ୟାଳୟ ଯୋଜନା, ଆୟୁଷ୍ମାନ ଭାରତ ଡିଜିଟାଲ ମିଶନ, ମହାନଦୀ ଓ ବୁଢ଼ାବଳଙ୍ଗ ରିଭର ଫ୍ରଣ୍ଟ ବିକାଶ, ଦକ୍ଷିଣ ଓଡିଶା ଉନ୍ନୟନ ପରିଷଦ, ଉତ୍ତର ଓଡିଶା ଉନ୍ନୟନ ପରିଷଦ, ଗ୍ରାମାଞ୍ଚଳରେ ମଡେଲ ମଣ୍ଡି ସ୍ଥାପନ, ଜୋନାଲ ଆଇଟିଆଇ ଆଇଟିଆଇ ପ୍ରତିଷ୍ଠା, ଆଇଟିଆଇରେ ସେଣ୍ଟର୍ ଅଫ୍ ଏକ୍ସଲେନ୍ସ ପ୍ରତିଷ୍ଠା, ଓଡିଶା (ଏଆଇ) ଇଓ ମିଶନ, ଓଡିଶା ପୋଷଣ ମିଶନ, ଆମେ ପଢ଼ିବା ଆମ ଭାଷାରେ, ଆମ ଶିମିଳିପାଳ ଯୋଜନା, ଅଟଳ ବସଷ୍ଟାଣ୍ଡ, ପ୍ରବାସୀ ଓଡ଼ିଆ : ଓ-ସମ୍ପର୍କ ଭଳି ଯୋଜନା ଅନ୍ତର୍ଭୁକ୍ତ।ବୋଲି ସାମ୍ବାଦିକ ସମ୍ମିଳନୀରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଥିଲେ। ସମ୍ମିଳନୀରେ ସାଂସଦ ତଥା ରାଷ୍ଟ୍ରୀୟ ପ୍ରବକ୍ତା ଡଃ. ସମ୍ବିତ ପାତ୍ର, ପୂର୍ବତନ ପୁରୀ ବିଧାୟକ ଜୟନ୍ତ ଷଡ଼ଙ୍ଗୀ, ଜିଲ୍ଲା ବିଜେପି ସଭାପତି ଡଃ. ଦେବେନ୍ଦ୍ର ନାଥ ତରାଇ ଏବଂ ରାଜ୍ୟ ବିଜେପି ନେତା ମଧୁସୂଦନ ସିଂହାରୀ ଉପସ୍ଥିତ ଥିଲେ।

### ଶ୍ରୀଜଗନ୍ନାଥାୟନରେ 'ଦେବଦାସୀ'

# ଆଗରେ ବଳିଆ ଭାଇ, ପଛରେ କାଳିଆ ଗୀତ

**ପୁରୀ,୧।୩/ଏନ୍ଏନ୍ଏସ୍:** ଓଡ଼ିଶାର ଅନନ୍ୟ ସାଂସ୍କୃତିକ କ୍ଷେତ୍ର ଶ୍ରୀଜଗନ୍ନାଥ ପୁରୀକୁ ଆସୁଥିବା ହଜାର ହଜାର ପର୍ଯ୍ୟଟକ ଓ ଭକ୍ତଙ୍କୁ ନାଟକମନସ୍କ କରିବା ପାଇଁ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚର ନବନିର୍ମାଣ ପ୍ରଧାନ ଆବଶ୍ୟକତା ବୋଲି କହିଛନ୍ତି ଓଡ଼ିଶା ସଂଗୀତ ନାଟକ ଏକାଡ଼େମୀ ସଦସ୍ୟ ବଦ୍ରି ମିଶ୍ର। ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ତଥା ଓଡ଼ିଶା ସଂଗୀତ ନାଟକ ଏକାଡ଼େମୀ ର ମିଳିତ ସହଯୋଗରେ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ଅନୁଷ୍ଠିତ ଶ୍ରୀଜଗନ୍ନାଥାୟନ କାର୍ଯ୍ୟକ୍ରମ ରେ ଯୋଗଦାନ କରି ପ୍ରଫୁଲ୍ଲ ସାମନ୍ତରାୟ, ପ୍ରସନ୍ନ ମିଶ୍ର, ଚକ୍ରଧର ମହାପାତ୍ର, ପୁଷ୍ପଲତା ରଥ, ଦୟାନିଧି ତ୍ରିପାଠୀ, ଆର୍ତ୍ତତ୍ରାଣ ଶତପଥୀ, ଢେଙ୍କାନାଳର ଅଲଟରନେଟିଭ୍ ରିଦମ୍




ଥିଏଟର ପ୍ରଯୋଜିତ ନାଟକ ଦେବଦାସୀ ର ଭୂୟସୀ ପ୍ରଶଂସା କରିଥିଲେ।

ବିଶ୍ୱବିଖ୍ୟାତ ପୁରୀ ଶ୍ରୀମନ୍ଦିରରେ ଅତୀତ ରେ ଥିବା ଦେବଦାସୀ ସେବା ଓ ଦେବଦାସୀର ସମର୍ପିତ ଜୀବନକୁ ନେଇ ମଞ୍ଚସ୍ଥ ହୋଇଥିବା ଏହି ନାଟକର ସ୍ରଷ୍ଟା ଓ ନିର୍ଦ୍ଦେଶକ ଥିଲେ ବିଶିଷ୍ଟ ନାଟ୍ୟ ନିର୍ଦ୍ଦେଶକ ଦିନେଶ ଦାସ। ହରେକୃଷ୍ଣ ସାହୁଙ୍କ ସଂଗୀତ ନିର୍ଦ୍ଦେଶନାରେ ଓ ପୁଷ୍ପଲତା ରଥଙ୍କ ପରିଚାଳିତ ଏହି ନାଟକରେ ଦେବଦାସୀ ଚରିତ୍ର ରେ ନିର୍ଦ୍ଦେଶକ ଦିନେଶ ଦାସଙ୍କ ସମେତ ସମସ୍ତଙ୍କ ଅଭିନୟ ଉଚ୍ଚକୋଟୀର ଥିଲା। ପ୍ରାରମ୍ଭରେ ପଶ୍ଚିମ ଓଡ଼ିଶାର ବରିଷ୍ଠ କଣ୍ଠଶିଳ୍ପୀ ରମେଶ ସୁନାଙ୍କ କଣ୍ଠରେ ଆଗରେ ବଳିଆ ଭାଇ, ପଛରେ କାଳିଆ ଭଳି ଅନେକ ଭଜନ ଓ ଜଣାଣ ଦର୍ଶକଙ୍କୁ ବିଭୋର କରିଥିଲା। କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ବରିଷ୍ଠ ଯୁବ ନିର୍ଦ୍ଦେଶକ ବିକ୍ରମ ସାହୁ, ବିଶିଷ୍ଟ ନାଟ୍ୟ ନିର୍ଦ୍ଦେଶକ ଗୋବିନ୍ଦ ମହାନ୍ତି , ଅଭିନେତା ରାମକୃଷ୍ଣ ମହାପାତ୍ର ଓ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚର କଳାକାରମାନେ। ବିଭାଗୀୟ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ସହ ଦୁଇଥର ଆଲୋଚନା ସରିଥିବାରୁ ଚଳିତ ବର୍ଷ ଶେଷସୁଦ୍ଧା ଓଡ଼ିଆ ନାଟକର ଏନ୍ତୁଡ଼ିଶାଳ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚର ନବନିର୍ମାଣ ଆରମ୍ଭ ହୋଇପାରେ ବୋଲି କହିଛନ୍ତି ଏକାଡେମୀ ସଦସ୍ୟ ତଥା ନାଟ୍ୟକାର ବଦ୍ରି ମିଶ୍ର।

# ବିଜେଡି ପକ୍ଷରୁ ଏମ୍‌ଡିଏ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧନା

**କଟକ,୧।୩/ଏନ୍ଏନ୍ଏସ୍:** ବିଜେଡି ନଗର କମିଟିର ଉପସଭାପତି ସୟ ଜେନା ଚଳିତ ଏମଡିଏ (ମହାନଦୀବିହାର ଡେଭଲପ୍‌ମେଣ୍ଟ୍ ଆସୋସିଏସନ)ର ସଭାପତି ଭାବେ ନିର୍ବାଚିତ ହେବା ପରେ ପଦରେ ବିଜେଡି ନଗର କମିଟିର କାର୍ଯ୍ୟକାରୀ ସଭାପତି ସୁବ୍ରତ ଘଡ଼ାଇଙ୍କ ନେତୃତ୍ୱରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଶ୍ରୀ ଜେନା ଓ ତାଙ୍କର ନବନିଯୁକ୍ତ ଟିମ୍ ଉପସଭାପତି ସରୋଜ ପ୍ରସାଦ ସ୍ୱାଇଁ, ସମ୍ପାଦକ ହିମାଂଶୁ ଷଡ଼ଙ୍ଗୀ, ସହ-ସମ୍ପାଦକ ଜ୍ଞାନରଞ୍ଜନ ଦାସ, କୋଷାଧକ୍ଷ ପ୍ରଭାକର ରଣାଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି । କାର୍ଯ୍ୟକ୍ରମରେ ରାଜେଶ ରଣା,ବିଷ୍ଣୁ ସାହୁ,ତାପସ ମହାନ୍ତି, ସୁକାନ୍ତ ସାହୁ, ବିଭୂତି ସ୍ୱାଇଁ, ଦିଲ୍ଲୀପ ଜେନା, ପ୍ରଭାକର ନନ୍ଦ, ସଞ୍ଜୀବ ଦାସ, ଶୁଭେନ୍ଦୁ ଭୂୟାଁ, ଯୁଧିଷ୍ଠିର ବିଶ୍ୱାଳ, ୩୫ନଂ ୱାର୍ଡର ସଭାପତି ତଥା ପ୍ରାକ୍ତନ କର୍ପୋରେଟର ପବିତ୍ର ଭୂୟାଁ, ୩୪ନଂ ୱାର୍ଡର ସଭାପତି ମନୋରଞ୍ଜନ ସାହୁ, ମାଇନରଟି କମିଟିର ସମ୍ପାଦକ ମହମ୍ମଦ ଫରିଦ୍, ଅଶୋକ ବେହେରାଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ପୁଲିସ ଆଇନ ୩୦ ଧାରା ୯୦ ଦିନ ପର୍ଯ୍ୟନ୍ତ ବଳବତ୍ତର

**ପୁରୀ,୧।୩/ଏନ୍ଏନ୍ଏସ୍:** ପୁଲିସ ଆଇନର ୩୦ ଧାରା ପୁରୀ ଜିଲ୍ଲାରେ ଲାଗୁ କରାଯାଇଛି। ଏହା ଫେବୃଆରୀ ୨୬ ତାରିଖ ଠାରୁ ମେ ମାସ ୨୬ ତାରିଖ ୯୦ ଦିନ ପର୍ଯ୍ୟନ୍ତ ପୁରୀ ଜିଲ୍ଲାର ସମସ୍ତ ପୁଲିସ ଷ୍ଟେସନ ଅଞ୍ଚଳ, ପୁରୀ ମୁନିସିପାଲ୍ଟି, ପିପିଲି, କୋଣାର୍କ ଓ ନିମାପଡା ଏନ ଏ ସି ଅଞ୍ଚଳରେ ବଳବତ୍ତର ରହିବ। ଏହି ସମୟ ମଧ୍ୟରେ ବିନା ଅନୁମତିରେ ସଭା, ଶୋଭାଯାତ୍ରା, ମାଇକ ବ୍ୟବହାର କୁ ବେଆଇନ ଘୋଷଣା କରାଯାଇଛି ବୋଲି ଏସପି ବିନୀତ ଅଗ୍ରୱାଲ ସୂଚନା ଦେଇଥିଲେ।

# ଶିକ୍ଷାବିତ୍ ଗୋପବନ୍ଧୁ ବିଶ୍ୱାଳଙ୍କ ପରଲୋକ

**କଟକ,୧।୩/ଏନ୍ଏନ୍ଏସ୍:** ବିଶିଷ୍ଟ ଶିକ୍ଷାବିତ୍ ଗୋପବନ୍ଧୁ ବିଶ୍ୱାଳଙ୍କ ମଙ୍ଗଳାବାଗ ସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କ ୮୨ ବର୍ଷ ହୋଇଥିଲା। ଶେଷ ଶଯ୍ୟା ନିକଟରେ ପତ୍ନୀ, ଝିଅ, ଜୋଇଁ, ପୁତୁରା,ଝିଆରୀ, ନାତି ଏବଂ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ଫକୀରମୋହନ ବିଶ୍ୱବିଦ୍ୟାଳୟ ଏବଂ ରେଭେନ୍ସା ବିଶ୍ୱବିଦ୍ୟାଳୟରେ କୋଡ଼ିଏ ବର୍ଷରୁ ଊର୍ଦ୍ଧ୍ୱକାଳ ଇତିହାସ ବିଭାଗରେ ଅଧାପନା କରିଥିଲେ। ସେ ଓଡ଼ିଶାର ବିଭିନ୍ନ ସମାଜସେବୀ ସଂଗଠନ ଏବଂ କୈବଲ୍ୟ ସାହିତ୍ୟ ସଂସଦର ପୃଷ୍ଠପୋଷକ ଏବଂ ଉପଦେଷ୍ଟା ଭାବେ ଦୀର୍ଘବର୍ଷ ଦାୟିତ୍ୱ ନିର୍ବାହ କରିଛନ୍ତି। ସେ ଜଣେ ଛାତ୍ରବତ୍ସଳ ଅଧାପକ ଏବଂ ପ୍ରାଧାପକ ଭାବେ ବେଶ୍ ଲୋକପ୍ରିୟ ଥିଲେ।

## ବିକାଶ



ଭବାନୀ ଭୂୟାଁ


ତୁମେ ଆମକୁ ଦେଶର ବିକାଶ ଦେଖାଇଛ ?
ହେଇ ଦେଖ ଏଇଟା ହୀରାକୁଦ ବନ୍ଧ
ଏଇଟା ରେଙ୍ଗାଲି ଯୋଜନା।
ହେଇ ଦେଖ ଛ ' ଟିକିଆ କଂକ୍ରିଟ ରାସ୍ତା
ଉପରେ ଅଠର ଚକିଆ ଗାଡ଼ି।
ହେଇ ଦେଖ ନିୟମଗିରି ଆଲୁମିନା ପ୍ରକଳ୍ପ।
ଏଇଟା କଳିଙ୍ଗ ନଗର ଷ୍ଟିଲ ପ୍ଲାଣ୍ଟ ,
ହେଇଟି କାଶିପୁର ବକ୍ସାଇଟ ଖଣି ,
ହେଇ ଦେଖ ଢ଼ିଙ୍କିଆରେ ଜିନ୍ଦଲ କମ୍ପାନୀ
ଦେଖ ଦେଖ ନୂଆ ପାର୍ଲିଆମେଣ୍ଟ ହାଉସ୍ ।
ହେଇଟି ବାଲିଆପାଳ ତୈଳ ବିଶୋଧନାଗାର।
ହେଇଦେଖ ଅଯୋଧ୍ୟାର ରାମମନ୍ଦିର।
ହେଇ ଦେଖରେ ପ୍ରତି ପଚାଶ ମିଟରରେ ଗୋଟେ ଗୋଟେ ମଦ
ଦୋକାନ।
ଉଠା ଦୋକାନୀର କ୍ୟାବିନ ଉପରେ ବଡ଼ ବଡ଼ ମାର୍କେଟ କମ୍ପ୍ଲେକ୍ସ ।
ଧାନ କ୍ଷେତ ଉପରେ ଗାଢ଼ କଳା ଚିମିନିର ଛାଇ।
ବସ୍ତି ଉପରେ ଠିଆ ହୋଇଛି
୫ ଷ୍ଟାର୍ ହୋଟେଲ ଶିଳ୍ପ !

କହିପାରିବ ତୁମ ବିକାଶର ପେଟ ତଳେ
କେତେ ବିସ୍ଥାପିତଙ୍କ ଭୋକ ଜଳେ ?
କେତେ ବିତାଡିତ ପରିବାରର ପରିଚୟ ଚିରେ ?
କେତେ ଶ୍ରମିକ କାରଖାନା ନିଆଁରେ ଅସ୍ଥି ବିସର୍ଜନ କରେ ?
କେତେ କୃଷକର କ୍ଷେତ ଉଜୁଡେ ?
କେତେ ମାଆର କୋଳ ଶୂନ୍ୟ ହୁଏ ?
କେତେ ଶିଶୁର ଭବିଷ୍ୟତରେ ଭୋପାଳର ବାଲି ଚଢିଯାଏ ?
ଦେଇ ପାରିବ ତୁମେ ଏହାର ହିସାବ ?
ପାରିବନି ।
ଆମେ କିନ୍ତୁ କହିଦେବୁ
ଏ ବିକାଶ ମଣିଷର ବିକାଶ ନୁହେଁରେ
ହାରାମଜାଦା।
ଏ ବିକାଶ ଶିଳ୍ପପତିର ବିକାଶ।
ଏ ବିକାଶ ପୁଞ୍ଜିପତିର ବିକାଶ।
ଏ ବିକାଶ ଭୋଟ ଗୋଡ୍ରିଙ୍କ ବିକାଶ ।
ଏ ବିକାଶ ମଦର ବିକାଶ ।
ଏ ବିକାଶ ମଣିଷକୁ ମାତାଲ୍ କରିବାର ବିକାଶ ।
ଏ ବିକାଶ ଜଙ୍ଗଲ ଲୁଟ୍‌ର ବିକାଶ ।
ଏ ବିକାଶ ଜମି ହଡ଼ପ କରିବାର ବିକାଶ ।
ଏ ବିକାଶ ଦେଶବିକ୍ରିର ବିକାଶ ।
ଏ ବିକାଶ କମ୍ପାନୀର ବିକାଶ ।
ମଣିଷର ନୁହେଁରେ ।

ତୁମେ ଆମକୁ ଆଉ ଦେଶର ବିକାଶ ଦେଖାଅନି ।
ଆମେ ବୁଝିସାରିଛୁ ତୁମ ବିକାଶର ଅଭିସନ୍ଧି ।
ଶୁଣିପାରୁଛୁ ତୁମ ମନ୍ଦିର ଗଢାର ବୀଜମନ୍ତ୍ର
ଜାଣିପାରୁଛୁ ତୁମ ଅନ୍ଧାରୀ ରାଜତ୍ୱର ଦୂରଭିସନ୍ଧି ।


ଆମେ କେବଳ ଏତିକି ବୁଝୁ
ତୁମ ବିକାଶର
ପ୍ରଥମ ଶିକାର ଆମେ।

**ମାସିର ହୋଟେଲ , ସ୍ୱର୍ଗଦ୍ୱାର , ପୁରୀ**
**ମୋ-୯୩୪୮୫୬୩୫୧୦**



## ନବ ପ୍ରକାଶ

**ଭାବତରଙ୍ଗ**
**ଲେଖକ-ବାସୁଦେବ ସ୍ୱାଇଁ**
**ପ୍ରକାଶକ-ବିଜୟିନୀ ପବ୍ଲିକେଶନ, କଟକ**
**ମୂଲ୍ୟ-୨୦୦/-**



ଅବସର ପ୍ରାପ୍ତ ଅଧ୍ୟାପକ କବି ବାସୁଦେବ ସ୍ୱାଇଁଙ୍କ କବିତା ସଙ୍କଳନ 'ଭାବତରଂଗ' ଆମ ହସ୍ତଗତ ହୋଇଛି । ଏହି ସଂକଳନରେ ଅଧ୍ୟାତ୍ମିକତା, ଶିକ୍ଷା, ସଂସ୍କୃତି, ଦର୍ଶନ, ପାରମ୍ପରିକ ଜୀବନତତ୍ତ୍ୱ, ସମାଜ ସଂସ୍କାର, ଦେଶାତ୍ମକବୋଧ ଉଚ୍ଚାଙ୍ଗ ଭାବନା, ପ୍ରଭୁପ୍ରେମ, ଅତିମାନବୀୟ ଚିନ୍ତା ଚେତନା, ଜୀବର ଆବେଗ ସହ ଆତ୍ମତୃପ୍ତିର ବାସ୍ତବତା, ଶାଶ୍ୱତ ଅନାବିଳ ବନ୍ଧୁତ୍ୱ ପ୍ରେମର ମନ୍ତ୍ରମୁଗ୍ଧ ନିଦର୍ଶନ ପରିପ୍ରକାଶ, ପୂଜ୍ୟପୂଜା ଓ ପ୍ରକୃତି ପରିବେଶ ଆଦି ଅନେକ ଦିଗ ଗୁଡ଼ିକ ଉପରେ ବିଭିନ୍ନ ଉନ୍ନତ ମାନର କବିତା ପ୍ରକାଶ ପାଇଛି, ଯାହାକି କବିଙ୍କ ବାସ୍ତବ ସୃଜନଶୀଳତାର ପରିପ୍ରକାଶ । ଅଭିମତ ପୃଷ୍ଠାରେ ମାନ୍ୟବର କଟକ ଜିଲ୍ଲା ସାଂସଦ ତଥା ପ୍ରଜାତନ୍ତ୍ର ସଂପାଦକ ଭର୍ତ୍ତୃହରି ମହତାବ, କଟକ ସଦର ବିଧାୟକ ସ୍ତମ୍ଭକାର ଇଂ.ପ୍ରକାଶ ଚଂଦ୍ର ସେଠୀ, କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ବରିଷ୍ଠ ସାହିତ୍ୟିକ ପ୍ରଫେସର୍ ବୈଷ୍ଣବ ସାମଲ, ଅବସର ପ୍ରାପ୍ତ ଶିକ୍ଷାବିତ୍ ପ୍ରଫେସର ଦୁର୍ଗା ପ୍ରସାଦ ଆଚାର୍ଯ୍ୟ, ଉତ୍କଳ ସାହିତ୍ୟ ସମାଜର ସଭାପତି ସାହିତ୍ୟିକ ଗୋବିନ୍ଦ ଚନ୍ଦ୍ର ଚାନ୍ଦ, ସାହିତ୍ୟିକ ପ୍ରଧାପକ ପ୍ରଫୁଲ୍ଲ ଦାସ ପ୍ରମୁଖ ମହାନ୍ ବ୍ୟକ୍ତି ବିଶେଷ ନିଜର ଆଭିମୁଖ୍ୟ ପ୍ରକାଶ କରିବା ସହ କବିଙ୍କ ଉଜ୍ଜ୍ୱଳ ସାହିତ୍ୟ ଭବିଷ୍ୟତ କାମନା କରିଛନ୍ତି । କବିତାଗୁଡ଼ିକ ହୃଦୟକୁ ଛୁଇଁବା ଭଳି ଗୋଟିଏ ଗୋଟିଏ ପ୍ରତିବେଦନ। ସମୟ ସାତିବା ପରି ଅନେକ କାବ୍ୟିକ ଉତ୍ତରଣ କବିତାକୁ କାଳଜୟୀ କରିବ, ଏଥିରେ ସନ୍ଦେହ ନାହିଁ। ୧୧୨ ଟି କବିତା ଥିବା ତାଙ୍କର ଏହି କବିତା ସଙ୍କଳନଟି ଖୁବ୍ ପାଠକୀୟ ସ୍ୱୀକୃତି ଲାଭ କରିବା ସହ ପାଠକଙ୍କ ହୃଦୟକୁ ସ୍ପନ୍ଦିତ କରିବ।

## ଏଠି ଗୋଟେ ଘର ଥିଲା



ବିପ୍ଳବ

ବୃକ୍ଷଟି ଥିଲା ଶୁଷ୍କ ଓ ପତ୍ରଶୂନ୍ୟ। ମୃତପ୍ରାୟ ପ୍ରତୀୟମାନ ହେଉଥିଲେ ହେଁ ତା'ର ମଞ୍ଜ ଟାଣ ଥିଲା ଆଉ ସେଥିରେ ସବୁଜିମାମାନେ ଲୁକ୍କାୟିତ ଭାବରେ ରହିଥିଲେ। ସେଥିପାଇଁ ବୋଧହୁଏ ତା'ର ଥୁଣ୍ଟା ଡାଳରେ କିଛି ଚଢ଼େଇ ବସା ଏବେ ବି ରହିଥିଲା ଆଉ କିଛି ଚଢ଼େଇ ଏ ଡାଳରୁ ସେ ଡାଳ ଉଡ଼ି ବୁଲୁଥିଲେ। ସମ୍ଭବତଃ ମାଟିକୁ ବସନ୍ତ ଛୁଇଁବାର ପ୍ରାକ୍ ସୂଚନା ଇଏ।

ମନକୁ ମନ ଭାବିଲେ ବନମାଳୀ।

ବୃକ୍ଷ ପତ୍ରଝଡ଼ା ଦେଲେ ବସନ୍ତ ଫେରେ। ଜୀବନ ପତ୍ରଝଡ଼ା ଦେଲେ ବସନ୍ତ ଆଉ ଫେରେନି। ବରଂ ଖୁବ୍ ଶୀଘ୍ର ସୁଖ ଆଉ ସ୍ୱପ୍ନର ଡାଳପତ୍ରମାନେ ବୃକ୍ଷରୁ ଅଲଗା ହୋଇଯାନ୍ତି ଏବଂ ଶେଷରେ ଜୀବନ ନାମକ ବୃକ୍ଷଟି ଟଳିପଡ଼େ। ଯାହା ଆଜି ତାଙ୍କର ଅବସ୍ଥା !

ସପ୍ତାହେ ହେବ ତାଙ୍କ ଘରର ବାତାବରଣ ପ୍ରଦୂଷିତ ହୋଇଯାଇଛି।

ମାସକ ତଳେ ସେ ହୃଦ୍‌ଘାତର ଶିକାର ହୋଇ ଗୋଟିଏ ଘରୋଇ ଡାକ୍ତରଖାନାରେ ଭର୍ତ୍ତି ହେଇଥିଲେ। ଆରୋଗ୍ୟ ହୋଇ ଏବେ ସପ୍ତାହେ ହେବ ଫେରିଛନ୍ତି। ତାଙ୍କ ଅସୁସ୍ଥ ଖବର ପାଇ ବାଙ୍ଗାଲୋରରେ ଚାକିରି କରିଥିବା ବଡ଼ ପୁଅ ଆସିଥିଲା। ସେଇ ଦିନରୁ ଅଛି।

ଡାକ୍ତର ଦୁଇ ପୁଅଙ୍କୁ ବୁଝାଇ ଥିଲେ। ବାପାଙ୍କ ମାନସିକ ଶାନ୍ତି ପ୍ରତି ଧ୍ୟାନ ଦେବ। ପିଲାଏ ସେଇଦିନୁ ଲଢ଼ି ଚାଲୁଛନ୍ତି ନିଜ ଭିତରେ। ସମ୍ଭବତଃ ସେମାନେ ଭାବୁଛନ୍ତି ବନମାଳୀ ବାବୁ ହୁଏତ ଚାଲିଯିବାର ସମୟ ଆସିଲାଣି ! ସମ୍ପତ୍ତି ବାଡ଼ିର କିଛି ଗୋଟେ ଫଇସଲା ହେଇଯାଉ ତାଙ୍କ ଜୀବଦ୍ଦଶାରେ।

ଦୂର ଅତୀତକୁ ଫେରୁଥିଲେ ବନମାଳୀ। ପାଖାପାଖି ଚାଳିଶ ବର୍ଷ ପଛକୁ। ମୁହଁ ସଞ୍ଜବେଳେ ବାରିପଟ ଆଖୁ ବିଲ ଭିତରେ ପଶି ଗାଁ ଛକରୁ ଗେରୁଆ ରଙ୍ଗର ଓଆର୍‌ଟିସି ବସ୍ ଧରିବାର ଜୀବନ୍ତ ଦୃଶ୍ୟ ଆଖି ଆଗରେ ନାଚି ଉଠୁଥିଲା। କୁଆଡ଼େ ଯାଉଛନ୍ତି, କାହିଁକି ଯାଉଛନ୍ତି ସେ ନିଜେ ସନ୍ଦେହରେ ଥିଲେ। କିଛି ଲକ୍ଷ୍ୟ ନଥିଲା। ଗୋଟିଏ ଲକ୍ଷ୍ୟ କେବଳ ଗାଁ ଛାଡ଼ିବା।

କଣ୍ଠସ୍ୱର ପଚାରି ପଚାରି ଥକି ଯାଇଥିଲା।

'କୁଆଡ଼େ ଯିବ ବାବୁ ?'

ସେ ମୁହଁ ଖୋଲି ନଥିଲେ।

ମାଟିଆ ହାଫ୍ ପେଣ୍ଟ ପକେଟରେ ଲୋଚାକୋଚା ହୋଇ ରହିଥିବା ପଚାଶ ଟଙ୍କିଆକୁ ଦୁଇ ହାତରେ ସିଧାକରି କଣ୍ଡକ୍ଟର ହାତକୁ ବଢ଼େଇ ଦେଇଥିଲେ।

ଆଉ ପଚାରି ନଥିଲା ଗନ୍ତବ୍ୟ ସ୍ଥଳ।

ବସ୍ କେତେ ସମୟ ଚାଲିଲା ଆଉ କୋଉଠି ପହଞ୍ଚିଲା ସେସବୁ ପାଇଁ ତାଙ୍କର ଆଗ୍ରହ ନଥିଲା। ଦେହର କ୍ଳାନ୍ତି, ମନରେ ଭୟ ତାଙ୍କୁ ଶାନ୍ତିରେ ବସିବାକୁ ଦେଉ ନଥିଲା। କେହି ତାଙ୍କୁ ଅନୁସରଣ କରୁ ନାହିଁ ତ ! ବସ୍ ଡୋର୍ ଖୋଲି ସେ ପଛକୁ ବାରମ୍ବାର ଚାହୁଁଥିଲେ।

କେତେବେଳେ ଶୀତଳ ପବନ ବାଜି ଛାଇ ନିଦ ଲାଗି ଆସିଛି କେଜାଣି ?

ହେଲ୍ପର କାନ୍ଧକୁ ହାତମାରି କହିଲା 'ପୁଅ ଓହ୍ଲେଇ ପଡ଼। ଭୁବନେଶ୍ୱର ହେଇଗଲା।'

ସେ ସାମାନ୍ୟ ଚମକି ପଡ଼ିଥିଲେ ସେତେବେଳେ।

ତଳକୁ ଓହ୍ଲେଇ ପଡ଼ିଲେ। ଯୁଆଡ଼େ ଚାହିଁଲେ ସିଆଡ଼େ ଗାଡ଼ି। ଖାଲି ପେଁ ପାଁ ଶବ୍ଦ। ଦେହ, ମନ ଅବଶ ଲାଗୁଥିଲା। ଚାଲିବାକୁ ଇଚ୍ଛା ହେଉ ନଥିଲା। ଲକ୍ଷ୍ୟହୀନ ଭାବରେ କିଛି ବାଟ ଚାଲିବା ପରେ ଯୋଉଠି ଅଟକି ଥିଲେ ସେଇଟା ଥିଲା ଗୋଟେ ଛୋଟକାଟର ହୋଟେଲ।

ଗୋଟିଏ ଛୋଟ ଅନୁଚ ଚାଳିଆ ଘର। ତିନିପଟେ ଦରିପାଲ। ଆଗପଟ ସମ୍ପୂର୍ଣ୍ଣ ଖୋଲା। ଭିତରେ ଦୁଇଜଣ ବୟସ୍କ ଲୋକ। ଜଣେ ପରିବା କଟାରେ ବ୍ୟସ୍ତ, ଆଉ ଜଣେ ଚୁଲି ଭିତରେ କୁହୁଳୁଥିବା କାଠକୁ ଫୁଙ୍କି ନିଆଁ ଧରାଉ ଥିଲା।

ଅଳ୍ପ ସମୟ ପରେ ପରିବା କାଟୁଥିବା ବ୍ୟକ୍ତି ଜଣଙ୍କ ତାଙ୍କୁ ଭିତରକୁ ଯିବା ପାଇଁ ଇସାରା ଦେଇଥିଲା।

ସେ ଭିତରକୁ ଗଲେ।

ଲୋକଟି ବାହାରକୁ ଆସି କଳରେ ଜାକିଥିବା ପାନ ଛେପ ପକେଇ ତାଙ୍କୁ ପ୍ରଶ୍ନ କଲା - ବାବୁ ଖାଇବ ?

ସେ ଅନ୍ୟମନସ୍କ ଭାବରେ ମୁଣ୍ଡ ଟୁଙ୍ଗାରି ଥିଲେ।

ତା'ପରେ ସେ ଅଣଓସାରିଆ କଦଳୀ ପତ୍ରଟିଏ ଆଣି ଟେବୁଲ ଉପରେ ପକେଇ ଦେଇ ଭାତ, ତରକାରି ଆଉ ବିଲାତି ଖଟା ଟିକିଏ ବାଢି ଦେଇଥିଲେ। ସେ ଗାଉଁ ଗାଉଁ କରି ଖାଇଦେଇଥିଲା।

ଖାଇ ସାରିବା ପରେ ପରିବା କଟାଳି ନବଘନ ଆସି ତାଙ୍କୁ ପଚାରିଥିଲା -କାହାକୁ ଅପେକ୍ଷା କରିଚ ?

ସେ କିଛି ଉତ୍ତର ଦେଇପାରି ନଥିଲେ।

ଦୁଗୁଣେଇ ହେଇ ପଚାରିବାରୁ ସେ ଭୋ ଭୋ ହୋଇ କାନ୍ଦିଥିଲେ।



ସବୁଦିନ ପାଇଁ ଘରୁ ଲୁଚି ପଳେଇ ଆସିଥିବା କଥା କହିଥିଲେ। ଏତେ ବଡ଼ ସହରରେ ପେଟ ଆପୋଷା ରହିବନି ବୋଲି ଲୋକଟି ତାଙ୍କୁ ବୋଧ ଦେଇଥିଲା।

ତା'ପରେ ସବୁଦିନ ପାଇଁ ସେଇ ହୋଟେଲରେ ସେ ରହି ଯାଇଥିଲେ।

ସେଇଠି ତାଙ୍କ ଭାଗ୍ୟ ବଦଳି ଯାଇଥିଲା।

ସମୟକ୍ରମେ ହୋଟେଲ ମାଲିକ ବିରୁନନା ଆଉ ତାଙ୍କ ସହଯୋଗୀ ନବଘନ ଆରପାରିକୁ ବାଟ କାଟିଥିଲେ ଆଉ ବନମାଳୀ ହୋଇଥିଲେ ଉତ୍ତରାଧିକାରୀ।

ଏବେ ଭୁବନେଶ୍ୱରରେ ସବୁଠୁ ପ୍ରସିଦ୍ଧ ଆଉ ନାଁକରା ହୋଟେଲ ବିରୁନନା ହୋଟେଲ। ସେଇ ହୋଟେଲ ମାଲିକ ବନମାଳୀ ବାବୁ। କିଛି ବର୍ଷ ହେବ ତାଙ୍କ ସାନପୁଅ ବିଶାଳ ବୁଝାସୁଝା କରୁଛି। ବଡ଼ ପୁଅ ଚାହୁଁଚି ହୋଟେଲ ଆଉ ଘରର ଅଧା ଭାଗ। ସେ ବାବଦ ଅର୍ଥ ନେଇ ସେ ବାଙ୍ଗାଲୋରରେ ଫ୍ଲାଟ୍ କିଣିବ।

କେତେ ବିଚିତ୍ର ଏ ସଂସାର !

ସେ ନିସ୍ତାରର ବାଟ ଖୋଜୁଥିଲେ।

ରାତ୍ରି ଭୋଜନ ପୂର୍ବରୁ ଦୁଇ ପୁଅଙ୍କୁ ପାଖକୁ ଡାକିଲେ।

-ତମ ଦୁହିଁଙ୍କୁ ଗୋଟେ କଥା ଲୁଚେଇଚି ଆଜିଯାଏଁ। କେତେବେଳେ କୋଉ କଥା। ତମକୁ କହିଦେଲେ ମୁଁ ଟିକେ ଶାନ୍ତିରେ ମରି ପାରିବି। ମୋର ଆଉ ଗୋଟେ ଜାଗାରେ ବିରାଟ ଘର ଆଉ ଜାଗା ଅଛି। ହୁଏତ ତାକୁ ଦେଖିଲେ ଦୁହିଁଙ୍କ ଭିତରୁ କିଏ ପସନ୍ଦ କରିପାରେ। ସମାଧାନର ବାଟ ବି ମିଳିପାରେ।

ଦୁହେଁ ସମ୍ମତି ଜଣେଇଲେ।

ସକାଳ ସାତଟାରେ ଘର ସାମ୍‌ନାରେ ଓଲା ଗାଡ଼ି ଲାଗିଲା। ବାପ, ପୁଅ ତିନିହେଁ ବସିଲେ।

ଦୀର୍ଘ ଦୁଇ ଘଣ୍ଟା ପନ୍ଦର ମିନିଟ ପରେ ଗାଡ଼ି ପହଞ୍ଚିଲା ଅମରାବତୀପୁର ଛକରେ। ବାମକୁ କଟିବାକୁ ସୂଚନା ଫଳକ ଥିଲା। ବନମାଳୀ ବାବୁ କହିବା ଆଗରୁ ଡ୍ରାଇଭର ଇଣ୍ଡିକେଟର୍ ଦେଇ ଗାଡ଼ି ବୁଲେଇ ସାରିଥିଲା। ଦୁଇ ତିନି ମିନିଟ୍ ଭିତରେ ଗାଁ ମୁଣ୍ଡ ବରଗଛ ମୂଳରେ ଗାଡ଼ି ପହଞ୍ଚିଗଲା। ସେଇଠି ରହିବାକୁ ବନମାଳୀ ବାବୁ ଡ୍ରାଇଭରକୁ ନିର୍ଦ୍ଦେଶ ଦେଲେ। ତିନି ହେଁ ଓହ୍ଲେଇଲେ। ବନମାଳୀ ବାବୁ ପାଦରୁ ଚପଲ ଖୋଲି ଗାଁର ଆରାଧ୍ୟ ପ୍ରଭୁ ଉଗ୍ରେଶ୍ୱର ମହାପ୍ରଭୁଙ୍କୁ ହାତଯୋଡ଼ି ଦଣ୍ଡବତ ହେଲେ।

ଗାଁ ସମ୍ପୂର୍ଣ୍ଣ ବଦଳି ସାରିଥିଲା। ନିଜେ ବନମାଳୀ ତାଙ୍କ ଗାଁକୁ ଚିହ୍ନିପାରୁ ନଥିଲେ ଯେମିତି ! ଆଗକୁ ପାଦ ବଢ଼େଇଲେ ସେ। ପଛରେ ଦୁଇ ପୁଅ। ଦୁଇପଟେ ଧାଡ଼ି ଧାଡ଼ି କୋଠାଘର। ବନମାଳୀ ବାବୁ କାହାକୁ ଚିହ୍ନିପାରୁ ନାହାନ୍ତି। ତାଙ୍କୁ ବି କେହି ଚିହ୍ନିପାରୁ ନଥିଲେ। ଦାଣ୍ଡ ପିଣ୍ଡାରେ ବସିଥିବା ଲୋକବାକ ତାଙ୍କୁ ବଲବଲ କରି ଅନାଉଥିଲେ। ଗୋଟିଏ ଦୁଇଟି ବୁଲା କୁକୁର କିଛି ବାଟ ଭୁକି କୁଆଡ଼େ ଚାଲି ଗଲେଣି।

ଦୁଇ ଶ' ମିଟର ଚାଲିଲା ପରେ ଗୋଟିଏ ଅରମା ନଟୀ ପାଖରେ ତାଙ୍କ ଦୁଇ ପାଦ ସ୍ଥିର ହୋଇଗଲା। ଗାଁ ମଝିରେ ଏମିତି ଏକ ବଣ ଦେଖି ଦୁଇ ଭାଇ ଆଶ୍ଚର୍ଯ୍ୟ ହୋଇଗଲେ।

ବନମାଳୀ ବାବୁ ବି ନିଜେ ଆଶ୍ଚର୍ଯ୍ୟ ହୋଇଗଲେ। ପାଞ୍ଚ ବଖରାର ବିରାଟ ଆଟୁ ଘର ମାଟିରେ ମିଶି ସାରିଥିଲା। କେବଳ କିଛି ପଥର ଖୁଣ୍ଟ ମୂକସାକ୍ଷୀ ଭାବରେ ସମୟର ପ୍ରହାର ସହ୍ୟକରି ବଂଚିବାକୁ ସଂଘର୍ଷ କରି ନିରବରେ ଦଣ୍ଡାୟମାନ। ଚାରିଆଡ଼ ଗଛବୃଛରେ ଭର୍ତ୍ତି। ସେଇ ଅରମା ଭିତରକୁ ପ୍ରବେଶ କଲେ ବନମାଳୀ। ଘର ସାମ୍‌ନାରେ ଥିବା ଝଙ୍କା ବରକୋଳି ଗଛଟି ସେମିତି ରହିଛି। ସେଇଠି ଯାଇ ସେ ଠିଆ ହେଲେ। ସେଇ ଗଛକୁ ଆଉଜା ହୋଇ ରହିଥିବା ଶଗଡ଼ ଚକର ଦୁଇଟି ନାଲକୁ ଦୁଇ ହାତରେ ଆଉଁସିଲେ। ତାଙ୍କ ଆଖିରୁ ଦୁଇ ଧାର ଉଷୁମ ଲୁହ ନିଗିଡ଼ି ପଡ଼ିଲା, ଯେମିତି ପ୍ରେସର୍ କୁକର ଢାଙ୍କୁଣୀ ଖୋଲିଦେଲେ ବୋହିପଡ଼େ ପୋଷ ପୋଷ ଜଳୀୟ ବାଷ୍ପର ତରଳ ଅଂଶ।

-ଜାଣିଚ ପିଲେ, ଏଠି ଗୋଟେ ପାଞ୍ଚ ବଖୁରିଆ ଆଟୁ ଘର ଥିଲା। ଗୋଟେ ହସଖୁସିର ପରିବାର ଥିଲା। ଦିନେ ସେଇ ଘରର ବଡ଼ ପୁଅ ବାହା ହେଲା ଆଉ ଘରକୁ ନୂଆ ବୋହୂ ଆଣିଲା। କିଛି ଦିନ ପରେ ସେଇ ନୂଆ ବୋହୂ ଭିନ୍ନେ ହେବାକୁ ତା' ସ୍ୱାମୀକୁ କହିଲା। ଭାଇ ଜିଦି କଲା। ବାପା ମନା କଲେ ଶୁଣିଲାନି। ଜମି ଭାଗ ମାଗିଲା। ବାପ ଅରାଜି ହେବାରୁ ବାପକୁ ଗାଳି କଲା। ବାପା ଚଟକଣି ମାରିବାରୁ ବାପାକୁ ମାରିବାକୁ ହାତ ଉଠେଇଲା। ସାନ ପୁଅ କ୍ରୋଧରେ ଅନ୍ଧହୋଇ ବଡ଼ ଭାଇକୁ ବିରି ବାଡ଼ିଆ ଠେଙ୍ଗାରେ ପାହାରେ ପିଟିଲା। ତା' ମୁଣ୍ଡ ଫାଟି ରକ୍ତ ଝରିବା ପରେ ସେ ଭୟରେ ଗାଁ ଛାଡ଼ି ପଳେଇଲା। ପଛରେ ଶୁଣିଲା ବଡ଼ଭାଇ ସେଇ ଠେଙ୍ଗା ମାଡ଼ରେ ମରି ଯାଇଥିଲା, ଭାଉଜ ଅନ୍ୟତ୍ର ବାହାହେଇ ଯାଇଥିଲା, ଆଉ କିଛି ଦିନ ପରେ ଦୁଇ ପୁଅକୁ ଝୁରି ବାପ ବି ମରି ଯାଇଥିଲା। ସେ ସାନ ପୁଅ ହିଁ ମୁଁ ଥିଲି। ସବୁ ପାଇ ସବୁ ହରେଇ ଦେଇଚି ଆଜି ମୁଁ। ଜୀବନ ଏତେ ସହଜ ନୁହେଁରେ ପିଲେ। ସୁଧମୂଳ ଆଦାୟ କରି ଛାଡ଼ିବ। ଝୋ ଝୋ ବର୍ଷାରେ ଆକାଶ ତଳେ ଗୁଡ଼ି ଉଡ଼େଇବା ହିଁ ଜୀବନ।

ବନମାଳୀଙ୍କ କଣ୍ଠ ବାଷ୍ପରୁଦ୍ଧ ହୋଇ ଆସୁଥିଲା। ପଥର ଖୁଣ୍ଟକୁ ଜାବୁଡ଼ି ଭୋ ଭୋ କାନ୍ଦୁଥିଲେ ସେ ।

ପିଲା ଦୁହେଁ ତଳକୁ ମୁହଁପୋତି ଠିଆ ହୋଇଥିଲେ।

**ମକୁନ୍ଦ ପୁର, ବାଙ୍କୀ**
**ମୋ : ୯୪୩୭୪୬୮୦୧୬**

## ରେବତୀ



ସ୍ନିଗ୍ଧା ସାହୁ

ମୁଁ ରେବତୀ।

ଆପଣଙ୍କ ଦେଢ଼ଶହ ବର୍ଷ ତଳର ରେବତୀ ନୁହେଁ, ମୁଁ ରେବତୀ ଝିନା। ବାପା ଶୁକ୍ରୁରୁ ଓ ମା' ଚମ୍ପାର ଏକମାତ୍ର ଅଲିଅଳି।

ବାପା ମୋତେ ଲକ୍ଷ୍ମୀ ସାଆନ୍ତାଣୀ କହେ। ମା' କହେ କୋଟି ଜନ୍ମର ସୁକୃତରୁ କନ୍ୟାଟିଏ ଘରେ ଜନ୍ମ ହୁଏ। ଆଦିବାସୀ ବସ୍ତିରେ ମୋର ଜନ୍ମ। ପଙ୍କରେ ପଦ୍ମ ଫୁଟିବା ବୋଧହୁଏ ଅଭିଶାପ ଥିଲା। ଏଇଠୁ ଆରମ୍ଭ ମୋ କାହାଣୀ। ଦଇବ ମୋତେ ରୂପ ଦେଇଥିଲା। ବାପା ମୋତେ ପାଠ ପଢ଼େଇଲା। ହେଲେ ମୋ ଜେଜୀମା'କୁ ଏସବୁ କିଛି ଭଲ ଲାଗୁ ନଥିଲା। କଥା କଥାରେ କହିବ, 'ଦେଖ୍ ଲୋ ଝିଅ.. ଯୋଉ ବାଟରେ ଯାଉଛୁ ସେଠି ଭାରି ଖସଡ଼ା। ପାଦ ଚିପିଚିପି ଯାଉଥିବୁ, ଖଣ୍ଡିଉଡ଼ା ଦଉଛୁ, ଡେଣା ମେଲିଲେ ଚିଲ ଝାମ୍ପିନେବ।'

ମୁଁ ଏସବୁ କିଛି ବୁଝିପାରୁନଥିଲି। ପାଠ ନିଶା ମୋତେ ଘାରିଥିଲା। 'ଯୁଗ ଯାଇଁ କୋଉଠି ହେଲାଣି, ଏ ବୁଢ଼ୀ ଏତେ ପଛରେ...'

ମୁଁ ବହୁତ୍ ଭଲ ପାଠ ପଢ଼ିଲି, ସରକାର ଖୁସି ହେଲେ। ମୋତେ ବୃତ୍ତି ମିଳିଲା। ଅନେକ ସହାୟତା ମିଳିଲା।

ମୁଁ ଗାଁ ଜଙ୍ଗଲ ପରିବେଶ ଛାଡ଼ି କଂକ୍ରିଟ ଜଙ୍ଗଲରେ ପାଦଦେଲି।

ଖବରକାଗଜରେ ମୋ ନାଁ ବାହାରିଲା। ବିଭିନ୍ନ ସଭାସମିତିରେ ମୋ ଉଦାହରଣ ଦିଆଗଲା। ନାରୀ ସଶକ୍ତିକରଣ ଧ୍ୱଜାରେ ମୋ ନାଁ ଲେଖାହେଲା। ଅଖ୍ୟାତ ପଲ୍ଲୀର ରେବତୀ ଆଜି ସମାଜ ପାଇଁ ଉଦାହରଣ ପାଲଟିଗଲା।

ଏତେ ସବୁ ପରେ ମଧ୍ୟ ପୁଣି ଜେଜେମା' କହିଲା, 'ଶୁକ୍ରୁରେ... ନିଆଁକୁ ଅଣ୍ଟିରେ ପୁରାନା। ୟେ କ'ଣ ମରଦ ପୁଅ ହେଇଛି ଯେ ତତେ ପୋଷିବ ? ପରଧନକୁ କାଇଁ ଏତେ ସରାଗ କରୁଛୁରେ। ହାତକୁ ଦିହାତ କରିଦେ।'

ମୁଁ କିନ୍ତୁ ବୁଢ଼ୀକୁ ବହୁତ୍ ରାଗିଲି ଆଉ ବୁଝେଇଲି, 'ଦେଖ, ଜେଜେମା', ମୁଁ ଆଜି ସ୍ୱୟଂସମ୍ପୂର୍ଣ୍ଣା। ମୋ ନିଜ ଛବି ମୁଁ ନିଜେ ଆଙ୍କୁଛି। ଅନେକ ବାସୁଦେବ ଆଜି ମୋ ଛାନ୍ଦ ଶୁଣୁଛନ୍ତି।

ପୁରୁଷପ୍ରଧାନ ସମାଜରେ ମୋର ସ୍ଥାନ ଅନନ୍ୟ।'

ବୁଢ଼ୀ କାନ୍ଦେ ଆଉ କହେ,'ମୁଁ ଠିକ୍ ଚିହ୍ନିଛି ତୋର ଏଇ ତଥାକଥିତ ସମାଜକୁ।'

ମୁଁ ଏସବୁ କିଛି ଶୁଣୁ ନଥିଲି, କାହିଁକି ନା ମୁଁ ସଫଳତାର ଶିଡ଼ିରେ ଚଢୁଥିଲି। ହେଲେ କୋଉଠି ଥିଲା କଳାହାଣ୍ଡିଆ ମେଘ ଘୋଟି ଆସିଲା। ସବୁ ଓଲଟପାଲଟ ହେଇଗଲା। ସେଦିନ ଥାଏ ଆନ୍ତର୍ଜାତିକ ମହିଳା ଦିବସ। ସବୁଠି ନାରୀ ସଶକ୍ତିକରଣର ଭାଷଣ। ନାରୀ ସୃଷ୍ଟିର ଆଧାର। ନାରୀ ବିନା ଏ ସଂସାର କଳ୍ପନାତୀତ।

ଏକ ବିରାଟ ସଭାର ଆୟୋଜନ ହୋଇଥାଏ। ମୋତେ ସ୍ୱତନ୍ତ୍ର ନିମନ୍ତ୍ରଣ ମିଳିଥାଏ। ସେତେବେଳେ ଭାରି ଜେଜେମା' କଥା ମନେପଡୁଥାଏ।

'ଦେଖଲୋ ଜେଜେମା', ମୋତେ କେମିତି ସମ୍ମାନ ମିଳୁଛି।'

ଘରୁ ସହରକୁ ଆସିଲାବେଳକୁ ମା' ଗୋଟିଏ ନାଲି କୁମ୍ଭପକା ଶାଢ଼ି ଦେଇଥିଲା। ସେଇଟିକୁ ବାହାରକଲି ସଭାକୁ ପିନ୍ଧି ଯିବାପାଇଁ। ନାଲି ଶାଢ଼ିରେ ନୀଳ ବ୍ଲାଉଜ। ମୋତେ ଭାରି ମାନୁଥିଲା। ଦର୍ପଣରେ ସଜେଇ ହେଲି। ନିଜେ ନିଜେ ଲାଜ କଲି। ତା'ପରେ ନିଜକୁ ନାରୀ ବୋଲି ଭାବି ଗର୍ବ କଲି। ଭଗବାନଙ୍କୁ ଦଣ୍ଡବତ ହୋଇ ଅପେକ୍ଷା କରି ରହିଲି କେତେବେଳେ ଆୟୋଜକ ମୋତେ ନେବା ପାଇଁ ଗାଡ଼ି ପଠେଇବେ। ବାରମ୍ବାର କବାଟ ଖୋଲି ଦେଖୁଥାଏ କେତେବେଳେ ଗାଡ଼ି ଆସିବ। ପୁଣି ଭାବୁଥାଏ ମୋତେ ଯଦି ସେଠି ଭାଷଣ ଦେବାକୁ କହିବେ କ'ଣ କହିବି ? କାଗଜ କଲମରେ ଦି ଧାଡ଼ି ଲେଖିଦେଲି।

'ସମ୍ମାନନୀୟ ଆୟୋଜକମଣ୍ଡଳୀ ଓ ସମାଜର ମାନ୍ୟଗଣ୍ୟ ବ୍ୟକ୍ତିମାନଙ୍କୁ ରେବତୀର ମଥାନତ ପ୍ରଣାମ। ଆପଣମାନେ ମୋତେ ଆଜି ଏତେ ବଡ ସମ୍ମାନର ଅଧିକାରିଣୀ କରିଛନ୍ତି ସେଥିପାଇଁ ମୁଁ ଚିରଋଣୀ। ମୋତେ ଦେଖି ପୁରପଲ୍ଲୀର ଝିଅମାନେ ଘରୁ ଗୋଡ କାଢ଼ନ୍ତୁ ଏବଂ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରନ୍ତୁ।'

ଆଉ କ'ଣ ଲେଖିବି ଭାବୁଛି ଗାଡ଼ିର ହର୍ଣ୍ଣ ଶୁଭିଲା। କାଗଜଟି ମୋଡ଼ିମାଡ଼ି ହାତରେ ଧରିଲି। ଘରୁ ଗୋଡ କାଢ଼ିଲା ବେଳକୁ ବାହାରେ ସୁଲୁସୁଲିଆ ପବନ ଦେଉଥିଲା।

ଆକାଶରେ ମେଘଭର୍ତ୍ତି ବାଦଲ। ନିଶ୍ଚୟ ବର୍ଷା ହେବ ଆଜି। ତଥାପି ମୁଁ ବାହାରକୁ ବାହାରି ପଡ଼ିଲି। ଛତା ନେଲିନି। ମନେ ପଡୁଥିଲା ପିଲାଦିନେ ଛତା ନନେଇ ସ୍କୁଲ୍‌କୁ ଯିବାର ଆନନ୍ଦ। ଆଜି ପୁଣି ଥରେ ମୁଁ.....

ଆଜି ପୁଣି ଥରେ ମୁଁ ପିଲାଦିନ ପରି ଭିଜିବି.. ହସିବି.. ନାଚିବି.. ମୁଁ ଆଜି ସ୍ୱାଧୀନ.. ମୁଁ ଅନନ୍ୟା...

ଛତା ନନେଇ ଗାଡ଼ି ପାଖକୁ ଗଲି। ଡ୍ରାଇଭର ପିଲାଟିକୁ ପଚାରିଲି..'ଭାଇ, ତମେ କ'ଣ ମୋତେ ନେବାକୁ ଆସିଛ ?'

ପିଲାଟି କିଛି ନକହି ମୁଣ୍ଡ ଟୁଙ୍ଗାରିଦେଲା। ମୁଁ ଖୁସି ହୋଇ ଗାଡ଼ିରେ ବସିଲି। ମୁଁ ପରା ସ୍ୱୟଂସମ୍ପୂର୍ଣ୍ଣା। ଡରିବି କାହିଁକି ?

କିଛି ବାଟ ଗଲାପରେ ମନକୁ ପାପ ଛୁଇଁଲା ଯେ ମୁଁ ଠିକ୍ ବାଟରେ ଯାଉଛି ତ ?

ପଚାରିଲି, 'ଭାଇ, ଆମେ କଣ କିଲ୍ଲାପଡ଼ିଆରେ ହେଉଥିବା ନାରୀ ସଶକ୍ତିକରଣ ସଭାମଞ୍ଚ ପାଖକୁ ଯାଉଛେ ?'

ପିଲାଟି ହଠାତ୍ ଗାଡ଼ି ଅଟକେଇ ଦେଇ ଟିକେ ହସି ଦେଲା। ମୋତେ ଭାରି ଅଡୁଆ ଲାଗୁଥାଏ।

ହଠାତ୍ କାର୍‌ର ଡୋର୍ ଖୋଲି ତିନିଜଣ ନିଶାସକ୍ତ ଯୁବକ ଗାଡ଼ି ଭିତରେ ବସି ପଡିଲେ। ମୁଁ କିଛି ବୁଝି ପାରୁନଥାଏ। ରାସ୍ତାକଡର ବିଜୁଳି ଖୁଣ୍ଟ ଆଲୁଅରେ ସେଇ ପିଲାମାନଙ୍କ ମୁହଁ ଝାପ୍‌ସା ଦିଶିଗଲା। ଆରେ... ଏମାନଙ୍କୁ ତ ମୁଁ ଚିହ୍ନିଛି।

ଯୋଉଦିନ ସରକାର ମୋତେ ପ୍ରଥମ କରି ଆଦିବାସୀ ଝିଅର କୃତିତ୍ୱ ପାଇଁ ସହାୟତା ରାଶି ଦେଇଥିଲେ ଏଇ ପିଲାମାନେ ପରା ସେଦିନ ମଞ୍ଚରେ କର୍ମକର୍ତ୍ତା ଥିଲେ।

ଏତେ କଥା ଭାବିବା ଭିତରେ ମୋତେ ସଭାମଞ୍ଚର ଆଲୋକସଜ୍ଜା ଦେଖାଗଲା। କିନ୍ତୁ ସେଇ ଜାଗାରେ ପହଞ୍ଚିବା ପୂର୍ବରୁ ଗାଡ଼ିର ଷ୍ଟାର୍ଟ ବନ୍ଦ୍ ହେଇଗଲା। ସେତେବେଳକୁ ଝିପ୍‌ଝିପ୍ ବର୍ଷା ପକେଇବା ଆରମ୍ଭ ହେଇଯାଇଥିଲା।

ଚାରି ଚାରିଟା ବଳିଷ୍ଠ ହାତ ମୋ ଆଡ଼କୁ ମାଡ଼ି ଆସିଲା। ଭୟରେ ଚିତ୍କାର କରି ଉଠିଲି। ହେଲେ ମୋ ଡାକ ଶୁଣିବାକୁ କେହି ସେଠି ନଥିଲେ। ହାତଯୋଡି କାକୁତି ମିନତି ହେଲି। କେତେ ଠାକୁରଙ୍କୁ ଡାକିଲି। କିଛି ଲାଭ ହେଲାନି।

ଖଣ୍ଡିଉଡ଼ା ଦେଉଥିବା ନିରୀହ ଚଢ଼େଇଟାକୁ ଚିଲମାନେ ଖିନ୍‌ଭିନ୍ କରି ଭିଣି ନେଲେ।

ମା' ଦେଇଥିବା ନାଲି ଶାଢ଼ିରେ ନାଲି ରକ୍ତର ଛିଟା ମିଶିଗଲା। ଆଖି ଲୁହରେ ବର୍ଷା ପାଣି ମିଶି ଏକାକାର ହେଇଗଲା। ନିର୍ଦ୍ଦୟ ବିଭତ୍ସ ପଶୁ ପାପୀଗୁଡା ଶେଷ ରକ୍ତବିନ୍ଦୁ ଥିବା ଯାଏଁ ଶୋଷଣ କରି ଫୋପାଡି ଦେଇ ଚାଲିଗଲେ। ଯନ୍ତ୍ରଣାରେ ଶୋଷରେ ମୋର ତଣ୍ଟି ଶୁଖି ଯାଉଥାଏ।

ବାପା କଥା ମନେ ପଡୁଥାଏ। 'ବାପା....ତମ ଲକ୍ଷ୍ମୀକୁ ବଞ୍ଚାଅ.. ମୁଁ ଆଉ ବଞ୍ଚିବିନି ବାପା... ଜେଜେମା'ର କଥା ସତ ହେଇଗଲା ବାପା..'

... ଏମିତି ଛଟପଟ ହୋଇ ମୁଁ ମରିଗଲି।

ସେପଟୁ ମାଇକ୍‌ରେ ଶୁଭୁଥିଲା ... ନାରୀ ଦୁର୍ଗାଙ୍କ ସ୍ୱରୂପ।

ମୁଁ ତ ମରିଗଲି... ଦୁର୍ଗା କେମିତି ହେଲି ?

ଦୁର୍ଗାମାନେ କ'ଣ ଏମିତି ମରନ୍ତି ?

ହିଁ ଆଜ୍ଞା.... ଏଇ ଅତ୍ୟାଧୁନିକ ସମାଜରେ ଦୁର୍ଗାମାନେ ଏମିତି ମରନ୍ତି.. କୋଉଠି ଯୌତୁକର ଜୁଇରେ ତ ଆଉ କେଉଁଠି କାମନାର ଶିକାରରେ।

ବୁଢୀମା' କହିଲା ପରି, 'ହଇଜା ମହାମାରୀ ଠାରୁ ଏ ରୋଗ ଆହୁରି ଭୟଙ୍କର।'

ରାତି ପାହିଲା। ରାଜନେତାମାନେ ଶୋକସଭା କଲେ। ମୋର ଫଟୋ ପୁଣି ଖବରକାଗଜରେ ବାହାରିଲା। ମହମବତି ଜଳେଇ ଲୋକମାନେ ଶୋଭାଯାତ୍ରା କଲେ। ହେଲେ.... ମୋ ବାପଟା ମୂକ ହେଇଗଲା। ମା' ବିଛଣା ଧରିଲା, ଜେଜେମା' ଚାଲିଗଲା।

ଭାବୁଛନ୍ତି କି ମୁଁ ନ୍ୟାୟ ଭିକ୍ଷା କରିବି ? ଜମା ନୁହେଁ। ମୋତେ କିଏ ନ୍ୟାୟ ଦେବ ? ଘରଡ଼ିଙ୍କି ତ କୁମ୍ଭୀର। ଯିଏ ନିଜେ ଖୁନୀ ଆସାମୀ ତା'ଠୁ କି ଆଶା ?

ଧିକ୍‌ରେ ତଥାକଥିତ ଆଧୁନିକ ସମାଜ... ଧିକ୍ ତୋର ପାରିଲାପଣିଆ।

ମୋ ପରି କେତେ ନିର୍ଭୟା, କେତେ ବେବିନା, ପରୀ, ଇତିଶ୍ରୀ ଏମିତି ଯନ୍ତ୍ରଣାରେ ଛଟପଟ ହେଇଥିବେ। ଛିଃ, କି ବିକୃତ ମାନସିକତା।

ଯିଏ ନିଜେ ଜଳି ଅନ୍ୟକୁ ଆଲୋକ ଦେଉଛି ତାକୁ ସୁରକ୍ଷା, ସମ୍ମାନ ଦେଇ ପାରୁନୁ ?

**ସ୍ନିଗ୍ଧା ସାହୁ, ସିଡିଏ, କଟକ**

ନିତିଦିନ NITIDIN

## ବିଶ୍ୱଶାନ୍ତି ରୁଦ୍ର ମହାଯଜ୍ଞ

**ଖଣ୍ଡପଡ଼ା,୧।୩/ଏନ୍‌ଏନ୍‌ଏସ୍:** ଖଣ୍ଡପଡା ବ୍ଲକର ରୟତି ଡୋଲମରା ପଞ୍ଚାୟତ ଅଧିନ ମଇଁଷିବିନ୍ଧା ଗ୍ରାମସ୍ଥିତ କର୍ପୁରେଝର ଆଶ୍ରମରେ ମହାଶିବରାତ୍ରୀ ଠାରୁ ଆରମ୍ଭ ହୋଇଥିବା ବିଶ୍ୱଶାନ୍ତି ରୁଦ୍ର ମହାଯଜ୍ଞ ପୂର୍ଣ୍ଣାହୁତି ଉତ୍ସବ ସହ ଉଦ୍‌ଯାପିତ ହୋଇଯାଇଛି । ପୂର୍ଣ୍ଣାହୁତି ଉତ୍ସବରେ ଆଖ ପାଖ ଅଞ୍ଚଳରୁ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା । ସନ୍ଥ ସେବକ କାଳନ୍ଦୀ ଚରଣ ମହାରାଜଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ସମସ୍ତ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । ରୁଦ୍ର ମହାଯଜ୍ଞ କାର୍ଯ୍ୟକ୍ରମରେ ସ୍ଥାନୀୟ ଗ୍ରାମବାସୀ ସକ୍ରୀୟ ସହଯୋଗ କରିଥିଲେ ।



# କୋଣାର୍କରେ ଘୁଷୁରୀ ମଡ଼କ: ୨ ମାସରେ ୮ହଜାରୁ ଊର୍ଦ୍ଧ୍ୱ ମୃତ

**କୋଣାର୍କ,୧।୩/ଏନ୍‌ଏନ୍‌ଏସ୍:** କୋଣାର୍କ ଏନଏସି ୧୧ନଂ ୱାର୍ଡ ନଳକଣ ଗ୍ରାମ କେଳାସାହିରେ ଗତ ୨ମାସ ମଧ୍ୟରେ ପ୍ରାୟ ୮ହଜାରରୁ ଊର୍ଦ୍ଧ୍ୱ ଘୁଷୁରୀ ଏକ ଅଚିହ୍ନା ରୋଗରେ ପୀଡିତ ହୋଇ ମରିଯାଉଥିବା ଚାଞ୍ଚଲ୍ୟକର ଖବର ମିଳିଛି । ସୂଚନାଥାଉ କି କୋଣାର୍କ ଏନଏସିର ୧୧ନଂ ୱାର୍ଡରେ ଥିବା କେଳାସାହି ଲୋକମାନେ ନିଜର ଜାତି ପରମ୍ପରାକୁ ବଜାଇ ରଖି କାହିଁ କେଉଁ ପୂର୍ବପୁରୁଷ ପିଢିରୁ ଚାଲିଆସିଥିବା ଘୁଷୁରୀ ପାଳନ କରି ନିଜର ପରିବାର ପ୍ରତିପୋଷଣ କରିଆସୁଛନ୍ତି ।



ନଳକଣ କେଳାସାହିରେ ସମୁଦାୟ ୫୬ଗୋଟି ପରିବାର ମଧ୍ୟରୁ ୩୦ରୁ ଊର୍ଦ୍ଧ୍ୱ ପରିବାର ଏହି କୌଳିକ ଘୁଷୁରୀ ପାଳନ କରି ନିଜର ପରିବାର ଚଳାଇଥାନ୍ତି । ମାତ୍ର ଅଚାନକ ଏହି କେଳାସାହିରେ ଘୁଷୁରୀମାନଙ୍କୁ ଏକ ଅଜଣା ରୋଗ ଧରି ପ୍ରାୟ ୮ ହଜାର ରୁ ଊର୍ଦ୍ଧ୍ୱ ଘୁଷୁରୀ ମରି ସମ୍ପୂର୍ଣ୍ଣ କେଳାସାହିଟି ଏବେ ଘୁଷୁରୀ ଶୂନ୍ୟ ହୋଇଯାଇଥିବା ଦେଖିବାକୁ ମିଳିଛି । ଏହି ରୋଗରେ ପୀଡ଼ିତ ଘୁଷୁରୀ ହଠାତ ନିଜର ଖାଦ୍ୟ ନଳୀରେ ଖାଦ୍ୟ ନଯିବାରୁ କିଛି ଖାଇ ନପାରି ଉପାସ ପଡ଼ିରୁହନ୍ତି । ପଶୁ ଡାକ୍ତରଙ୍କ ପରାମର୍ଶ କ୍ରମେ ଯେତେ ପ୍ରକାର ଔଷଧ ଦେବା ପରେ ବି ଏମାନେ ସୁସ୍ଥ ହୋଇ ନପାରି ୩ଦିନ ପରେ ଏହି ଅଜଣା ରୋଗରେ ଏମାନଙ୍କର ମୃତ୍ୟୁ ହୋଇଯାଉଛି । ଏପରି ସମସ୍ତ ଚେଷ୍ଟା ସତ୍ତ୍ୱେ କେଳାସାହିର ୩୦ରୁ ଊର୍ଦ୍ଧ୍ୱ ପରିବାରର ୮ହଜାରରୁ ଊର୍ଦ୍ଧ୍ୱ ଘୁଷୁରୀ ପର୍ଯ୍ୟାୟକ୍ରମେ ମରି ଏବେ ଘୁଷୁରୀ ଆଡ୍ଡାଗୁଡିକ ସମ୍ପୂର୍ଣ୍ଣ ଖାଲି ପଡ଼ିରହିଛି । ଅନେକ ଛୁଆଠାରୁ ବଡ଼ଘୁଷୁରୀ ବୁଲୁଥିଲା ବେଳେ ହଠାତ ନଈ ଭିତରେ, ବାଟରେ ଚାଲୁଚାଲୁ ପଡି ମରୁଛନ୍ତି ତ, ଆଉ କେତେକ ଅମୁରୀବଣରେ ମରି ପଡ଼ିଛନ୍ତି । କେଳାସାହିର ଏହି ଗରିବ ଘୁଷୁରୀ ଚାଷୀ ବିଭିନ୍ନ ବ୍ୟାଙ୍କ ଓ ମହିଳା ଗ୍ରୁପ୍‌ରୁ ଲକ୍ଷାଧିକ ଟଙ୍କା ଋଣ ଆଣି ଚାଷ କରି ବ୍ୟାଙ୍କ ଋଣ ଦେବା ସହ ନିଜର ପରିବାର ଚଳାଇଥାନ୍ତି । ମାତ୍ର ଘୁଷୁରୀ ମଡ଼କରେ ନିଜର ସମସ୍ତ ଘୁଷୁରୀକୁ ହରାଇ ଏବେ ଚାଷୀମାନେ ଋଣ ଶୁଝି ନପାରି ନିଜ ପରିବାର ଚଳାଇବାରେ ସଂଘର୍ଷ ଚଳାଇଛନ୍ତି ।

ଏ ନେଇ ଗରିବ ଘୁଷୁରୀ ଚାଷୀମାନେ ମୁଣ୍ଡରେ ହାତଦେଇ କାନ୍ଦୁଥିବା ହୃଦୟ ବିଦାରକ ଦୃଶ୍ୟ କେଳା ସାହିରେ ଦେଖିବାକୁ ମିଳିଛି । ସୂଚନା ମୁତାବକ କେଳାସାହିର ଗତ ଏକ ମାସ ମଧ୍ୟରେ ବାବୁଲା ଦାଶଙ୍କ ୧୩୦ଟି, ଶିବା ଦାଶଙ୍କ ୬୦ଟି, ପ୍ରଫୁଲ ଦାଶ ୨୦ଟି, କହ୍ନେଇ ଦାସ ୪୦ଟି, ସୁବାସ ଦାଶ ୧୦ଟି, ଶଙ୍କର ଦାସ ୩୦ଟି, କ୍ଷେତ୍ରମୋହନ ଦାସ ୩୦ଟି, କୃଷ୍ଣ ଦାସ୨୦୦ଟି, କାଳିଆ ଦାସ ୪୦ଟି, ଚୈତ୍ୟନ ଦାସ ୪୫ଟି, ନବ ଦାସ ୬୦ଟି, ରାମ ଦାଶ ୬୫ଟି ଓ କୁସା ଦାସଙ୍କ ୭୦ଟି ବଡ଼ ଓ ଛୁଆ ଘୁଷୁରୀ ମରିଯାଇଥିବା ସେମାନେ ପ୍ରକାଶ କରିଛନ୍ତି । ତୁରନ୍ତ ଜିଲ୍ଲା ପ୍ରଶାସନ ଏହି ଘୁଷୁରୀ ମଡ଼କର କାରଣ ଖୋଜିବା ପାଇଁ ଏକ ସ୍ୱତନ୍ତ୍ର ମେଡିକାଲ ଟିମ୍ ପଠାଇବା ସହିତ ଗରିବ ଘୁଷୁରୀ ଚାଷୀଙ୍କୁ ସରକାରୀ ସହାୟତା ତୁରନ୍ତ ଯୋଗାଇଦେବାକୁ ସାଧାରଣରେ ଦାବି ହୋଇଛି ।

## ଏମ୍‌ବିକେ ଓ ସମ୍ପାଦିକାଙ୍କ ନାମରେ ଥାନାରେ ମାମଲା

**କିଶନନଗର,୧।୩/ଏନ୍‌ଏନ୍‌ଏସ୍:** ପୂର୍ବ ସରକାର ହଟିବା ପରେ ଧୀରେ ଧୀରେ ମିଶନଶକ୍ତିରେ ହୋଇଥିବା ଅନିୟମିତତା ପଦାକୁ ଆସିବା ସହ ଥାନାରେ ପହଞ୍ଚିଲାଣି । ଏଭଳି ଘଟଣା କଟକ ଜିଲ୍ଲାର କଟକ ସଦର ବ୍ଲକ ଅନ୍ତର୍ଗତ କନ୍ଦରପୁର ପଞ୍ଚାୟତର ଏସ୍‌ଏଚ୍‌ଜି ଗ୍ରୁପ୍‌ର ଏମ୍‌ବିକେ ଏବଂ ସମ୍ପାଦିକାଙ୍କ ନାମରେ ଥାନାରେ ମାମଲା ରୁଜୁ ହେବା ପରେ ପଦାକୁ ଆସିଛି । ଘଟଣାରୁ ପ୍ରକାଶ କନ୍ଦରପୁର ପଞ୍ଚାୟତର ଅଲାରପୁର ଗ୍ରାମର ଅସିତ ରଞ୍ଜନ ଜେନା ଗୋଟିଏ କୁକୁଡ଼ା ଫାର୍ମ କରିବା ସହ ବିଭିନ୍ନ ପ୍ରକାରର ଚାଷ କରନ୍ତି । ବିଜେଡି ସରକାର ସମୟରେ ପିଜି ଗ୍ରୁପ୍‌ର ମେମ୍ବର ହୋଇ ସରକାର ଠାରୁ ଆର୍ଥିକ ସାହାଯ୍ୟ ପାଇଥିଲେ । କନ୍ଦରପୁର ଏମ୍ ବିକେ ଏହି ଅର୍ଥକୁ ଠିକ ଭାବେ ପ୍ରଦାନ ନ କରିବାରୁ ଅସିତ ପିଜି ଗ୍ରୁପ୍‌ରେ ହିସାବ ମାଗିବାରୁ ଏମ୍‌ବିକେ, ସସ୍ମିତା ହାତୀ, ସମ୍ପାଦିକା ବାସନ୍ତୀ ଓଝା ଅସିତ ଘରେ ନଥିବା ସମୟରେ ଘରକୁ ଆସି ଅସିତଙ୍କ ବାପା ଏବଂ ପରିବାର ସଦସ୍ୟଙ୍କୁ ଧମକ ଚମକ ଦେଇ ତୁମ ପୁଅକୁ ରାସ୍ତାରୁ ହଟାଇ ଦିଆଯିବ ବୋଲି ଧମକ ଦେଇଥିଲେ । ଅସିତ ଏ ନେଇ କନ୍ଦରପୁର ଥାନାରେ ଅଭିଯୋଗ କରିବା ପରେ କନ୍ଦରପୁର ପୁଲିସ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଥିବା ଜଣାପଡ଼ିଛି । ଏ ସମ୍ବନ୍ଧରେ ଏମ୍‌ବିକେଙ୍କ କହିବା କଥା ଆମେ ଅସିତଙ୍କ ନାମରେ ଥାନାରେ ଅଭିଯୋଗ କଲାପରେ ମତାମତ ଦେବୁ । ଅନ୍ୟପଟେ କନ୍ଦରପୁର ମିଶନଶକ୍ତିର ସଭାପତିଙ୍କ କହିବା କଥା ମୋ'ଠାରୁ ଜୋର୍ ଜବରଦସ୍ତ ଖାତା ଓ ସିଲ୍ ଏମ୍‌ବିକେ ନେଇଯାଇଛନ୍ତି । ମୁଁ ନାମକୁ ମାତ୍ର ସଭାପତି । ସଠିକ୍ ତଦନ୍ତ ହେଲେ କନ୍ଦରପୁର ମିଶନଶକ୍ତିରେ ହୋଇଥିବା କେଲେଙ୍କାରୀର ଗୁମର ଫିଟିବ ବୋଲି କହିଛନ୍ତି । ଅନ୍ୟପଟେ ମାମଲାରୁ ବଞ୍ଚିବା ପାଇଁ ଆଜି ଏମ୍‌ବିକେ ବୈଠକ ଡକାଇଥିଲେ । ବୈଠକରେ ତୁମୁଳକାଣ୍ଡ ଘଟି ଇସି ମେମ୍ବର ସରୋଜନୀ ମହାପାତ୍ର ଗୁରୁତର ହୋଇ ଥାନାରେ ଅଭିଯୋଗ କରୁଥିବା ଅବସ୍ଥାରେ ବେହୋସ ହୋଇଯିବାରୁ ତାଙ୍କୁ କନ୍ଦରପୁର ପୁଲିସ ପିସିଆର୍‌ରେ ହସ୍ପିଟାଲ ନେଇଥିଲେ । କନ୍ଦରପୁର ମିଶନଶକ୍ତି ଆର୍ଥିକ ହେର୍‌ଫେର୍ ଘଟଣାର ତଦନ୍ତ କରାନଗଲେ ଆଗକୁ ପରିସ୍ଥିତି ଅଣାୟତ୍ତ ହେବ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି ।

## ଓଡ଼ଗାଁରେ ପୁଣି ଦୁଇ ଘରୁ ଚୋରି

**ଓଡ଼ଗାଁ,୧।୩/ଏନ୍‌ଏନ୍‌ଏସ୍:** ଓଡ଼ଗାଁ ଆଦର୍ଶ ଥାନା ଓ ଶରଣକୁଳ ଥାନା ଅଞ୍ଚଳରେ ଚୋର ମାନେ ପୁଲିସର ନିଦ ହଜେଇ ଦେଇଛନ୍ତି । ଦୁଇଦିନ ତଳେ ଶରଣକୁଳ ଥାନା ଅଞ୍ଚଳରୁ ପାଖାପାଖି ୬୦ଲକ୍ଷ ଟଙ୍କାର ସୁନା ଗହଣା ଓ ନଗଦ ଟଙ୍କା ଚୋରିକରି ନେଇଥିବା ବେଳେ ଶୁକ୍ରବାର ରାତିରେ ଓଡ଼ଗାଁ ଥାନା ପାଣ୍ଡେରିପଡ଼ା ଗ୍ରାମର ଦୁଇଟିଘରୁ ଚୋରି ହୋଇଥିବା ଜଣାପଡ଼ିଛି । ସୂଚନା ଅନୁଯାୟୀ ପାଣ୍ଡେରିପଡ଼ା ଗ୍ରାମର ଜଗନ୍ନାଥ ପ୍ରଧାନ ଅସ୍ଥି ବିସର୍ଜନ କରିବାକୁ ଓଡ଼ିଶା ବାହାରକୁ ଯାଇଥିବାର ସୁଯୋଗନେଇ ଚୋରମାନେ ତାଙ୍କ ଘରେପଶି ଚୋରି କରିଛନ୍ତି । ତାଙ୍କ ଘର କବାଟ ଭାଙ୍ଗିଥିବାବେଳେ ଘରର ଆସବାବପତ୍ର ବାହାରେ ଆସି ପଡ଼ିଥିବା ଜଣାପଡ଼ିଛି । ତେବେ ଘରୁ କ'ଣ ଚୋରି ହୋଇଛି ତାହା ଜଣାପଡ଼ିନାହିଁ । ସେହିଭଳି ସେହି ରାତିରେ ଗାଁର ସୁରଥ ଗୌଡ଼ଙ୍କ ପରିବାର ଲୋକେ ଘରେ ଖାଇସାରି ଶୋଇପଡ଼ିବାପରେ ଚୋରମାନେ ବାରିପଟୁ କବାଟଭାଙ୍ଗି ଆଲମିରାରେ ଥିବା ସୁନା ମୁଦି ୨ଟି, ସୁନା ଚେନ ଗୋଟିଏ ଏବଂ ଅନ୍ୟାନ୍ୟ ଜିନିଷ ନେଇ ଚାଲିଯାଇଥିଲେ । ଗତ କିଛିଦିନ ଧରି ବିଭିନ୍ନ ସ୍ଥାନରେ ଚୋରି ପୁଲିସର ନିଦ ହଜେଇଦେଇଛି । ଏଥିରେ ଏକ ବଡ଼ଗ୍ୟାଙ୍ଗ କାମ କରୁଥିବା ଅନୁମାନ କରାଯାଉଛି । ପୁଲିସ କେବେ ଚୋରମାନଙ୍କୁ ଧରି କାର୍ଯ୍ୟାନୁଷ୍ଠାନ ନେଉଛି ତାହା ଦେଖିବାକୁ ବାକିରହିଛି ।




## କାର୍-ବୁଲେଟ୍ ଧକ୍କା, ଯୁବକ ଗୁରୁତର

**କୋଣାର୍କ,୧।୩/ଏନ୍‌ଏନ୍‌ଏସ୍:** ଚନ୍ଦ୍ରଭାଗା ମେରାଇନ୍ ଥାନା ଅଧୀନ କୋଣାର୍କ-ପୁରୀ ବେଳାମାର୍ଗ ଟିକିନା ଗ୍ରାମ ରାଧାକୃଷ୍ଣ ମନ୍ଦିର ସମ୍ମୁଖ ମୁଖ୍ୟରାସ୍ତାରେ ଏକ କାର୍ ସହିତ ବୁଲେଟର ସାମ୍ନାସାମ୍ନି ଧକ୍କା ହେବା ଫଳରେ ବୁଲେଟ ଆରୋହି ଯୁବକ ଜଣକ ଗୁରୁତ୍ୱ ଭାବେ ଆହତ ହୋଇ ପୁରୀ ମୁଖ୍ୟ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଜଣାପଡିଛି । ସୂଚନାଥାଉ କି ପୁରୀ-କୋଣାର୍କ ବେଳାମାର୍ଗ ଟିକିନା ଗ୍ରାମ ନିକଟ ରାଧାକୃଷ୍ଣ ମନ୍ଦିର ସମ୍ମୁଖ ମୁଖ୍ୟରାସ୍ତାରେ ପୁରୀ ଆଡୁ ଦ୍ରୁତଗତିରେ ଏକ ମାରୁତି କାର କୋଣାର୍କ ଅଭିମୁଖେ ଆସୁଥିଲା ବେଳେ କୋଣାର୍କରୁ ଏକ ବୁଲେଟକୁ ସମ୍ମୁଖରୁ ପିଟିଦେବାରୁ ବୁଲେଟ ଆରୋହୀ ଜଣକ ଗାଡି ସହ ରାସ୍ତାରେ ଛିଟିକିପଡ଼ି ଗୁରୁତର ହୋଇଥିଲେ । ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ମେରାଇନ୍ ଥାନାଧିକାରୀ ପ୍ରତିମା ସାହୁ ଘଟଣାସ୍ଥଳରେ ପହଞ୍ଚି ଆହତ ଯୁବକଙ୍କୁ ପୁରୀ ମୁଖ୍ୟ ମେଡ଼ିକାଲ ପଠାଇବା ସହ ଗାଡ଼ି ଦୁଇଟିକୁ ଜବତ କରିଥିଲେ ।

## ୧୧ ମାଟ୍ରିକ୍ ପରୀକ୍ଷାର୍ଥୀ ଅନୁପସ୍ଥିତ

**ଖଣ୍ଡପଡ଼ା,୧।୩/ଏନ୍‌ଏନ୍‌ଏସ୍:** ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷାର ୪ର୍ଥ ଦିବସରେ ଖଣ୍ଡପଡା ରାମଚନ୍ଦ୍ର ଉଚ୍ଚବିଦ୍ୟାଳୟ ନୋଡାଲ କେନ୍ଦ୍ର ଅଧିନସ୍ଥ ୧୧ଟି ପରୀକ୍ଷା କେନ୍ଦ୍ରରେ ଶାନ୍ତି ଶୃଙ୍ଖଳାର ସହ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି । କଡା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ଛାତ୍ର ଛାତ୍ରୀମାନେ ବିଜ୍ଞାନ ପରୀକ୍ଷା ଦେଇଛନ୍ତି । ଖଣ୍ଡପଡା ବ୍ଲକ ଅଧିନ କୋସକା ଆଂଚଳିକ ଉଚ୍ଚ ବିଦ୍ୟାଳୟ, ନୀଳମାଧବ ନୋଡାଲ ବିଦ୍ୟାପୀଠ କଂଟିଲୋ ଓ ବନମାଳୀପୁର ଉଚ୍ଚବିଦ୍ୟାଳୟ, ରାମଚନ୍ଦ୍ରପୁର ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ଜଣେ ଲେଖାଁଏ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିବା ବେଳେ ଖଣ୍ଡପଡା ନୋଡାଲ କେନ୍ଦ୍ର ଅଧିନରେ ଥିବା ଭାପୁର ବ୍ଲକ ବଳଦିଆ ନୂଆଗାଁ ଉଚ୍ଚବିଦ୍ୟାଳୟ କେନ୍ଦ୍ରରେ ୫ଜଣ ଓ ଶିଖରପୁର ଉଚ୍ଚ ବିଦ୍ୟାଳୟ କେନ୍ଦ୍ରରେ ୨ଜଣ ଏହିପରି ସର୍ବମୋଟ ୧୧ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିବା ନୋଡାଲ କେନ୍ଦ୍ରର ଅଧୀକ୍ଷକ ଲିପ୍ସା ନନ୍ଦଙ୍କଠାରୁ ପ୍ରକାଶ ।

### ୨ଲକ୍ଷ ଟଙ୍କାର କାମକୁ ନେଇ ଜିଲ୍ଲାପରିଷଦ ବୈଠକରେ ହୋ ହଲ୍ଲା

## ଗାନ୍ଧୀମୂର୍ତ୍ତି ଆଗରେ ସଭ୍ୟଙ୍କ ଧାରଣା

**ଓଡ଼ଗାଁ,୧।୩/ଏନ୍‌ଏନ୍‌ଏସ୍:** ଗତକାଲି ନୟାଗଡ଼ ଜିଲ୍ଲା ପରିଷଦ ବୈଠକରେ ୨ଲକ୍ଷର କାମକୁ ନେଇ ହୋହାଲ୍ଲା ଦେଖିବାକୁ ମିଳିଛି । ଜିଲ୍ଲାପରିଷଦ ସଭ୍ୟମାନେ ବୈଠକ ଛାଡ଼ି ବାହାରେ ଥିବା ଗାନ୍ଧୀ ମୂର୍ତ୍ତି ଆଗରେ ଧାରଣା ଦେଇଥିବା ଭଳି ଘଟଣା ଏବେ ସାରା ଜିଲ୍ଲାରେ ଆଲୋଚନାର ବିଷୟ ପାଲଟିଛି । ଜିଲ୍ଲା ପରିଷଦର ୯ମ ସାଧାରଣ ଅଧିବେଶନରେ ଓଡ଼ଗାଁ ବ୍ଲକ୍ ପ୍ରଶାସନର କାର୍ଯ୍ୟକାରୀତାକୁ ନେଇ ପ୍ରଶ୍ନ ଉଠିଥିଲା । ସରକାର ବଦଳିବା ପରେ ବିଜେଡ଼ି ନେତାଙ୍କୁ ପ୍ରଶାସନ ଅଣଦେଖା କରୁଛି ।ଗତ ଏକମାସ ତଳେ ଜିଲ୍ଲା ପରିଷଦ ସଭ୍ୟମାନଙ୍କୁ ଏକ ପ୍ରେଜେକ୍ଟ ଦେବାକୁ ଜିଲ୍ଲା ପ୍ରଶାସନ ନିଷ୍ପତି ନେବାପରେ ସମସ୍ତ ଜୋନ୍‌ର ଜିଲ୍ଲା ପରିଷଦ ସଭ୍ୟମାନେ ଗୋଟିଏ ଲେଖାଏଁ ପ୍ରୋଜେକ୍ଟ ଦେଇଥିଲେ । ଓଡ଼ଗାଁ ବ୍ଲକ୍ ୪ନଂ ଜୋନ୍ ଜିଲ୍ଲା ପରିଷଦସଭ୍ୟା ସଂଯୁକ୍ତା ପଢିଆରୀଙ୍କୁ ବିଡ଼ିଓ ଜିତେନ୍ଦ୍ର କୁମାର ନାୟକ ଓ ସହକାରୀ ଯନ୍ତ୍ରୀ ବାରମ୍ବାର ଫୋନ୍ କରି ପ୍ରୋଜେକ୍ଟ ମାଗିବାପରେ ସେ ଏକ ରାସ୍ତାକାମ ପାଇଁ ନାଁ ଦେଇଥିଲେ । କିଛିଦିନ ପରେ ପ୍ରୋଜେକ୍ଟ ମଞ୍ଜୁର ହୋଇ ଆସିଥିଲା କିନ୍ତୁ କିଛିଲୋକ ସେହି କାମକୁ ଜୋର ଜବରଦସ୍ତ ଆରମ୍ଭ କଲେ । କାମ କିଏ କରୁଛି, କାହା ଇଙ୍ଗିତରେ କାମ କରାଯାଉଛି ଜିଲ୍ଲାପରିଷଦ ସଭ୍ୟା ଶ୍ରୀମତୀ ପଢିଆରି ବିଡ଼ିଓଙ୍କୁ ଫୋନ୍ କରି ପଚାରିଥିଲେ । କିନ୍ତୁ ବିଡ଼ିଓ ଘଟଣା ସଂପର୍କରେ ବୁଝିବେ କହି ଆଉ ଫୋନ୍ ଉଠାଇନଥିଲେ । ଚାହୁଁ ଚାହୁଁ କାମଶେଷ ହୋଇଥିଲା । ଜିଲ୍ଲାପରିଷଦ ସଭ୍ୟାଙ୍କ କହିବାକଥା ଆମକୁ ପ୍ରୋଜେକ୍ଟ ମାଗି କାହିଁକି ଅସମ୍ମାନ କରାଗଲା । କିଏସେହି କରିତକର୍ମା ଯାହା ବୋଲରେ ପ୍ରଶାସନ ଉଠବସ ହେଉଛି । ଜଣେ ଲୋକ ପ୍ରତିନିଧିଙ୍କୁ ଅଣଦେଖା କରିବା ପଛରେ ପ୍ରଶାସନର ହାତନାହିଁ ତ ଏମିତିକହି ଅସନ୍ତୋଷ ଝାଡ଼ିଛନ୍ତି ଜିଲ୍ଲାପରିଷଦ ସଭ୍ୟା । ବଡ଼କଥା ହେଉଛି ବ୍ଲକ୍ ପ୍ରଶାସନର ଅନୁପସ୍ଥିତିରେ ୨ଲକ୍ଷ ଟଙ୍କାର କାମ ସଂପୂର୍ଣ୍ଣ ହେଲା କିପରି ? ତାର ବିଲ୍ କିଭଳି ହେବ ଓ ସ୍ୱର ଉଠାଇବା କ'ଣ ମନା ବୋଲି ସେ ପ୍ରଶ୍ନ ଉଠାଇଛନ୍ତି । ଗତକାଲି ଜିଲ୍ଲାପରିଷଦ ବୈଠକରେ ଜିଲ୍ଲାପରିଷଦ ସଭ୍ୟା ଏହି ପ୍ରସଙ୍ଗ ଉଠାଇବା ପରେ ବିଡ଼ିଓ ପରବର୍ତ୍ତୀ ସମୟରେ ଆଉ ଏକ କାମ ଦିଆଯିବ ବୋଲି କହି ଖସିବାକୁ ବସିଥିଲେ । କିନ୍ତୁ ଜିଲ୍ଲା ପରିଷଦ ସଭ୍ୟାଙ୍କୁ ସନ୍ତୋଷ ଜନକ ଉତ୍ତର ନମିଳିବା ଓ ବିଡ଼ିଓ ପିଲାଳିଆମି ଭଳି କଥା କହିଥିବାରୁ ସେ କକ୍ଷତ୍ୟାଗ କରି ଗାନ୍ଧୀ ମୂର୍ତ୍ତି ଆଗରେ ଧାରଣା ଦେଇଥିଲେ । ତାଙ୍କ ସହିତ ଅନ୍ୟ ଜିଲ୍ଲାପରିଷଦ ସଭ୍ୟମାନେ ଧାରଣାରେ ବସି ଅନ୍ୟାୟ ବିରୋଧରେ ନାରାବାଜୀ କରିଥିଲେ । ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରାୱାଲ ଓ ଜିଲ୍ଲାପରିଷଦ ଉନ୍ନୟନ ଅଧିକାରୀ ଲଗ୍ନଜିତ ରାଉତ ପହଞ୍ଚି ବୁଝାସୁଝା କରିବା ପରେ ଧାରଣାରୁ ଉଠିଥିଲେ । ଏଥିରେ ଲୋକ ପ୍ରତିନିଧିମାନଙ୍କ ଭାବମୂର୍ତ୍ତି ନଷ୍ଟ ହେଉଥିବା ଜିଲ୍ଲାପରିଷଦ ସଭ୍ୟା ଶ୍ରୀମତୀ ପଢିଆରୀ କହିଥିଲେ । ବାରମ୍ବାର ଏଭଳି କରାଯାଉଥିବାରୁ ବ୍ଲକ୍‌ର କୌଣସି ବୈଠକରେ ସେ ଯୋଗ ଦେଉନଥିବା କହି ଅସନ୍ତୋଷ ପ୍ରକାଶ କରିଥିଲେ ।



## ବିନାୟକ ଇଂରାଜୀ ମିଡିୟମ୍ ସ୍କୁଲର ବାର୍ଷିକ ଉତ୍ସବ

**ଗୋପ,୧।୩/ଏନ୍‌ଏନ୍‌ଏସ୍:** ଗୋପ ବ୍ଲକ୍ ଅଧିନ ନାଗପୁର ସ୍ଥିତ ବିନାୟକ ଇଂରାଜୀ ମିଡ଼ିୟମ୍ ସ୍କୁଲର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ସଭାପତି ତଥା ଶ୍ରୀପର୍ଣ୍ଣାର ସଂପାଦକ ଉମାକାନ୍ତ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ସଭାପତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶିକ୍ଷାନୁଷ୍ଠାନରେ ପଢୁଥିବା ଛାତ୍ରଛାତ୍ରୀ ମାଟି ସଦୃଶ । ସେମାନଙ୍କୁ ଯେଉଁଭଳି ଭାବେ ଶିକ୍ଷା ଦିଆଯିବ ସେମାନେ ସେଭଳି ଭାବେ ସଫଳତା ପାଇପାରିବେ ବୋଲି ମତବ୍ୟକ୍ତ କରିଥିଲେ । ମୁଖ୍ୟବକ୍ତା ଭାବେ ବାନରସେନାର ସଂପାଦକ ପ୍ରକାଶ ଚନ୍ଦ୍ର ଖଟୋଇ ଯୋଗଦେଇ ଛାତ୍ରଛାତ୍ରୀମାନେ ଶିକ୍ଷାନୁଷ୍ଠାନରୁ ଉତମ ଜ୍ଞାନ ଆହରଣ କରି ଭଲ ମଣିଷ ହେବାକୁ ପରାମର୍ଶ ଦେଇଥିଲେ । କୋଣାର୍କ ଐତିହ୍ୟ ପରିଷଦର ସଂପାଦକ ସଞ୍ଜୟ କୁମାର ବରାଳ, ଶିକ୍ଷାବିତ୍ ରମାକାନ୍ତ ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ । ଅନୁଷ୍ଠାନର ପ୍ରତିଷ୍ଠାତା ତଥା କବୟିତ୍ରୀ ସୁଜାତା ସିହ୍ନା ଅତିଥି ପରିଚୟ, ସ୍ୱାଗତ ଭାଷଣ ଦେଇଥିବାବେଳେ ସଂପାଦକ ଗୌରାଙ୍ଗ ଚରଣ ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ଅନୁଷ୍ଠାନର ଅଧକ୍ଷା ସୁନିତା ଖାଡ଼େଙ୍ଗା ବାର୍ଷିକ ବିବରଣୀ ପାଠ କରିଥିଲେ । ଅନୁଷ୍ଠାନ ପକ୍ଷରୁ ଗବେଷକ ସଞ୍ଜୟ କୁମାର ବରାଳଙ୍କୁ ମନୋରମା ମହାପାତ୍ର ସ୍ମୃତି ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା । ସେହିପରି ସ୍ୱୟଂ ପଣ୍ଡାଙ୍କୁ ଭାଷା ଜ୍ୟୋତି ସମ୍ମାନ, ସାଇ ପ୍ରସାଦ ଦାସଙ୍କୁ ଶିକ୍ଷାଜ୍ୟୋତି ସମ୍ମାନ, ଶ୍ରଦ୍ଧାଞ୍ଜଳି କାହାଳଙ୍କୁ କଳାଜ୍ୟୋତି ସମ୍ମାନ, ସାବିତ୍ରୀ ମହାପାତ୍ରଙ୍କୁ ଛାତ୍ରଜ୍ୟୋତି ସମ୍ମାନ, ପ୍ରଭୁଦତ୍ତ ସାହୁଙ୍କୁ ଭୀମସେନ ସେନାପତି ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିବାବେଳେ ସୋମ୍ୟାଶ୍ରୀ ସାହୁଙ୍କୁ ମଧ ସମ୍ମାନିତ କରାଯାଇଥିଲା । ବିଭିନ୍ନ ପ୍ରତିଯୋଗିତାରେ ବିଶିଷ୍ଟ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । ପରିଶେଷରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ରଙ୍ଗାରଙ୍ଗ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।




## ପ୍ରଧାନଶିକ୍ଷକଙ୍କୁ ଆକ୍ରମଣ ଉଦ୍ୟମ, ଅଭିଯୁକ୍ତ ଗିରଫ

**ବାଲୁଗାଁ,୧।୩/ଏନ୍‌ଏନ୍‌ଏସ୍:** ବାଲୁଗାଁ ଥାନା ଅନ୍ତର୍ଗତ ଆଙ୍କୁଲାଚଟି ଗ୍ରାମ ସ୍ଥିତ ପଞ୍ଚୁପଲ୍ଲୀ ସୋମନାଥ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ମନମୁଖୀ କାର୍ଯ୍ୟକୁ ବିରୋଧ କରି ଦୁର୍ବ୍ୟବହାର କରିବା ସହ ଧମକଚମକ ଓ ଆକ୍ରମଣ ଉଦ୍ୟମ ଅଭିଯୋଗ କ୍ରମେ ପୁଲିସ ସମ୍ପୃକ୍ତ ଅଭିଯୁକ୍ତକୁ ଗିରଫ କରିଛି । ଗିରଫ ବ୍ୟକ୍ତି ହେଲେ ଆଙ୍କୁଲା ଗ୍ରାମର ସୁକାନ୍ତ କୁମାର ଜେନା(୩୫) । ଘଟଣାରୁ ପ୍ରକାଶ, ଆଙ୍କୁଲାଚଟି ଗ୍ରାମସ୍ଥିତ ପଞ୍ଚୁପଲ୍ଲୀ ସୋମନାଥ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଜୟ କୁମାର ପାତ୍ର ଦୀର୍ଘବର୍ଷ ଧରି ଉକ୍ତ ବିଦ୍ୟାଳୟରେ କାର୍ଯ୍ୟ କରି ଆସୁଛନ୍ତି । ତେବେ କିଛି ଦିନ ପୂର୍ବରୁ ବିଦ୍ୟାଳୟ ପରିଚାଳନା କମିଟିକୁ ଭାଙ୍ଗି ଆଉ ଏକ କମିଟି ଗଠନ ନିମନ୍ତେ ମସୁଧା ଚାଲିଥିଲା । ଏହି ଘଟଣାଟି ପ୍ରଘଟ ହେବାମାତ୍ରେ ପରିଚାଳନା କମିଟିର କେତେକ ସଦସ୍ୟ ଶୁକ୍ରବାର ବିଦ୍ୟାଳୟକୁ ଯାଇ ପ୍ରତିବାଦ କରିଥିଲେ । ସଦସ୍ୟ ସୁକାନ୍ତ କୁମାର ଜେନା ଅତ୍ୟଧିକ ଉତ୍ତ୍ୟକ୍ତ ହୋଇ ପ୍ରଧାନଶିକ୍ଷକ ପାତ୍ରଙ୍କୁ ଅଶ୍ଳୀଳ ଭାଷା ପ୍ରୟୋଗକରି ଗାଳିବେଜ୍ଞିତ କରିବା ସହ ଆକ୍ରମଣ ଉଦ୍ୟମ କରିଥିଲେ ଏବଂ କାର୍ଯ୍ୟାଳୟରୁ ଫାଇଲ ଗୁଡିକୁ ଜୋର ଜବରଦସ୍ତ ଉଠାଇ ଆଣିଥିଲେ । ଏହି ଘଟଣାକୁ ନେଇ ପ୍ରଧାନ ଶିକ୍ଷକ ପାତ୍ର ବାଲୁଗାଁ ଥାନାରେ ଲିଖିତ ଅଭିଯୋଗ କରିବାରେ ପୁଲିସ ମାମଲା ରୁଜୁକରି ଶନିବାର ଅଭିଯୁକ୍ତ ସୁକାନ୍ତ ଜେନାକୁ କୋର୍ଟଚାଲାଣ କରିଛି । ଏହି ଘଟଣାକୁ ନେଇ ଅଧିକ ତଦନ୍ତ ଜାରି ରହିଥିବା ଆଇଆଇସି ଜୟପ୍ରକାଶ ପରିଡା ସୂଚନା ଦେଇଛନ୍ତି ।

## ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ

**ନୟାଗଡ଼,୧।୩/ଏନ୍‌ଏନ୍‌ଏସ୍:** ନୟାଗଡ଼ ବ୍ଲକ ଅନ୍ତର୍ଗତ ପାଟଚଣ୍ଡୀ ପ୍ରସାଦ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଏକ ବର୍ଣ୍ଣାଢ୍ୟ ପରିବେଶ ମଧ୍ୟରେ ଆଜି ଅପରାହ୍ନରେ ଅନୁଷ୍ଠିତ ହୋଇଥିଲା । ଏହି ଉପଲକ୍ଷେ ଆୟୋଜିତ ଏକ ସ୍ୱତନ୍ତ୍ର ସଭାରେ ବରିଷ୍ଠ ଶିକ୍ଷକ ତଥା କବି ଅଶୋକ କୁମାର ମଲ୍ଲ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ବ୍ଲକ ଶିକ୍ଷାଧିକାରୀ ନିମାଇଁ ଚରଣ ପ୍ରଧାନ ଏବଂ ସମ୍ମାନିତ ଅତିଥି ଭାବେ ସ୍ତମ୍ଭକାର ତଥା ବରିଷ୍ଠ ଶିକ୍ଷକ ଲକ୍ଷ୍ମୀଧର ସାହୁ ଯୋଗଦାନ କରିଥିଲେ । ବାର୍ଷିକ ଉତ୍ସବ ଆୟୋଜନ ଦ୍ୱାରା ପିଲାମାନଙ୍କ ମଧ୍ୟରେ ଥିବା ଲୁକ୍କାୟିତ ପ୍ରତିଭା ପରିସ୍ଫୁଟନ ହୋଇଥାଏ । ପିଲାମାନଙ୍କ ଶିକ୍ଷଣ ଦକ୍ଷତା ବାଦ ସେମାନଙ୍କ ମଧ୍ୟରେ ଥିବା କଳା, ସାହିତ୍ୟ, ସଂସ୍କୃତି, ସଙ୍ଗୀତ, ଅଭିନୟ ଆଦିରେ ଦକ୍ଷତା ପ୍ରତିପାଦନ କରିବା ପାଇଁ ବାର୍ଷିକ ଉତ୍ସବ ଏକ ପ୍ରକୃଷ୍ଟ ମାଧମ ବୋଲି ଉପସ୍ଥିତ ଅତିଥି ମାନେ ମତବ୍ୟକ୍ତ କରିବା ସହିତ ପ୍ରତିବର୍ଷ ବାର୍ଷିକ ଉତ୍ସବ ପାଳନ କରାଯିବା ଆବଶ୍ୟକ ବୋଲି କହିଥିଲେ । ପରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ । ପୂର୍ବରୁ ବିଦ୍ୟାଳୟରେ କାର୍ଯ୍ୟ କରିଥିବା ସମସ୍ତ ଶିକ୍ଷକ ଏବଂ ପରିଚାଳନା କମିଟିର ସମସ୍ତ ସଦସ୍ୟ ମାନଙ୍କୁ ଫୁଲ ତୋଡ଼ା ଏବଂ ଉପଢୌକନ ପ୍ରଦାନ କରାଯାଇ ସମ୍ବର୍ଦ୍ଧନା ଦିଆଯାଇଥିଲା । ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ବିଦ୍ୟାଳୟର ପ୍ରଧାନଶିକ୍ଷକ ବଳରାମ ବେହେରା ଅତିଥି ପରିଚୟ ପ୍ରଦାନ ଏବଂ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ସିଆରସିସି ରବୀନ୍ଦ୍ରନାଥ ବେହେରା ଧନ୍ୟବାଦ ପ୍ରଦାନ କରିଥିଲେ । ଗ୍ରାମ ସଭାପତି ସୁମନ୍ତ ନାୟକ ତଥା ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକ କୁବେର ସାହୁ, ଅର୍ଜୁନ ସାହୁ ଏବଂ ଶିକ୍ଷୟିତ୍ରୀ ସୁଶ୍ରୀ ସଂଗୀତା ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଏହି ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମକୁ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ, ଅଭିଭାବକ, ବୁଦ୍ଧିଜୀବୀ, ପରିଚାଳନା କମିଟିର ସମସ୍ତ ସଦସ୍ୟ ତଥା ଗ୍ରାମବାସୀମାନେ ଉପଭୋଗ କରିଥିଲେ ।





## ସେବା ସଂଗଠନ ପକ୍ଷରୁ ରକ୍ତଦାନ ଶିବିର

**କୋଣାର୍କ,୧।୩/ଏନ୍‌ଏନ୍‌ଏସ୍:** କୋଣାର୍କ ଅଞ୍ଚଳର ଅଗ୍ରୀମ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'କୋଣାର୍କ ସେବା ସଂଗଠନ' ପକ୍ଷରୁ କୋଣାର୍କ ସ୍ଥିତ ଏନଏସି କଲ୍ୟାଣ ମଣ୍ଡପ ପରିସରରେ ଏକ ମେଗା ରକ୍ତଦାନ ଶିବିର ଆୟୋଜନ ହୋଇଯାଇଛି । ଏହି ଶିବିରରେ ୧୦୦ରୁ ଊର୍ଦ୍ଧ୍ୱ ବିଭିନ୍ନ ବର୍ଗର ଯୁବକ, ଛାତ୍ରଛାତ୍ରୀ ସାମିଲ୍ ହେବା ଶହ ୪୨ୟୁନିଟ ରକ୍ତ ସଂଗ୍ରହ କରାଯାଇଥିବା ଜଣାପଡ଼ିଛି । ଡାକ୍ତର ଦୀପକ ସାହୁ, ମନୋରଞ୍ଜନ ଭୋଇ, ଅରୁଣ କୁମାର ମହାନ୍ତି, ବିରଞ୍ଚି ନାରାୟଣ ବିଶ୍ୱାଳ, ଅମିତ ପାଢ଼ୀ,ରକ୍ତଦାତାଙ୍କ ଠାରୁ ରକ୍ତ ସଂଗ୍ରହ କରିଥିବା ବେଳେ, ଏହି ରକ୍ତଦାନ ଶିବିରରେ ଅତିଥି ରୂପେ କୋଣାର୍କ ବିଜ୍ଞାପିତ ପରିଷଦର ଅଧ୍ୟକ୍ଷା ସୁଶ୍ରୀ ସଂଯୁକ୍ତା ତ୍ରିପାଠୀ, ନିର୍ବାହୀ ଅଧିକାରୀ ଶ୍ୱେତପଦ୍ମା ଧଳ, ପୁରୀ, ନୟାଗଡ଼, ଖୋର୍ଦ୍ଧା ଜିଲ୍ଲା ମତ୍ସ୍ୟ ଓ ସମବାୟ ଅଧିକାରୀ ମଧୁସୂଦନ ଦାସ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ରକ୍ତଦାତାଙ୍କୁ ପ୍ରତି ବର୍ଷକୁ ଦୁଇରୁ ତିନିଥର ରକ୍ତଦାନ କରିବାକୁ ପରାମର୍ଶ ଦେଇଥିବାବେଳେ ରକ୍ତଦାତାଙ୍କୁ ସାର୍ଟିଫିକେଟ୍ ଓ ପୁଷ୍ପ ବିତରଣ କରିଥିଲେ । ସେବା ସଙ୍ଗଠନର ପ୍ରତିଷ୍ଠାତା ତଥା କୋଣାର୍କ ଅଞ୍ଚଳର ଯୁବ ସମାଜସେବୀ କୁନାଲ ପାତ୍ରଙ୍କ ଜନ୍ମଦିନ ଅବସରରେ ରକ୍ତଦାନ ପରି ଏକ ମହତ କାର୍ଯ୍ୟ ଆୟୋଜନ କରିଥିବାରୁ ଅତିଥି ବୃନ୍ଦ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା କରିଥିଲେ । ଏହି କାର୍ଯ୍ୟକ୍ରମକୁ ସଙ୍ଗଠନର କାର୍ଯ୍ୟକର୍ତ୍ତା ମିଳନ ଆନନ୍ଦ ମହାପାତ୍ର, ପ୍ରଦିପ୍ତ କୁମାର ପ୍ରଧାନ, ସର୍ବେଶ୍ୱର ମହାରଣା, ସୁଶାନ୍ତ ପରିଡା, ନିରଞ୍ଜନ ପରିଡା,ସୋମ୍ୟରଞ୍ଜନ ବିଶ୍ୱାଳ, ତ୍ରିନାଥ ବାରିକ ପ୍ରମୁଖ ପରିଚାଳନା କରିଥିବା ବେଳେ ସଭାପତି ରଂଜନ କୁମାର ମୁଦୁଲି ଧନ୍ୟବାଦ ଅର୍ପଣ କରିଥିଲେ ।




# ପଡ଼ିଆରେ ପୁଣି ପଶିଲା କଳା ବିଲେଇ

**କରାଚି, ୧।୩/ଏଜେନ୍ସି:** ଆଇସିସି ଚାମ୍ପିଅନ୍ସ ଟ୍ରଫିର ଆୟୋଜନ ପାକିସ୍ତାନ କରୁଛି। ତେବେ ଟୁର୍ଣ୍ଣାମେଣ୍ଟର ବ୍ୟବସ୍ଥାକୁ ନେଇ ପାକିସ୍ତାନ ସୋସିଆଲ୍ ମିଡିଆରେ ବହୁ ଟ୍ରୋଲ୍ ହେଉଛି। ଅଷ୍ଟ୍ରେଲିଆ ଏବଂ ଆଫଗାନିସ୍ତାନ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍ ବର୍ଷା କାରଣରୁ ରଦ୍ଦ ହୋଇଯାଇଛି। ଖରାପ ଡ୍ରେନେଜ୍ ସିଷ୍ଟମ୍ ଯୋଗୁଁ ୟୁଜର୍ ପାକିସ୍ତାନକୁ ବହୁ ସମାଲୋଚନା କରିଛନ୍ତି। ସେହିପରି ଚଳିତ ଟୁର୍ଣ୍ଣାମେଣ୍ଟରେ ଥରେ ଦୁଇଥର ପଡ଼ିଆରେ ସାପ ଦେଖିବାକୁ ମିଳିଛି। ଏବେ କରାଚି ନାସ୍‌ନାଲ୍ ଷ୍ଟାଡିୟମ୍‌ରେ ଶନିବାର ଖେଳାଯାଇଥିବା ଇଂଲଣ୍ଡ ଓ ସାଉଥ୍ ଆଫ୍ରିକା ମ୍ୟାଚ୍ ବେଳେ ପଡ଼ିଆରେ ଏକ କଳା ବିଲେଇ ଦେଖିବାକୁ ମିଳିଛି। କଳା ବିଲେଇଟି ପଡ଼ିଆ ଭିତରକୁ ପଶିଆସିଥିଲା। ଫଳରେ କ୍ୟାମେରାମ୍ୟାନ୍ ତା' ଉପରେ ଫୋକସ୍ କରିଥିଲା। ସାଉଥ୍ ଆଫ୍ରିକା ଇନିଂସ୍ ବେଳେ ଏହା ଘଟିଥିଲା। ଏହାର ଭିଡିଓ ସ୍ୱୟଂ ଆଇସିସି ଇନ୍‌ଷ୍ଟାଗ୍ରାମ୍‌ରେ ଶେୟାର୍ କରିଛି। ଚଳିତ ସଂସ୍କରଣରେ




ଶନିବାର କଳା ବିଲେଇ ଦେଖାଯିବା ପ୍ରଥମ ଘଟଣା ନୁହେଁ। ଏହା ପୂର୍ବରୁ ସାଉଥ୍ ଆଫ୍ରିକା ଓ ଆଫଗାନିସ୍ତାନ ମ୍ୟାଚ୍‌ରେ ମଧ୍ୟ ପଡ଼ିଆରେ କଳା ବିଲେଇ ଦେଖାଯାଇଥିଲା। କଳା ବିଲେଇକୁ ଅଶୁଭ କୁହାଯାଉଥିବାରୁ କିଛି ଅଶୁଭ ହେବା ଆଶଙ୍କା କରାଯାଉଛି। ତେବେ ସମୟ ଏହା କହିବ।

# ଗ୍ରୁପ୍ ପର୍ଯ୍ୟାୟରୁ ଆଫଗାନିସ୍ତାନର ଯାତ୍ରା ସମାପ୍ତ



**କରାଚି, ୧।୩/ଏଜେନ୍ସି:** ଆଫଗାନିସ୍ତାନର ଚଳିତ ଆଇସିସି ଚାମ୍ପିଅନ୍ସ ଟ୍ରଫି ସେମିଫାଇନାଲ୍ ଖେଳିବା ଆଶା ସମ୍ପୂର୍ଣ୍ଣ ଭାବେ ସମାପ୍ତ ହୋଇଯାଇଛି। ସାଉଥ୍ ଆଫ୍ରିକା ଓ ଇଂଲଣ୍ଡ ମଧ୍ୟରେ ମ୍ୟାଚ୍ ଶେଷ ହେବା ପୂର୍ବରୁ ହିଁ ସେମିଫାଇନାଲ୍‌ର ଚତୁର୍ଥ ଟିମ୍ ସ୍ଥିର ହୋଇଯାଇଛି। ସାଉଥ୍ ଆଫ୍ରିକା କରାଚିରେ ଖେଳାଯାଇଥିବା ଗ୍ରୁପ୍-ବି'ର ଅନ୍ତିମ ଗ୍ରୁପ୍ ମ୍ୟାଚ୍‌ରେ ଇଂଲଣ୍ଡକୁ ୧୭୯ ରନ୍‌ରେ ଅଲ୍‌ଆଉଟ୍ କରିବା ଫଳରେ ଆଫଗାନିସ୍ତାନ ସେମିଫାଇନାଲ୍ ଦୌଡ଼ରୁ ବାହାର ହୋଇଯାଇଛି। ଏହି ପ୍ରକାରେ ସାଉଥ୍ ଆଫ୍ରିକା ସେମିଫାଇନାଲ୍‌ରେ ପ୍ରବେଶ କରିବାରେ ଚତୁର୍ଥ ଟିମ୍ ହୋଇଛି। ଶନିବାର କରାଚିରେ ଖେଳାଯାଇଥିବା ମ୍ୟାଚ୍‌ରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନେଇଥିବା ଇଂଲଣ୍ଡ ୩୮.୨ ଓଭର୍‌ରେ ଅଲ୍‌ଆଉଟ୍ ହୋଇଯାଇଛି। ଏହା ଚଳିତ ଚାମ୍ପିଅନ୍ସ ଟ୍ରଫି ସର୍ବନିମ୍ନ ମୋଟ ସ୍କୋର୍। ଇଂଲଣ୍ଡ ଇନିଂସ୍ ସମାପ୍ତ ହେବା ପରେ ହିଁ ଗ୍ରୁପ୍-ବି'ରୁ ଅଷ୍ଟ୍ରେଲିଆ ଓ ସାଉଥ୍ ଆଫ୍ରିକା ସେମିଫାଇନାଲ୍ ଖେଳିବା ନିଶ୍ଚିତ ହୋଇଯାଇଛି। ଶୁକ୍ରବାର ଆଫଗାନିସ୍ତାନର ଅଷ୍ଟ୍ରେଲିଆ ବିପକ୍ଷ ମ୍ୟାଚ୍ ବର୍ଷା କାରଣରୁ ଫଳାଫଳ ଶୂନ୍ୟ ହୋଇଥିଲା। ଏହି କାରଣରୁ ଟିମ୍‌ର ଆଶା ଇଂଲଣ୍ଡ ବିପକ୍ଷ ମ୍ୟାଚ୍ ଉପରେ ଥିଲା। ଇଂଲଣ୍ଡ ଏହି ମ୍ୟାଚ୍ ବଡ଼ ବ୍ୟବଧାନରେ ଜିତିଥିଲେ ସାଉଥ୍ ଆଫ୍ରିକା ସେମି ଦୌଡ଼ରୁ ବାଦ୍ ପଡ଼ିଥାନ୍ତା ଏବଂ ଆଫଗାନିସ୍ତାନ ପାଇଁ ସୁଯୋଗ ସୃଷ୍ଟି ହୋଇଥାନ୍ତା।

## ଚାମ୍ପିଅନ୍ସ ଟ୍ରଫି: ଡୁସେନ୍ ଓ କ୍ଲାସେନ୍‌ଙ୍କ ଅର୍ଦ୍ଧଶତକ

# ଇଂଲଣ୍ଡ ୭ ୱିକେଟ୍‌ରେ ପରାଜିତ

**କରାଚି, ୧।୩/ଏଜେନ୍ସି:** ଚଳିତ ଆଇସିସି ଚାମ୍ପିଅନ୍ସ ଟ୍ରଫିର ଅନ୍ତିମ ଗ୍ରୁପ୍-ବି' ମ୍ୟାଚ୍‌ରେ ଶନିବାର ସାଉଥ୍ ଆଫ୍ରିକା ୭ ୱିକେଟ୍‌ରେ ଇଂଲଣ୍ଡକୁ ହରାଇଛି। ଏହି ବିଜୟ ଫଳରେ ସାଉଥ୍ ଆଫ୍ରିକା ଗ୍ରୁପ୍ ଶୀର୍ଷରେ ପହଞ୍ଚିବା ସହିତ ଚତୁର୍ଥ ଟିମ୍ ଭାବେ ସେମିଫାଇନାଲ୍ ଯୋଗ୍ୟତା ଅର୍ଜନ କରିଛି। ଗ୍ରୁପ୍-ବି'ରୁ ଅଷ୍ଟ୍ରେଲିଆ ମଧ୍ୟ ସେମିଫାଇନାଲ୍‌ରେ ପ୍ରବେଶ କରିସାରିଛି। ଗ୍ରୁପ୍-ଏ'ର ଭାରତ ଓ ନ୍ୟୁଜିଲାଣ୍ଡ୍ ମଧ୍ୟ ସେମିଫାଇନାଲ୍ ଯୋଗ୍ୟତା ହାସଲ କରିଛନ୍ତି। ତେବେ ରବିବାର ଭାରତ-ନ୍ୟୁଜିଲାଣ୍ଡ ଅନ୍ତିମ ଗ୍ରୁପ୍ ମ୍ୟାଚ୍ ପରେ ସେମିଫାଇନାଲ୍ ଲାଇନ୍-ଅପ୍ ଚୂଡ଼ାନ୍ତ ହେବ। କରାଚି ନାସ୍‌ନାଲ୍ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ମ୍ୟାଚ୍‌ରେ ଟସ୍ ଜିତି ବ୍ୟାଟିଂ ନେଇଥିବା ଇଂଲଣ୍ଡ ଟିମ୍ ୩୮.୨ ଓଭର୍‌ରେ ୧୮୦ ରନ୍‌ରେ ଅଲ୍‌ଆଉଟ୍ ହୋଇଥିଲା। ଜବାବରେ ସାଉଥ୍ ଆଫ୍ରିକା ତିନି ୱିକେଟ୍ ହରାଇ ୨୯.୧ ଓଭର୍‌ରେ ବିଜୟ ଲକ୍ଷ୍ୟ ହାସଲ କରିନେଇଛି। ଫଳରେ ଇଂଲଣ୍ଡ ବିନା ବିଜୟରେ ଟୁର୍ଣ୍ଣାମେଣ୍ଟରେ ଅଭିଯାନ ଶେଷ କରିଛି।

ଲକ୍ଷ୍ୟର ପିଛା କରୁଥିବା ସାଉଥ୍ ଆଫ୍ରିକା ତଅତୀୟ ଓଭର୍‌ରେ ହିଁ ଟ୍ରିଷ୍ଟନ୍ ଷ୍ଟବ୍ସଙ୍କ ୱିକେଟ୍ ହରାଇଥିଲା। ଖାତା ଖୋଲିବା ପୂର୍ବରୁ ଜୋଫ୍ରା ଆର୍ଚର୍ ତାଙ୍କୁ ବୋଲ୍ଡ ଆଉଟ୍ କରିଥିଲେ। ଏହାପରେ ଆର୍ଚର୍ ଅନ୍ୟତମ ଓପ୍ନର୍ ର୍ୟାନ୍ ରିକେଲ୍‌ଟନ୍‌ଙ୍କୁ ମଧ୍ୟ ପ୍ୟାଭିଲିୟନ୍ ଫେରାଇଥିଲେ। ରିକେଲ୍‌ଟନ୍ ୫ ଚୌକା ସହାୟତାରେ ୨୫ ବଲ୍‌ରୁ ୨୭ ରନ୍ କରିଥିଲେ। ଏହାପରେ ରିସି ଭାନ୍ ଡର୍ ଡୁସେନ୍ ଓ ହେନ୍‌ରିକ୍ କ୍ଲାସେନ୍ ଇନିଂସ୍ ସମ୍ଭାଳି ତୃତୀୟ ୱିକେଟ୍ ପାଇଁ ୧୨୭ ରନ୍‌ର ଶତକୀୟ ଭାଗୀଦାରି କରିଥିଲେ, ଫଳରେ ଟିମ୍‌ର ବିଜୟ ସହଜ ହୋଇଯାଇଥିଲା। କ୍ଲାସେନ୍ ୧୧ ଚୌକା ବଳରେ ୫୬ ବଲ୍‌ରୁ ୬୪ ରନ୍ କରିଥିଲେ। ଅନ୍ୟପକ୍ଷରେ ଡୁସେନ୍ ୭୨ ରନ୍ କରି ଅପରାଜିତ ରହିଥିଲେ। ଡୁସେନ୍‌ଙ୍କ ୮୬ ବଲ୍‌ର ଇନିଂସ୍‌ରେ ଛଅ ଚୌକା ଓ ତିନି ଛକା ସାମିଲ ଥିଲା।

ଏହା ପୂର୍ବରୁ ଟସ୍ ଜିତି ବ୍ୟାଟିଂ ନେଇଥିବା ଇଂଲଣ୍ଡକୁ ପ୍ରଥମ ଓଭର୍‌ରେ ଫିଲ୍ ସଲ୍ଟଙ୍କ ରୂପରେ ପ୍ରଥମ ଝଟ୍‌କା ଲାଗିଥିଲା। ସଲ୍ଟ ୮ ରନ୍ କରିଥିବା ବେଳେ ମାର୍କୋ ଜାନ୍‌ସେନ୍ ତାଙ୍କ ଭାନ୍ ଡର୍ ଡୁସେନ୍‌ଙ୍କ ହାତରେ କ୍ୟାଚ୍ ଆଉଟ୍ କରାଇଥିଲେ। ପରେ ଜାନ୍‌ସେନ୍ ଖାତା ଖୋଲିବା ପୂର୍ବରୁ ଜାମି ସ୍ମିଥ୍‌ଙ୍କୁ ମାର୍କରମ୍‌ଙ୍କ ହାତରେ କ୍ୟାଚ୍ ଆଉଟ୍ କରାଇଥିଲେ। ଏହାପରେ ଜାନ୍‌ସେନ୍ ଫର୍ମରେ ଥିବା ବେନ୍ ଡକେଟ୍‌ଙ୍କୁ ମଧ୍ୟ ପ୍ୟାଭିଲିୟନ୍ ରାସ୍ତା ଦେଖାଇଥିଲେ। ଡକେଟ୍ ୨୧ ବଲ୍‌ରେ ଚାରି ଚୌକା ସହାୟତାରେ ୨୪ ରନ୍ କରିଥିଲେ। ୩୭ ରନ୍‌ରେ ୩ ୱିକେଟ୍‌ର ପତନ ପରେ ଜୋ ରୁଟ୍ ଓ ହ୍ୟାରୀ

**ସେମିଫାଇନାଲ୍‌ରେ ସାଉଥ୍ ଆଫ୍ରିକା**



ବ୍ରୁକ୍ ଇନିଂସ୍ ସମ୍ଭାଳି ୬୨ ରନ୍‌ର ଭାଗୀଦାରି କରିଥିଲେ। ତେବେ ବ୍ରୁକ୍ (୧୯)ଙ୍କୁ ମାର୍କୋ ଜାନ୍‌ସେନ୍‌ଙ୍କ ହାତରେ କ୍ୟାଚ୍ କରାଇ କେଶବ ମହାରାଜ ଏହି ଭାଗୀଦାରିରେ ବ୍ରେକ୍ ଲଗାଇଥିଲେ। ପରେ ଭିୟାନ୍ ମୁଲ୍ଡର କ୍ରିଜ୍‌ରେ ଜମି ଆସିଥିବା ଜୋ ରୁଟ୍‌ଙ୍କୁ ବୋଲ୍ଡ ଆଉଟ୍ କରିଥିଲେ। ରୁଟ୍ ୪ ଚୌକା ଓ ଗୋଟିଏ ଛକା ସହାୟତାରେ ୪୪ ବଲ୍‌ରୁ ସର୍ବାଧିକ ୩୭ ରନ୍ କରିଥିଲେ। ଲିଆମ୍ ଲିଭିଙ୍ଗ୍‌ଷ୍ଟୋନ୍ (୯) କେଶବ ମହାରାଜାଙ୍କ ସ୍ପିନ୍‌ରେ ଫସିଯାଇଥିଲେ। ଜାମି ଓଭର୍‌ଟନ୍ (୧୧)ଙ୍କୁ କାଗିସୋ ରବାଡ଼ା ଆଉଟ୍ କରି ଫେରାଇବା ପରେ ଟିମ୍‌ର ସ୍କୋର୍ ୭ ୱିକେଟ୍‌ରେ ୧୨୯ ରନ୍ ହୋଇଥିଲା। ଏହାପରେ ଜୋଫ୍ରା ଆର୍ଚର ଓ କ୍ୟାପ୍‌ଟେନ୍ ଜୋସ୍ ବଟ୍‌ଲର୍ ୮ମ ୱିକେଟ୍ ପାଇଁ ୪୨ ଯୋଡ଼ିଥିଲେ। ଆର୍ଚର୍ ୨୫ ରନ୍‌ରେ ମୁଲ୍ଡର୍ ବଲ୍‌ରେ କ୍ୟାଚ୍ ଆଉଟ୍ ହୋଇଥିବା ବେଳେ ବଟ୍‌ଲର୍ (୨୧) ଲୁଙ୍ଗି ଏନ୍‌ଗିଡ଼ିଙ୍କ ବଲ୍‌ରେ କେଶବ ମହାରାଜଙ୍କ ହାତରେ ଧରାପଡ଼ି ଫେରିଥିଲେ। ଶେଷରେ ଆଦିଲ୍ ରଶିଦ୍ (୨)ଙ୍କୁ ମୁଲ୍ଡର ଆଉଟ୍ କରିଥିଲେ। ସାଉଥ୍ ଆଫ୍ରିକା ପକ୍ଷରୁ ମୁଲ୍ଡର ଓ ଜାନ୍‌ସେନ୍ ୩-୩ ୱିକେଟ୍ ନେଇଥିବା ବେଳେ କେଶବ ମହାରାଜ ଦୁଇଟି ସଫଳତା ପାଇଥିଲେ। ରବାଡ଼ା ଓ ଏନ୍‌ଗିଡ଼ିଙ୍କ ଖାତାରେ ୧-୧ ୱିକେଟ୍ ପଡ଼ିଥିଲା।

ସାଉଥ୍ ଆଫ୍ରିକା କ୍ୟାପ୍‌ଟେନ୍ ଟେମ୍ବା ବାଭୁମା ଓ ଟୋନି ଡି ଜୋର୍ଜି ଅସୁସ୍ଥତା କାରଣରୁ ଏହି ମ୍ୟାଚ୍‌ରୁ ବାଦ୍ ପଡ଼ିଥିଲେ। ବାଭୁମାଙ୍କ ଅନୁପସ୍ଥିତିରେ ଆଇଡେନ୍ ମାର୍କରମ୍ କ୍ୟାପ୍‌ଟେନ୍ ଦାୟିତ୍ୱ ତୁଲାଇଥିଲେ। ସେହିପରି ଟ୍ରିଷ୍ଟନ୍ ଷ୍ଟବ୍ସ ଓ ହେନ୍‌ରି କ୍ଲାସେନ୍‌ଙ୍କୁ ଚୂଡ଼ାନ୍ତ ଏକାଦଶରେ ସାମିଲ କରାଯାଇଥିଲା। ଅନ୍ୟପକ୍ଷରେ ଫାଷ୍ଟ ବୋଲର୍ ମାର୍କ ଉଡ୍‌ଙ୍କ ସ୍ଥାନରେ ସାକିବ୍ ମହମୁଦ୍‌ଙ୍କ ଇଂଲଣ୍ଡ ଏକାଦଶରେ ସୁଯୋଗ ମିଳିଥିଲା।

# ପୁରୀରେ ରାଜ୍ୟ କନିଷ୍ଠ ହ୍ୟାଣ୍ଡ୍‌ବଲ୍ ପ୍ରଶିକ୍ଷଣ ଶିବିର ଆରମ୍ଭ

**ଭୁବନେଶ୍ୱର, ୧।୩/ଏନ୍‌ଏନ୍‌ଏସ୍:** ବିହାରର ବେଗୁସାରାଇରେ ମାର୍ଚ୍ଚ ୨୯ରୁ ଏପ୍ରିଲ୍ ୨ ତାରିଖ ପର୍ଯ୍ୟନ୍ତ ଜାତୀୟ କନିଷ୍ଠ ବାଳକ ହ୍ୟାଣ୍ଡବଲ୍ ଚାମ୍ପିଅନ୍‌ଶିପ୍ ଆୟୋଜିତ ହେବ। ଏଥିପାଇଁ ଓଡ଼ିଶା ହ୍ୟାଣ୍ଡବଲ୍ ସଂଘ ଏକ ୩୦ ଜଣିଆ ସମ୍ଭାବ୍ୟ ଦଳ ଘୋଷଣା କରିଛି। ଏହି ଦଳର ପ୍ରଶିକ୍ଷର ଶିବିର ଶନିବାରଠାରୁ ଆରମ୍ଭ ହୋଇଛି। ଏହା ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ। ସେହିପରି ମାର୍ଚ୍ଚ ୧୬ରୁ ୨୧ ତାରିଖ ପର୍ଯ୍ୟନ୍ତ ଦ୍ୱିତୀୟ ପର୍ଯ୍ୟାୟ ପ୍ରଶିକ୍ଷଣ ଶିବିର କେନ୍ଦୁଝରଠାରେ ଅନୁଷ୍ଠିତ ହେବ। ଏହି ଶିବିର ଉଦ୍‌ଘାଟନ ଉତ୍ସବରେ ପୁରୀ ଜିଲ୍ଲା କ୍ରୀଡ଼ାଧିକାରୀ ଚନ୍ଦନ କୁମାର ସାହୁ, ଓଡ଼ିଶା ଅଲିମ୍ପିକ୍ ସଂଘ କୋଷାଧ୍ୟକ୍ଷ ରବିଶଙ୍କର ପ୍ରତିହାରୀ, ଓଡ଼ିଶା ହ୍ୟାଣ୍ଡ୍‌ବଲ୍ ସଂଘ ସମ୍ପାଦକ ଇଂ. ମାନସ କୁମାର ସିଂ, କୋଷାଧ୍ୟକ୍ଷ ଶୀତେନ୍ଦ୍ରନାଥ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଶିକ୍ଷଣ ଶିବିରକୁ ମୁଖ୍ୟ



କୋଚ୍ ଗୌରୀ ଶଙ୍କର ମିଶ୍ର, ଚନ୍ଦନ କୁମାର ପତ୍ରୀ, ଆକାଶ କୁମାର ପଟ୍ଟନାୟକ ଏବଂ ଝାଡ଼ଖଣ୍ଡର ସୁଲ୍‌ତାନ୍ ପରିଚାଳନା କରିବେ।

## ଡବଲ୍ୟୁପିଏଲ୍: ୯ ୱିକେଟ୍‌ରେ ହାରିଲା ଆର୍‌ସିବି

# ପ୍ଲେଅଫ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସ

**ବେଙ୍ଗାଲୁରୁ, ୧।୩/ଏଜେନ୍ସି:** ମହିଳା ପ୍ରିମିୟର୍ ଲିଗ୍ (ଡବ୍ଲ୍ୟୁପିଏଲ୍) ସିଜନ୍-୩ର ୧୪ଶ ମ୍ୟାଚ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସ ୯ ୱିକେଟ୍‌ରେ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି)କୁ ହରାଇ ପ୍ଲେଅଫ୍‌ରେ ପ୍ରବେଶ କରିଛି। ଡିଫେଣ୍ଡିଂ ଚାମ୍ପିଅନ୍ ଆର୍‌ସିବିର ଏହା ଚତୁର୍ଥ ପରାଜୟ। ସିଜନ୍‌ରେ ଟିମ୍ ବର୍ତ୍ତମାନ ସୁଦ୍ଧା କେବଳ ଦୁଇଟି ମ୍ୟାଚ୍ ଜିତିଛି। ବେଙ୍ଗାଲୁରୁର ଚିନ୍ନାସ୍ୱାମୀ ଷ୍ଟାଡିୟମ୍‌ରେ ଶନିବାର ଅନୁଷ୍ଠିତ ମ୍ୟାଚ୍‌ରେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଆର୍‌ସିବି ୫ ୱିକେଟ୍ ହରାଇ ୧୪୭ ରନ୍ କରିଥିଲା। ଦିଲ୍ଲୀ ୧୫.୩ ଓଭର୍‌ରେ ଗୋଟିଏ ୱିକେଟ୍ ବିନିମୟରେ ଲକ୍ଷ୍ୟ ହାସଲ କରିନେଇଛି।

୧୪୮ ରନ୍‌ର ପିଛା କରୁଥିବା ଦିଲ୍ଲୀ ତୃତୀୟ ଓଭର୍‌ରେ କ୍ୟାପ୍‌ଟେନ୍ ମେଗ୍ ଲାନିଙ୍ଗ୍‌ଙ୍କ ୱିକେଟ୍ ହରାଇଥିଲା। ଲାନିଙ୍ଗ୍ ୧୨ ବଲ୍‌ରେ ୨ ରନ୍ କରିଥିଲେ। ଏହାପରେ ଶେଫାଳୀ ବର୍ମା ଓ ଜେସ୍ ଜୋନାସେନ୍ ଦ୍ୱିତୀୟ ୱିକେଟ୍ ପାଇଁ ଶତକୀୟ ଭାଗୀଦାରି କରି ଟିମ୍‌କୁ ୧୫.୩ ଓଭର୍‌ରେ ବିଜୟୀ କରାଇଛନ୍ତି। ଶେଫାଳୀ ୪୩ ବଲ୍‌ରେ ୮ ଚୌକା ଓ ୪ ଛକା ସହାୟତାରେ ଧୂଆଁଧାର ୮୦ ରନ୍ ଏବଂ ଜୋନାସେନ୍ ୩୮ ବଲ୍‌ରେ ୯ ଚୌକା ଓ ଏକ ଛକା ସହାୟତାରେ ୬୧




ରନ୍ କରି ଅପରାଜିତ ରହିଥିଲେ। ଏକମାତ୍ର ୱିକେଟ୍‌ଟି ରେଣୁକା ସିଂହ ଠାକୁରଙ୍କୁ ମିଳିଥିଲା।

ଏହା ପୂର୍ବରୁ ବେଙ୍ଗାଲୁରୁ ଇନିଂସ୍‌ରେ ଏଲିସ୍ ପେରୀ ୪୭ ବଲ୍‌ରେ ୩ଟି ଲେଖାଏଁ ଛକା ଓ ଚୌକା ସହାୟତାରେ ସର୍ବାଧିକ ୬୦ ରନ୍ କରି ଅପରାଜିତ ରହିଥିଲେ। ଅନ୍ୟମାନଙ୍କ ମଧ୍ୟରେ କ୍ୟାପ୍‌ଟେନ୍ ସ୍ମୃତି ମନ୍ଧାନା ୮ ରନ୍ କରି ପ୍ରଥମେ ଆଉଟ୍ ହୋଇଥିବା ବେଳେ ୱ୍ୟାଟ୍-ହଜ୍ ୨୧, ରାଘବୀ ବିଷ୍ଟ ୩୩, ଜର୍ଜିୟା ୱେର୍‌ହମ୍ ଅପରାଜିତ ୧୨ ରନ୍ କରିଥିଲେ। ରିଚା ଘୋଷ (୫) ଓ କନିକା ଆହୁଜା (୨) ଶସ୍ତାରେ ଆଉଟ୍ ହୋଇଥିଲେ। ଦିଲ୍ଲୀ ପକ୍ଷରୁ ଶିଖା ପାଣ୍ଡେ ଓ ନଲ୍ଲାପୁରେଡ୍ଡୀ ଚରଣୀ ୨-୨ ୱିକେଟ୍ ନେଇଥିବା ବେଳେ ମାରିଜାନେ କେପ୍‌ଙ୍କୁ ଗୋଟିଏ ସଫଳତା ମିଳିଥିଲା।

# ରଣଜୀ ଟ୍ରଫି ଫାଇନାଲ୍: ବିଦର୍ଭ ୨୮୬ ରନ୍‌ରେ ଆଗୁଆ

**ନାଗପୁର, ୧।୩/ଏଜେନ୍ସି:** କରୁଣ ନାୟର୍‌ଙ୍କ ଶତକ ଏବଂ ଦାନିଶ୍ ମାଲେୱାର୍‌ଙ୍କ ଅର୍ଦ୍ଧଶତକ ସହାୟତାରେ କେରଳ ବିପକ୍ଷ ଚଳିତ ରଣଜୀ ଟ୍ରଫି ଫାଇନାଲ୍‌ର ବିଦର୍ଭ ୨୮୬ ରନ୍‌ର ଅଗ୍ରଣୀ ହାସଲ କରିଛି। ଚତୁର୍ଥ ଦିନ ଷ୍ଟମ୍ପ୍ସ ବେଳକୁ ବିଦର୍ଭ ଦ୍ୱିତୀୟ ଇନିଂସ୍‌ରେ ୪ ୱିକେଟ୍ ହରାଇ ୨୪୯ ରନ୍ କରିଛି। କରୁଣ ନାୟର୍ ୧୩୨ ଏବଂ କ୍ୟାପ୍‌ଟେନ୍ ଅକ୍ଷୟ ୱାଡ଼କର ୪ ରନ୍ କରି ଅପରାଜିତ ରହିଛନ୍ତି। ନାଗପୁରର ବିଦର୍ଭ କ୍ରିକେଟ୍ ସଂଘ ଷ୍ଟାଡିୟମ୍‌ରେ ଖେଳାଯାଉଥିବା ମ୍ୟାଚ୍‌ର ତୃତୀୟ ଦିନରେ ବିଦର୍ଭର ହର୍ଷ ଦୁବେ ଓ ପାର୍ଥ ରେଖାଡ଼େ ୩-୩ ୱିକେଟ୍ ନେଇ ପ୍ରଥମ ଇନିଂସ୍‌ରେ କେରଳକୁ ୩୪୨ ରନ୍‌ରେ ଅଲ୍‌ଆଉଟ୍ କରିଦେଇଥିଲେ। ପୂର୍ବରୁ ବିଦର୍ଭ ପ୍ରଥମ ଇନିଂସ୍‌ରେ ୩୭୯ ରନ୍ କରିଥିଲା। ଫଳରେ ଅକ୍ଷୟ ୱାଡ଼କରଙ୍କ ନେତୃତ୍ୱାଧୀନ ଟିମ୍ ୩୭ ରନ୍‌ର ଅଗ୍ରଣୀ ଲାଭ କରିଥିଲା।

ଚତୁର୍ଥ ଦିନର ଖେଳ ବିଦର୍ଭର ଦ୍ୱିତୀୟ ଇନିଂସ୍‌ରୁ ଆରମ୍ଭ ହୋଇଥିଲା। ତେବେ ଟିମ୍‌ର ଆରମ୍ଭ ଖରାପ ରହିଥିଲା। ପାର୍ଥ ରେଖାଡ଼େ



(୧)ଙ୍କୁ ଜଳଜ ସାକ୍ସେନା ବୋଲ୍ଡ ଆଉଟ୍ କରିବା ପରେ ମହମ୍ମଦ ଆଝାରୁଦ୍ଦିନ୍‌ଙ୍କ ହାତରେ ଧ୍ରୁବ ଶୋରେଙ୍କୁ ନିଧିଶ କ୍ୟାଚ୍ ଆଉଟ୍ କରାଇଥିଲେ। ସାତ ରନ୍‌ରେ ଦୁଇଟି ୱିକେଟ୍ ହରାଇଥିବା ବିଦର୍ଭ ପାଇଁ ଦାନିଶ ମାଲେୱାର୍ ଓ କରୁଣ ନାୟର ସଙ୍କଟମୋଚନ ସାବ୍ୟସ୍ତ ହୋଇଥିଲେ। ଦୁହିଁଙ୍କ ମଧ୍ୟରେ ତୃତୀୟ ୱିକେଟ୍ ପାଇଁ ୧୮୨ ରନ୍‌ର ଭାଗୀଦାରି ହୋଇଥିଲା। ଦାନିଶଙ୍କୁ ସଚିନ୍ ବେବିଙ୍କ ହାତରେ କ୍ୟାଚ୍ ଆଉଟ୍ କରାଇ ଅକ୍ଷୟ ଚନ୍ଦ୍ରନ୍ ଏହି ଯୋଡ଼ିରେ ବ୍ରେକ୍ ଲଗାଇଥିଲେ। ଦାନିଶ ୧୬୨ ବଲ୍‌ରେ ପାଞ୍ଚ ଚୌକା ସହାୟତାରେ ୭୩ ରନ୍‌ର ମହତ୍ତ୍ୱପୂର୍ଣ୍ଣ ଇନିଂସ୍ ଖେଳି ପ୍ୟାଭିଲିୟନ୍ ଫେରିଥିଲେ। ତାଙ୍କ ବ୍ୟତୀତ ୟଶ୍ ଠାକୁର ୨୪ ରନ୍ କରିଥିଲେ। ସେହିପରି କରୁଣ ନାୟକ ୧୩୨ ଏବଂ ଅକ୍ଷୟ ୱାଡ଼କର ୪ ରନ୍ କରି ଅପରାଜିତ ରହିଛନ୍ତି। ୧୮୪ ରନ୍‌ରେ ଶତକ ପୂରଣ କରିଥିବା ନାୟର୍ ୨୮୦ ବଲ୍‌ରୁ ୧୦ ଚୌକା ଓ ଦୁଇଟି ଛକା ସହାୟତାରେ ୧୩୨ ରନ୍ କରି ଅପରାଜିତ ଅଛନ୍ତି। ଏହା ତାଙ୍କ ପ୍ରଥମଶ୍ରେଣୀ କ୍ୟାରିୟର୍‌ର ୨୩ତମ ଏବଂ ଚଳିତ ସିଜନ୍‌ର ନବମ ଶତକ। କେରଳ ପକ୍ଷରୁ ନିଧିଶ, ଜଳଜ, ଆଦିତ୍ୟ ଓ ଅକ୍ଷୟ ୧-୧ ୱିକେଟ୍ ହାସଲ କରିଛନ୍ତି।

## ଆଜି ଭାରତ-ନ୍ୟୁଜିଲାଣ୍ଡ ମ୍ୟାଚ୍: ରୋହିତ ଓ ଶମୀଙ୍କୁ ବିଶ୍ରାମ !

# ପନ୍ତ୍ ଓ ଅର୍ଶଦୀପଙ୍କୁ ମିଳିପାରେ ସୁଯୋଗ

**ଦୁବାଇ, ୧।୩/ଏଜେନ୍ସି:** ଚଳିତ ଚାମ୍ପିଅନ୍ସ ଟ୍ରଫିରେ ରବିବାର ଗ୍ରୁପ୍-ଏ'ରେ ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଦୁବାଇରେ ମ୍ୟାଚ୍ ଖେଳାଯିବ। ଏହି ମ୍ୟାଚ୍ ସହିତ ଗ୍ରୁପ୍ ପର୍ଯ୍ୟାୟର ସମାପ୍ତି ହେବ। ଏହି ମ୍ୟାଚ୍‌ରୁ ଗ୍ରୁପ୍-ଏ'ର ଟେବଲ୍ ଟପର୍ ନିର୍ଣ୍ଣିତ ହେବ। ସ୍ପିନ୍ ବୋଲିଂର ଉନ୍ନତ ମୁକାବିଲା ବର୍ତ୍ତମାନ ସୁଦ୍ଧା ଅଜେୟ ଥିବା ଭାରତୀୟ ଟିମ୍‌ର ଫୋକସ୍ ରହିବ। ସେହିପରି ବାହାରେ ବସିଥିବା ଖେଳାଳିଙ୍କୁ ନ୍ୟୁଜିଲାଣ୍ଡ ବିପକ୍ଷ ଏହି ମ୍ୟାଚ୍‌ରେ ସୁଯୋଗ ମିଳପାରେ। ରୋହିତ ଶର୍ମା ଓ ମହମ୍ମଦ ଶମୀଙ୍କୁ ଏହି ମ୍ୟାଚ୍‌ରେ ବିଶ୍ରାମ ଦିଆଯିବାର ସମ୍ଭାବନା ରହିଛି। ଏପରି ସ୍ଥିତିରେ ଶମୀଙ୍କ ସ୍ଥାନରେ ବାମହାତୀ ପେସର୍ ଅର୍ଶଦୀପ୍ ସିଂହଙ୍କୁ ସୁଯୋଗ ମିଳିପାରେ। ସେହିପରି ରୋହିତଙ୍କ ଅନୁପସ୍ଥିତିରେ ଋଷଭ ପନ୍ତ୍ ଖେଳିପାରନ୍ତି।

ଉଭୟ ଟିମ୍ ପୂର୍ବରୁ ସେମିଫାଇନାଲ୍‌ରେ ପ୍ରବେଶ କରିସାରିଥିବାରୁ ଏହି ମ୍ୟାଚ୍ କେବଳ ଔପଚାରିକତା ହେବ। ଏହି ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡର ଷ୍ଟାର୍ ସ୍ପିନର୍‌ଙ୍କ ବିପକ୍ଷରେ ଭାରତୀୟ ବ୍ୟାଟର୍‌ଙ୍କ ପରୀକ୍ଷା ହେବ। ପୂର୍ବ ଦୁଇଟି ମ୍ୟାଚ୍‌ରେ ସ୍ପିନର୍‌ମାନେ ଭାରତୀୟ ବ୍ୟାଟର୍‌ଙ୍କ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରିଥିଲେ। ଟିମ୍‌ର ଷ୍ଟାର୍ ବ୍ୟାଟର୍‌ମାନେ ବାଂଲାଦେଶ ସ୍ପିନର୍ ମେହଦୀ ହସନ୍ ମିରାଜ ଓ ରିଶାଦ୍ ହୁସେନ୍‌ଙ୍କ ବିପକ୍ଷରେ ରିସ୍କ ନେବାରୁ ଦୂରେଇ ରହିଥିଲେ। ଏହି ରଣନୀତି ମଧ୍ୟ ସେମାନେ ପାକିସ୍ତାନୀ ସ୍ପିନର୍ ଅବରାର୍ ଅହମଦଙ୍କ ବିପକ୍ଷରେ ଆପଣାଇଥିଲେ ଏବଂ ଏହି ତିନି ସ୍ପିନର୍ ବହୁ କଞ୍ଜୁସ୍ ସାବ୍ୟସ୍ତ ହୋଇଥିଲେ।

ଏବେ ଭାରତୀୟ ବ୍ୟାଟର୍‌ଙ୍କ ସାମ୍ନାରେ ମିଚେଲ୍ ସାଣ୍ଟନର୍ ଓ ମାଇକେଲ୍ ବ୍ରେସ୍‌ୱେଲ୍‌ଙ୍କ ଚ୍ୟାଲେଞ୍ଜ୍ ରହିବ। ଦୁଇ କିୱି ସ୍ପିନର୍ ଜବରଦସ୍ତ ଫର୍ମରେ ଅଛନ୍ତି ଏବଂ ଦୁବାଇ ପିଚ୍‌ରେ ପ୍ରଭାବଶାଳୀ ସାବ୍ୟସ୍ତ ହୋଇପାରନ୍ତି। ବର୍ତ୍ତମାନ ସୁଦ୍ଧା ଭାରତୀୟ ବ୍ୟାଟର୍‌ମାନେ ସ୍ପିନର୍‌ଙ୍କ ବିପକ୍ଷରେ ଏକ-ଦୁଇ ରନ୍ ନେଇଥିବା ବେଳେ ଫାଷ୍ଟ ବୋଲର୍‌ଙ୍କ ବିପକ୍ଷରେ ବଡ଼ ଶଟ୍ ଖେଳିଆସିଛନ୍ତି। ମାତ୍ର ଏବେ ସେମାନଙ୍କୁ ୨୦ ଓଭର୍ ବ୍ରେସ୍‌ୱେଲ୍ ଓ ସାଣ୍ଟନର୍‌ଙ୍କ ସାମ୍ନା କରିବାକୁ ପଡ଼ିବ। ସେହିପରି ଗ୍ଲେନ୍ ଫିଲିପ୍ସ ମଧ୍ୟ ସାମୟିକ ସ୍ପିନ୍ ବୋଲିଂ କରିବେ। ଏପରି ସ୍ଥିତିରେ ଫର୍ମରେ ଥିବା ଶୁଭମନ୍ ଗିଲ୍, ବିରାଟ କୋହଲି, ଶ୍ରେୟସ୍ ଆୟର୍ ଓ କେଏଲ୍ ରାହୁଲଙ୍କୁ

**ମ୍ୟାଚ୍‌ରୁ ହେବ ଟେବଲ୍ ଟପର୍ ନିଷ୍ପତ୍ତି**

ପ୍ରଭାବୀ ପ୍ରଦର୍ଶନ କରିବାକୁ ପଡ଼ିବ। ଅନ୍ୟପକ୍ଷରେ ଭାରତୀୟ ସ୍ପିନର୍ କିୱି ବ୍ୟାଟର୍‌ଙ୍କ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରିପାରନ୍ତି। ସେମାନେ ମଧ୍ୟକ୍ରମରେ ବ୍ୟାଟର୍‌ଙ୍କ ରନ୍ କରିବାକୁ ଦେଇନାହାନ୍ତି ଏବଂ ସେମାନଙ୍କ ଇକୋନୋମି ରେଟ୍ ୫ ତଳକୁ ରହିଛି। ପାକିସ୍ତାନ ବିପକ୍ଷ ମ୍ୟାଚ୍‌ରେ ମହମ୍ମଦ ରିଜ୍‌ୱାନ୍ ଓ ସଉଦ ଶକିଲ୍ ଶତକୀୟ ଭାଗୀଦାରି କରିଥିଲେ ମଧ୍ୟ ଏକାଦଶରୁ ୩୪ତମ ଓଭର୍‌ରେ ଏହି ଦୁଇ ବ୍ୟାଟର୍ ଅଧିକ ରନ୍ ସଂଗ୍ରହ କରିପାରି ନଥିଲେ। ଅବଶ୍ୟ ନ୍ୟୁଜିଲାଣ୍ଡ ପାଖରେ ସ୍ପିନ୍ ବୋଲିଂର ସୁନ୍ଦର ମୁକାବିଲା କରୁଥିବା କେନ୍ ୱିଲିୟମ୍‌ସନ୍, ୱିଲ୍ ୟଙ୍ଗ୍ ଓ ଟମ୍ ଲାଥମ୍, ଡେଭୋନ୍ କନୱେଙ୍କ ପରି ବ୍ୟାଟର୍ ରହିଛନ୍ତି।



ଭାରତ ବିଜୟ ଲୟ ବଜାୟ ଲକ୍ଷ୍ୟ ରଖିଥିଲେ ମଧ୍ୟ ସେମିଫାଇନାଲ୍ ପୂର୍ବରୁ କ୍ୟାପ୍‌ଟେନ୍ ରୋହିତ ଶର୍ମା ଓ ମହମ୍ମଦ ଶମୀଙ୍କୁ ଏହି ମ୍ୟାଚ୍‌ରେ ବିଶ୍ରାମ ଦେଇପାରେ। ରୋହିତ ପାକିସ୍ତାନ ବିପକ୍ଷ ମ୍ୟାଚ୍‌ରେ ଅସହଜ ଅନୁଭବ କରିଥିଲେ। ତେଣୁ ତାଙ୍କୁ ବିଶ୍ରାମ ଦେଇ ଋଷଭ ପନ୍ତଙ୍କୁ ଟୁର୍ଣ୍ଣାମେଣ୍ଟରେ ପ୍ରଥମ ସୁଯୋଗ ଦିଆଯାଇପାରେ। ସେହିପରି ଶମୀଙ୍କୁ ରିକଭରୀ ବ୍ରେକ୍ ମିଳିପାରେ ଏବଂ ତାଙ୍କ ସ୍ଥାନରେ ଅର୍ଶଦୀପ୍ ସିଂହଙ୍କୁ ସୁଯୋଗ ମିଳିପାରେ। ସେହିପରି କୁଲଦୀପ୍ ଯାଦବଙ୍କ ସ୍ଥାନରେ ବରୁଣ ଚକ୍ରବର୍ତ୍ତୀ ଖେଳିପାରନ୍ତି। ନ୍ୟୁଜିଲାଣ୍ଡ ଟିମ୍‌ରେ ପାଞ୍ଚଜଣ ବାମହାତୀ ବ୍ୟାଟର୍ ଥିବାବେଳେ ଅର୍ଶଦୀପ୍ ସେମାନଙ୍କ ବିପକ୍ଷରେ ଘାତକ ସାବ୍ୟସ୍ତ ହୋଇପାରନ୍ତି। ଶୁକ୍ରବାର ଅଭ୍ୟାସ ସେସନ୍‌ରେ ସେ ବୋଲିଂ କୋଚ୍ ମୋର୍ନେ ମୋର୍କେଲ୍‌ଙ୍କ ସହ ବହୁ ସମୟ ଅଭ୍ୟାସ କରିଥିଲେ ଏବଂ ୧୩ ଓଭର୍ ବୋଲିଂ କରିଥିଲେ।

**ସମ୍ଭାବ୍ୟ ଭାରତୀୟ ଏକାଦଶ:** ରୋହିତ ଶର୍ମା/ଋଷଭ ପନ୍ତ୍, ଶୁଭମନ ଗିଲ୍, ବିରାଟ କୋହଲି, ଶ୍ରେୟସ୍ ଆୟର୍, କେଏଲ୍ ରାହୁଲ, ହାର୍ଦ୍ଦିକ ପାଣ୍ଡ୍ୟା, ଅକ୍ଷର ପଟେଲ୍, ରବୀନ୍ଦ୍ର ଜାଡ଼େଜା, କୁଲଦୀପ୍ ଯାଦବ/ବରୁଣ ଚକ୍ରବର୍ତ୍ତୀ, ମହମ୍ମଦ ଶମୀ/ଅର୍ଶଦୀପ୍ ସିଂହ, ହର୍ଷିତ ରାଣା।

**ସମ୍ଭାବ୍ୟ ନ୍ୟୁଜିଲାଣ୍ଡ ଏକାଦଶ:** ମିଚେଲ୍ ସାଣ୍ଟନର୍ (କ୍ୟାପଟେନ୍), ମାଇକେଲ୍ ବ୍ରେସ୍‌ୱେଲ୍, ଡେଭୋନ୍ କନ୍‌ୱେ, ମ୍ୟାଟ୍ ହେନ୍‌ରୀ, ଟମ୍ ଲାଥମ୍, ୱିଲ୍ ଓ ରୁର୍କେ, ଗ୍ଲେନ୍ ଫିଲିପ୍ସ, ରଚିନ୍ ରବୀନ୍ଦ୍ର, କେନ୍ ୱିଲିୟମ୍‌ସନ୍, ୱିଲ୍ ୟଙ୍ଗ୍, କାଇଲ୍ ଜାମିସନ୍।

**ସମୟ: ଅପରାହ୍ଣ ୨.୩୦**

**ସ୍ଥାନ: ଦୁବାଇ କ୍ରିକେଟ୍ ଷ୍ଟାଡିୟମ୍**

**ପ୍ରସାରଣ: ଷ୍ଟାର୍ ସ୍ପୋର୍ଟ୍ସ ନେଟ୍‌ୱର୍କ**

**DECLARATION**

**FORM IV**

**Statement about ownership and other particulars about newspaper "NITIDIN" to be published in the first issue every year after the last day of February**

| | | |
|---|---|---|
| 1. Place of publication | : | Bhubaneswar |
| 2. Periodicity of its publication | : | Daily |
| 3. Printer's Name | : | **Trilochan Mohapatra** |
| Nationality | : | Indian |
| Address | : | TS-2/210/A, Zone-B, Sector-A, Mancheswar, Industrial Estate, Bhubaneswar-751010, Khordha, Odisha |
| 4. Publisher's Name | : | **Trilochan Mohapatra** |
| Nationality | : | Indian |
| Address | : | TS-2/210/A, Zone-B, Sector-A, Mancheswar, Industrial Estate, Bhubaneswar-751010, Khordha, Odisha |
| 5. Editor's Name | : | **Manoj Kumar Mahapatra** |
| Nationality | : | Indian |
| Address | : | TS-2/210/A, Zone-B, Sector-A, Mancheswar, Industrial Estate, Bhubaneswar-751010, Khordha, Odisha |
| 6. Names and addresses of individuals who own the newspaper and partners or shareholders holding more than one per cent of the total capital | : | **New Age Media & Publication Pvt. Ltd.** TS-2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha |

I Sri **Trilochan Mohapatra** hereby declare that the particulars given above are true to the best of my knowledge and belief.

28/02/2025

**Sd/- Trilochan Mohapatra**
**Publisher, NITIDIN**

Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975, 2581886, 2582886, Fax: 0674-2583886, Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra